ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୬/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, July 16/2024 | Page 14 | ₹ 7.00 | SAMBALPUR
୫୦ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 232 | ମୂଲ୍ୟ ₹୭/-

# ପ୍ରେମ ଈର୍ଷାରୁ ଡବଲ ମର୍ଡର

**ପ୍ରେମ ଅନ୍ଧ। ସେଥିପାଇଁ ଘରର କାର୍ ଚଳାଉଥିବା ଡ୍ରାଇଭରଙ୍କୁ ପ୍ରେମ କରି ବସିଥିଲେ ଯୁବତୀ। ହେଲେ ତାଙ୍କ ପୁରୁଷ ସହପାଠୀଙ୍କ ସହ ବନ୍ଧୁତାରୁ ପ୍ରେମରେ ସୃଷ୍ଟି ହୋଇଥିଲା ଈର୍ଷା, ଯେଉଁଥିପାଇଁ ଡ୍ରାଇଭର ପ୍ରେମିକ ଘଟାଇଦେଲେ ଡବଲ୍ ମର୍ଡର। ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଏହି ଘଟଣା ଏବେ ସୁନ୍ଦରଗଡ଼ ଜିଲା କୁତ୍ରାରେ ଚହଳ ସୃଷ୍ଟି କରିଛି।**

### ଅଭିଯୁକ୍ତ ଡ୍ରାଇଭର ପ୍ରେମିକ ଫେରାର

କୁତ୍ରା,୧୫।୭(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ତୁନମୁରା ପଞ୍ଚାୟତ କାଶୀପଡ଼ାରେ ରହୁଥିବା ଜନ୍ କେର୍କେଟାଙ୍କ ଘରେ କାର୍ ଚାଳକ ଭାବେ କାମ କରୁଥିଲେ ରାଜଗାଙ୍ଗପୁର ଜଅରୁମାଲ ଗ୍ରାମର ରାଜୁ ନାଗ। କିଛିଦିନ ମଧ୍ୟରେ ରାଜୁ ଏବଂ ଜନ୍‌ଙ୍କ ଝିଅ ଲିପ୍‌ସା(୨୪)ଙ୍କ ମଧ୍ୟରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ଜନ୍ ଏବଂ ତାଙ୍କ ସ୍ତ୍ରୀ ଶୁଶୁମା ସେମାନଙ୍କ ସମ୍ପର୍କକୁ ଗ୍ରହଣ କରି ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରେମରେ ତିକ୍ତତା ସୃଷ୍ଟି ହୋଇଥିଲା। ରାଉରକେଲାରେ ଏମ୍‌ବିଏ ପଢୁଥିବା ଲିପ୍‌ସା ଏବଂ ତାଙ୍କ ସହପାଠୀ ଲାଞ୍ଜିବେର୍ଣ୍ଣ ଗୁମାବାହାଲ ଗ୍ରାମର ପ୍ରତାପ ଲାକଡା(୨୬)ଙ୍କ ବନ୍ଧୁତାକୁ ସହ୍ୟ କରିପାରି ନ ଥିଲେ ରାଜୁ। ରାଜୁ ଈର୍ଷାନ୍ୱିତ ହୋଇ ରବିବାର ରାତିରେ ଲିପ୍‌ସାଙ୍କୁ ତାଙ୍କ ଘରେ ଛୁରିଭୁସି ହତ୍ୟା କରିଥିଲେ। ଏପରି କି ଲିପ୍‌ସାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିବା ପ୍ରତାପ ମଧ୍ୟ ଛୁରିମାଡ଼ରେ ପ୍ରାଣ ହରାଇଥିଲେ। ସାଇଣ୍ଟିଫିକ ଟିମ୍ ଓ କୁତ୍ରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଲିପ୍‌ସାଙ୍କ ମା' ଶୁଶୁମାଙ୍କ ଅଭିଯୋଗକୁ ଭିତ୍ତି କରି କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ଭାରତୀୟ ନ୍ୟାୟସଂହିତା ଦଫା ୧୦୩(୧) ଏବଂ ୧୦୯(୧)ରେ ଏକ ମାମଲା (ନଂ.୧୨୯/୨୪) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ରାଜୁ ଶୁଶୁମାଙ୍କ ଘରେ କାର୍ ଚାଳକ ଭାବେ କାର୍ଯ୍ୟ କରନ୍ତି। ଲିପ୍‌ସା ଏବଂ ରାଜୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କିଛିଦିନ ହେବ ରାଜୁ ପ୍ରେମିକା ଲିପ୍‌ସାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ। ☞ପୃଷ୍ଠା-୪



ବାହୁଡ଼ା ଯାତ୍ରା ଅବସରରେ ସୋମବାର ରଥାରୂଢ଼ ଦାରୁଦିଅଁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଆଗକୁ ଆର୍‌ଡିସି ସ୍ତରରେ ଅଭିଯୋଗ ଶୁଣାଣି: ମୁଖ୍ୟମନ୍ତ୍ରୀ

- **ସ୍ଥାନୀୟ ପ୍ରଶାସନ ଠିକ୍ ଭାବେ ଅଭିଯୋଗ ଶୁଣନ୍ତୁ ବୋଲି ନିର୍ଦ୍ଦେଶ ଦେଲେ**
- **ସରକାରୀ ଅଧିକାରୀ ନିଜ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଶୁଣାନ୍ତୁ**

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିବା ଧାରା ଜାରି ରଖିଛନ୍ତି। ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପୁଣି ୨ଥର ପାଇଁ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ନ୍ୟାୟ ଦେବା ଦିଗରେ ସରକାର ପ୍ରାଥମିକତା ଦେଉଛନ୍ତି। ସେ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଉପସ୍ଥିତ ରହି ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ ସେ ସମ୍ପର୍କରେ ଆଲୋଚନା କରୁଛନ୍ତି। ଅଭିଯୋଗଗୁଡ଼ିକ ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ ବିଭାଗଗୁଡ଼ିକୁ ଜଣାଇ ଦେଇ ସମାଧାନ ଲାଗି ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଲୋକଙ୍କୁ ତୁରନ୍ତ ନ୍ୟାୟ ଦେବା ସମ୍ଭବ ହେଉଛି। ଆମେ ପଛେ ଟିକେ କଷ୍ଟ ପାଇବା, ଲୋକ ଯେପରି ନିରାଶ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛୁ। ଆଗକୁ ଏହି ପ୍ରକ୍ରିୟା କେବଳ ଭୁବନେଶ୍ୱରରେ ସୀମିତ ନ ରଖି ଆର୍‌ଡିସି ସ୍ତରରେ ଅଭିଯୋଗ ଶୁଣାଣି ପାଇଁ ବିଚାର କରୁଛୁ। ଏହାଦ୍ୱାରା ଲୋକଙ୍କୁ ନ୍ୟାୟ ☞ପୃଷ୍ଠା-୪

# ବାହୁଡ଼ିଲେ ମହାପ୍ରଭୁ

ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)

ଜନ୍ମବେଦିରେ ନବଦିନାତ୍ମକ ଲୀଳାଖେଳା ସାରି ପବିତ୍ର ଆଷାଢ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ସିଂହଦ୍ୱାରରେ ପହଞ୍ଚିଛି ୩ ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନୀ ଦେଇ ଭକ୍ତିର ସହ ରଥକୁ ଭିଡ଼ି ନେଇଥିଲେ। ପାଗ ଅନୁକୂଳ ଥିବା ହେତୁ ୧୦ଲକ୍ଷ ଲୋକଙ୍କ ସମାଗମ ଶ୍ରୀକ୍ଷେତ୍ରରେ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ରବିବାର ରାତି ୯ଟା ୨୫ରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି, ୮ଟାରେ ମଇଲମ, ☞ପୃଷ୍ଠା-୪

# ଏଏସ୍‌ଓ: ମାଡ଼ଖାଇ ବଦଳି

ଭୁବନେଶ୍ୱର,୧୫।୭
(ଅସମାପିକା ସାହୁ)

ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାରଙ୍କ ବିରୋଧରେ ଅଭିଯୋଗ କରିଥିବା ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ସଂସଦୀୟ ବ୍ୟାପାର ବିଭାଗର ଏଏସ୍‌ଓ ବୈକୁଣ୍ଠନାଥ ରାଜ୍ୟପାଳଙ୍କ ସେକ୍ରେଟେରିଏଟରେ ନିୟୋଜିତ ଥିବାବେଳେ ତାଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ୭ ଓ ୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ସମୟରେ ତାଙ୍କର ରାଜଭବନ ରହଣିର ପ୍ରସ୍ତୁତି ତଦାରଖ ପାଇଁ ବୈକୁଣ୍ଠନାଥ ପୁରୀ ରାଜଭବନର ଇନ୍‌ଚାର୍ଜ ଭାବେ ଗତ ୫ତାରିଖରୁ ସେଠାରେ ରହିଥିଲେ।



ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନ

୭ତାରିଖ ବିଳମ୍ବିତ ରାତ୍ରିରେ ଲଳିତ ନିଜର ୫ଜଣ ସହଯୋଗୀଙ୍କ ସହ ମିଶି ବୈକୁଣ୍ଠନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ବୈକୁଣ୍ଠନାଥ ଏନେଇ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଗତ ୮ତାରିଖ ଅପରାହ୍ନ ସାଢ଼େ ୪ଟାରେ ମୌଖିକ ଅବଗତ କରି ନ୍ୟାୟ ପାଇଁ ଗୁହାରି କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ୧୦ତାରିଖରେ ପୁଣିଥରେ ବୈକୁଣ୍ଠନାଥ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଏହି ଘଟଣା ରାଜ୍ୟରେ ଚହଳ ପକାଇଥିଲା। ବିଭିନ୍ନ ମହଲରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଥିଲା। ଏପରିକି ୧୨ତାରିଖ ଦିନ ବୈକୁଣ୍ଠନାଥଙ୍କ ସ୍ତ୍ରୀ ନିଜେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। ୧୩ତାରିଖ ଦିନ ରାଜ୍ୟପାଳ ନିଜେ ବୈକୁଣ୍ଠନାଥ ଏବଂ ତାଙ୍କ ସ୍ତ୍ରୀଙ୍କୁ ଡାକି ଆଲୋଚନା କରିଥିଲେ। ୭ଦିନ ମଧ୍ୟରେ ନ୍ୟାୟ ମିଳିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ବୈକୁଣ୍ଠନାଥଙ୍କ ସ୍ତ୍ରୀ କହିଥିଲେ। କିନ୍ତୁ ଏବେ ନ୍ୟାୟ ମିଳିବା ପରିବର୍ତ୍ତେ ବୈକୁଣ୍ଠନାଥଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି।

# ଆଶିଷଙ୍କ ପରେ କୁଟେ ବି ଓଏସ୍‌ଡି

### ରବି କାନ୍ତ ହେଲେ ଗୃହ ବିଭାଗ ଓଏସ୍‌ଡି

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)

ଆଇପିଏସ୍ ଅଧିକାରୀ ଆଶିଷ ସିଂଙ୍କ ପରେ ଡିଏସ୍ କୁଟେଙ୍କୁ ରାଜ୍ୟ ସରକାର ସୋମବାର ଗୃହ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତ କରିଛନ୍ତି। ୧୯୯୭ ବ୍ୟାଚ୍ ଆଇପିଏସ୍ କୁଟେଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ତାଙ୍କୁ ଉକ୍ତ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଆଇପିଏସ୍ ଅଧିକାରୀ କୁଟେଙ୍କ ଉପରୁ ସର୍ତ୍ତମୂଳକ ଭାବେ ନିଲମ୍ବନ ଆଦେଶ ଉଠାଇବା ଲାଗି ଜୁନ୍ ୬ ତାରିଖରେ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମେ ୨୮ ତାରିଖ ନିର୍ଦ୍ଦେଶ ଅନୁସାରେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଶିକ୍ଷା ପ୍ରଭାବିତ






## ସଂକ୍ଷେପରେ

### ମହରମ୍ ଶୋଭାଯାତ୍ରା: ପାଲେଷ୍ଟାଇନ୍ ପତାକା ଦେଖାଇ ୩ ଗିରଫ

ନୂଆଦିଲ୍ଲୀ,୧୫।୭

ଶିୟା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସୋମବାର ଦେଶବ୍ୟାପୀ ମହରମ ଶୋଭା ଯାତ୍ରାର ଆୟୋଜନ କରାଯାଇଥିଲା। ଶ୍ରୀନଗରରେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଏହି ଉତ୍ସବ ପାଳନ କରାଯାଇଥିବାବେଳେ ବିହାରର ନୱାଦାରେ ଶୋଭାଯାତ୍ରା ପୂର୍ବରୁ ପାଲେଷ୍ଟାଇନ୍ ପତାକା ଦେଖାଇ ୩ ଜଣ ଗିରଫ ହୋଇଛନ୍ତି। ପୋଲିସ ପାଲେଷ୍ଟାଇନ୍ ପତାକା ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। କଶ୍ମୀରର ଶିୟା ସମ୍ପ୍ରଦାୟ ପାରମ୍ପରିକ ଗୁରୁ ବଜାର-ଡାଲ୍‌ଗେଟ୍ ରାସ୍ତାରେ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା ବାହାର କରିଥିଲେ। କଶ୍ମୀରରେ ଆତଙ୍କବାଦ ବୃଦ୍ଧି ପାଉଥିବାରୁ ପୂର୍ବରୁ ମହରମ୍ ଶୋଭାଯାତ୍ରାକୁ ନିଷେଧ କରାଯାଇଥିଲା। ଗୁରୁ ବଜାରରେ ହଜାର ହଜାର ମୁସଲମାନ ଏକାଠି ହୋଇ ଶୋକ ପାଳନ କରିଥିଲେ। ସାଧାରଣ ଜୀବନଯାତ୍ରା ଯେପରି ପ୍ରଭାବିତ ନ ହେବ ସେଥିପାଇଁ କର୍ତ୍ତୃପକ୍ଷ ଶୋଭାଯାତ୍ରା ନିମନ୍ତେ ସ୍ୱଳ୍ପ ସମୟ ଦେଇଥିଲେ।

### ୩୨ ସପ୍ତାହର ଗର୍ଭ ନଷ୍ଟ ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୫।୭

୩୨ ସପ୍ତାହର ଗର୍ଭ ନଷ୍ଟ କରିବାକୁ ସୋମବାର ଦିଲ୍ଲୀ ହାଇକୋର୍ଟ ଜଣେ ୩୧ ବର୍ଷୀୟା ମହିଳାଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଅସ୍ୱାଭାବିକ ଭ୍ରୂଣ ଯୋଗୁ ନିଜ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଦର୍ଶାଇ ପୂର୍ବରୁ ମହିଳା ଜଣକ ଗର୍ଭନଷ୍ଟ ପାଇଁ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ଜଷ୍ଟିସ୍ ସଞ୍ଜୀବ ନରୁଲାଙ୍କ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରି ଆବେଦନକାରୀ ମହିଳାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ଗର୍ଭ ନଷ୍ଟର ଅନୁମତି ପ୍ରଦାନ କରିଛନ୍ତି। ଗର୍ଭାବସ୍ଥା ଜାରି ରହିବା କ୍ଷେତ୍ରରେ ମହିଳାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବା ସହ ଏକ ରୋଗାକ୍ରାନ୍ତ ଶିଶୁ ଜନ୍ମହେବାର ସମ୍ଭାବନା ରହିଛି। ଏମ୍ସ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଉଭୟ ଭ୍ରୂଣ ଓ ମହିଳାଙ୍କ ହିତରେ ଏହି ନିର୍ଦ୍ଦେଶ ଦିଆଯାଇଥିବା ଉଚ୍ଚ କୋର୍ଟ କହିଛନ୍ତି।

### ପୂର୍ବ ରାୟର ସମୀକ୍ଷା ଆବେଦନ ଖାରଜ

#### ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ

ନୂଆଦିଲ୍ଲୀ,୧୫।୭(ପି.ଟି.)

ଆଦାନୀ ଗ୍ରୁପ୍-ହିଣ୍ଡେନ୍‌ବର୍ଗ ବିବାଦ ମାମଲାରେ ଜୁଲାଇ ୩ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନ ଖାରଜ ହୋଇଯାଇଛି। ଆଦାନୀ ଗ୍ରୁପ୍ ଦ୍ୱାରା ଷ୍ଟକ୍ ମୂଲ୍ୟ ହେରଫେର ଅଭିଯୋଗର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ କିମ୍ବା ସିବିଆଇକୁ ହସ୍ତାନ୍ତର ପାଇଁ ଜାନୁଆରୀ ୩ରେ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନକୁ ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ରେକର୍ଡ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୋଇ ନ ଥିବା ସୁପ୍ରିମ୍‌କୋର୍ଟ କହିଛନ୍ତି।



କଶ୍ମୀରର ଶ୍ରୀନଗରରେ ସୋମବାର ଶିୟା ସମ୍ପ୍ରଦାୟର ମୁସଲମାନମାନେ ମହରମ୍ ଶୋଭାଯାତ୍ରା ବେଳେ ନିଜ ଶରୀରକୁ ଆଘାତ ଦେଉଛନ୍ତି।

## ଟ୍ରମ୍ପ୍ ମୁଣ୍ଡ ଢଳାଇବାରୁ ଅଳ୍ପକେ ବର୍ତ୍ତିଗଲେ

**ୱାଶିଂଟନ,୧୫।୭ :** ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ରିପବ୍ଲିକାନ୍ ରାଷ୍ଟ୍ରପତି ପାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପେନ୍‌ସିଲ୍‌ଭାନିଆର ବଟଲର ସହରରେ ଏକ ରାଲିକୁ ସମ୍ବୋଧିତ କରୁଥିବାବେଳେ ଶେଷ ମୁହୂର୍ତ୍ତରେ ନିଜ ମୁଣ୍ଡକୁ ବାମପାର୍ଶ୍ୱକୁ ଢଳାଇଥିବାରୁ ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତିଗଲେ ବୋଲି ଜଣାପଡ଼ିଛି। ସୀମା ନୀତି ଉପରେ ଭାଷଣ ଦେଉଥିବାବେଳେ ଟ୍ରମ୍ପ୍ ବେଆଇନ ପ୍ରବାସୀମାନଙ୍କ ତଥ୍ୟ ଦେଖିବା ପାଇଁ ମୁଣ୍ଡକୁ ଢଳାଇ ରଖିଥିଲେ। ଏହି ସମୟରେ ଗୁଳିଟି ତାଙ୍କ ଡାହାଣ କାନରେ ମାଡ଼ ହୋଇଥିଲା। ବେଆଇନ ଅପ୍ରବାସୀ ଚାର୍ଟ ମୋ ଜୀବନ ବଞ୍ଚାଇଦେଲା ବୋଲି ଟ୍ରମ୍ପ୍ କହିଛନ୍ତି। ହତ୍ୟା ଉଦ୍ୟମ ପରେ ସେ ନିଜକୁ ସମ୍ଭବତଃ ମୃତ ବୋଲି ଭାବିନେଇଥିଲେ। ଶନିବାରର ଉକ୍ତ ଘଟଣାକୁ ସେ ଏକ ଅବାସ୍ତବ ଅନୁଭବ ବୋଲି କହିଛନ୍ତି। ଗୁଳିକାଣ୍ଡ ପରେ ଆମେରିକା ଗଣମାଧ୍ୟମକୁ ପ୍ରଥମ ସାକ୍ଷାତ୍‌କାର ଦେଇ ୭୮ ବର୍ଷୀୟ ଟ୍ରମ୍ପ୍ କହିଛନ୍ତି, ସେ ଭାଗ୍ୟ କିମ୍ବା ଭଗବାନଙ୍କ ପାଇଁ ମୃତ୍ୟୁମୁଖରୁ ବର୍ତ୍ତିଗଲେ। ସେ କେବଳ ମୁଣ୍ଡକୁ ଗୋଟିଏ ପାର୍ଶ୍ୱକୁ ନୁଆଁଇ ନ ଥିଲେ, ଠିକ୍ ସମୟରେ ଓ ଠିକ୍ ଭାବରେ ହିଁ ଢଳାଇଥିବାରୁ ଗୁଳି ତାଙ୍କ କାନରେ ବାଜିଲା, ଯାହା ତାଙ୍କୁ ସହଜରେ ମାରିପାରିଥାନ୍ତା। ଏହି ଗୁଳିକାଣ୍ଡରେ ଟ୍ରମ୍ପ୍‌ଙ୍କର ଜଣେ ସମର୍ଥକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଥିଲେ। ଗୁଳି ଚଳାଇଥିବା ୨୦ ବର୍ଷୀୟ ଥୋମାସ୍ ମାଥ୍ୟୁ କ୍ରୁକ୍ସ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟଙ୍କ ଗୁଳିରେ ନିହତ ହୋଇଥିଲେ।



ଡୋନାଲ୍ଡ ଟ୍ରମ୍ପ୍

## ୧୯ରେ ସିୟୁଇଟି-ୟୁଜି ପୁନଃପରୀକ୍ଷା

ନୂଆଦିଲ୍ଲୀ,୧୫।୭

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ୧,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି) ପରୀକ୍ଷା ୧୯ରେ ପୁଣିଥରେ କରାଇବାକୁ ଘୋଷଣା କରିଛି। ଏହି ଛାତ୍ରୀଛାତ୍ର ପରୀକ୍ଷା ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଏନ୍‌ଟିଏ ନିକଟରେ ଅଭିଯୋଗ କରିଥିଲେ। ଆସନ୍ତା ୧୯ ତାରିଖରେ କମ୍ପ୍ୟୁଟର ଆଧାରିତ ମୋଡ୍‌ରେ ଏହି ପରୀକ୍ଷା କରାଯିବ।

ସୂଚନାଯୋଗ୍ୟ, ଦେଶର ୩୭୯ ସହର ସମେତ ଦେଶ ବାହାରେ ୨୬ ସହରରେ ଚଳିତବର୍ଷ ସିୟୁଇଟି-ୟୁଜି ପରୀକ୍ଷା ମେ’ ୧୫ରୁ ୨୯ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୩.୪୮ ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ଜୁଲାଇ ୭ରେ ଏନ୍‌ଟିଏ ଅସ୍ଥାୟୀ ଭାବେ ଉତ୍ତର ସେଟ୍ ପ୍ରକାଶ କରିବା ସହ ୯ ତାରିଖ ସୁଦ୍ଧା ଏହା ଉପରେ ଆପତ୍ତି ଅଭିଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲା। ଜୁନ୍ ୩୦ରେ ଉତ୍ତର ସେଟ୍ ପ୍ରକାଶ ପାଇବାକୁ ଥିବାବେଳେ ବିଳମ୍ବ ହୋଇଥିବାରୁ ବହୁ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ।

### ଏନ୍‌ଇଇଟି-ୟୁଜି: ଏନ୍‌ଟିଏ ଆବେଦନର ଶୁଣାଣି ୧୮ରେ

ନୂଆଦିଲ୍ଲୀ,୧୫।୭(ପି.ଟି.)



ଶୁଣାଣିରେ ସୁବିଧା ପାଇଁ ବିଭିନ୍ନ ହାଇକୋର୍ଟରେ ବିଚାରାଧୀନ ଥିବା ଏନ୍‌ଇଇଟି-ୟୁଜି ବିବାଦ ମାମଲାଗୁଡ଼ିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବା ନିମନ୍ତେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଆବେଦନ କରିଥିଲା। ଏନେଇ ସର୍ବୋଚ୍ଚ ଅଦାଲତ ସୋମବାର ଘରୋଇ ପକ୍ଷଗୁଡ଼ିକୁ ନୋଟିସ ଜାରି କରିଛନ୍ତି। ଜୁନ୍ ୧୪ରେ ଏନ୍‌ଟିଏର ଅନୁରୂପ ଆବେଦନ ଉପରେ ଅବକାଶକାଳୀନ ଖଣ୍ଡପୀଠ ମଧ୍ୟ ପକ୍ଷମାନଙ୍କୁ ନୋଟିସ୍ ପଠାଇଥିଲେ। ପ୍ରଶ୍ନପତ୍ର ଲିକ୍, ଅସାଧୁ ଉପାୟ ଅବଲମ୍ବନ ଆଦି ଅନିୟମିତତା ପାଇଁ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ବାତିଲ କରିବା ପାଇଁ ଅନେକ ପିଟିଶନ ବିଭିନ୍ନ ହାଇକୋର୍ଟରେ ଦାଏର ହୋଇଛି। ଏହି ପରିପ୍ରେକ୍ଷୀରେ ସାନି ପିଟିଶନଗୁଡ଼ିକୁ ମଧ୍ୟ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର କରାଯିବାକୁ ସୋମବାର ଏନ୍‌ଟିଏ ପକ୍ଷରୁ ଆଇନଜୀବୀ ବର୍ଦ୍ଧମାନ କୌଶିକ ଅପିଲ୍ କରିଥିଲେ। ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପରଡିୱାଲଙ୍କ ଖଣ୍ଡପୀଠ ଏଥିପାଇଁ ପକ୍ଷଗୁଡ଼ିକୁ ନୋଟିସ ଜାରି କରିବା ସହ ଜୁଲାଇ ୧୮ରେ ସମସ୍ତ ଆବେଦନର ଏକତ୍ର ଶୁଣାଣି କରାଯିବ ବୋଲି କହିଛନ୍ତି। ସିଜେଆଇଙ୍କ କହିବା ଅନୁଯାୟୀ, ସର୍ବୋଚ୍ଚ ଅଦାଲତ ସ୍ଥାନାନ୍ତର ପିଟିଶନ ଉପରେ ନୋଟିସ ଜାରି କରିଥିବାରୁ ହାଇକୋର୍ଟଗୁଡ଼ିକ ଶୁଣାଣିକୁ ଆଗେଇବେ ନାହିଁ। ଏହାକୁ ସମ୍ପୃକ୍ତ ହାଇକୋର୍ଟଗୁଡ଼ିକର ଦୃଷ୍ଟିକୁ ଆଣିବା ପାଇଁ ଖଣ୍ଡପୀଠ ଏନ୍‌ଟିଏର ଓକିଲଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ ସହ ପୁନର୍ବାର କରାଇବା ପାଇଁ ୩୮ଟି ପିଟିଶନ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ଜୁଲାଇ ୧୧ରେ ସେଗୁଡ଼ିକର ଶୁଣାଣି ହେବାକୁ ଥିବାବେଳେ ଖଣ୍ଡପୀଠ ଏହାକୁ ଜୁଲାଇ ୧୮କୁ ଘୁଞ୍ଚାଇଥିଲେ। ଖଣ୍ଡପୀଠ ଇତିମଧ୍ୟରେ ଏନ୍‌ଇଇଟି ଅନିୟମିତତା ସମ୍ପର୍କିତ ସିବିଆଇ ତଦନ୍ତର ଅଗ୍ରଗତି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ପାଇଛନ୍ତି। ଗତ ୧୦ ତାରିଖରେ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତରେ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରିଥିଲେ। ଆଇଆଇଟି ମାଡ୍ରାସ ଦ୍ୱାରା ଏନ୍‌ଇଇଟି-ୟୁଜି ପରୀକ୍ଷା ଫଳର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ବ୍ୟାପକ ଅସାଧୁ ଉପାୟ ଅବଲମ୍ବନ ଏବଂ ଅନ୍ୟାନ୍ୟ ଅନିୟମିତତା ସମ୍ପର୍କିତ କୌଣସି ପ୍ରମାଣ ମିଳିନାହିଁ ବୋଲି କେନ୍ଦ୍ର ଅଦାଲତଙ୍କୁ ଜଣାଇଥିଲା। ମେ’ ୫ରେ ଅନୁଷ୍ଠିତ ଏହି ପରୀକ୍ଷାରେ ବ୍ୟାପକ ଅନିୟମିତତାର ପ୍ରମାଣ ମିଳିଲେ ସାନିପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ବୋଲି ଜୁଲାଇ ୮ରେ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ।

## ବ୍ୟାନ୍ ହେବ ଇମ୍ରାନ୍‌ଙ୍କ ଦଳ

ଇସ୍‌ଲାମାବାଦ୍, ୧୫।୭

ପାକିସ୍ତାନର ଶେହବାଜ୍ ଶରିଫ୍ ସରକାର ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହେରିକ-ଏ-ଇନ୍‌ସାଫ(ପିଟିଆଇ) ଉପରେ ଖୁବ୍‌ଶୀଘ୍ର ପ୍ରତିବନ୍ଧକ ଲଗାଇବା ନେଇ ଚିନ୍ତା କରୁଛନ୍ତି। ଦେଶବିରୋଧୀ ଗତିବିଧି ଯୋଗୁ ପିଟିଆଇ ଉପରେ ଏହି ପ୍ରତିବନ୍ଧକ ଲଗାଯିବ ବୋଲି ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର ସୋମବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ବେଆଇନ ଉତ୍ସରୁ ବିଦେଶୀ ପାଣ୍ଠି ସଂଗ୍ରହ, ଗତବର୍ଷ ମେ’ ୯ରେ ହୋଇଥିବା ଦଙ୍ଗା ଆଦି ପ୍ରସଙ୍ଗରେ ପିଟିଆଇ ଦେଶବିରୋଧୀ ଗତିବିଧିରେ ସାମିଲ ଥିବା ନେଇ ବିଶ୍ୱସନୀୟ ପ୍ରମାଣ ରହିଥିବା ଅତାଉଲ୍ଲାହ କହିଛନ୍ତି। ମେ’ ୯ ହିଂସା ଘଟଣାରେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଓ ପାକିସ୍ତାନ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ବିଫଳ କରିବା ପାଇଁ ପିଟିଆଇର କେତେଜଣ ପୂର୍ବତନ ଓ ବର୍ତ୍ତମାନର ନେତା ଉଦ୍ୟମ କରିଥିବା ଜଣାପଡ଼ିଛି। ପାକିସ୍ତାନ ସରକାର ଖୁବ୍‌ଶୀଘ୍ର ଏହି ମାମଲାକୁ ସୁପ୍ରିମକୋର୍ଟଙ୍କୁ ପଠାଇବେ ବୋଲି ଅତାଉଲ୍ଲାହ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପାକିସ୍ତାନ ନ୍ୟାଶନାଲ୍ ଆସେମ୍ବ୍ଲିରେ ପିଟିଆଇ ଏବେ ମୁଖ୍ୟ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି।



ଇମ୍ରାନ୍ ଖାନ୍

## ଭୋଜଶାଳାରୁ ମିଳିଛି ୯୪ ଭଗ୍ନ ମୂର୍ତ୍ତି



ଇନ୍ଦୋର/ନୂଆଦିଲ୍ଲୀ,୧୫।୭

- ଏଏସ୍‌ଆଇ ସର୍ଭେ ରିପୋର୍ଟ
- ସୁପ୍ରିମକୋର୍ଟରେ ହେବ ଶୁଣାଣି

ମଧ୍ୟପ୍ରଦେଶର ବିବାଦୀୟ ଭୋଜଶାଳା-କମଲ-ମୌଲା ମସ୍‌ଜିଦ କମ୍ପ୍ଲେକ୍ସ ଉପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସୋମବାର ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚରେ ୨,୦୦୦ ପୃଷ୍ଠାର ବିଜ୍ଞାନସମ୍ମତ ସର୍ଭେ ରିପୋର୍ଟ ଦାଖଲ କରିଛି। ଉକ୍ତ ସ୍ଥାନରୁ ୯୪ରୁ ଊର୍ଦ୍ଧ୍ୱ ମୂର୍ତ୍ତି ମିଳିଥିବା ରିପୋର୍ଟରେ କୁହାଯାଇଛି। ସେଠାରେ ହିନ୍ଦୁ ମନ୍ଦିର ଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତେଣୁ ଏହି ବିବାଦୀୟ ଅଞ୍ଚଳରେ କେବଳ ହିନ୍ଦୁମାନଙ୍କୁ ପୂଜା ପାଇଁ ଅନୁମତି ଦିଆଯିବା ଆବଶ୍ୟକ ବୋଲି ଆଇନଜୀବୀ ହରିଶଙ୍କର ଜୈନ କହିଛନ୍ତି। ଏଏସ୍‌ଆଇ ଓକିଲ ହିମାଂଶୁ ଯୋଷୀ ହାଇକୋର୍ଟ ରେଜିଷ୍ଟ୍ରିରେ ରିପୋର୍ଟ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୧୫ ସୁଦ୍ଧା ସମ୍ପୂର୍ଣ୍ଣ ସର୍ଭେ ରିପୋର୍ଟ ଦାଖଲ କରିବା ପାଇଁ ଗତ ୪ ତାରିଖରେ ହାଇକୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁ ଫ୍ରଣ୍ଟ ଫର୍ ଜଷ୍ଟିସ୍ ପକ୍ଷରୁ ବିବାଦୀୟ ଭୋଜଶାଳା-କମଲ-ମୌଲା ମସ୍‌ଜିଦ କମ୍ପ୍ଲେକ୍ସର ବିଜ୍ଞାନସମ୍ମତ ସର୍ଭେ ନିମନ୍ତେ ଆବେଦନ କରାଯାଇଥିଲା। ହିନ୍ଦୁ ସମ୍ପ୍ରଦାୟ ଭୋଜଶାଳା କମ୍ପ୍ଲେକ୍ସକୁ ବାଗଦେବୀଙ୍କ ମନ୍ଦିର ଭାବେ ଉତ୍ସର୍ଗ କରିଥିବାବେଳେ ମୁସଲମାନ ସମ୍ପ୍ରଦାୟ ଏହାକୁ କମଲ-ମୌଲା ମସ୍‌ଜିଦ ବୋଲି ଦର୍ଶାଇଥାନ୍ତି। ଏହାକୁ ନେଇ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଥିବାବେଳେ ୨୦୦୩ରେ ଏଏସ୍‌ଆଇ ଏଥିରେ ହସ୍ତକ୍ଷେପ କରି ହିନ୍ଦୁମାନେ ମଙ୍ଗଳବାର ସେଠାରେ ପୂଜା କରିବା ସହ ଶୁକ୍ରବାର ମୁସଲମାନମାନେ ନମାଜ ପାଠ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲା। ଭୋଜଶାଳା କମ୍ପ୍ଲେକ୍ସର ବିଜ୍ଞାନସମ୍ମତ ସର୍ଭେ ପାଇଁ ମାର୍ଚ୍ଚ ୧୧ରେ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ମୌଲାନା କମାଲୁଦ୍ଦିନ ୱେଲ୍‌ଫେୟାର ସୋସାଇଟି ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ରାଜି ହୋଇଛନ୍ତି।

## ରାଜ୍ୟ ସଭାରେ ଭାଜପା ସଦସ୍ୟ ସଂଖ୍ୟା ୮୬

ନୂଆଦିଲ୍ଲୀ,୧୫।୭(ପି.ଟି.)



ରାଜ୍ୟ ସଭାକୁ ମନୋନୀତ ୪ ସଦସ୍ୟ ରାକେଶ ସିହ୍ନା, ରାମ ଶକଲ, ସୋନାଲ ମାନସିଂ ଏବଂ ମହେଶ ଜେଠ୍‌ମାଲାନିଙ୍କ କାର୍ଯ୍ୟକାଳ ଶେଷ ହେବା ଫଳରେ ଉଚ୍ଚ ସଦନରେ ଭାଜପାର ସଦସ୍ୟ ସଂଖ୍ୟା ୮୬କୁ ହ୍ରାସ ପାଇଛି। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟ ସଭାରେ ବର୍ତ୍ତମାନ ୨୨୫ ସଦସ୍ୟ ରହିଛନ୍ତି। ସଂଖ୍ୟାଗରିଷ୍ଠତା ହାସଲ ପାଇଁ ୧୧୩ ସଦସ୍ୟଙ୍କ ଆବଶ୍ୟକ ଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୧୦୧ ସଦସ୍ୟ ଅଛନ୍ତି। ତେବେ ଏନ୍‌ଡିଏ ପଛରେ ଅବଶିଷ୍ଟ ୭ ମନୋନୀତ ସଦସ୍ୟ ଏବଂ ଜଣେ ସ୍ୱାଧୀନ ଏମ୍‌ପିଙ୍କ ସମର୍ଥନ ରହିଛି।

ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌ର ରାଜ୍ୟ ସଭା ସଦସ୍ୟ ସଂଖ୍ୟା ୮୭ ରହିଛି। ସେଥିରୁ କଂଗ୍ରେସର ୨୬ ଏମ୍‌ପି ରହିଥିବାବେଳେ ତୃଣମୂଳ କଂଗ୍ରେସର ୧୩, ଆମ୍ ଆଦ୍‌ମୀ ପାର୍ଟି ଏବଂ ଡିଏମ୍‌କେର ୧୦ ଜଣ ଲେଖାଏ ଏମ୍‌ପି ରହିଛନ୍ତି।

ରାଜ୍ୟ ସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନ ଥିବାରୁ ବିଲ୍ ଗୃହୀତ କରାଇବାକୁ ହେଲେ ଏହାକୁ ଅଣ-ଏନ୍‌ଡିଏ ଦଳ ଯଥା ତାମିଲନାଡୁର ଏଆଇଏଡିଏମ୍‌କେ, ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ, ମନୋନୀତ ସଦସ୍ୟଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ। ୪ ଜଣ ମନୋନୀତ ଆସନ ପୂରଣ ହେବା ଏବଂ ଖାଲିପଡ଼ିଥିବା ୧୧ ଆସନରେ ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବାରୁ ସେପର୍ଯ୍ୟନ୍ତ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଅନ୍ୟ ଦଳଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିବ। ନିର୍ବାଚନ ହେବାକୁ ଥିବା ୧୧ ଆସନ ମଧ୍ୟରୁ ଭାଜପାକୁ ଅନ୍ୟୁନ ୮ ଆସନ ମିଳିବା ଆଶା କରାଯାଉଛି।

ତେବେ ବର୍ତ୍ତମାନ ବିଲ୍ ଗୃହୀତ କରାଇବା ପାଇଁ ଭାଜପାକୁ ଏନ୍‌ଡିଏ ସହଯୋଗୀ ଦଳର ୧୫ ଭୋଟ ଏବଂ ଆଉ ୧୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ସେମାନଙ୍କ ମଧ୍ୟରୁ ୭ ଜଣ ମନୋନୀତ ସଦସ୍ୟ ଥିବାବେଳ ଜଣେ ସ୍ୱାଧୀନ ସଦସ୍ୟ ରହିଛନ୍ତି। ଫଳରେ ସଂଖ୍ୟାଗରିଷ୍ଠତା ନମ୍ବର ୧୧୩ରୁ ଶାସକ ଦଳ ପାଖରେ ୪ ସଦସ୍ୟ କମ୍ ରହିଛନ୍ତି। ୱାଇଏସ୍‌ଆର୍‌ସିପି ପାଖରେ ୧୧ ଭୋଟ ରହିଥିବାବେଳେ ଏହା ପ୍ରସଙ୍ଗ ଭିତ୍ତିରେ ଭାଜପାକୁ ଅତୀତରେ ସମର୍ଥନ ଜଣାଉଥିଲା। ଓଡ଼ିଶାର ବିଜେଡି ମଧ୍ୟ ଅନୁରୂପ ଭାବେ ଭାଜପାକୁ ସମର୍ଥନ ଦେଇ ଆସୁଥିଲା। ତେବେ ଏଥର ନିର୍ବାଚନରେ ଭାଜପା ଏହି ଦଳକୁ ପରାଜିତ କରିବା ପରେ ଏଣିକି ଆଉ ସମର୍ଥନ ଦେବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ରାଜ୍ୟ ସଭାରେ ବିଜେଡିର ୯ ସଦସ୍ୟ ରହିଛନ୍ତି।

## ଓଲିଙ୍କ କ୍ୟାବିନେଟରେ ୨୧ ମନ୍ତ୍ରୀ

**କାଠମାଣ୍ଡୁ,୧୫।୭(ପି.ଟି.):** ନେପାଳ କମ୍ୟୁନିଷ୍ଟ ପାର୍ଟି ନେତା କେ.ପି. ଶର୍ମା ଓଲି ୪ର୍ଥଥର ପାଇଁ ନେପାଳ ପ୍ରଧାନମନ୍ତ୍ରୀ ଭାବେ ସୋମବାର ଶପଥ ନେଇଛନ୍ତି। ରବିବାର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଓଲିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ନେପାଳୀ କଂଗ୍ରେସ ସହ ମେଣ୍ଟ ସରକାରର ନେତୃତ୍ୱ ନେଉଥିବା ଓଲି ତାଙ୍କ କ୍ୟାବିନେଟରେ ୨ ଜଣ ଉପପ୍ରଧାନମନ୍ତ୍ରୀ ଏବଂ ୧୯ ମନ୍ତ୍ରୀଙ୍କୁ ନେଇଛନ୍ତି। ରାଷ୍ଟ୍ରପତି ପୌଡେଲ ଉପପ୍ରଧାନମନ୍ତ୍ରୀ ଭାବେ ପ୍ରକାଶ ମାନ୍ ସିଂ ଏବଂ ବିଷ୍ଣୁ ପୌଡେଲ ଓ ଅନ୍ୟ ୧୯ ଜଣ ମନ୍ତ୍ରୀଙ୍କୁ ଶପଥ ପାଠ କରାଇଛନ୍ତି। ସିଂଙ୍କୁ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ମିଳିଥିବାବେଳେ ବିଷ୍ଣୁପ୍ରକାଶଙ୍କ ହାତରେ ଅର୍ଥ ମନ୍ତ୍ରଣାଳୟ ରହିଛି। ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଶେର ବାହାଦୁର ଦେଉବାଙ୍କ ସ୍ତ୍ରୀ ଅରଜୁ ରାଣା ଦେଉବା ବହିର୍ବ୍ୟାପାର ମନ୍ତ୍ରୀ ହୋଇଛନ୍ତି। ନେପାଳୀ କଂଗ୍ରେସରୁ ୧୦ ଜଣ ମନ୍ତ୍ରୀ ହୋଇଥିବାବେଳେ ସିପିଏନ୍-ୟୁଏମ୍ଏଲ୍‌ରୁ ପ୍ରଧାନମନ୍ତ୍ରୀ ଓଲିଙ୍କ ସମେତ ୮ ଜଣ ରହିଛନ୍ତି।

## ଫୁର୍‌ସତ୍

### ବୁଲା କୁକୁରଙ୍କୁ ଗଣିବ ମାଇକ୍ରୋଚିପ୍

**ଚଣ୍ଡିଗଡ଼:** ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ଖୁବ୍‌ଶୀଘ୍ର ସହରର ସମସ୍ତ ବୁଲା କୁକୁରଙ୍କ ଶରୀରରେ ମାଇକ୍ରୋଚିପ୍ ଲଗାଇବ। ଏହି ମାଇକ୍ରୋଚିପ୍ ସାହାଯ୍ୟରେ କୁକୁରଙ୍କ ଗଣନା କରାଯିବ। ଏହାବ୍ୟତୀତ ଉକ୍ତ ଚିପ୍ ମାଧ୍ୟମରେ କୁକୁରଟିକୁ ବନ୍ଧ୍ୟାକରଣ କରାଯାଇଛି କି ନାହିଁ ତାହା ମଧ୍ୟ ଜାଣିବା ସମ୍ଭବ ହେବ। ସେହିପରି ଯଦି କୌଣସି ବ୍ୟକ୍ତିଙ୍କୁ କୁକୁର କାମୁଡ଼େ ତେବେ ଏହି ମାଇକ୍ରୋଚିପ୍ ସାହାଯ୍ୟରେ ଉକ୍ତ କୁକୁରର ପରିଚୟ ମଧ୍ୟ ମିଳିପାରିବ। ଉତ୍ତର ଭାରତର ପ୍ରଥମ ପ୍ରୋଜେକ୍ଟ ଭାବେ ଚଣ୍ଡିଗଡ଼ରେ ମାଇକ୍ରୋଚିପ୍ ସାହାଯ୍ୟରେ କୁକୁର ଗଣନା କରାଯିବ।

କୁକୁର ଜନଗଣନା ଏବଂ ଟିକାକରଣ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଚଣ୍ଡିଗଡ ନଗର ନିଗମର ଫାଇନାନ୍ସ ଆଣ୍ଡ୍ କଣ୍ଟ୍ରାକ୍ଟ କମିଟି(ଏଫ୍ଆଣ୍ଡସିସି) ବୁଲା କୁକୁରମାନଙ୍କଠାରେ ମାଇକ୍ରୋଚିପ୍‌କୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛି। ଏଥିପାଇଁ ୪ ଲକ୍ଷ ଟଙ୍କାରେ ୧,୦୦୦ ମାଇକ୍ରୋଚିପ୍ କ୍ରୟ କରାଯିବ। ଏହି ଚିପ୍ ବୁଲା କୁକୁରଙ୍କଠାରେ ଲଗାଇବା ପରେ ସେମାନଙ୍କର ରଙ୍ଗ, ପ୍ରଜାତି, କ୍ଷେତ୍ର, କେତେଥର ଓ କେବେ ବନ୍ଧ୍ୟାକରଣ ହୋଇଥିବା ଆଦି ତଥ୍ୟ ମିଳିପାରିବ। ସାଧାରଣତଃ ସହରର ଅନେକ ଲୋକ କୁକୁର ରଖିଥାନ୍ତି। ତେବେ ଚଣ୍ଡିଗଡ଼ ନଗର ନିଗମର ଅଧିକାରୀମାନଙ୍କର ଅଭିଯୋଗ ଅନୁଯାୟୀ, ଯେତେବେଳେ ପୋଷା କୁକୁର ବାର୍ଦ୍ଧକ୍ୟ ଅବସ୍ଥାକୁ ଯାଉଛନ୍ତି, ସେତେବେଳେ ଉକ୍ତ କୁକୁରଙ୍କୁ ସେମାନଙ୍କ ମାଲିକମାନେ ରାସ୍ତାରେ ଛାଡ଼ି ଦେଉଛନ୍ତି। ଏହି କାରଣରୁ ପ୍ରତିବର୍ଷ ସହରରେ ବୁଲା କୁକୁରଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବା କହି ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୁକୁରଙ୍କ ଶରୀରରେ ମାଇକ୍ରୋଚିପ୍ ଲଗାଯିବା ଦ୍ୱାରା ଏହାକୁ ସ୍କାନ୍ କରିବା ପରେ ସମ୍ପୃକ୍ତ କୁକୁରର ମାଲିକଙ୍କ ନାମ, ଠିକଣା ଆଦି ସମସ୍ତ ସୂଚନା ମିଳିପାରିବ। ଫଳରେ ବୁଲା କୁକୁରଙ୍କୁ ନେଇ ରହିଥିବା ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଯଦି କୌଣସି କୁକୁର ହଜି ଯାଆନ୍ତି, ତେବେ ଏହି ମାଇକ୍ରୋଚିପ୍ ସେମାନଙ୍କୁ ଖୁବ୍‌ଶୀଘ୍ର ଖୋଜି ତାଙ୍କ ମାଲିକଙ୍କ ନିକଟକୁ ସୁରକ୍ଷିତ ଭାବେ ଫେରାଇବାରେ ମଧ୍ୟ ସାହାଯ୍ୟ କରିବ।



### ଆଲମିରା ଭିତରେ ଶୌଚାଳୟ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏବେ ଏପରି ଏକ ଭିଡିଓ ଭାଇରାଲ ହେଉଛି, ଯାହା ଦେଖିବା ମାତ୍ରେ ଅନେକେ କହୁଛନ୍ତି, ଏହା କିପରି ସମ୍ଭବ। ଏହି ଭିଡିଓରେ ପ୍ରଥମେ ଗୋଟିଏ କୋଠରିରେ ଏକ ଆଲମିରା ରଖାଯାଇଥିବା ଦେଖିବାକୁ ମିଳୁଛି। ସାଧାରଣତଃ ଆଲମିରାରେ ପୋଷାକ, ସୁନା ଅଳଙ୍କାର ଆଦି ମୂଲ୍ୟବାନ ଜିନିଷ ରଖାଯାଇଥାଏ। କିନ୍ତୁ ଭିଡିଓରେ ଦେଖାଯାଉଛି, ଉକ୍ତ ଆଲମିରାର କବାଟ ଖୋଲିବା ମାତ୍ରେ ଏହା ଭିତରେ ଲଗେଜ୍ କିମ୍ବା ଲକର୍ ନାହିଁ ବରଂ ଏକ ଶୌଚାଳୟ ଅଛି। ଉକ୍ତ ଶୌଚାଳୟର ଫାଟକକୁ ଆଲମିରା ରୂପେ ପ୍ରସ୍ତୁତ କରାଯାଇଛି, ଯେପରି ବାହାରୁ କେହି ଏହା ମଧ୍ୟରେ ଶୌଚାଳୟ ଥିବା ଭାବି ମଧ୍ୟ ପାରିବେନି। ଏହି ଭିଡିଓରେ ଅନେକ ୟୁଜର୍ସ କମେଣ୍ଟ କରି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

### ଭାରତ ଫେରୁଛନ୍ତି ଦିବ୍ୟାଙ୍କା

**ରୋମ୍:** ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ଦହିୟା ଓ ତାଙ୍କ ସ୍ୱାମୀ ବିବେକ ଦହିୟା ଟିଭି ଇଣ୍ଡଷ୍ଟ୍ରିର ଏକ ଲୋକପ୍ରିୟ ଦମ୍ପତି ଭାବେ ଜଣାଶୁଣା। ଦୁହେଁ କିଛି ଦିନ ପୂର୍ବେ ଛୁଟି କଟାଇବାକୁ ଇଟାଲି ଯାଇଥିଲେ। ତେବେ ଗତ ସପ୍ତାହରେ ସେମାନଙ୍କ ପାସପୋର୍ଟ ଇଟାଲିର ଫ୍ଲୋରେନ୍ସ ସହରରୁ ଚୋରି ହୋଇଯାଇଥିଲା। ସେବେଠାରୁ ଉଭୟ ସେଠାରେ ଫସି ରହିଥିଲେ। ତେଣୁ ଉଭୟ ଇଟାଲିରେ ଥିବା ଭାରତୀୟ ଦୂତାବାସ ଓ ଇଟାଲି ପ୍ରଶାସନର ସାହାଯ୍ୟ ଲୋଡ଼ିଥିଲେ। ସୋମବାର ସେମାନଙ୍କୁ ଭାରତୀୟ ଦୂତାବାସ ପକ୍ଷରୁ ସାହାଯ୍ୟ ପ୍ରଦାନ କରାଯାଇ ଜରୁରିକାଳୀନ ପ୍ରମାଣପତ୍ର ଦିଆଯାଇଛି। ଫଳରେ ଉଭୟ ଦିବ୍ୟାଙ୍କା ଓ ବିବେକଙ୍କୁ ଆଶ୍ୱସ୍ତି ମିଳିଛି। ସୋମବାର ଏହି ଦମ୍ପତି ସେମାନଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଉଭୟେ ଭାରତୀୟ ଦୂତାବାସ ଦ୍ୱାରା ଜାରି କରାଯାଇଥିବା ଜରୁରିକାଳୀନ ପ୍ରମାଣପତ୍ର ଧରି ଆଶ୍ୱସ୍ତି ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଦିବ୍ୟାଙ୍କା ଲେଖିଛନ୍ତି, ‘‘ଆମେ ଶୀଘ୍ର ଭାରତ ଫେରୁଛୁ। ଆମକୁ ସମର୍ଥନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଭାରତୀୟ ଦୂତାବାସର ପ୍ରଚେଷ୍ଟା ଯୋଗୁ ଭାରତ ଫେରିବା ଆମ ପାଇଁ ସମ୍ଭବ ହୋଇପାରିଛି।’’ ସାଧାରଣତଃ ବିଦେଶରେ ଯେଉଁ ଭାରତୀୟ ନାଗରିକଙ୍କ ପାସ୍‌ପୋର୍ଟ ହଜିଯାଏ, ଚୋରି ହୁଏ କିମ୍ବା ନଷ୍ଟ ହୋଇଥାଏ ସେମାନଙ୍କୁ ଭାରତୀୟ ଦୂତାବାସ ଦ୍ୱାରା ଜରୁରିକାଳୀନ ପ୍ରମାଣପତ୍ର ଦିଆଯାଏ।





ଟୁରୀ ନଦୀର ଅସ୍ଥାୟୀ ପୋଲ ଉପରେ ବର୍ଷାପାଣି ବହୁଥିବାରୁ ଯାନବାହନ ଅଟକି ରହିଛି।

# ବିଦ୍ୟାଳୟରେ ବିବାହ ଉତ୍ସବ, ଅଡୁଆରେ ପ୍ରଧାନ ଶିକ୍ଷକ

## ତଦନ୍ତ ନିର୍ଦ୍ଦେଶ ଦେଲେ ବିଇଓ

**ଭଣ୍ଡାରିପୋଖରୀ, ୧୫।୭(ରାଜେନ୍ଦ୍ର ଶତପଥୀ)**

ବିଦ୍ୟାଳୟ ପରିସରରେ ଏକ ବିବାହ ଉତ୍ସବକୁ ଅନୁମତି ଦେଇ ଅଡୁଆରେ ପଡ଼ିଛନ୍ତି ପ୍ରଧାନ ଶିକ୍ଷକ। ଏନେଇ ଅଭିଯୋଗ ପରେ ବ୍ଲକ ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବନ୍ଧାଲୋ-ମଢ଼ିଆଳି ପଞ୍ଚାୟତର ବଳିପୁର ସରକାରୀ ପ୍ରାଥମିକ ଓ ସୁବର୍ଣ୍ଣମୁଖୀ ଉ.ପ୍ରା. ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଏହି ପଞ୍ଚାୟତ ଅଧୀନ ଖପୁରିଆପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ପୁଅ ବାହାଘର ରବିବାର ଥିଲା। କନ୍ୟାଙ୍କ ମାମୁଘର ବଳିପୁର ଗ୍ରାମରେ ହୋଇଥିବାରୁ ବରଯାତ୍ରୀ ଏଠାକୁ ଆସିଥିଲେ। ରବିବାର ଛୁଟି ଥିବାରୁ ଫାଟକ ଓ ଶ୍ରେଣୀଗୃହ ଚାବି ନେଇ ବିଦ୍ୟାଳୟ ପରିସରରେ ବିବାହ ବେଦି ସହ ଭୋଜିଭାତ ହୋଇଥିଲା। ସୋମବାର ସକାଳୁ ବରକନ୍ୟା ବିଦା ହେବା ପରେ ସ୍କୁଲ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇଥିଲା। ଏହା ସ୍ଥାନୀୟ ଲୋକଙ୍କ ଦୃଷ୍ଟିକୁ ଆସିବା ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଛି। ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି କହିବା ସହ ବିଇଓ ଅଧୀର କୁମାର ତରାଇ ସାତଶୋଳା ଶିକ୍ଷା ସଂଯୋଜକଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ବିଦ୍ୟାଳୟ ଫାଟକ ଚାବି ପରିଚାଳନା ପରିଷଦ ସଭାପତିଙ୍କ ପାଖରେ ରହୁଥିବାରୁ ଗ୍ରାମବାସୀ ବିବାହ ଉତ୍ସବ ପାଇଁ ନେଇଥାଇପାରନ୍ତି ବୋଲି ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି। କିନ୍ତୁ ବିବାହ ଉତ୍ସବରେ ବିଦ୍ୟାଳୟ ଶ୍ରେଣୀଗୃହ ବ୍ୟବହାର ହୋଇଥିବାରୁ ଏହାର ଚାବି ପ୍ରଧାନ ଶିକ୍ଷକଙ୍କ ବିନା ଅନୁମତିରେ କିପରି ହସ୍ତାନ୍ତର କଲେ ବୋଲି ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବାହୁଡ଼ାଯାତ୍ରା ଛୁଟି ଥିବାରୁ ମଙ୍ଗଳବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିବେ ବୋଲି ଶିକ୍ଷା ସଂଯୋଜିକା କୁସୁମଲତା ମହାପାତ୍ର କହିଛନ୍ତି।




ବଳିପୁର ସରକାରୀ ପ୍ରାଥମିକ ଓ ସୁବର୍ଣ୍ଣମୁଖୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଭୋଜିଭାତ।

# ପୋଲ ଉପରେ ୬ ଫୁଟର ପାଣି

## ନବରଙ୍ଗପୁର-ଉମରକୋଟକୁ ଯୋଗାଯୋଗ ବିଚ୍ଛିନ୍ନ

**ପାପଡ଼ାହାଣ୍ଡି, ୧୫।୭ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ସୋମବାର ଶହୀଦ ମିନାର ନିକଟରେ ଥିବା ଟୁରୀ ନଦୀର ଅସ୍ଥାୟୀ ପୋଲ ଉପରେ ୬ ଫୁଟର ବର୍ଷାପାଣି ପ୍ରବାହିତ ହେଉଥିବାରୁ ନବରଙ୍ଗପୁରରୁ ଉମରକୋଟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦିନ ପ୍ରାୟ ୧୦.୩୦ରୁ ପୋଲ ଉପରେ ୬ଫୁଟ ଉଚ୍ଚର ପାଣି ବହୁଛି। ପୂର୍ବାହ୍ନ ୧୧.୫୦ ପରେ ବର୍ଷା କମିଥିଲେ ମଧ୍ୟ ଉପରମୁଣ୍ଡରୁ ପାଣି ଆସୁଥିବା ଯୋଗୁ ପୋଲ ଉପରେ ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଏହାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି। ପୋଲର ଉଭୟ ପାର୍ଶ୍ୱରେ ଅଗ୍ନିଶମ ଓ ପୋଲିସ କର୍ମଚାରୀ ପହରା ଦେଉଛନ୍ତି। ପାଣି ନିକଟକୁ କାହାରିକୁ ଛାଡୁନାହାନ୍ତି। ତଥାପି ମଧ୍ୟ ଜଣେ ମାନସିକ ବିକୃତ ବୃଦ୍ଧା ପାଣିକୁ ଡେଇଁ ପଡ଼ିଥିଲେ। ଘାଟଗୁଡ଼ାର ମାଧବ ନାୟକ, ଚକ୍ର ନାୟକ, ସୋମନାଥ ନାୟକ ତାଙ୍କୁ ଉଦ୍ଧାରକରିଥିଲେ। ଖବର ପାଇ ଏଡିଏମ୍ ନବୀନ ନାୟକ, ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଜିଲା ଜରୁରିକାଳୀନ ଅଧିକାରୀ ତ୍ରିପତି ବାଲାଜୀ ସାହୁ ପ୍ରମୁଖ ପୋଲ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ପ୍ରମୁଖ ପୋଲ ନିକଟରେ ପହଞ୍ଚି ପରିଦର୍ଶନକରି ଫେରିଛନ୍ତି।

# ଲଘୁଚାପ ସୃଷ୍ଟି, ୧୭ରୁ ପ୍ରବଳ ବର୍ଷିବ

## ୧୯ରେ ଆଉ ଏକ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର,୧୫।୭(ଅସମାପିକା ସାହୁ)**

ଉତ୍ତର-ପଶ୍ଚିମ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ବାୟୁମଣ୍ଡଳର ୭.୬ କି.ମି. ଯାଏ ବ୍ୟାପିବା ସହ ଦକ୍ଷିଣ-ପଶ୍ଚିମ ଦିଗକୁ ଢଳି ରହିଛି। ଏହା ପ୍ରଭାବରେ ରାଜ୍ୟରେ ସୋମବାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଦିନତମାମ ବର୍ଷା ଲାଗି ରହିଥିବା ବେଳେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ଭିତରେ କୋରାପୁଟରେ ସର୍ବାଧିକ ୪୫.୨ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୧୮, ନୟାଗଡ଼ରେ ୧୭, ତାଳଚେର ୧୫, ଭବାନୀପାଟଣା ୧୩.୨ ଓ ନବରଙ୍ଗପୁରରେ ୧୩ ମି.ମି. ବର୍ଷା ହୋଇଛି। ସେହିପରି ବାଲେଶ୍ୱର, ଚାନ୍ଦବାଲି, କଟକ, ଭୁବନେଶ୍ୱର, ଗୋପାଳପୁର, ପୁରୀ, ଅନୁଗୋଳ, ବାରିପଦା, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ମାଲକାନଗିରି, ସୋନପୁର, ଦାରିଙ୍ଗବାଡ଼ି, ପାରଳାଖେମୁଣ୍ଡି, ରାୟଗଡ଼ା, ଭଦ୍ରକ, ଢେଙ୍କାନାଳ, ଦେବଗଡ଼, ଖୋର୍ଦ୍ଧା, ଜଗତ୍‌ସିଂହପୁରରେ ମଧ୍ୟ ବର୍ଷା ହୋଇଛି। ତେବେ ୧୭ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ରେ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ମାଲକାନଗିରି, କୋରାପୁଟରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେପଟେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୧୯ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନାଯୋଗ୍ୟ, ଲଘୁଚାପ ଓ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିବା ଯୋଗୁ ବର୍ଷା ଲାଗି ରହିଛି। ତେବେ ବର୍ଷା ହେଉଥିଲେ ମଧ୍ୟ ଏବେ ବି ରାଜ୍ୟରେ ସ୍ୱାଭାବିକ ପରିମାଣର ବର୍ଷା ହୋଇନାହିଁ।

# ୬ଟି ରକ୍ତଚାପ ବଟିକା ଖାଇ ମହିଳା ମୃତ

**ରୂପସା,୧୫।୭(ବାଞ୍ଛାନିଧି ଦେ):** ବାଲେଶ୍ୱର ଜିଲା ବସ୍ତା ଥାନା କୁଡ଼ିଆ ପଞ୍ଚାୟତ ଅଧୀନ କଦଳୀହଣ୍ଡା ଗ୍ରାମର ଜଣେ ମହିଳା ୬ଟି ରକ୍ତଚାପ ବଟିକା ଖାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଅଖିଳ ଜେନାଙ୍କ ସ୍ତ୍ରୀ କନକ ଜେନା (୫୩)। ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଭୁଲବଶତଃ ୬ଟି ରକ୍ତଚାପ ବଟିକା ଖାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବସ୍ତା ମେଡିକାଲ ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ମୃତ୍ୟୁ ହୋଇଥିଲା। ସୋମବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ।

# ଡାଇଗୁଡ଼ାକୁ ବ୍ୟାପିଲା ଝାଡ଼ାବାନ୍ତି

## ମାଥିଲି ବ୍ଲକ୍

**ମାଥିଲି, ୧୫।୭(ସୁବାସ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ୍ କପ୍ରା ଗାଁରେ କିଛିଦିନ ହେଲା ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ଦଳପତିଗୁଡ଼ା ପଞ୍ଚାୟତ ଡାଇଗୁଡ଼ା ଗାଁକୁ ବ୍ୟାପିଛି ଝାଡ଼ାବାନ୍ତି। ଉଭୟ ଗାଁରେ ମୋଟ ୩୬ ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରେ ଡାଇଗୁଡ଼ାର ୮ଜଣ ଥିବାବେଳେ କପ୍ରା ଗାଁର ୨୮ଜଣ ଆକ୍ରାନ୍ତ ଅଛନ୍ତି। ସମସ୍ତଙ୍କର ମାଥିଲି ମେଡିକାଲରେ ଚିକିତ୍ସା କରାଯାଉଛି। ଗାଁରେ ମେଡିକାଲ ଟିମ୍ ଲୋକଙ୍କୁ ସଚେତନ କରିବା ସହ ପାଣି ନମୁନା ପରୀକ୍ଷା ପାଇଁ ପଠାଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ମୋବାଇଲ ଟିମ୍ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛି। ଗାଁରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ସେମାନଙ୍କ ଅବସ୍ଥା ସୁଧୁରିବାରେ ଲାଗିଛି। ସମସ୍ତ ରୋଗୀ ସୁସ୍ଥ ଅଛନ୍ତି ବୋଲି ଡାକ୍ତର ଅମିୟ କୁମାର ସ୍ୱାଇଁ କହିଛନ୍ତି। ଏହା ସହ ବିଷାକ୍ତ ଛତୁ ନ ଖାଇବାକୁ ଜନସାଧାରଣଙ୍କୁ ସତର୍କ କରିଛନ୍ତି।

# ସୁନାବେଶ, ଅଧରପଣା ପାଇଁ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୧୩।୭(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ପକ୍ଷରୁ ରଥଯାତ୍ରା ପାଇଁ ସେବା ବୃଦ୍ଧି କରାଯାଇଛି। ଏହିକ୍ରମରେ ସୁନାବେଶ ଓ ଅଧରପଣା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀକୁ ଚଳାଚଳ କରୁଥିବା ନିୟମିତ ଟ୍ରେନରେ ଯାତ୍ରୀ ଭିଡ଼ ଏଡ଼ାଇବା ସହିତ ତୀର୍ଥଯାତ୍ରୀ ଓ ଭକ୍ତଙ୍କ ସୁବିଧା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ପଡ଼ୋଶୀ ରାଜ୍ୟରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯାଇଛି। ସୁନାବେଶ ପାଇଁ ୪୩ଟି ଏବଂ ଅଧରପଣା ଲାଗି ୩୩ଟି ସ୍ୱତନ୍ତ୍ର ଟ୍ରେନ ଗଡ଼ିବ। ପ୍ରଥମଥର ପାଇଁ ପୂର୍ବତଟ ରେଳପଥ ରାଜ୍ୟର ପ୍ରାୟ ସମସ୍ତ ଜିଲାରୁ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରିଛି। ପୂର୍ବରୁ ରଥ ଯାତ୍ରା ମହୋତ୍ସବ ପାଇଁ ପୁରୀକୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳର ଘୋଷଣା କରିଥିଲା। ସେହି ଅନୁସାରେ, ଜୁଲାଇ ୫ରୁ ୧୫ ତାରିଖ ମଧ୍ୟରେ ପୂର୍ବତଟ ରେଳପଥ ପୁରୀକୁ ଓ ପୁରୀଠାରୁ ୨୩୯ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ସୁନାବେଶ ପାଇଁ ପୂର୍ବତଟ ରେଳପଥ ପାରାଦୀପ, ଅନୁଗୋଳ, ଭଦ୍ରକ, ଜୁନାଗଡ଼ ରୋଡ୍, ଖୋର୍ଦ୍ଧାରୋଡ୍, ଦଶପଲ୍ଲା, ସୋମ୍‌ପେଟା, ପଲାସା, କେନ୍ଦୁଝରଗଡ, ଗୁଣପୁର, ଜଗଦଲପୁର, ସୋନପୁର, ସମ୍ବଲପୁରରୁ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ପୁରୀକୁ ଚଳାଚଳ କରିବ। ଅଧରପଣା ପାଇଁ ପାରାଦୀପ, ଅନୁଗୋଳ, ଭଦ୍ରକ, ଦଶପଲ୍ଲା, ପଲାସା, କେନ୍ଦୁଝରଗଡ ଏବଂ ଖୋର୍ଦ୍ଧା ରୋଡ୍‌ରୁ ଟ୍ରେନଗୁଡ଼ିକ ପୁରୀ ଅଭିମୁଖେ ଯାତ୍ରା କରିବ। ଅତିରିକ୍ତ ଭିଡ ଏଡ଼ାଇବା ପାଇଁ ଭଦ୍ରକ, ପାରାଦୀପ, ଅନୁଗୋଳ, ପଲାସା, କେନ୍ଦୁଝରଗଡ଼, ଦଶପଲ୍ଲା, ବ୍ରହ୍ମପୁରକୁ ପୁରୀଠାରୁ ସ୍ୱତନ୍ତ୍ର ଟ୍ରେନ ଚାଲିବ।

# ଯୁକ୍ତ୩ ନାମଲେଖା: ଆଜି ତୃତୀୟ ମେଧା ତାଲିକା

**ଭୁବନେଶ୍ୱର,୧୫।୭(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ମଙ୍ଗଳବାର ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ଛୁଟିଦିନ ବ୍ୟତୀତ ୧୮ ତାରିଖ ସକାଳ ୯ଟାରୁ ୨୨ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୧ରେ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୧,୦୫୬ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଛି। ଏ ସମସ୍ତ କଲେଜରେ ୨,୭୪,୧୫୧ ସିଟ୍ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ୧,୨୦,୮୮୫ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏବେ ୧,୫୩,୨୬୬ଟି ସିଟ୍ ଖାଲିପଡ଼ିଛି। ତେବେ ଚଳିତବର୍ଷ ଯୁକ୍ତ୩ ନାମଲେଖା ପାଇଁ ମୋଟ ୨,୩୭,୭୧୯ଜଣ ଆବେଦନ କରିଛନ୍ତି। ଅନ୍ୟପଟେ ପୂର୍ବବର୍ଷ ଭଳି ଏଥର ମଧ୍ୟ ଯୁକ୍ତ୩ ନାମଲେଖା ପାଇଁ ଆଉଥରେ ଆବେଦନ ପ୍ରକ୍ରିୟା ହେବ। ଇନ୍‌ଷ୍ଟାଣ୍ଟ/ସପ୍ଲିମେଣ୍ଟାରୀ ରେଜଲ୍ଟ ପ୍ରକାଶ ପାଇବା ପରେ ଚତୁର୍ଥ ପର୍ଯ୍ୟାୟ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ରାଜଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା। ସାଧାରଣ ସଭା, ସ୍ଥାନ: ସୂଚନା ଭବନ,ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୩୦ତମ ଜୟନ୍ତୀ, ସ୍ଥାନ: ରାଜଭବନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଗୁରୁ ଦେବପ୍ରସାଦ ଦାସଙ୍କ ୩୮ତମ ପୁଣ୍ୟତିଥି, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଏନ୍‌ସିଡିଏସ୍ ପକ୍ଷରୁ ୱାର୍କଶପ୍, ସ୍ଥାନ: ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଅଣ ସଂକ୍ରାମକ ରୋଗ ସମ୍ପର୍କିତ ବୈଠକ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ଫୁଡ ପ୍ରସେସିଙ୍ଗ କମ୍ପାନୀ ସହିତ ଇଣ୍ଡଷ୍ଟ୍ରିର କଥୋପକଥନ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୩୮ତମ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୩ଟା।
- 'ପଟ୍ଟଚିତ୍ରରେ ମହାପ୍ରଭୁ' ପ୍ରଦର୍ଶନୀ ଉଦ୍‌ଯାପନ ସମାରୋହ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୩ଟା ୩୦।
- ୮ମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଏସ୍‌ସିବି ମେଡ଼ିକାଲରେ ସିଟି ସ୍କାନ୍ ମେଶିନ ମରାମତି ନେଇ ସୁଭାଷ ସଙ୍ଗଠନ ପକ୍ଷରୁ ଧାରଣା, ସ୍ଥାନ: ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଲୋକଙ୍କୁ ନଦୀ ସହ ଯୋଡ଼ିବାର ପ୍ରୟାସ ନଦୀ ଆଳତି, ସ୍ଥାନ: କଟକ ଗଡ଼ଗଡ଼ିଆ ଘାଟ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, ଇମାମୀନଗର, ରେମୁଣା, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଭୋଟର ମତଦାତା ଅଭିନନ୍ଦନ ସମାବେଶ, ସ୍ଥାନ: ହନୁମାନ କଲ୍ୟାଣ ମଣ୍ଡପ, ହାଡ଼ିଆପାଳ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ପ୍ରଦାନ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାହୁଡ଼ା ଯାତ୍ରା ଉପଲକ୍ଷେ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ସୁତେଇ ଫୁଟବଲ କ୍ଲବ ଓ ଶ୍ରୀରାମ ଫୁଟବଲ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ମହାପ୍ରଭୁଙ୍କ ସୁନାବେଶ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦ଟା।

## ଭଦ୍ରକ
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ବାସୁଦେବପୁର ଡାକ୍ତରଖାନା କନ୍‌ଫରେନ୍ସ ହଲ୍, ସମୟ: ଅପରାହ୍ନ ୩ଟା।
- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ବାଇପାସ୍ ଜଗନ୍ନାଥ ମନ୍ଦିର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ସଂକ୍ରାନ୍ତି ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳାଙ୍କ ପୀଠରେ ମଙ୍ଗଳ ସଂକ୍ରାନ୍ତି ପାଳନ, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମରୈଗାଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ, କୀର୍ତ୍ତନ, ସ୍ଥାନ: ବଞ୍ଚୋ, ଶାଳନିଆଁ, ଢେଙ୍କା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ସଂକ୍ରାନ୍ତି ବିହିତ ହୋମ, ସ୍ଥାନ: ଇଞ୍ଚୋଳ, ହାଟଡ଼ିହୀ, ସମୟ: ସକାଳ ୭ ଟା

## ମୟୂରଭଞ୍ଜ
- 'ଆମ ଜଗନ୍ନାଥ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଅଦାପାଳ ସରକାରୀ ବିଦ୍ୟାଳୟ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୨ୟ ଦିବସ ବାହୁଡ଼ା ଯାତ୍ରା ଅବସରରେ ରଥ ଉପରେ ଚତୁର୍ଦ୍ଧାବିଗ୍ରହଙ୍କ ସଂକ୍ରାନ୍ତି ପାଳନ ସହ ବନ୍ଦାପନା ନୀତି, ମହିଳା ଭକ୍ତଙ୍କ ଦ୍ୱାରା ରଥଟଣା, ସ୍ଥାନ: ରାଇରଙ୍ଗପୁର, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: ହନୁମାନ ମନ୍ଦିର ଛକ, ଉଦଳା, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ରଥଟଣା, ସ୍ଥାନ: ମାଉସୀ ମା' ମନ୍ଦିର ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ରଥଟଣା, ସ୍ଥାନ: ବଡ଼ସାହି ବ୍ଲକ୍ ପ୍ରତାପପୁର, ସମୟ: ଅପରାହ୍ନ ୩ ଟା ୩୦।

## ବ୍ରହ୍ମପୁର
- ଚାରାରୋପଣ, ସ୍ଥାନ–ନିଷ୍ଟ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- କୃଷି ବୈଜ୍ଞାନିକଙ୍କ କଳାବ୍ୟାଜ୍ ପରିଧାନ, ସ୍ଥାନ: ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଆସିକା ସାବିତ୍ରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଆସିକା ଏନ୍‌ଏସି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା,ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା ୩୦।
- ଅଭିଶାପ ଦିଅ ନର୍କକୁ ଯିବି ନାଟକ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବୁଗୁଡା ବ୍ଲକ, ସୁବୁଦ୍ଧିପଲ୍ଲୀ, ସମୟ:ରାତି ୯ଟା।

## ରାୟଗଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, କୋଲନରା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ଶକ୍ତି ଅଭିଯାନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର, ସ୍ଥାନ: ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ଶାବର ଶ୍ରୀକ୍ଷେତ୍ରରେ ରଥରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ, ସ୍ଥାନ: କୋରାପୁଟ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ୨୬ ନଂ ଜାତୀୟ ରାଜପଥ, ସମୟ:ସକାଳ ୭ଟା।
- ନବରଙ୍ଗପୁର ଏମ୍‌ପିଙ୍କ ସମୀକ୍ଷା ବୈଠକ, ସ୍ଥାନ:ଡିଆରଡ଼ିଏ ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଡିଏଲ୍‌ସି କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- କୁଲତା ସମାଜ ପକ୍ଷରୁ ରଣେଶ୍ୱର ରାମଚଣ୍ଡିଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ : ଦାନୀପାଲଇ ସ୍ଥିତ ରାମଚଣ୍ଡି ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡା ଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ : ବିନାଖଣ୍ଡି ମାଉସୀ ମାଆ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଲୋଇସିଂହାରେ ବନ ମହୋତ୍ସବ ପାଳନ, ସ୍ଥାନ: ହରେକୃଷ୍ଣ ମହତାବ ହାଇସ୍କୁଲ, ସମୟ: ସକାଳ ୯ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ 'ମୁଦ୍ରା ଓ ଅର୍ଥନୀତି' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା୩୦।

## ରାଉରକେଲା
- ଆର୍‌ଏମ୍‌ସି ପକ୍ଷରୁ ଯୁଗ୍ମ ଶୁଣାଣୀ, ସ୍ଥାନ ମଧୁସୂଦନ ଭବନ, ଛେଣ୍ଡ, ସମୟ: ସକାଳ ୮ଟା୩୦।
- ବାହୁଡ଼ା ଯାତ୍ରା, ସ୍ଥାନ: ଜଗଦା, ଝିରପାଣି, ସମୟ: ଅପରାହ୍ନ ୪ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ଡୁମକେଲା, ସମୟ: ଅପରାହ୍ନ ୩ଟା।
- ରାଜ୍ୟ ସ୍ତରୀୟ ନାଟ୍ୟ ଆଲୋଚନା, ସ୍ଥାନ: ସେକ୍ଟର–୪, ସମୟ, ପୂର୍ବାହ୍ନ ୧୧ଟା।

## ବରଗଡ଼
- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କାଠଡ଼େରା, ସମୟ: ଅପରାହ୍ନ ୫ଟା।
- କବି ଶ୍ରୀବତ୍ସ ମହାପାତ୍ରଙ୍କ ୧୨୬ତମ ଜୟନ୍ତୀ ସମାରୋହ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଗ୍ରନ୍ଥାବଳୀ ପାଠକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୨ଟା।

## ବୌଦ୍ଧ
- କଣ୍ଟାମାଳ ବ୍ଲକ ଘଣ୍ଟପଡା ସମଲେଶ୍ୱରୀ ମନ୍ଦିରରେ ମହାଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉତ୍ପାଦନ ବୃଦ୍ଧି ନିମନ୍ତେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର ସମୟ: ପୂର୍ବାହ୍ନ ୧୧ଟା।
- ଆଇସିଏଆରର ୯୬ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କେଭିକେ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥଙ୍କ ପହଣ୍ଡି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ଅପରାହ୍ନ ୫ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ଗଡଭିତରର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ତରଭା ରଥଯାତ୍ରା ଅବସରରେ ଏକାଦଶୀ ତିଥିରେ ସୁନାରିପଡା ପକ୍ଷରୁ ଉପାୟନ ଭୋଗ ପ୍ରଦାନ, ସ୍ଥାନ: ତରଭା ସୁନାରିପଡା, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ସହ ମଙ୍ଗଳା ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଳ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ମହରମ ପର୍ବ ପାଇଁ ଫାତୀୟା, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଇମାମ ବାଡା, ସମୟ ସନ୍ଧ୍ୟା ୭ଟା।
- ଭଜନ କୀର୍ତ୍ତନ, ସ୍ଥାନ: ସହରସ୍ଥିତ ବୁରୋମାଲ ସମଲେଶ୍ୱରୀ କ୍ଲବ ମଣ୍ଡପ, ସମୟ: ରାତି ୮ଟା ୩୦।

## ଢେଙ୍କାନାଳ
- ଶ୍ରୀ ମହାପ୍ରଭୁଙ୍କ ରଥାରୁଢ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତୀ ପାଳନ, ସ୍ଥାନ: ରଥଗଡା, ଢେଙ୍କାନାଳ, ସମୟ: ସକାଳ ୬ଟା।
- ବାହୁଡା ଯାତ୍ରା ଭଜନ ସମାରୋହ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରଥଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଛାତ୍ରୀଛାତ୍ରଙ୍କ ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ, ଜଗନ୍ନାଥ ମାର୍ଗ, ପାରାଦୀପ, ସମୟ: ସକାଳ ୭ଟା।
- ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ଚାରାବର୍ଣ୍ଟନ କାର୍ଯ୍ୟକ୍ରମ, ସମୟ: ବଡଦାଣ୍ଡ, ମଧୁବନ, ପାରାଦୀପ,ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବରୀ ବ୍ଲକ କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।
- ନୃତ୍ୟ ପ୍ରତିଯୋଗିତାର ସେମିଫାଇନାଲ, ସ୍ଥାନ: ରସୁଲପୁର ବ୍ଲକ ବଡ଼ ଗୋବିନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ସୁନାବେଶ, ସ୍ଥାନ:ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ, ପୂର୍ବାହ୍ନ ୧୧ଟା।
- ବାହୁଡା ଯାତ୍ରା ଅବସରରେ ରଥଟଣାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା, ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କ ସୁନାବେଶ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଦଶପଲ୍ଲା ସାତପାଟଣା, ସମୟ: ସନ୍ଧ୍ୟା ୭ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଓ ଶୁକ୍ରଙ୍କ କ୍ଷେତ୍ର ବିନିମୟ ଯୋଗରୁ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ପ୍ରଶସ୍ତ ରହିବ। ଯେଉଁ ବନ୍ଧୁମାନେ ପାଖ ମାଡୁ ନ ଥିଲେ ଆଜି ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ଦୁର୍ବଳତା କେତେକାଂଶରେ ଦୂରହେବ। ଅଟକି ରହିଥିବା କାମଗୁଡ଼ିକ ହାତକୁ ନେଇ ଯଥାବିଧି ସମ୍ପନ୍ନ କରିପାରିବେ।

**ବୃଷ** ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଦିନଟି ଆନନ୍ଦରେ ଅତିବାହିତ ହେବ। ସମ୍ପର୍କୀୟମାନେ ଦୂରେଇଯାଉଥିବାରୁ ପର ଲୋକଙ୍କୁ ଆପଣାର କରିବାକୁ ବାଧହେବେ। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ପିଲାମାନେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତାକରିବେ।

**ମିଥୁନ** ବୁଧଙ୍କ ପ୍ରଭାବରୁ ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବାରେ ସମର୍ଥ ହେବେ। ଆଜି ଅନ୍ୟମାନେ ଆପଣଙ୍କୁ ଖୋଜିବେ କିଛି ସାହାଯ୍ୟ ଆଶାପୋଷଣ କରି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ଆଜି ସନ୍ଧ୍ୟାରେ ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ ଦୃଢ଼ ମାନସିକତା ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ କାର୍ଯ୍ୟ କ୍ଷେତ୍ରରେ ସାହାଯ୍ୟ କରିବ। ପରିସ୍ଥିତି ସହ ଟକ୍କରଦେଇ ଆଗକୁ ବଢ଼ିବାକୁ ଚେଷ୍ଟାକଲେ ସଫଳତା ପାଇବେ। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବାଣିଜ୍ୟ, ପରିବହନ,ଗବେଷଣା କ୍ଷେତ୍ରରେ ସଫଳତା ମିଳିବ।

**ସିଂହ** ଏକାଦଶସ୍ଥ ରବିଙ୍କ ପ୍ରଭାବରୁ ସମସ୍ୟା ସମାଧାନ ପୂର୍ବକ କୌଶଳରେ କାମ ହାସଲକରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବ। ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟକଳାପକୁ ଅନ୍ୟମାନେ ନାପସନ୍ଦ କରିବେ।

**କନ୍ୟା** ଦ୍ୱିତୀୟସ୍ଥ ଲାଭାଧିପତି ଘରୋଇ କିମ୍ବା ସରକାରୀ ସ୍ତରରେ ସ୍ଥଗିତ ପ୍ରାପ୍ୟ ପାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା** ବୁଧ ଓ ଶୁକ୍ର କର୍ମସ୍ଥାନରେ ରହିଥିବାରୁ ଯେଉଁ ଭଳି ଚିନ୍ତା କରୁଛନ୍ତି,ଠିକ୍ ସେହିପରି ହିଁ ହେବ ଏବଂ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ ଏବଂ କୌଣସି ଯୁବକଙ୍କ ଠାରୁ ଯଥେଷ୍ଟ ସହାୟତା ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ମଙ୍ଗଳ ନିଜ ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ବିତର୍କଜନିତ କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ପ୍ରିୟ ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ଷେତ୍ରରେ ଉନ୍ନତି କରିବେ। ପ୍ରତିଯୋଗିତା, ପ୍ରକାଶନ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବୃହସ୍ପତି ଦୁଃସ୍ଥାନରେ ଥିବାରୁ ସ୍ୱାସ୍ଥ୍ୟହାନି ଓ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ। ଭଲ କାମ କରି ବି ପ୍ରଶଂସା ପାଇବେ ନାହିଁ। ନୂତନ ଯୋଜନା, ଅବହେଳିତ କାମ, କୌଣସି ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି, ସତର୍କ ରହିବା ଭଲ ହେବ।

**ମକର** ଧନାଧିପ ଶନି ଧନସ୍ଥ ହେତୁ ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଶନିଦୃଷ୍ଟି ପାରିବାରିକ ଶାନ୍ତି ନଷ୍ଟକରିବ। ଯାତ୍ରା ସମୟରେ ସତର୍କ ନ ରହିଲେ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବ୍ୟବସାୟ, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**କୁମ୍ଭ** ଧନ ସ୍ଥାନରେ ରାହୁ ଧନହାନି ସାଙ୍ଗକୁ ବନ୍ଧୁଙ୍କ ସହ ବ୍ୟବହାରରେ ଭିନ୍ନ ଚିନ୍ତାଧାରା ପୋଷଣ କରିପାରନ୍ତି। ଆର୍ଥିକ ଦୁରବସ୍ଥା ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କଳା, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସଭା ସମିତି, ଚୁକ୍ତିପତ୍ର, ପରିବହନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ମୀନ** ଚତୁର୍ଥ କେନ୍ଦ୍ରରେ ଚନ୍ଦ୍ରଙ୍କ ଅବସ୍ଥିତି ହେତୁ ଯେଉଁ ନିଷ୍ପତ୍ତି ନେବେ ତାହାକୁ ଅନ୍ୟମାନେ ଗ୍ରହଣ କରିବାକୁ ବାଧହେବେ। ପରିବାରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ବିଶେଷ ଭାବରେ ପିଲାଙ୍କ ଆଚରଣ ଓ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ।

ଆଜି ଜୁଲାଇ ୧୬ ତାରିଖ, ବିଶ୍ୱ ସର୍ପ ଦିବସ, କର୍କଟ ସଂକ୍ରାନ୍ତି, ଦକ୍ଷିଣାୟନ ବନ୍ଦାପନା, ନଦୀରଜସ୍ୱଳା, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ତିରୋଧାନ ଦିବସ, ଆଷାଢ଼ ଶୁକ୍ଳ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର–ବିଶାଖ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ. ୦୮।୩୬ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପ୍ରେମ ଈର୍ଷାରୁ...

ଲିପ୍‌ସା ଓ ତାଙ୍କ ସହପାଠୀ ପ୍ରତାପ ରାଉରକେଲାର ଏକ ଘରୋଇ କଲେଜରେ ଏମ୍‌ବିଏ ପଢୁଥିଲେ। କିଛିଦିନ ତଳେ ଗଞ୍ଜାମ ଜିଲା ଗୋପାଳପୁରକୁ ଦୁହେଁ ଏକ ପରୀକ୍ଷା ଦେବାପାଇଁ ଯାଇଥିଲେ। ଶୁକ୍ରବାର ଫେରି ଲିପ୍‌ସାଙ୍କ ଘରେ ପ୍ରତାପ ରହିଥିଲେ। ରବିବାର ରାତିପ୍ରାୟ ୧୦ଟାରେ ରାଜୁ ଶୁଶୁମାଙ୍କ ଘରେ ପହଞ୍ଚି ଲିପ୍‌ସାଙ୍କୁ ସାଙ୍ଗରେ ନେବା ପାଇଁ କହିଥିଲେ। ହେଲେ ଲିପ୍‌ସାଙ୍କ ମା' ଏବଂ ବାପା ଏତେ ରାତିରେ ଝିଅକୁ ପଠାଇବା ପାଇଁ ମନା କରିଥିଲେ। ଏଥିରେ ରାଜୁ ରାଗି ଯାଇଥିଲେ। ଲିପ୍‌ସାଙ୍କ ସହ ଏକୁଟିଆ କଥା ହେବାକୁ କହି ତାଙ୍କ ରୁମ୍‌ରେ ପଶିଥିଲେ। ସେଠାରେ ଦୁହିଙ୍କ ମଧ୍ୟରେ ବଚସା ହୋଇଥିଲା। ରାଜୁ ଏଥିରେ ଉତ୍ତକ୍ଷିପ୍ତ ହୋଇ ଲିପ୍‌ସାଙ୍କୁ ପ୍ରଥମେ ମାଡ଼ ମାରିଥିଲେ। ପରେ ଏକ ଛୁରିରେ ଆକ୍ରମଣ କରିଥିଲେ। ଏହାଦେଖି ଲିପ୍‌ସାଙ୍କ ମା'ବାପା ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ମାରି ଏକ କୋଠରିରେ ବନ୍ଦ କରିଦେଇଥିଲେ। ଲିପ୍‌ସାଙ୍କୁ ଲହୁଲୁହାଣ ଅବସ୍ଥାରେ ଦେଖି ତାଙ୍କୁ ବଞ୍ଚାଇବାକୁ ପ୍ରତାପ ଚେଷ୍ଟା କରିଥିଲେ। ହେଲେ ପ୍ରତାପଙ୍କୁ ମଧ୍ୟ ରାଜୁ ଛୁରିରେ ଆକ୍ରମଣ କରିଥିଲେ। ଘଟଣା ଘଟାଇବା ପରେ ରାଜୁ ସମସ୍ତଙ୍କୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ପରିବାର ଲୋକଙ୍କ ଚିତ୍କାର ଶୁଣି ପଡ଼ୋଶୀ ଏବଂ ଅନ୍ୟମାନେ ପହଞ୍ଚି ଉଭୟ ଲିପ୍‌ସା ଓ ପ୍ରତାପଙ୍କୁ କୁତ୍ରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଲିପ୍‌ସାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ପ୍ରତାପଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉଭୟ ମୃତଦେହକୁ ଜବତ କରି ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି ବୋଲି କୁତ୍ରା ଥାନା ଅଧିକାରୀ ଦାୟିତ୍ୱରେ ଥିବା ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଆଗକୁ ଆର୍‌ଡିସି ସ୍ତରରେ...

ପ୍ରଦାନ ପ୍ରକ୍ରିୟା ଆହୁରି ସୁବିଧା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ମନ୍ତ୍ରୀ ରବି ନାରାୟଣ ନାୟକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସକାଳ ୧୦ଟାରୁ ଅପରାହ୍ନ ପ୍ରାୟ ୪.୩୦ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୧୭୪୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଭିଯୋଗକାରୀଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ଭିନ୍ନକ୍ଷମ ବ୍ୟକ୍ତି ରୋହିତ ପ୍ରଧାନ ଥିଲେ। ତାଙ୍କର ଜୀବିକା ପାଇଁ ଗୋଟିଏ ଇ-ରିକ୍ସା ଓ ରହିବା ପାଇଁ ଘରର ଆବଶ୍ୟକତା ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଖୁବ୍‌ଶୀଘ୍ର ଏକ ଇ-ରିକ୍ସା ଯୋଗାଇ ଦିଆଯିବ ବୋଲି କୁହାଯାଇଥିବାବେଳେ ଘର ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ପାରାଦୀପର ନିରୁପମା ନାୟକ ତାଙ୍କର ଦୁଇ ଭିନ୍ନକ୍ଷମ ପିଲାଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣେଇବାକୁ ଆସିଥିଲେ। ତାଙ୍କର ଘର ନ ଥିବା ସହ ଅନ୍ୟାନ୍ୟ ସମସ୍ୟା ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ତତ୍‌କ୍ଷଣାତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସଚିବଙ୍କୁ ଡାକି ତାଙ୍କ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମହିଳାଙ୍କୁ କହିଥିଲେ ଯେ, ଏବେ ତୁମେ ଭତ୍ତା ପାଉଛ, ଆଗକୁ ଘର ମଧ୍ୟ ତୁମକୁ ମିଳିବ। ଧୀରେ ଧୀରେ ସବୁ ସମସ୍ୟାର ସମାଧାନ ହେବ, ଧୈର୍ଯ୍ୟ ରଖ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ଆଶ୍ୱାସନା ଦେଇଛନ୍ତି।

ଅଭିଯୋଗ ଶୁଣାଣି ଆରମ୍ଭ ପୂର୍ବରୁ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପୋର୍ଟାଲକୁ ଅପଡେଟ୍ କରି ରଖିବା ଓ ଦୈନିକ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ବିଶେଷ ଭାବେ ଜିଲାସ୍ତରରେ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ସୁଦୃଢ ଓ ଦକ୍ଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଦ୍ୱାରା ଲୋକଙ୍କ ଅଭିଯୋଗ ଠିକ୍ ଭାବେ ଶୁଣାଗଲେ ଲୋକଙ୍କୁ ଆଉ ଭୁବନେଶ୍ୱର ଆସିବାକୁ ପଡିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଯେଉଁ ଅଭିଯୋଗଗୁଡ଼ିକ ଶୀଘ୍ର ଫଇସଲା ହେବା ସମ୍ଭବ, ସେଗୁଡ଼ିକ ଉପରେ ତୁରନ୍ତ ନିଷ୍ପତ୍ତି କରି ଲୋକଙ୍କୁ ନ୍ୟାୟ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରୀ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ଆସୁଥିବାରୁ ଏହା ଆଚରଣ ବିଧିର ଉଲ୍ଲଂଘନ କରୁଛି। ତେଣୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନ ଆସି, ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଅଭିଯୋଗ ଜଣାଇବାକୁ ପରାମର୍ଶ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାହୁଡ଼ିଲେ ମହାପ୍ରଭୁ...

ତଡ଼ପ ଲାଗି ୮ଟା ୫, ଅବକାଶ ପୂଜା ୮ଟା ୩୦, ସୂର୍ଯ୍ୟପୂଜା ୮ଟା ୫୦, ଦ୍ୱାରପାଳ ପୂଜା ୯ଟା ୫, ଗୋପାଳ ବଲ୍ଲଭ ଓ ସକାଳ ଧୂପ ୯ଟା ୫୫, ମଙ୍ଗଳାର୍ପଣ ୧୦ଟା ୩୫, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ହୋଇ ପୂର୍ବାହ୍ନ ୧୦ଟା ୪୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ୧୦ଟା ୪୫ ରେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ରଙ୍କ ୧୦ଟା ୫୨, ମା' ସୁଭଦ୍ରାଙ୍କ ୧୧ଟା ୧୫ରେ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ୧୧ଟା ୩୫ରେ ଆରମ୍ଭ ହୋଇଥିଲା। ୧୨ଟା ୫୫ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧ଟା ୫୦ ରେ ରଥାରୂଢ଼ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରାପହଁରା ପାଇଁ ତିନିରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ, ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରାପହଁରା କରିଥିଲେ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ରୀତିନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ରୀତିନୀତି ଓ ଛେରାପହଁରା କରିଥିଲେ। ୩ଟା ୧୦ରେ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ଏହାପରେ ଅପରାହ୍ନ ୩ଟା ୨୫ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଭକ୍ତି ଓ ଉତ୍ସାହର ସହିତ ବଡ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ମା' ସୁଭଦ୍ରାଙ୍କ ରଥ ଅପରାହ୍ନ ୪ଟାରେ ଟଣା ହୋଇଥିଲା। ଶେଷରେ ମହାପ୍ରଭୁଙ୍କ ରଥ ୪ ଟା ୧୫ରେ ଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ତେବେ ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣିଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ସନ୍ଧ୍ୟା ୭ଟା ୧୨ ମିନିଟ୍‌ରେ ବଡ଼ ଠାକୁରଙ୍କ ତାଳଧ୍ୱଜ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ପରେ ୭ଟା ୪୧ରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା।

### ଲକ୍ଷ୍ମୀନାରାୟଣ ଭେଟ

ଚାହାଣିମଣ୍ଡପକୁ ଆସି ମା' ଲକ୍ଷ୍ମୀ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡିଥିଲା। ବଡ଼ଠାକୁର ଏବଂ ମା' ସୁଭଦ୍ରାଙ୍କ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲାଗିବା ପରେ ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଗରମ ଓ ଖରାକୁ ଦେଖି ପ୍ରଶାସନ ପକ୍ଷରୁ ପାଣି ସିଞ୍ଚନ କରାଯାଇଥିଲା। ତେବେ ଖୁବ୍ ଶୃଙ୍ଖଳିତ ଭାବେ ଚଳିତ ବର୍ଷର ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

## ଆଶିଷଙ୍କ ପରେ କୁଟେ...

ପରାମର୍ଶ ଦେଇଥିଲେ। ନିର୍ବାଚନ କମିଶନ ମେ ୨୮ ତାରିଖର ନିର୍ଦ୍ଦେଶ ଓ ଜୁନ୍ ୬ ତାରିଖର ସୁପାରିସକୁ ଆଧାର କରି ସୋମବାର ତତ୍କାଳ ପ୍ରଭାବରୁ ଡି.ଏସ୍. କୁଟେଙ୍କ ଉପରୁ ରାଜ୍ୟ ସରକାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ତେବେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଗୃହ ବିଭାଗ ଉଲ୍ଲେଖ କରିଛି। ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ କୁଟେ ଜଣେ ପ୍ରଭାବଶାଳୀ ଆଇପିଏସ୍ ଅଧିକାରୀ ଭାବେ ପରିଚିତ ଥିଲେ। ନିର୍ବାଚନ ସମୟରେ ଭାଜପା ପକ୍ଷରୁ କୁଟେ ବିଜେଡି ପାଇଁ କାମ କରୁଥିବା ସମ୍ପର୍କରେ ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲା। ଏହାପରେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁଟେଙ୍କୁ ତୁରନ୍ତ ଆସି ନୂଆଦିଲ୍ଲୀ ସ୍ଥିତ ଆବାସିକ କମିଶନରଙ୍କ ଅଫିସ୍‌ରେ ଦେଖା ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସେତେବେଳେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱରେ ଥିଲେ। ସେହିପରି ବରିଷ୍ଠ ଆଇପିଏସ୍ ଅଧିକାରୀ ରବି କାନ୍ତଙ୍କୁ ମଧ୍ୟ ଗୃହ ବିଭାଗ ଓଏସ୍‌ଡି ଅଫିସର ଭାବେ ବଦଳି କରାଯାଇଛି। ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରବି କାନ୍ତ ଏବେ ଆବାସିକ କମିଶନର ଅଛନ୍ତି। ତାଙ୍କ ସ୍ଥାନରେ ଆଇଏଏସ୍ ଅଧିକାରୀ ବିଶାଳ ଗଗନଙ୍କୁ ଆବାସିକ କମିଶନର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।






ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ କୌଶଳ ଭବନକୁ ଉଦ୍‌ଘାଟନ କରିବା ସହ ଦକ୍ଷତା ଶିକ୍ଷା କେନ୍ଦ୍ରକୁ ବୁଲି ଦେଖୁଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସାଇଁ, ବିଭାଗୀୟ ସଚିବ ଉଷା ପାଢ଼ୀ ଉପସ୍ଥିତ ଅଛନ୍ତି।

# ଯୁବପିଢ଼ିଙ୍କୁ ଦକ୍ଷ କରିବାକୁ ସ୍ଥାପନ ହେବ ୧୦ ବିଶ୍ୱକର୍ମା କେନ୍ଦ୍ର

ଭୁବନେଶ୍ୱର, ୧୫।୭
(ଅସମାପିକା ସାହୁ)

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଆଗାମୀ ବଜେଟରେ ଆମେ ଦକ୍ଷତା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱ ଦେଉଛୁ। ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ବଢୁଥିବାରୁ ଦକ୍ଷ ମାନବ ସମ୍ବଳର ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଉଛି। ତେଣୁ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବା ପାଇଁ ରାଜ୍ୟରେ ପ୍ରାୟ ୧୦ଟି ବିଶ୍ୱକର୍ମା କେନ୍ଦ୍ର ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର(ଡବ୍ଲ୍ୟୁଏସ୍‌ସି)ରେ ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାକୁ ଦକ୍ଷ ମାନବ ସମ୍ବଳ କେନ୍ଦ୍ରରେ ପରିଣତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଆଗାମୀ ୨-୩ ବର୍ଷ ମଧ୍ୟରେ ଆମ ଯୁବପିଢ଼ି ସେମାନଙ୍କ ଆଗ୍ରହ ଆଧାରରେ ଦକ୍ଷତା ପାଠ୍ୟକ୍ରମରେ ପ୍ରବେଶ କରିପାରିବେ ଏବଂ ଶିଳ୍ପର ଚାହିଦା ଅନୁଯାୟୀ ଯୋଗ୍ୟତା ହାସଲ କରି ନିଯୁକ୍ତି ପାଇପାରିବେ। ଆମର ଯୁବପିଢ଼ି ଓଡ଼ିଶାର ଭବିଷ୍ୟତ। ସେମାନଙ୍କ ଦକ୍ଷତା ଓ ପ୍ରତିଭା ଜରିଆରେ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆତିଥେୟତା ଓ ଆନୁଷଙ୍ଗିକ କ୍ଷେତ୍ରରେ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ପାଇଁ ପ୍ରଥମ କୌଶଳ ଭବନକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ରାଜ୍ୟରେ ଆଉ ୯ଟି କୌଶଳ କେନ୍ଦ୍ର ଖୋଲାଯିବ ବୋଲି କହିଥିଲେ। ସେହିପରି ଦକ୍ଷତାରେ ଗୁଣବତ୍ତା ହାସଲ କରି ଯୁବବର୍ଗଙ୍କୁ ନିଯୁକ୍ତିଯୋଗ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ 'ସିଏମ୍-ଆସ୍ପାୟାର'(CM-ASPIRE) ଯୋଜନାର ଘୋଷଣା ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଦକ୍ଷତାରେ ଗୁଣବତ୍ତା ହାସଲ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଯୋଜନାରେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ସ୍ଥାପିତ ମଡେଲ କ୍ୟାରିୟର ସେଣ୍ଟରଗୁଡ଼ିକୁ ସୁଦୃଢ଼ କରିବା, ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିଯୋଗ୍ୟ ଦକ୍ଷତା ସୃଷ୍ଟି ସହ ଉଦ୍ଭାବନ ଏବଂ ଗବେଷଣାର ଭାବନାର ଜାଗ୍ରତ କରିବା ଏବଂ ଓଡ଼ିଆ ଯୁବପିଢ଼ିଙ୍କୁ ବିଦେଶର ସର୍ବୋତ୍ତମ ଅନୁଷ୍ଠାନରେ ଉଚ୍ଚ ବୈଷୟିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳିବ। ସେହିପରି 'ନୂଆ ଓଡ଼ିଶା ଜିଲା ଦକ୍ଷତା କେନ୍ଦ୍ର'ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ସ୍ଥାନୀୟ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ଦିଗରେ ସ୍ଥାନୀୟ ନିଯୁକ୍ତିର ଆବଶ୍ୟକତା ରହିଛି। ଏଥିପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟରେ ଜିଲାସ୍ତରରେ 'ନୂଆ ଓଡ଼ିଶା ଜିଲା ଦକ୍ଷତା କେନ୍ଦ୍ର' ଖୋଲାଯାଉଛି ବୋଲି ସେ କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ କାର୍ଯ୍ୟକ୍ରମ ଲୋକାର୍ପଣ କରିଥିଲେ। ଜିଲା ପ୍ରଶାସନକୁ ଦକ୍ଷତା ବିକାଶରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋମାନଙ୍କର ପ୍ରମୁଖ ଭୂମିକା ରହିବ। ଏହି ସୁଯୋଗର ସୁବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଏକ କୌଶଳ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ସାରା ରାଜ୍ୟରେ ଭ୍ରମଣ କରି ଯୁବପିଢ଼ିଙ୍କ ମଧ୍ୟରେ ଦକ୍ଷତାର ବାର୍ତ୍ତା ପହଞ୍ଚାଇବ। ସରକାର ଏକ ସ୍କିଲ୍ ଇକୋସିଷ୍ଟମ ସୃଷ୍ଟି କରିଛନ୍ତି ଏବଂ ଆମ ଯୁବପିଢ଼ି ଏହାର ସର୍ବୋତ୍ତମ ଉପଯୋଗ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସାଇଁ ଯୋଗଦେଇ କହିଲେ, ରାଜ୍ୟ ସରକାର ଦକ୍ଷତା କ୍ଷେତ୍ରରେ ଓଡ଼ିଶାକୁ ଏକ ନୂଆସ୍ତରକୁ ନେବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। କୌଶଳ କ୍ଷେତ୍ରରେ ଓଡ଼ିଶାର ସବୁ ସମ୍ଭାବନାର ପୂରା ଉପଯୋଗ କରାଯାଇ ଯୁବଶକ୍ତିର ବିକାଶ କରାଯିବ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଡବ୍ଲ୍ୟୁଏସ୍‌ସିର ବିଭିନ୍ନ ଦକ୍ଷତା ଶିକ୍ଷା କେନ୍ଦ୍ରଗୁଡ଼ିକୁ ବୁଲି ଦେଖିଥିଲେ।

**ପ୍ରଥମ କୌଶଳ ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

- 'ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ' କାର୍ଯ୍ୟକ୍ରମ ଲୋକାର୍ପଣ
- 'ସିଏମ୍-ଆସ୍ପାୟାର ଯୋଜନା' ଘୋଷଣା



# ନୂଆ ପ୍ରଜାତିର ସାର୍କ ଚିହ୍ନଟ

ବ୍ରହ୍ମପୁର୧୫।୭(ସ୍ୱାଧୀନ ଶେଖର ପାଢ଼ୀ): ନୂଆ ପ୍ରଜାତିର ଡଗଫିଶ୍ ସାର୍କ ସ୍କୱାଲସ ହିମାର ସନ୍ଧାନ ମିଳିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀ ଶ୍ୱେତା ବେଉରା ଚେନ୍ନାଇସ୍ଥିତ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆରେ ବରିଷ୍ଠ ରିସର୍ଚ୍ଚ ଫେଲୋ ଭାବରେ କାର୍ଯ୍ୟ କରୁଥିବାବେଳେ ଆରବ ସାଗରରେ ସେ ଏହାକୁ ଆବିଷ୍କାର କରିଛନ୍ତି। ଶ୍ୱେତା ବର୍ତ୍ତମାନ ଭାରତର ଉପକୂଳରେ ସର୍ବେକ୍ଷଣ କରି ଗଭୀର ଜଳ ଶାର୍କ ଉପରେ କାର୍ଯ୍ୟ କରୁଛନ୍ତି। ସ୍କୱାଲସ ହେଉଛି ସ୍କୱାଲିଡି ପରିବାରର ଡଗଫିସ ସାର୍କର ଏକ ପ୍ରଜାତି, ଯାହା ସାଧାରଣତଃ ସ୍ପର୍ଡୋଗସ ଭାବରେ ଜଣାଶୁଣା। ଭାରତୀୟ ଇଇଜେଡରୁ ଗଭୀର ସମୁଦ୍ରରେ ଥିବା ସାର୍କର ବିବିଧତାକୁ ବୁଝିବା ପାଇଁ କରାଯାଇଥିବା ସର୍ବେକ୍ଷଣ ସମୟରେ ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳରୁ ୧୩ ନମୁନା ସଂଗ୍ରହ କରାଯାଇଥିଲା। ତେବେ ନୂତନ ସାର୍କକୁ ସ୍କୱାଲସ ହିମା ନାମକରଣ କରାଯାଇଛି। ଏମାନଙ୍କ ମେରୁଦଣ୍ଡରେ ୮୪ରୁ ୮୬ ଖଣ୍ଡ ହାଡ ରହିଛି। ରଙ୍ଗ ଧଳା, ମାଟିଆ ଓ କଳା ମିଶ୍ରିତ। ଉପର ମାଢ଼ିରେ ୧୧ଟି ଓ ତଳ ମାଢ଼ିରେ ୧୩ ଦାନ୍ତ ରହିଛି। ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳରେ ଦୁଇଟି ପ୍ରଜାତିର ସ୍କୱାଲସ ଦେଖିବାକୁ ମିଳିଥାଏ। ନୂତନ ପ୍ରଜାତି ସ୍କୱାଲସ ହିମା ଏନ. ଏସ. ପି. ସ୍କୱାଲସ ଲାଲାନାଇ ସହିତ ସମାନ। କିନ୍ତୁ ଅନେକ ବୈଶିଷ୍ଟ୍ୟରେ ଭିନ୍ନ। ଏହାକୁ ଗବେଷଣା କରୁଥିବା ଶ୍ୱେତା ଏବଂ ଜେଡଏସଆଇ, ଚେନ୍ନାଇର ବୈଜ୍ଞାନିକ ଡକ୍ଟର ବିନେଶ କେକେଙ୍କ ଦ୍ୱାରା ଏହା ଆବିଷ୍କାର କରାଯାଇଛି। ଜେଡଏସଆଇର ଜର୍ନାଲ ରେକର୍ଡରେ ଏହା ପ୍ରକାଶିତ ହୋଇଛି। ଭାରତର ଦକ୍ଷିଣ ଉପକୂଳ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ମତ୍ସ୍ୟଜୀବୀମାନେ ଫାର୍ମାସ୍ୟୁଟିକାଲ ଶିଳ୍ପ ପାଇଁ, ବିଶେଷ କରି ଉଚ୍ଚ ମାନର ପ୍ରସାଧନ ସାମଗ୍ରୀ ଏବଂ କର୍କଟରୋଧୀ ପଦାର୍ଥ ପ୍ରସ୍ତୁତ କରିବା ପାଇଁ ଏଭଳି ଅନେକ ସାର୍କକୁ ବ୍ୟବହାର କରୁଛନ୍ତି। ଏହି ମାଛର ଲିଭରର ତୈଳକୁ ଔଷଧୀୟ ଓ କସମେଟିକ ରୂପେ ବ୍ୟବହାର କରାଯାଏ।



ଆବିଷ୍କାର ହୋଇଥିବା ନୂତନ ପ୍ରଜାତିର ସାର୍କ।

# ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ, ୩ ଗିରଫ

**ସ୍ପଷ୍ଟ କଲା ବନବିଭାଗ**



ମୋରଡା, ୧୫।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନାକିଚୁଆ ସେକ୍ସନର ଟିଆଖାଇ ଅଞ୍ଚଳର ଜଣଙ୍କ ବାଡ଼ିରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ କରି ବନବିଭାଗ କାରଣ ସ୍ପଷ୍ଟ କରିଛି। ହାତୀ ଆକ୍ରମଣ ଭୟରେ ଘର ଚାରିପଟେ ଲୁହା ତାର ଟଣାଯାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ଏହାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ୩ ଭାଇଙ୍କୁ ବନବିଭାଗ ଗିରଫ କରିଛି। ସେମାନେ ହେଲେ ଟିଆଖାଇ ଗ୍ରାମର ବିରୁ ହାଁସଦା, ସିଂଘରାୟ ହାଁସଦା ଓ ତୋଫାନ ହାଁସଦା। ସମସ୍ତଙ୍କ ନାମରେ ମାମଲା ରୁଜୁ କରାଯାଇଛି।

ଗତ ଜୁଲାଇ ୧୩ତାରିଖରେ ଏହି ୩ ଭାଇଙ୍କ ବାଡିରୁ ହାତୀର ମୃତଦେହ ମିଳିଥିଲା। ବନବିଭାଗ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ତେବେ ହାତୀର ମୃତ୍ୟୁ ବିଦ୍ୟୁତ ଆଘାତରେ ହୋଇଥିବା ସନ୍ଦେହ କରିଥିଲା। ରାସଗୋବିନ୍ଦପୁର ରେଞ୍ଜର ସିଂ, ବନବିଭାଗ କର୍ମଚାରୀ, ଏସିଏଫ ରବିନାରାୟଣ ମହାନ୍ତି, ବେତନଟୀ ବନବିଭାଗ କର୍ମଚାରୀ, ବାରିପଦା ବନବିଭାଗ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ବିଦ୍ୟୁତ ତାର ଲାଗି ହାତୀ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ।

# ମନୋଜ ଆହୁଜାଙ୍କୁ ଓଏସ୍‌ପିସିବି ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର, ୧୫।୭
(ଅସମାପିକା ସାହୁ)

ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏ ନେଇ ସୋମବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପୂଜା ଖେଡ୍‌କରଙ୍କ କୌଣସି ଅକ୍ଷମତା ନାହିଁ

**'ମିଡିଆ ଟ୍ରାଏଲ ହେଉଛି'**

ପୁଣେ, ୧୫।୭

କ୍ଷମତାର ଅପବ୍ୟବହାର ସହ ୟୁପିଏସ୍‌ସି ନିଯୁକ୍ତି ନିୟମର ଉଲ୍ଲଂଘନ ମାମଲାକୁ ନେଇ ବିବାଦରେ ଘେରି ହୋଇ ରହିଥିବା ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ୍‌କରଙ୍କ ସମସ୍ୟା କମ୍ ହେବାର ନାଁ ନେଉନାହିଁ। ସୋମବାର ପୂଜାଙ୍କୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ୨୦୦୭ରେ ସେ ପୁଣେର କାଶିବାଇ ନବ୍‌ଲେ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଆଡ୍‌ମିଶନ କରିଥିଲେ। ଏହି ନାମଲେଖା ବେଳେ ପୂଜା ଦାଖଲ କରିଥିବା ଡାକ୍ତରୀ ପ୍ରମାଣପତ୍ରରେ ତାଙ୍କର ଶାରୀରିକ ଅକ୍ଷମତା ଥିବା ନେଇ କୌଣସି ତଥ୍ୟ ଉଲ୍ଲେଖ କରି ନ ଥିଲେ। ଓବିସି(ନନ୍ କ୍ରିମି ଲେୟାର) କୋଟା ବ୍ୟବହାର କରି ସେ ନାମ ଲେଖାଇଥିବା କାଶିବାଇ ନବ୍‌ଲେ ମେଡିକାଲ କଲେଜର ନିର୍ଦ୍ଦେଶକ ଅରବିନ୍ଦ ଭୋରେ କହିଛନ୍ତି। ତେବେ ୟୁପିଏସ୍‌ସି ଦ୍ୱାରା ପରିଚାଳିତ ପ୍ରକ୍ରିୟା ସମୟରେ ତାଙ୍କର ଅନେକ ଅକ୍ଷମତା ଥିବା ପୂଜା ଦର୍ଶାଇଥିଲେ, ଯାହାକୁ ନେଇ ବିବାଦ ଜାରି ରହିଛି।

ଅନ୍ୟପକ୍ଷରେ ବିଭିନ୍ନ ବିବାଦରେ ଘେରି ହୋଇ ରହିଥିବା ଏହି ଟ୍ରେନି ଆଇଏଏସ୍ ଅଫିସର ସୋମବାର ମୁହଁ ଖୋଲିଛନ୍ତି। ମିଡିଆ ଟ୍ରାଏଲ କରାଯାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଉଦ୍ୟମ ହେଉଛି। ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ଦିନେ ନା ଦିନେ ସତ୍ୟ ସାମ୍ନାକୁ ଆସିବ ବୋଲି ପୂଜା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂଜା ପୁଣେର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ଯୋଗଦେବା ପୂର୍ବରୁ ସରକାରୀ ଗାଡ଼ି, ଭିଆଇପି ନମ୍ବର ପ୍ଲେଟ୍, ରହିବା ପାଇଁ ଘର, ପର୍ଯ୍ୟାପ୍ତ ଷ୍ଟାଫ୍ ଓ ଜଣେ କନ୍‌ଷ୍ଟେବଲ ଦାବି କରି ବିବାଦ ଘେରକୁ ଆସିଥିଲେ। କ୍ଷମତାର ଏପରି ଅପବ୍ୟବହାର ଯୋଗୁ ତାଙ୍କୁ ଓ୍ୱାଶିମ୍ ଜିଲାର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଛି।



ପୂଜା ଖେଡ୍‌କର

# ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଆ ସଂସ୍କୃତିର ଅନନ୍ୟ ପର୍ବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୫।୭(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀସ୍ଥିତ ହଉଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଧର୍ମପତ୍ନୀ ମୃଦୁଳା ଟି. ପ୍ରଧାନଙ୍କ ସହିତ 'ବାହୁଡ଼ା ଯାତ୍ରା'ରେ ସାମିଲ ହେବା ସହ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଆ ସଂସ୍କୃତିର ଅନନ୍ୟ ପର୍ବ। ସମଗ୍ର ବିଶ୍ୱରେ ରଥଯାତ୍ରା ଏବଂ ଏହାର ରୀତିନୀତି ଅଭୂତପୂର୍ବ ଉତ୍ସାହ ଓ ଭକ୍ତିର ସହ ପାଳନ ହୋଇଛି। ଚତୁର୍ଦ୍ଧାମୂର୍ତ୍ତି ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବାର ଅନନ୍ୟ ପରମ୍ପରାର ପ୍ରତୀକ ହେଉଛି ବାହୁଡ଼ା ଯାତ୍ରା। ରାଜଧାନୀ ଦିଲ୍ଲୀର ହଉଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିର ବହୁ ବର୍ଷ ଧରି ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସାକ୍ଷୀ ଭାବେ ଠିଆ ହୋଇଛି। ବର୍ତ୍ତମାନ ଏହି ମନ୍ଦିରରେ ଅନେକ ଭକ୍ତଙ୍କ ଗହଣରେ ବାହୁଡା ଯାତ୍ରାରେ ସାମିଲ ହେବା ସହ ମହାପ୍ରଭୁଙ୍କ ସେବା କରିବା ତାଙ୍କର ସୌଭାଗ୍ୟ। ସେ ଆହୁରି କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ଓ ବାହୁଡା ଯାତ୍ରା ଭକ୍ତଙ୍କ ଗହଣରେ ଧୁମଧାମରେ ପାଳିତ ହୋଇଛି। ଏ ବର୍ଷର ରଥଯାତ୍ରା ନିଆରା, କାରଣ ଏଥର ଓଡ଼ିଶାରେ ଭାଜପାର ନୂଆ ସରକାର ଗଠନ ହୋଇଛି। ଲୋକଙ୍କ ଆସ୍ଥା ଓ ଭାବାବେଗ ସହ ଜଡ଼ିତ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତମାନଙ୍କ ଆଗ୍ରହ ଓ ଇଚ୍ଛା ଅନୁସାରେ ଖୋଲାଯାଇଛି। ନବନିର୍ବାଚିତ ମୋହନ ମାଝୀଙ୍କ ସରକାର ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ପ୍ରାରମ୍ଭିକ ପର୍ଯ୍ୟାୟରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇଛି। ଦଶନ୍ଧି ଦଶନ୍ଧି ଧରି ହିନ୍ଦୁ ଆସ୍ଥା ଓ ସାଢ଼େ ଚାରି କୋଟି ଓଡ଼ିଆଙ୍କ ଭାବାବେଗକୁ ସମ୍ମାନ ଦିଆଯାଇଛି। ମହାପ୍ରଭୁଙ୍କ ପାଖରେ ବିଶ୍ୱବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବଜ୍ରପାତରେ ଜୀବନ ଗଲା

ବଳଙ୍ଗା,୧୫।୭(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ନିକଟ କୁଆଁରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସୋମବାର ପୂର୍ବାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ନିତ୍ୟାନନ୍ଦ ଯେନା(୫୩)। ସୂଚନା ମୁତାବକ, ନିତ୍ୟାନନ୍ଦ ପୂର୍ବାହ୍ନରେ କୁଆଁରପୁର ଗହିରରେ ଥିବା ବିଲକୁ ଯାଇଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ନିତ୍ୟାନନ୍ଦ ସେଠାରେ ଗୁରୁତର ହୋଇପଡ଼ିଥିଲେ। ପାଖରେ ଥିବା ତାଙ୍କ ସାନ ଭାଇ ଗ୍ରାମବାସୀଙ୍କୁ ଜଣାଇବା ପରେ ସେମାନେ ପହଞ୍ଚି ନିତ୍ୟାନନ୍ଦଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।




# ଘରେ ପହଞ୍ଚିଲେ ବନ୍ଧକ ଯୁବକ: ଜେଲ ଗଲେ ସର୍ଦ୍ଦାର

**ତେଲଙ୍ଗାନାରେ ଆଦିବାସୀ ଯୁବକ ବନ୍ଧକ ଘଟଣା**

ବେଲପଡା, ୧୫।୭
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗାଁର ଆଦିବାସୀ ଯୁବକ ଚୈତନ୍ୟ ଛତ୍ରିଆ ତେଲଙ୍ଗାନାରେ ୭ ଲକ୍ଷ ଟଙ୍କାରେ ବନ୍ଧକ ପରେ ସେ ସେଠାରୁ ବେଲପଡ଼ା ପୋଲିସ ସହାୟତାରେ ଉଦ୍ଧାର ହୋଇ ସୋମବାର ନିଜ ଗାଁରେ ପହଞ୍ଚିଛନ୍ତି। ବନ୍ଧକ ଥିବା ନେଇ ଖବର ପ୍ରକାଶ ପାଇବା ପରେ ବଲାଙ୍ଗୀର ଏସ୍‌ପି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଖବର ଜାଣିବା ପରେ ଏମ୍‌ପି ସଙ୍ଗୀତା ସିଂଦେଓ ହସ୍ତକ୍ଷେପ କରି ଜିଲା ପ୍ରଶାସନକୁ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେବା ସହ ଘଟଣା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ କହିଥିଲେ। ଏହାପରେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ନେତୃତ୍ୱରେ ବେଲପଡା ପୋଲିସ ଏକ ଟିମ୍ ଗଠନ କରି ଗତ ୧୨ ତାରିଖରେ ତେଲଙ୍ଗାନା ରାଜ୍ୟକୁ ଉଦ୍ଧାର ପାଇଁ ଯାଇଥିଲା। ସେଠାରୁ ଶ୍ରମିକଙ୍କୁ ଉଦ୍ଧାର କରି ବେଲପଡା ଥାନାକୁ ସୋମବାର ସନ୍ଧ୍ୟାରେ ସୁରକ୍ଷିତ ଭାବରେ ଆଣିଥିଲା। ପରେ ଦାଦନ ଶ୍ରମିକ ଚୈତନ୍ୟ ବେଲପଡା ଥାନାରୁ ନିଜ ମା'ଙ୍କ ସହ ଘରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଥୁଡିବାହାଲ ଗାଁର ସର୍ଦ୍ଦାର ଚୈତନ୍ୟଙ୍କୁ ଟଙ୍କାର ଲାଳସା ଦେଖାଇ ତାଙ୍କ ମା'ଙ୍କୁ ନ ଜଣାଇ ତେଲଙ୍ଗାନା ରାଜ୍ୟକୁ ଦାଦନ ଭାବେ ନେଇଥିଲେ। ଶ୍ରମିକଙ୍କୁ ସେଠାରେ ଛାଡିଦେଇ ସର୍ଦ୍ଦାର ଘରକୁ ଚାଲିଆସିଥିଲେ। କିନ୍ତୁ ବର୍ଷେ ବିତିଗଲା ପରେ ବି ପୁଅ ଫେରିଲାନି। ବ୍ୟଥିତ ହୋଇ ପରିବାର ଲୋକେ ଯୋଗାଯୋଗ କରିବାରୁ ସେ ସେଠାରେ ବନ୍ଧକ ଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ତାଙ୍କ ମା' ପାର୍ବତୀ ଛତ୍ରିଆ ଗତ ୧୧ ତାରିଖରେ ବେଲପଡା ଥାନାରେ ଅଭିଯୋଗ ଦେବା ମାତ୍ରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସର୍ଦ୍ଦାର କାଳିଆ ମହାନନ୍ଦଙ୍କ ନାମରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି।



ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ

-ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ରଥ ଉପରେ ସୁନାବେଶ ଓ ହଳ ନିଷେଧ



# ଶିକ୍ଷା ପ୍ରଭାବିତ

କେନ୍ଦ୍ରାପଡ଼ା ଜିଲା ଉଦୟନଗରର ଏକ ବେସରକାରୀ ସ୍କୁଲରେ ଜୁଲାଇ ମାସ ଦ୍ୱିତୀୟ ସପ୍ତାହରେ ଅଧିକ ତାପମାତ୍ରା ଓ ଅସହ୍ୟ ଗୁଳୁଗୁଳିରେ ୧୨ ଛାତ୍ରଛାତ୍ରୀ ଚେତାଶୂନ୍ୟ ହେବା ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଏହି ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ ସ୍କୁଲଗୁଡ଼ିକରେ ପିଲାମାନେ ଏଭଳି ସ୍ଥିତିର ସମ୍ମୁଖୀନ ହେଉଥିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। କାରଣ ବହୁ ସ୍କୁଲରେ ବିଦ୍ୟୁତ୍ ନାହିଁ କି ଉନ୍ନତ ଗୃହ ନ ଥିବା ଖବର ବାରମ୍ବାର ସାମ୍ନାକୁ ଆସୁଛି। ଦେଖିବାକୁ ଗଲେ, ମଝି ଆଷାଢ଼ରେ ବର୍ଷା ହେବା କଥା, କିନ୍ତୁ ପୂର୍ବ ଭଳି ଏହି ସମୟରେ କମ୍ ବର୍ଷା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପରିବର୍ତ୍ତିତ ଜଳବାୟୁ ସ୍ଥିତିକୁ ନିଶ୍ଚିତ କରୁଛି ଏବଂ ଶିକ୍ଷା ଉପରେ ଏହାର ପ୍ରଭାବ ଦର୍ଶାଉଛି। ପାର୍ଥକ୍ୟ ହେଉଛି, ଗ୍ରୀଷ୍ମମାସଗୁଡ଼ିକରେ ପ୍ରଚଣ୍ଡ ତାତିରେ ସ୍କୁଲ ଶିକ୍ଷା ବାଧାପ୍ରାପ୍ତ ହେବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଜୀବନ ଅସହ୍ୟ ହୋଇଯାଉଥିବାବେଳେ ବର୍ଷାଦିନେ ଏହାର ପ୍ରଭାବ ଚିନ୍ତା ବଢ଼ାଇବା ସ୍ୱାଭାବିକ। ଏହା ସହ ଶିକ୍ଷା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ନେଇ ନିକଟରେ ପ୍ରକାଶିତ ଗ୍ଲୋବାଲ ଏଜୁକେଶନ ମନିଟରିଂ (ଜିଇଏମ୍) ରିପୋର୍ଟ ବିଶ୍ୱକୁ ଏହି ଗମ୍ଭୀର ସମସ୍ୟା ସମ୍ପର୍କରେ ଚେତାଇ ଦେବା କଥା। ୟୁନାଇଟେଡ୍ ନେଶନ୍ସ ଏଜୁକେଶନାଲ, ସାଇଣ୍ଟିଫିକ୍ ଆଣ୍ଡ୍ କଲ୍‌ଚରାଲ ଅର୍ଗାନାଇଜେଶନ(ୟୁନେସ୍କୋ) ଏବଂ ମନିଟରିଂ ଆଣ୍ଡ୍ ଇଭାଲ୍ୟୁଟିଂ କ୍ଲାଇମେଟ୍ କମ୍ୟୁନିକେଶନ ଆଣ୍ଡ୍ ଏଜୁକେଶନ (ଏମ୍‌ଇସିସିଇ) ତଥା କାନାଡ଼ାର ୟୁନିଭର୍ସିଟି ଅଫ୍ ସାସ୍‌କେଚେୱାନ୍‌ର ମିଳିତ ସହଯୋଗରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି, ଜଳବାୟୁଜନିତ ଅତ୍ୟଧିକ ଉତ୍ତାପ, ବନାଗ୍ନି, ବନ୍ୟା, ବାତ୍ୟା, ମରୁଡ଼ି, ରୋଗ ଓ ସମୁଦ୍ର ପତନ ବୃଦ୍ଧି ଚଳିତ ଦଶନ୍ଧିରେ ଶିକ୍ଷାରେ କ୍ଷତି ପହଞ୍ଚାଇଛି। ଏହା ସହ ସ୍କୁଲରେ ପିଲାମାନଙ୍କର ଜ୍ଞାନ, ଦକ୍ଷତା କମିବା ସହ ଡ୍ରପ୍ ଆଉଟ୍ ( ଅଧାରୁ ପାଠ ଛାଡ଼ିଦେବା) ସଂଖ୍ୟା ବୃଦ୍ଧି ପାଇବାର ବେଶି ସମ୍ଭାବନା ଅଛି। ଦେଖିବାକୁ ଗଲେ ଜଳବାୟୁ ବିସ୍ଥାପିତଙ୍କ ମଧ୍ୟରେ ପିଲାମାନେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ପ୍ରଭାବିତ ହୋଇଥାନ୍ତି। ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ (ୟୁନାଇଟେଡ୍ ନେଶନ୍ସ ହାଇ କମିଶନ ଫର୍ ରିଫ୍ୟୁଜିସ୍)ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱରେ ୨୦ ମିଲିୟନ (ପ୍ରାୟ ୨ କୋଟି) ଲୋକ ବିସ୍ଥାପିତ ହେଉଛନ୍ତି। କେବଳ ୨୦୨୨ରେ ୩୨.୬ ମିଲିୟନ ଲୋକ ବିପର୍ଯ୍ୟୟ ଯୋଗୁ ବିସ୍ଥାପିତ ହୋଇଥିଲେ। ଭାରତ, ବାଂଲାଦେଶ, ଇଣ୍ଡୋନେସିଆ ଓ ଭିଏଟନାମ ଭଳି ଦେଶରେ ଜଳବାୟୁ ପରିବର୍ତ୍ତନ ବିପର୍ଯ୍ୟୟ ଯୋଗୁ ସମାୟିକ, ସ୍ଥାୟୀ, ସରକାରୀ ଯୋଜନାଭିତ୍ତିକ ତଥା ସୀମାପାର ବିସ୍ଥାପନ ଦେଖିବାକୁ ମିଳିଛି, ଯେଉଁଥିରେ ପିଲାମାନଙ୍କ ଶିକ୍ଷାରେ ନକାରାତ୍ମକ ପ୍ରଭାବ ପଡ଼ିଛି।

> ଏବେ ଦେଖାଯାଉଛି, ଜଳବାୟୁଜନିତ ବିପର୍ଯ୍ୟୟ ଯୋଗୁ ବହୁ ଅଞ୍ଚଳରୁ ଲୋକେ ଅନ୍ୟତ୍ର ପଳାୟନ କରୁଛନ୍ତି। ଏହା ସହ ମରୁଡ଼ି ଯୋଗୁ ଜୀବିକା ଅନ୍ୱେଷଣରେ ବିଭିନ୍ନ ସହରକୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ଲୋକମାନେ ଚାଲିଯାଉଛନ୍ତି। ଫଳରେ ସେମାନଙ୍କ ସହ ଯାଉଥିବା ପିଲାମାନଙ୍କର ଶିକ୍ଷାରେ ବାଧା ସୃଷ୍ଟି ହେଉଛି।

ଜିଇଏମ୍ ରିପୋର୍ଟର ବାସ୍ତବତା ଭାରତରେ ମଧ୍ୟ ଅନୁଭବ କରାଯାଇପାରେ। ଏଭଳି ଏକ ବିଶାଳ ଜନସଂଖ୍ୟାବହୁଳ ଦେଶରେ ଅନିୟମିତ ବର୍ଷା, ବନ୍ୟା, ବାତ୍ୟା, ମରୁଡ଼ି ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ହେତୁ ଏଗୁଡ଼ିକର ସଂଖ୍ୟା ଓ ତୀବ୍ରତା ବୃଦ୍ଧିପାଉଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ) ଆକଳନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ କାରଣରୁ ୨୦୫୦ ସୁଦ୍ଧା ଭାରତରେ ପାଖାପାଖି ୬୫ ମିଲିୟନ ଲୋକ ବିସ୍ଥାପିତ ହେବେ। ଏବେ ଦେଖାଯାଉଛି, ଜଳବାୟୁଜନିତ ବିପର୍ଯ୍ୟୟ ଯୋଗୁ ବହୁ ଅଞ୍ଚଳରୁ ଲୋକେ ଅନ୍ୟତ୍ର ପଳାୟନ କରୁଛନ୍ତି। ଏହା ସହ ମରୁଡ଼ି ଯୋଗୁ ଜୀବିକା ଅନ୍ୱେଷଣରେ ବିଭିନ୍ନ ସହରକୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ଲୋକମାନେ ଚାଲିଯାଉଛନ୍ତି। ଫଳରେ ସେମାନଙ୍କ ସହ ଯାଉଥିବା ପିଲାମାନଙ୍କର ଶିକ୍ଷାରେ ବାଧା ସୃଷ୍ଟି ହେଉଛି। ପିଲାମାନେ ନିଜ ଭାଷାରେ ଶିକ୍ଷା ପାଇପାରୁ ନାହାନ୍ତି କିମ୍ବା ସ୍କୁଲରେ ନାମଲେଖାଇ ପଢ଼ିବାର ସୁଯୋଗ ମଧ୍ୟ ପାଉନାହାନ୍ତି। ଏଭଳି ସ୍ଥିତିରେ ଅଧିକାଂଶ ପିଲା ଅଧାରୁ ପାଠପଢ଼ା ଛାଡ଼ିଦେଉଛନ୍ତି। ଭାରତରେ ଡ୍ରପ୍ ଆଉଟ୍ ସମସ୍ୟାର ବିଭିନ୍ନ କାରଣ ମଧ୍ୟରୁ ଏହା ମୁଖ୍ୟ ବୋଲି କୁହାଯାଇପାରେ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ହେତୁ ଶିକ୍ଷାରେ ଉପୁଜୁଥିବା ଅସ୍ୱାଭାବିକ ସ୍ଥିତି ଦୂର କରିବା ଲାଗି ଭିତ୍ତିଭୂମି ଓ ଜଳବାୟୁ ସୁରକ୍ଷା ବ୍ୟବସ୍ଥା ମଜଭୁତ କରାଯିବା ଆବଶ୍ୟକ। ଏହାପାଇଁ ଯୋଜନା ଓ ପାଣ୍ଠି ପ୍ରସ୍ତୁତ କରିବା ପୂର୍ବରୁ ସବୁ ସ୍ତରରେ ଚିନ୍ତାକରି ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଲାଣି।

# ନିଶା ନିବାରଣ ଓ ସରକାର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ଓଡ଼ିଶା ସରକାର ରାଜ୍ୟକୁ ମଦମୁକ୍ତ କରିବା ପାଇଁ ପ୍ରୟାସ କରିବେ ବୋଲି ଘୋଷଣା କରିଛନ୍ତି। କେହି କେହି ଏହା ରାଜ୍ୟର ଅର୍ଥନୀତିକୁ ଦୁର୍ବଳ କରିବ ବୋଲି ଆଶଙ୍କା ପ୍ରକାଶ କରୁଥିବା ବେଳେ ଆଉ କେହି କେହି କହୁଛନ୍ତି ମଦ୍ୟପାନ କରିବା ଅଭ୍ୟାସକୁ ମୂଳୋତ୍ପାଟନ କରିବା ସମ୍ଭବ ନୁହେଁ। ଏହି ପ୍ରସଙ୍ଗରେ ତତ୍କାଳୀନ ବାମଣ୍ଡା ରାଜା ସୁଢଳ ଦେବ ଓ ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗୀ ପ୍ରଣିଧାନଯୋଗ୍ୟ ମନେହୁଏ। ଭାରତ ସ୍ୱାଧୀନ ହେବା ପୂର୍ବରୁ ଭାରତକୁ ଏକ ନିଶାମୁକ୍ତ ଦେଶ ଭାବରେ ଗଢ଼ି ତୋଳିବା ପାଇଁ ସ୍ୱପ୍ନ ଦେଖିଥିଲେ ମହାତ୍ମା ଗାନ୍ଧୀ। ସେ ଉପଲବ୍ଧି କରିଥିଲେ ମଦ ମଣିଷକୁ ବିଭ୍ରାନ୍ତ କରେ, ରୁଗ୍ଣ କରେ, ବିଚାରଶକ୍ତିକୁ ଭ୍ରଷ୍ଟ କରେ, କଳହ ସୃଷ୍ଟି କରେ ଓ ପାରିବାରିକ ଜୀବନକୁ ନଷ୍ଟ କରେ। ଏଣୁ ସେ ନବଜୀବନ, ୟଙ୍ଗ୍ ଇଣ୍ଡିଆ ଓ ହରିଜନ ଆଦି ପତ୍ରିକାରେ ନିଶାସେବନର ଭୟାବହ ପରିଣତି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଧାରାବାହିକ ଭାବରେ ପ୍ରବନ୍ଧ ଲେଖୁଥିଲେ। ମାତ୍ର ଗାନ୍ଧୀଙ୍କ ବହୁପୂର୍ବରୁ ଓଡ଼ିଶାର ବାମଣ୍ଡା ରାଜ୍ୟର ରାଜା ସାର୍ ବାସୁଦେବ ସୁଢଳଦେବ (୧୮୬୯-୧୯୦୩) ମାଦକଦ୍ରବ୍ୟର ଭୟଙ୍କର ପରିଣତିକୁ ଦୃଷ୍ଟିରେ ରଖି ନିଜ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ସଂକଳ୍ପ କରି କଠୋର ପଦକ୍ଷେପ ନେଇଥିଲେ। ତାଙ୍କର ଜୀବନୀ ଲେଖକ ଚଣ୍ଡୀଚରଣ ବନ୍ଦୋପାଧ୍ୟାୟଙ୍କ ଭାଷାରେ "ଭାରତରେ ମାଦକ ଦ୍ରବ୍ୟ ସେବନ ନିବାରଣ ବିଷୟରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ଭଳି ଆଦର୍ଶ ନରପତି ଆଉ ଦ୍ୱିତୀୟ ଅଛନ୍ତି କି ନାହିଁ ଜାଣିନାହିଁ, ବୋଧହୁଏ ନାହାନ୍ତି। ପ୍ରଜାମାନଙ୍କର ମାଦକ ସେବନ ବିଷୟରେ ଏଭଳି କଠୋର ତପସ୍ୟାପରାଣୟ ନରପତି କାହିଁକି, ଧର୍ମଗୁରୁ ମଧ୍ୟ ଦୁର୍ଲଭ ବୋଲି ମନେ ହୁଏ।"

ସୁଢଳଦେବ ମାଦକ ପର୍ଯ୍ୟାୟଭୁକ୍ତ ସମସ୍ତ ଦ୍ରବ୍ୟର ବ୍ୟବହାର ଆଇନ ଦ୍ୱାରା ନିଷିଦ୍ଧ ଘୋଷଣା କରିଥିଲେ ଓ କେହି ଆଇନ ଭଙ୍ଗ କଲେ ଗୁରୁତର ଦଣ୍ଡର ବ୍ୟବସ୍ଥା କରିଥିଲେ। ଥରେ ଜଣେ ସମ୍ଭ୍ରାନ୍ତ ପଦସ୍ଥ ଆତ୍ମୀୟ ସୁରାସେବନ କରିଥିବାରୁ ରାଜା ନିଜେ ତାକୁ ପ୍ରହାର କରି ଦଣ୍ଡ ଦେଇଥିଲେ। ଏକଦା ରାଜା ଜଣେ ବିଦେଶୀ କର୍ମଚାରୀ ଅଫିମ ସେବନ କରୁଥିବା ସନ୍ଦେହ କରିଥିଲେ। ଅନୁସନ୍ଧାନରୁ ସେ ଜାଣିଲେ ଯେ, ପୋଷ୍ଟ ଅଫିସର ପାର୍ସଲ ମାଧ୍ୟମରେ ସେ କଲିକତାରୁ ଅଫିମ ଆଣୁଥିଲେ। ରାଜା ତାକୁ ପ୍ରାପ୍ୟବେତନ ଦେଇ ତତ୍‌କ୍ଷଣାତ୍ ରାଜ୍ୟରୁ ବହିଷ୍କାର କରିଥିଲେ। ରାଜଧାନୀ ଦେବଗଡ଼କୁ କେନ୍ଦ୍ରକରି ଚାରି ପାଖରେ ୧୦ ମାଇଲ ମଧ୍ୟରେ ସୁରାସେବନ ନିଷିଦ୍ଧ କରାଯାଇଥିଲା। ଯେଉଁମାନେ ରାଜାଦେଶ ଅମାନ୍ୟ କରୁଥିଲେ, ସେମାନଙ୍କ ପାଇଁ ବେତ୍ରାଘାତ ଦଣ୍ଡର ବ୍ୟବସ୍ଥା ଥିଲା। ଅଫିମ, ଗଞ୍ଜେଇ ଓ ସୁରା ଅନେକ ସମୟରେ ଔଷଧ ତିଆରିରେ ବ୍ୟବହୃତ ହେଉଥିଲା।



ପୁନଶ୍ଚ କିଛି ଲୋକ ଅଭ୍ୟାସଗତ ନିଶାସକ୍ତ ଥିଲେ, ଯେଉଁମାନେ କୌଣସି ଆଇନକୁ ମାନୁ ନ ଥିଲେ ଓ ଦଣ୍ଡିତ ହେଉଥିଲେ। ଏଣୁ ରାଜା ନିଶାଦ୍ରବ୍ୟର ଅତି ସୀମିତ ବ୍ୟବହାର ପାଇଁ ବ୍ୟବସ୍ଥା ରଖିଥିଲେ। ନିମ୍ନଶ୍ରେଣୀର ଅଭ୍ୟାସଗତ ସୁରାପାନକାରୀଙ୍କୁ ବର୍ଷକୁ ଥରେ ବା ଦୁଇଥର ପାର୍ବଣ ଉପଲକ୍ଷେ ସ୍ୱଗୃହ ପ୍ରସ୍ତୁତ ସୁରା ସେବନର ଅନୁମତି ଦେଇଥିଲେ। ମାତ୍ର ନିର୍ଦ୍ଦିଷ୍ଟ ଦିନପରେ ସେମାନଙ୍କ ଘରେ ସୁରା ମହଜୁଦ ଥିଲେ ସେମାନଙ୍କୁ ରାଜଦଣ୍ଡରେ ଦଣ୍ଡିତ କରାଯାଉଥିଲା। ରାଜା ଥାନାରେ ଅଫିମ ବିକ୍ରିର ବ୍ୟବସ୍ଥା କରିଥିଲେ। ସେଠାରେ ଅଫିମ ଆସକ୍ତ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେମାନେ ଅତି ସୀମିତ ପରିମାଣର ଅଫିମ ଥାନାରୁ କ୍ରୟ କରୁଥିଲେ। ରାଜା ଭାବୁଥିଲେ, ତାଲିକାଭୁକ୍ତ ଅଫିମ ଆସକ୍ତ ଲୋକେ ମରିଗଲାପରେ ରାଜ୍ୟ ଅଫିମ ସେବନ ଅପବାଦରୁ ମୁକ୍ତ ହେବ। ଏହାବ୍ୟତୀତ ଅଫିମ ସେବନ କରୁଥିବା ବ୍ୟକ୍ତିଙ୍କୁ ରାଜ୍ୟରେ କୌଣସି ନିଯୁକ୍ତି ଦିଆଯାଉ ନଥିଲା। ଏହା ସ୍ପଷ୍ଟ ଭାବରେ ଲିଖିତ ଅଛି ପ୍ରଶାସନିକ ବିବରଣୀ ୧୮୯୩ରେ। ପୁନଶ୍ଚ ଜଣେ ଖ୍ୟାତନାମା ଇଂରେଜ ଧର୍ମଯାଜକ ପି. ଇ. ହେବେରଲେଟ୍ ୧୮୯୭ରେ ଲେଖିଲେ, "ଏହା ସୁଖର କଥା ହୁଅନ୍ତା, ଯଦି ଭାରତର ଅନ୍ୟ ରାଜାମାନେ ଓ ବ୍ରିଟିଶ୍ ସରକାର ଏହି ରାଜାଙ୍କୁ ଅନୁକରଣ କରନ୍ତେ ଓ ନାଗରିକମାନଙ୍କ ପାଇଁ କ୍ଷତିକାରକ ଓ ରାଜ୍ୟର ସମୃଦ୍ଧିବାଧକ ନିଶାଦ୍ରବ୍ୟର ବିକ୍ରୟରୁ ରାଜସ୍ୱ ସଂଗ୍ରହ କରନ୍ତେ ନାହିଁ।" ରାଜା ସୁଢଳଦେବ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବା ଦ୍ୱାରା ବହୁ ପରିମାଣର ରାଜସ୍ୱ ହରାଉଥିଲେ। ମାତ୍ର ତଦ୍ଦ୍ୱାରା ସେ କେବେ ଦୁଃଖିତ ନ ଥିଲେ। ସେ ଖୁସିଥିଲେ ଯେ, ପ୍ରଜାମାନେ ନିଶାଦ୍ରବ୍ୟ କିଣିବା ଅପବ୍ୟୟରୁ ମୁକ୍ତ ହୋଇ ଅନ୍ତତଃ ଦିନକୁ ଦୁଇଓଳା ଦୁଇମୁଠା ଅନ୍ନ ପାଇ ପାରୁଥିଲେ।

ରାଜା ସୁଢଳଦେବଙ୍କ ସହ ମହାତ୍ମା ଗାନ୍ଧୀଙ୍କ କେବେ ସାକ୍ଷାତ୍ ହୋଇ ନ ଥିଲା। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିବା ବେଳକୁ (୧୯୧୫) ସୁଢଳଦେବଙ୍କ ମୃତ୍ୟୁ ହୋଇସାରିଥିଲା (୧୯୦୩)। ମାତ୍ର ରାଜାଙ୍କ ମାଦକଦ୍ରବ୍ୟ ସେବନ ପ୍ରତି ଥିବା କଠୋର ଦୃଷ୍ଟିଭଙ୍ଗୀ ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କଠାରେ ପରିଲକ୍ଷିତ ହୋଇଥିଲା। ତାଙ୍କ ଜନ୍ମର ଶହେ ପଚାଶ ବର୍ଷ ପରେ ମଧ୍ୟ ତାଙ୍କ ସ୍ୱପ୍ନର ନିଶାମୁକ୍ତ ଭାରତ ସମ୍ଭବ ହୋଇ ପାରିନାହିଁ, ବରଂ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ମଦ ବଣ୍ଟନ ଏକ ମାଧ୍ୟମ ଭାବରେ ବ୍ୟବହୃତ ହେଉଛି। ପୁଣି ସରକାର ଯୁକ୍ତି କରୁଛନ୍ତି, ମଦରୁ ରାଜସ୍ୱ ଆସୁଛି ଓ ତଦ୍ଦ୍ୱାରା ଜନହିତକର କାର୍ଯ୍ୟ କରାହେଉଛି, ଲାଇସେନ୍ସପ୍ରାପ୍ତ ଦୋକାନରେ ମଦ ବିକ୍ରି ନ ହେଲେ ଚୋରାମଦ କାରବାର ବଢ଼ିବ ଓ ସ୍ୱଇଚ୍ଛାରେ ମଦ୍ୟପାନ କରୁଥିବା ଲୋକଙ୍କୁ ଏହି ଅଭ୍ୟାସ ତ୍ୟାଗ କରିବା ପାଇଁ ବାଧ କରିହେବ ନାହିଁ। ମାତ୍ର ଏହି ପ୍ରସଙ୍ଗରେ ଗାନ୍ଧିଜୀ ୧୯୨୫ ମାର୍ଚ୍ଚ ୧ ତାରିଖ 'ନବଜୀବନ'ରେ ଲେଖିଥିଲେ ଯେ, ମଦ୍ୟପାନ ଏକ ଅପରାଧ ଭାବରେ ବିବେଚିତ ହେବା ଉଚିତ। କାରଣ ଯାହା ଜୀବନ ପାଇଁ କ୍ଷତିକାରକ, ତା'ର ପ୍ରସ୍ତୁତି ବା ବିକ୍ରି ପାଇଁ କୌଣସି ବ୍ୟକ୍ତିର ଅଧିକାର ନାହିଁ। କୌଣସି ବ୍ୟକ୍ତିକୁ ସ୍ୱାଧୀନତା ନାମରେ ଯେପରି ଚୋରି କରିବା ପାଇଁ ଛାଡ଼ି ଦିଆଯାଏ ନାହିଁ, ସେପରି ମଦ ପ୍ରସ୍ତୁତି ଓ ବିକ୍ରି ପାଇଁ ମଧ୍ୟ ସ୍ୱାଧୀନତା ଦିଆଯାଇ ନ ପାରେ। ଯେଉଁମାନେ ମଦ ପିଇବେ, ସେମାନେ ଆଇନ ଉଲ୍ଲଂଘନ କରୁଛନ୍ତି ଓ ଆଇନ ଅନୁସାରେ ସେମାନେ ଦଣ୍ଡିତ ହେବା ଉଚିତ। ଗାନ୍ଧିଜୀ କହିଥିଲେ, "ସ୍ୱାଧୀନତାର ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା।" ଗୋଟିଏ ଉଦାହରଣ ଦେଇ ସେ କହିଥିଲେ, ନିଜ ଜମିକୁ ଖୋଳିଦେବାର ଅଧିକାର ମାଲିକର ଥାଇପାରେ। ମାତ୍ର ସେ ଏଭଳି ଖୋଳିପାରିବ ନାହିଁ, ଯଦ୍ଦ୍ୱାରା ପଡ଼ୋଶୀ ଘରର ମୂଳଦୁଆ ଭୁଶୁଡ଼ିପଡ଼ିବ। ଯେଉଁମାନେ ମଦ ପିଅନ୍ତି, ତା'ର କୁଫଳ ତା'ର ପରିବାର ଓ ପଡ଼ୋଶୀ ମଧ୍ୟ ଭୋଗ କରନ୍ତି।

କିଛି ଲୋକ ଯୁକ୍ତି କରନ୍ତି, ମଦ ବିକ୍ରିରୁ ଯେଉଁ ରାଜସ୍ୱ ଆସୁଛି ସେଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଅନେକ ସ୍କୁଲ, କଲେଜ ଚାଲୁଛି। ଶିକ୍ଷାର ପ୍ରସାର ଘଟୁଛି। ମାତ୍ର ଗାନ୍ଧିଜୀ ୧୯୨୭ ମସିହାରେ 'ୟଙ୍ଗ୍ ଇଣ୍ଡିଆ'ରେ କହିଥିଲେ, "ଭାରତରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ ଲକ୍ଷ ଲୋକ ମଦ୍ୟପ ହେବା ଅପେକ୍ଷା ଆମ ଦେଶ ନିଜ ପିଲାଙ୍କ ଶିକ୍ଷା ବାବଦ ବ୍ୟୟ ତୁଲାଇ କାଙ୍ଗାଳ ହୋଇଯିବା ବରଂ ଶ୍ରେୟସ୍କର। ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସରକାର ଭରଣା କରିବା ପାଇଁ ଦେଶର ପିଲାଏ ମୂର୍ଖ ରହିବାକୁ ମୁଁ ଅଧିକ ପସନ୍ଦ କରିବି। ଅବକାରୀ ଭଳି ଘୃଣିତ ଓ ପାପପୂର୍ଣ୍ଣ ରାଜସ୍ୱ ଆୟଠାରୁ ବଳି ଅଧିକ ଅନୈତିକ ବ୍ୟାପାର ଆଉ କିଛି ନାହିଁ।" ଗାନ୍ଧୀଙ୍କ ମତରେ ଆର୍ଥିକ କ୍ଷତିଠାରୁ ନୈତିକ ଅଧଃପତନ ବେଶି ଗୁରୁତର। ମଦ୍ୟପ ସ୍ତ୍ରୀ, ମାଆ ଓ ଭଉଣୀ ମଧ୍ୟରେ ପାର୍ଥକ୍ୟ ଭୁଲିଯାଏ ଓ ପାପାଚରଣ କରେ। ସେ ବିବେକଭ୍ରଷ୍ଟ ହୁଏ। ଖାଇବା, ପିଇବା ଓ ଆନନ୍ଦ କରିବା ପାଇଁ ବଞ୍ଚି ରହିବା ଜୀବନର ଲକ୍ଷ୍ୟ ନୁହେଁ। ଏହି ଦେହ ହେଉଛି ଈଶ୍ୱରଙ୍କ ମନ୍ଦିର ଓ ମନୁଷ୍ୟ ଜାତିର ମଙ୍ଗଳ ପାଇଁ ତା'ର ବିନିଯୋଗ କରିବା ଲାଗି ଯେଉଁ ଖାଦ୍ୟ ଓ ପାନୀୟ ଆବଶ୍ୟକ, ତାହା ଗ୍ରହଣ କରିବା ଉଚିତ ବୋଲି ସେ କହୁଥିଲେ।

ମୋ: ୯୪୩୭୩୨୯୨୬୩

# ଭାରତରେ ଫାଷ୍ଟଫୁଡ୍



ଇପ୍ସିତା ମହାନ୍ତି

ଭାରତୀୟ ଖାଦ୍ୟ ସଂସ୍କୃତି ଆଜି ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ ଆଡ଼କୁ ଗତି କରୁଛି। ଏହାକୁ 'ଆଧୁନିକ' ଖାଦ୍ୟର ମୂଳ ଆଧାର ବୋଲି କୁହାଗଲାଣି। ଏହି ଖାଦ୍ୟ ଆମ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି। ଯେଉଁ କଥା ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଦୀର୍ଘ ଦିନରୁ ସତର୍କ କରାଇଛନ୍ତି, ନିକଟରେ ପ୍ରକାଶିତ ଘରୋଇ ଉପଭୋକ୍ତା ଏବଂ ବ୍ୟୟ ସର୍ବେକ୍ଷଣ (ଏଚ୍‌ସିଇଏସ୍) ତଥ୍ୟ ପୁଣି ସେହି କଥା ଉଜାଗର କରିଛି। ଏହି ନବୀନତମ ସର୍ବେକ୍ଷଣ ଅଗଷ୍ଟ ୨୦୨୨ରୁ ଜୁଲାଇ ୨୦୨୩ ମଧ୍ୟରେ ହୋଇଥିଲା। ୧୧ବର୍ଷର ବ୍ୟବଧାନ ପରେ ପ୍ରକାଶିତ ଏହି ସର୍ବେକ୍ଷଣକୁ ପୂର୍ବ ସର୍ବେକ୍ଷଣ ସହିତ ତୁଳନା କରାଯାଇ ନ ପାରେ। ସଦ୍ୟତମ ଏହି ଘରୋଇ ଉପଭୋକ୍ତା ଏବଂ ବ୍ୟୟ ସର୍ବେକ୍ଷଣରେ ଅନେକ ନୂତନ ତଥ୍ୟ ସ୍ଥାନିତ ହୋଇଛି। ଏଥିରେ ପରିବର୍ତ୍ତନର ବ୍ୟାପକ ଧାରା ମଧ୍ୟ ସ୍ପଷ୍ଟ ହୋଇଛି। ଏଗୁଡ଼ିକ ମଧ୍ୟରେ ଏକ ଧାରା ଭାରତୀୟ ଖାଦ୍ୟପେୟ ସହିତ ଜଡ଼ିତ। ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ମୋଟ ଖାଦ୍ୟ ଉପଭୋକ୍ତା ବ୍ୟୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶସ୍ୟ ଏବଂ ଡାଲି ଜାତୀୟ ଖାଦ୍ୟର ବ୍ୟବହାରିତା ଦ୍ରୁତ ଗତିରେ ହ୍ରାସ ପାଉଛି। ୧୯୯୯-୨୦୦୦ରେ ଗ୍ରାମାଞ୍ଚଳ ପରିବାର ଖର୍ଚ୍ଚ କରିଥିବା ଶସ୍ୟ ଜାତୀୟ ଖାଦ୍ୟ ମୋଟ ଉପଭୋକ୍ତା ଖର୍ଚ୍ଚର ୨୨.୧୬ ପ୍ରତିଶତ ଥିଲା, ଯାହା ବର୍ତ୍ତମାନ ୪.୯୧ ପ୍ରତିଶତକୁ ହ୍ରାସ ପାଇଛି। ଏହି ଅବଧିରେ ସହରାଞ୍ଚଳ ପରିବାରରେ ଏହି ଖର୍ଚ୍ଚ ୧୨ ପ୍ରତିଶତରୁ ୩.୬୪ ପ୍ରତିଶତକୁ ହ୍ରାସ ପାଇଛି। ସେହିଭଳି ୧୯୯୯-୨୦୦୦ରେ ଗ୍ରାମାଞ୍ଚଳ ପରିବାରରେ ଡାଲି ଜାତୀୟ ଖାଦ୍ୟର ଖର୍ଚ୍ଚ ମୋଟ ଉପଭୋକ୍ତା ଖର୍ଚ୍ଚର ୩.୮୧ ପ୍ରତିଶତ ଥିଲା, ଯାହା ବର୍ତ୍ତମାନ ୧.୭୭ ପ୍ରତିଶତକୁ କମିଛି। ସହରାଞ୍ଚଳ ପରିବାରରେ ଏହା ୨.୮୪ ପ୍ରତିଶତରୁ ୧.୨୧ ପ୍ରତିଶତକୁ ହ୍ରାସ ପାଇଛି। ଏଥିରୁ ସ୍ପଷ୍ଟ ଯେ ଗ୍ରାମୀଣ ପରିବାରରେ ଉଭୟ ଶସ୍ୟ ଏବଂ ଡାଲି ଜାତୀୟ ଖାଦ୍ୟର ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି। ଏହାର ଏକ ମୁଖ୍ୟ କାରଣ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ମାଗଣା ଏବଂ ସବସିଡି ଯୁକ୍ତ ଖାଦ୍ୟଶସ୍ୟ (ଶସ୍ୟ ଏବଂ ଡାଲି) ବଣ୍ଟନ କାର୍ଯ୍ୟକ୍ରମ ହୋଇପାରେ।

ସଦ୍ୟତମ ଘରୋଇ ଉପଭୋକ୍ତା ଏବଂ ବ୍ୟୟ ସର୍ବେକ୍ଷଣରୁ ଜଣାଯାଏ ଯେ, ଲୋକମାନେ ବର୍ତ୍ତମାନ ମାଛ, ମାଂସ, ଦୁଗ୍ଧ, ଅଣ୍ଡା, ଫଳ ଏବଂ ପନିପରିବା ପାଇଁ ଅଧିକ ଖର୍ଚ୍ଚ କରିବା ଆରମ୍ଭ କରିଛନ୍ତି। ସର୍ବେକ୍ଷଣ କହୁଛି ଭାରତୀୟମାନେ ଅଧିକ ଶୁଖିଲା ଫଳ ଖାଉଛନ୍ତି। କିନ୍ତୁ ଏହି ସର୍ବେକ୍ଷଣର ପରିସଂଖ୍ୟାନ ସମ୍ପୂର୍ଣ୍ଣ ବିଷୟ ପରିପ୍ରକାଶ କରେନାହିଁ। ଏଥିରେ ଚିନ୍ତିତ କଲାଭଳି ଏକାଧିକ ସୂଚକ ରହିଛି। ୨୦୧୧-୧୨ରେ ଉଭୟ ସହରାଞ୍ଚଳ ଏବଂ ଗ୍ରାମୀଣ ଭାରତୀୟଙ୍କ 'ପାନୀୟ ଏବଂ ପ୍ରକ୍ରିୟାକୃତ ଖାଦ୍ୟ'ର ମାସିକ ମୁଣ୍ଡପିଛା ଖର୍ଚ୍ଚ ୭.୯ ରୁ ୯.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୧୯୯୯-୨୦୦୦ରେ ଏହା ୪.୧୯ ପ୍ରତିଶତ ଥିଲା। ଏଥିସହିତ ଗତ ଦଶନ୍ଧିର ଏହି ଅବଧିରେ ଭାରତର ଗ୍ରାମାଞ୍ଚଳରେ ପାନ, ତମାଖୁ ଏବଂ ଅନ୍ୟାନ୍ୟ



ମାଦକଦ୍ରବ୍ୟର ଖର୍ଚ୍ଚ ୩.୨୧ ରୁ ୩.୭୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଯାହା ୧୯୯୯-୨୦୦୦ରେ ୨.୮୭ ପ୍ରତିଶତ ଥିଲା। ଏହି ଆକଳନରୁ ଲୋକଙ୍କ ଆଦୃତ ସ୍ପଷ୍ଟ ଭାବେ ପ୍ରତୀୟମାନ ହୋଇଥାଏ।

ଭାରତୀୟ ସହରଗୁଡ଼ିକର ଆହାର (ଡାଏଟ) ସମ୍ବନ୍ଧୀୟ ତଥ୍ୟ ଆହୁରି ଚିନ୍ତାଜନକ। ସଦ୍ୟତମ ଆକଳନ ଅନୁଯାୟୀ ସହରାଞ୍ଚଳ ଭାରତରେ ମୋଟ ମାସିକ ଉପଭୋକ୍ତା ଖର୍ଚ୍ଚର ପ୍ରାୟ ୧୧ ପ୍ରତିଶତ ପ୍ରକ୍ରିୟାକୃତ ଖାଦ୍ୟ ପାଇଁ ଖର୍ଚ୍ଚ ହେଉଛି। ଏହା ଏମିତି ଏକ ମୁହୂର୍ତ୍ତ, ଯେତେବେଳେ ଜୀବନଶୈଳୀ ସହ ଜଡ଼ିତ ରୋଗ ଭାରତରେ ମହାମାରୀ ପରି ବ୍ୟାପୁଛି, ଯାହାର ଏକ ପ୍ରମୁଖ କାରଣ ଖରାପ ଖାଦ୍ୟାହାର। ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ଦେଶର ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରକ୍ରିୟାକୃତ ଖାଦ୍ୟର ବ୍ୟବହାର ବୃଦ୍ଧି ପାଉଛି। ଭାରତୀୟଙ୍କ ଆହାର ଶୈଳୀର ଏହି ପରିବର୍ତ୍ତନ ସହିତ ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ନିବିଡ଼ ସମ୍ପର୍କ ରହିଛି। ବିଭିନ୍ନ ଅଧ୍ୟୟନ ଏବଂ ଅନୁସନ୍ଧାନ କହୁଛି ଯେ, ଏହି ପ୍ରକ୍ରିୟାକୃତ ଖାଦ୍ୟ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଣ ସଂକ୍ରାମକ ରୋଗ ପାଇଁ ଏକ ବିପଦପୂର୍ଣ୍ଣ କାରକ। ଲୁଣିଆ ସ୍ନାକ୍ସର ଅତ୍ୟଧିକ ଉତ୍ପାଦନ ଓ ବ୍ୟବହାର ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୩ରେ ପ୍ରକାଶ କରିଥିଲା। କାରଣ ଏଭଳି ଖାଦ୍ୟାହାର ଲୋକଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ ଏବଂ ଅନ୍ୟାନ୍ୟ ଅଣ ସଂକ୍ରାମକ ରୋଗ ବୃଦ୍ଧିର ଆଶଙ୍କା ସୃଷ୍ଟି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରେ ଏହା କୁହାଯାଇଛି ଯେ, ଖୁଚୁରା ବିକ୍ରୟ ପରିମାଣ ଅନୁଯାୟୀ ପ୍ରସ୍ତୁତ ତଥା ସୁବିଧାଜନକ ଭୋଜନର ଉପ-ଶ୍ରେଣୀରେ ସସ୍/ପ୍ୟାକେଟ ଖାଦ୍ୟ/ମସଲାର ପ୍ରାଧାନ୍ୟ ରହିଛି। ଏହା ପଛକୁ ତୁରନ୍ତ ପ୍ରସ୍ତୁତ ହେଉଥିବା ଖାଦ୍ୟ, ନୁଡୁଲ୍ସ ଏବଂ ରେଡି ଟୁ ଇଟ୍ ନାମରେ ବିକ୍ରି ହେଉଥିବା ରନ୍ଧନ ସାମଗ୍ରୀ ଅଛି। ଏହି ଉତ୍ପାଦଗୁଡ଼ିକ ପ୍ରାୟତଃ ଚିନି, ଲୁଣ, ତେଲ, ମସଲା ଏବଂ ସନ୍ତୁଳିତ ଚର୍ବିରେ ଭରି ରହିଥାଏ। ତେଣୁ ନିୟମିତ ଏଭଳି ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଖୁଚୁରା ବିକ୍ରୟ ମୂଲ୍ୟ ସନ୍ଦର୍ଭରେ ୨୦୨୧ରେ ଏହି ଶ୍ରେଣୀର ବଜାର ଅଂଶଧନ ୯୦ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୨୦୧୧ ରେ ୮୮ ପ୍ରତିଶତ ଥିଲା।

ଯେହେତୁ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି, ତେଣୁ ଅତ୍ୟଧିକ ଶର୍କରା ଏବଂ ଉଚ୍ଚ ଗ୍ଲାଇସେମିକ ଇଣ୍ଡେକ୍ସ (କାର୍ବୋହାଇଡ୍ରେଟ ଯୁକ୍ତ ଆହାରର ପାଚନ ଏବଂ ଏକ ନିଶ୍ଚିତ ସମୟାବଧିରେ ଶର୍କରା ସ୍ତର ମାପିବାର ପ୍ରକ୍ରିୟା) ଯୁକ୍ତ ଜଳଖିଆ ଅବା ସ୍ୱଳ୍ପାହାର ଖାଦ୍ୟ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଉଚ୍ଚ ଗ୍ଲାଇସେମିକ ଇଣ୍ଡେକ୍ସର ପରିଣାମ ସ୍ୱରୂପ ରକ୍ତରେ ରକ୍ତ ଶର୍କରା (ବ୍ଲଡ ସୁଗାର) ସ୍ତର ହଠାତ ବୃଦ୍ଧି ହୋଇପାରେ, ଯାହା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଭାରତରେ ଛୋଟ ପିଲା ଏବଂ କିଶୋରମାନଙ୍କ ଶରୀରରେ ରକ୍ତ ଶର୍କରାର ସ୍ତର ସାଧାରଣଠାରୁ ବହୁତ ଅଧିକ ରହୁଛି। ସମ୍ପ୍ରତି ଏହି ମାମଲା କ୍ରମାଗତ ବୃଦ୍ଧି ପାଉଛି।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ବିବାହ ସମୟରେ ଯୌତୁକ ଦେବା ନେବା କିମ୍ବା ଭୋଜିରେ ଖାଇବା ପିଇବାକୁ ନେଇ ଅନେକ ସମୟରେ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳିଥାଏ। ହେଲେ ଗୋଟିଏ ନଡ଼ିଆ ପାଇଁ ଉଭୟ ପକ୍ଷ ଝଗଡ଼ା କରି ବିବାହ ବନ୍ଦ କରିବା ଘଟଣା ଶୁଣିଛନ୍ତି! ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିଅରରେ। ଏଠାରେ ବେହଟ ଥାନା ଅଞ୍ଚଳରେ ନୀଲୁ ମାହୋର ଓ ପ୍ରଦୀପ ମାହୋରଙ୍କର ବିବାହ ଅନୁଷ୍ଠିତ ହେଉଥିଲା। ଶୋଭାଯାତ୍ରାରେ ବର ଆସିବା ପରେ ବିବାହ କାର୍ଯ୍ୟ ମଧ୍ୟ ସୁରୁଖୁରୁରେ ଚାଲିଥିଲା। ହେଲେ ବିବାହ କର୍ମ ଅଧା ହେବା ବେଳକୁ ନଡ଼ିଆ ଭଲ ନ ଥିବାରୁ ହଠାତ୍ ଆରମ୍ଭ ହୋଇଥିଲା ଝଗଡ଼ା। ବେଦି ଉପରେ କର୍ମ ପାଇଁ ଆସିଥିବା ନଡ଼ିଆକୁ ନେଇ ବରପକ୍ଷ କିଛି ଟିପ୍ପଣୀ ଦେବାରୁ ସେହି କଥାକୁ ନେଇ ପାଟିତୁଣ୍ଡ ଆରମ୍ଭ ହୋଇଯାଇଥିଲା। କଥା ଏମିତି ହୋଇଥିଲା ଯେ ଶେଷରେ ବିବାହ କର୍ମ ବନ୍ଦ କରିବାକୁ ପଡିଥିଲା ଓ ଘଟଣା ଯାଇ ପହଞ୍ଚିଥିଲା ଥାନାରେ। ତେବେ ଦୁଇପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପୋଲିସ ଉଭୟ ପକ୍ଷଙ୍କୁ ବହୁ କଷ୍ଟରେ ବୁଝାଇବା ପରେ ପୁଣିଥରେ ବିବାହ କର୍ମ ଆରମ୍ଭ ହୋଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୭୫

- ବିହାରରେ ପ୍ରବଳ ବନ୍ୟା ହେବା ଫଳରେ ୨୧ ଜଣଙ୍କ ପ୍ରାଣହାନି।
- ରୋଷେଇ ପାଇଁ ବ୍ୟବହୃତ ହେଉଥିବା ଜାଳେଣି କୋଇଲାର ଦରବୃଦ୍ଧି କରା ନ ଯିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।
- ଇଟାଲୀର ଅଟୋମୋବାଇଲ ଶିଳ୍ପ ସମୃଦ୍ଧ ଟୁରିନ ନଗରୀରେ କମ୍ୟୁନିଷ୍ଟ ମେୟର ଡିଏଗୋ ନୋଭେଲି ନିର୍ବାଚିତ।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 4 |
| | | 4 | | 6 | 5 | | | |
| 8 | 6 | | | 4 | | | 3 | |
| | | 6 | 9 | | 1 | | | |
| 3 | 8 | | | 2 | | | | |
| | | | | | | 7 | | |
| 1 | | | | 9 | | | | |
| | 7 | | 8 | | | | 6 | 2 |
| | | 9 | 7 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 7 | 2 | 4 | 8 | 3 | 5 |
| 4 | 8 | 3 | 5 | 1 | 6 | 7 | 9 | 2 |
| 5 | 7 | 2 | 8 | 3 | 9 | 6 | 4 | 1 |
| 6 | 9 | 1 | 4 | 8 | 2 | 3 | 5 | 7 |
| 7 | 3 | 4 | 1 | 6 | 5 | 2 | 8 | 9 |
| 8 | 2 | 5 | 9 | 7 | 3 | 4 | 1 | 6 |
| 2 | 1 | 7 | 3 | 5 | 8 | 9 | 6 | 4 |
| 3 | 4 | 6 | 2 | 9 | 1 | 5 | 7 | 8 |
| 9 | 5 | 8 | 6 | 4 | 7 | 1 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସର ଅନ୍ତ କେବେ

ମହାଶୟ,

ନିକଟରେ ଉତ୍ତର ପ୍ରଦେଶରେ ଜଣେ ବାବାଙ୍କର ପାଦଧୂଳି ନେବା ପାଇଁ ଦଳାଚକଟା ହୋଇ ୧୦୦ରୁ ଅଧିକ ଜୀବନ ଯିବା ନିଶ୍ଚିତ ଭାବେ ଦୁଃଖଦାୟକ ଘଟଣା। ଏଇଠି ପ୍ରଶ୍ନ ଉଠେ ମଣିଷର ଏଭଳି କୁତ୍ସିତ ଚିନ୍ତାଧାରା କାହିଁକି ଉଦ୍ରେକ ହୁଏ। 'କର୍ମ ହିଁ ଧର୍ମ' ଏହି ଉକ୍ତିକୁ ମଣିଷ ବିଶ୍ୱାସ ନ କରି ଆଜି ଏହିଭଳି ଦଶା ଭୋଗିବାକୁ ବାଧ୍ୟ ହେଉଛି। କେବଳ ଉତ୍ତର ପ୍ରଦେଶ ନୁହେଁ, ଓଡ଼ିଶାଠାରୁ ଆରମ୍ଭକରି ସାରା ବିଶ୍ୱରେ ବିଭିନ୍ନ ଜାଗାରେ ଏହିଭଳି ଘଟଣା ଘଟୁଛି। ମଣିଷ ନିଜ କର୍ମ ଉପରେ ଭରସା ନ ରଖି ଗୁଣିଗାରେଡ଼ି, ବାବାଙ୍କ ଆଶୀର୍ବାଦ ଏଭଳି ଅସତ୍ୟ ଅସମ୍ଭବ କଥାକୁ ବିଶ୍ୱାସ କରିନେଉଛି। ଫଳସ୍ୱରୂପ ତାକୁ ତଥା ତା' ପରିବାରକୁ ବହୁମୂଲ୍ୟ ଦେବାକୁ ପଡୁଛି। ପବିତ୍ରତା, ସଙ୍କୋଚତା, ଧାର୍ମିକପଣିଆ ଇତ୍ୟାଦିକୁ ଗୁରୁତ୍ୱ ନ ଦେଇ ବିନା ସାଧନାରେ ରାତାରାତି ପ୍ରତିଷ୍ଠିତ ହେବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛି, ସେଥିରେ ତା'ର ଅପୂରଣୀୟ କ୍ଷତି ଘଟୁଛି। ଏଭଳି ଅନ୍ଧବିଶ୍ୱାସର କ'ଣ ଅନ୍ତ ନାହିଁ। ଈଶ୍ୱର ଭକ୍ତି ଓ ଈଶ୍ୱର ପ୍ରାପ୍ତି ସମ୍ପୂର୍ଣ୍ଣ ଅଲଗା କଥା। ମଣିଷକୁ ଈଶ୍ୱର ଭାବି ସବୁ କିଛି କରିଦେବେ ବୋଲି ବିଶ୍ୱାସକରି ଜୀବନ ଦେବା ଯଥାର୍ଥ ମନେହୁଏନା।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

## ଚିରନ୍ତନୀ

ନଇଁ ପାଦୁ ନିଅ ପଣତ ଖସାଇ
ରୂପର ବିପଣି ପୃଷ୍ଠେ ବସାଇ
କୋକିଳ-ଟିକଣ କଳା କବରୀରୁ
କୁରୁବକ ପଡୁ ଝରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋକସରାରେ ବାହୁଡା ଯାତ୍ରା

**କୋକସରା,୧୫।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସୋମବାର ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଛି। ସକାଳୁ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ଶେଷ ହେବା ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତ ଉତ୍ସାହର ସହ ରଥ ଟାଣି ନେଇଥିଲେ। ବ୍ଲକର କୋକସରା, ଶିଉନି, ଆମପାଣି, କାଉଡୋଲା, ଗୋତମୁଣ୍ଡା, ଲଡୁଗାଁ, ଟେମରା, ମୋଟେର, କେନ୍ଦୁଡଙ୍ଗରୀ, କାଶୀବାହାଲ ଆଦି ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ପୋଡ଼ାଗୁଡ଼ା କଲୋନୀପଡାରେ କୁନି କୁନି ପିଲାମାନେ ଛୋଟ ରଥ ନିର୍ମାଣ କରି ତିନି ଠାକୁରଙ୍କୁ ରଥାରୂଢ଼ କରି ଟାଣିଥିବା ଦେଖାଯାଇଥିଲା।

### ଧର୍ମଗଡ଼ରେ ଜିଲାପାଳଙ୍କ ଜନଶୁଣାଣି

**ବେହେରା,୧୫।୭ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ଉପଜିଲାପାଳ ଧିମନ ଚକମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ବବିତା ପାଙ୍ଗଯୋଶୀ, ବିଡିଓ ଶରତ ପାତ୍ରଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିରୁ ୨୭ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ସମସ୍ୟା ସମ୍ୱଳିତ ଥିଲା। ୮ଟି ଅଭିଯୋଗର ତତ୍କ୍ଷଣାତ୍ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ଓ ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା।

### ଅସରାଏ ବର୍ଷାରେ ଗାଁ ରାସ୍ତା କାଦୁଅ



**ନୂଆପଡା,୧୫।୭ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ପେଣ୍ଡରାବାନ ଗାଁ ରାସ୍ତା ଅସରାଏ ବର୍ଷାରେ କାଦୁଅ ପଚପଚ ହୋଇଯାଇଛି। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ହେବ କୋମନା ବ୍ଲକ୍‌ରେ ବର୍ଷା ଲାଗିରହିଛି। ୩୫୩ ନମ୍ବର ଜାତୀୟ ରାଜପଥଠାରୁ ପେଣ୍ଡରାବନ ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ମୋରମ ପକାଯାଇଥିଲେ ମଧ୍ୟ ଠିକ୍ ଭାବେ ରୋଲର ଚଳାଯାଇ ନାହିଁ। ନିମ୍ନମାନର କାମ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ଲୋକେ ଅଭିଯୋଗ କରୁଛନ୍ତି। ରାଜପଥଠାରୁ ଗୋଟିଏ ରାସ୍ତା ରହିଥିବାରୁ ସେହି ରାସ୍ତା ଉପରେ ସମସ୍ତେ ନିର୍ଭର କରନ୍ତି। ବହୁ ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ କରୁଥିବାରୁ ରାସ୍ତା ଅଧିକ କାଦୁଅ ହୋଇଯାଉଛି। ଫଳରେ ସାଧାରଣ ଲୋକେ ଓ ଦୁଇଚକିଆ ଗାଡ଼ି ଯିବା କଷ୍ଟକର ହୋଇପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



ଖଡ଼ିଆଳଠାରେ ମହିଳାମାନେ ରଥ ଟାଣି ନେଉଛନ୍ତି।



ଲାଞ୍ଜିଗଡ଼ଠାରେ ରଥ ଟାଣିନେଉଛନ୍ତି ଶ୍ରଦ୍ଧାଳୁ।

# ନବଦିନ ଯାତ୍ରା ସାରି ବାହୁଡ଼ିଲେ ମହାବାହୁ

**ଭବାନୀପାଟଣା,୧୫।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ସୋମବାର ମହାପ୍ରଭୁଙ୍କ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଜିଲାର ସଦର ମହକୁମା ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ଜଗନ୍ନାଥଙ୍କ ଆଦ୍ୟ ସେବକ ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ବଳଭଦ୍ରଙ୍କ ଅଣ୍ଟାରେ ବନ୍ଧା ଯାଇଥିବା ପାଟ ଦଉଡି ଧରି ପହଣ୍ଡି ବିଜେ ସେବା ସମ୍ପନ୍ନ କରିଥିଲେ। ସେହିପରି ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଜଗନ୍ନାଥଙ୍କ ପାଟ ଦଉଡି ଧରିଥିଲେ। ଜୁନାଗଡ ସହରରେ ୪ଟି ସ୍ଥାନରେ ଓ ବ୍ଲକର ବିଭିନ୍ନ ଗ୍ରାମରେ ବାହୁଡ଼ାଯାତ୍ରା ହୋଇଥିଲା। ଧର୍ମଗଡରେ ସ୍ଥାନୀୟ ବିଧାୟକ ସୁଧିର ପାଙ୍ଗଯୋଷୀ ରଥରେ ଛେରାପହଁରା କରିଥିଲେ। ମହିଚଲାରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ସେବା ସ୍ଥାନୀୟ ମହିଳାମାନେ କରିଥିଲେ। ସେହିପରି ବ୍ଲକର ନୂଆଗୁଡା, ଚିଟିଗୁଡା, ଚିଲିଗୁଡାରେ ମଧ୍ୟ ଧୁମଧାମରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି।



ଧର୍ମଗଡରେ ବିଧାୟକ ସୁଧୀର ପାଙ୍ଗଯୋଷୀ ଛେରାପହଁରା କରୁଛନ୍ତି।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି। ମାଉସୀମା' ମନ୍ଦିରରେ ତିନିଠାକୁର ରଥାରୂଢ଼ ହେବା ପରେ ସେବାୟତମାନେ ନୀତିକାନ୍ତି କରିଥିଲେ। ଯୁବରାଜ ଦେବା ଦେବ ସିଂଦେଓ ଛେରାପହଁରା କରିବା ପରେ ଭକ୍ତମାନେ ରଥ ଟାଣିନେଇଥିଲେ। ଖଡିଆଳଠାରେ ଜଗନ୍ନାଥଙ୍କ ତିନିଗୋଟି ମନ୍ଦିର ରହିଥିବା ବେଳେ ତିନିଠାକୁର ପୂଜା ପାଉଛନ୍ତି। ଖଡିଆଳଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଜଗନ୍ନାଥଙ୍କ ଯୁଗଳ ପ୍ରତିମା ସହ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ଖଡିଆଳ ରାଜା ଦେବା ଦେବ ସିଂ ଦେଓ ଛେରାପହଁରା ପରେ ରଥାରୂଢ଼ କରାଇଥିଲେ। ମାଉସୀମା' ଘର ଅନୁଭୂତିକୁ ନେଇ ଠାକୁରମାନେ ରଥରେ ବିରାଜମାନ ହୋଇ ଘର ବାହୁଡ଼ା କରିଛନ୍ତି।

**ଲାଞ୍ଜିଗଡ଼(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସଦରଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡା ରଥଯାତ୍ରା ସୋମବାର ପାଳିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ମାଉସୀମା' ଘରେ ୯ଦିନ ରହି ବାହୁଡିଛନ୍ତି। ଏଥିପାଇଁ ବ୍ଲକର ଲାଞ୍ଜିଗଡ଼, ଲାଞ୍ଜିଗଡ ରୋଡ, ମୂଷାନାଳ, ରାମଚନ୍ଦ୍ରପୁର ଓ ଗନ୍ଧରବାରୁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଲାଞ୍ଜିଗଡସ୍ଥିତ ମାଉସୀମା' ମନ୍ଦିରରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ସାଢେ ୫ଟାରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ରଥକୁ ଟାଣି ନେଇଥିଲେ। ନିୟମଗିରି ଅଞ୍ଚଳର ଝରଣିଆ, ଡଙ୍ଗରିଆ କନ୍ଧ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ଯାତ୍ରାରେ ସାମିଲ ହୋଇଥିଲେ। ବାହୁଡ଼ାଯାତ୍ରାକୁ ଶ୍ରୀ ହରିହର ସାଂସ୍କୃତିକ ଅନୁଷ୍ଠାନ ଓ ଜଗନ୍ନାଥ ମନ୍ଦିର କମିଟି ତରଫରୁ ପରିଚାଳନା କରାଯାଇଥିଲା।

**ସିନାପାଲି (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ନେହେରୁ ମଣ୍ଡପସ୍ଥିତ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା। ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସନ୍ଧ୍ୟାରେ ଶ୍ରୀଜୀଉମାନେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ମଙ୍ଗଳବାର ରଥାରୂଢ ଶ୍ରୀଜୀଉଙ୍କ ସୁନାବେଶ, ଅଧରପଣା ଓ ପରେ ନିଳାଦ୍ରୀ ବିଜେ ନୀତି କରାଯିବ ବୋଲି ସିନାପାଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ତୁଳସୀରାମ ମେହେର, ସହସମ୍ପାଦକ ନବୀନ ଚନ୍ଦ୍ର ମେହେର ସୂଚନା ଦେଇଛନ୍ତି।

**ବେହେରା (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଠାରେ ବାହୁଡା ଯାତ୍ରା ସୋମବାର ପାଳିତ ହୋଇଯାଇଛି। ଶ୍ରୀ ଜଗନ୍ନାଥଙ୍କ ଅସ୍ଥାୟୀ ମାଉସୀମା' ମନ୍ଦିରରେ ପ୍ରଭୁଙ୍କ ନୀତିକାନ୍ତି ପରେ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ରଥକୁ ଟାଣି ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ବେହେରା ଗ୍ରାମର ଯୁବ ଗୋଷ୍ଠିଆ ସାହିଲ କୁମାର ନାଏକ ଛେରାପହଁରା କରିଥିବା ବେଳେ ପୂଜକ ମୋହନ ତିୱାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।



ସିନାପାଲିଠାରେ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଭବାନୀପାଟଣାରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଜୁନାଗଡ଼-ଭୁବନେଶ୍ୱର ଟ୍ରେନ୍‌ରେ ଯାତ୍ରୀ ଅସୁରକ୍ଷିତ

**ଭବାନୀପାଟଣା,୧୫।୭ (ଉତ୍ତମ କୁମାର ଦାଶ)**

ଭୁବନେଶ୍ୱରରୁ ଜୁନାଗଡ଼ ଆସୁଥିବା ଜୁନାଗଡ଼ ଏକ୍ସପ୍ରେସ ଟ୍ରେନ୍‌ରେ ଯାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ଏହି ଟ୍ରେନ୍‌ରେ ଯାତ୍ରା କରିଥିବା ଦୁଇଜଣ ଯାତ୍ରୀ ପ୍ରକାଶ କରିଛନ୍ତି। ଅଭିଯୋଗରୁ ଜଣାଯାଇଛି, ଧର୍ମଗଡର ଅରୁଣ କୁମାର ତାୟଲଙ୍କ ପତ୍ନୀ ଓ ଝିଅ ଏବଂ ହରି ପ୍ରସାଦ ଭାରତୀ ସୋମବାର ଜୁନାଗଡ ଏକ୍ସପ୍ରେସ ଟ୍ରେନ୍‌ରେ ଭୁବନେଶରରୁ ଜୁନାଗଡ ଆସୁଥିଲେ। ତୃତୀୟ ଶୀତତାପ ନିୟନ୍ତ୍ରିତ ବଗି (ବି-୨ ଏସି)ରେ ଏମାନେ ଫେରୁଥିଲେ। ତେବେ ମଧ୍ୟରାତ୍ରିରେ ଏହି ବଗିରେ ଜଣେ ଅଜଣା ବ୍ୟକ୍ତି ଆସି ଦୁଇ ସିଟ୍ ମଝିରେ ତଳେ ଶୋଇପଡିଥିଲେ। ତାଙ୍କୁ ପଚାରିବାରୁ ସେ ରେଲୱେ ଷ୍ଟାଫ୍ ବୋଲି କହିଥିଲେ। ତେବେ ସନ୍ଦେହ ହେବାରୁ ମହିଳାଜଣକ ଶୋଇପାରି ନ ଥିଲେ। କିଛି ସମୟ ପରେ ଉକ୍ତ ବ୍ୟକ୍ତି ଜଣକ ମହିଳା ପିନ୍ଧିଥିବା ସୁନା ଚେନ ଝାମ୍ପି ନେଉଥିବା ବେଳେ ମହିଳା ଜଣକ ଚୋର ବୋଲି ଚିତ୍କାର କରିଥିଲେ। ଅନ୍ୟ ସିଟ୍‌ରେ ଥିବା ତାଙ୍କ ସ୍ୱାମୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଅନ୍ୟ ବଗିକୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପରେ ଯାତ୍ରୀମାନେ ତାଙ୍କୁ ବଗି ମଧ୍ୟରେ ଖୋଜାଖୋଜି କରିଥିଲେ। ତେବେ ଶ୍ରୀକାକୁଲମ ଷ୍ଟେଶନରେ ସେ ଓହ୍ଲାଇ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଯାତ୍ରୀମାନେ ଧରି ମାଡ଼ ମାରିବା ସହ ଟ୍ରେନ୍‌ରେ ଆଣି ବିଜୟନଗରମଠାରେ ରେଲୱେ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାକୁ ଦେଖି ଯାତ୍ରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଏସି ବଗିମାନଙ୍କରେ ପୋଲିସ ପହରା ରହିବା କଥା। କିନ୍ତୁ ଟ୍ରେନ୍‌ରେ ପୋଲିସକୁ ସେମାନେ ପାଇ ନ ଥିଲେ। ପରେ ଟିଟିଙ୍କ ସହାୟତାରେ ଫୋନ କରିବା ପରେ ବିଜୟନଗରମରେ ପୋଲିସ ଆସିଥିଲା। ନୂଆ ଲାଇନ ହୋଇଥିବା ବେଳେ ଯାତ୍ରା କରୁଥିବା ଯାତ୍ରୀମାନେ ମଧ୍ୟ ରେଲୱେର ନୀତିନିୟମ ସହିତ ଅଭ୍ୟସ୍ତ ନୁହନ୍ତି। ସଚେତନତା ଅଭାବରୁ ବିଭିନ୍ନ ସମୟରେ ଏଭଳି ଘଟଣା ଘଟୁଥିଲେ ହେଁ ଯାତ୍ରୀମାନେ ଅଭିଯୋଗ କରିପାରୁ ନାହାନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ରେଳ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହି ଟ୍ରେନ୍‌ରେ କଡ଼ା ପୋଲିସ ସୁରକ୍ଷା ଯୋଗାଇଦେବା ପାଇଁ ଯାତ୍ରୀମାନେ ଅନୁରୋଧ କରିଛନ୍ତି।




ଘଟଣାସ୍ଥଳରେ ରେଲୱେ ପୋଲିସ ଅଜଣା ବ୍ୟକ୍ତିଙ୍କୁ କାବୁ କରୁଛି।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

**କେସିଙ୍ଗା,୧୫।୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ ଅଧୀନ ଶିରୋଲ ଓ କିକିଆ ଗ୍ରାମଠାରେ ନବନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ ସୋମବାର ଉଦ୍‌ଘାଟନ କରିଛନ୍ତି। ଶିରୋଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାଶ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡିଓ ପଦ୍ମନାଭ ପୁରୋହିତ, ତହସିଲଦାର ପ୍ରଶାନ୍ତି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ନୂତନ ୮ଜଣଙ୍କୁ ପଟ୍ଟା ଓ ୮ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ପରେ କାର୍ଯ୍ୟାଳୟ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ଶିରୋଲ ରାଜସ୍ୱ ନିରୀକ୍ଷକ ଡିଙ୍ଗର ପୁଟେଲ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁସ୍ତକ ଲୋକାର୍ପଣ ସମାରୋହ

**ଖଡ଼ିଆଳ,୧୫।୭(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଖୁଦପେଜ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଲେଖକ ରାଜମୋହନ ମାଝିଙ୍କ ରଚିତ ପୁସ୍ତକ 'ରଙ୍ଗିନ ସଂକୀର୍ତ୍ତନ ସୁଧା' ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ଆକବର ମାଝି ଅଧ୍ୟକ୍ଷତା କରିଥିଲେ। ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ମୁଖ୍ୟ ଅତିଥି, ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ ବିଶିଷ୍ଟ ଅତିଥି, ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ମୁଖ୍ୟବକ୍ତା ଓ କବି ଭଗବାନ ସିଂହ ମାଝି, ସଂକୀର୍ତ୍ତନ ଗୁରୁ ଜଗତ ନାଗ, ନାଟ୍ୟଗୁରୁ ମଧୁବନ ମାଝି, ସଂକୀର୍ତ୍ତନ ଗୁରୁ ଦିନେଶ ଚନ୍ଦ୍ର ମାଝି, ପ୍ରକାଶକ ଉମାଶଙ୍କର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘରଧରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବକୁମାର ବନ୍‌ଛୋର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଝୋଲପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଜିନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ।




ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ଉଠା ଜଳସେଚନର ସୁବିଧା ପାଉନାହାନ୍ତି ଚାଷୀ

**ଭବାନୀପାଟଣା,୧୫।୭ (ଉତ୍ତମ କୁମାର ଦାଶ)**

ରାଜ୍ୟ ସରକାର ଜଳସେଚନ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ଚାଷୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇ ଚାଷ କାର୍ଯ୍ୟ କରିପାରୁନାହାନ୍ତି। ଏପରି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ମା' ଲଙ୍କେଶ୍ୱରୀ ପାଣି ପଞ୍ଚାୟତ କ୍ଷେତ୍ରରେ। ଏହି ପାଣି ପଞ୍ଚାୟତ ଅଧୀନରେ ଥିବା ୩୬ ଜଣ ଚାଷୀଙ୍କୁ ୨୪ ହେକ୍ଟର ଜମିରେ ଚାଷ କରିବା ପାଇଁ ଉଠାଜଳସେଚନ (ଲିଫ୍ଟ ଇରିଗେସନ) ମାଧ୍ୟମରେ ନାବାର୍ଡ ପକ୍ଷରୁ ଜଳ ଯୋଗାଣ ପ୍ରକଳ୍ପ କରିବା ନିମନ୍ତେ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୨୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା।




ଉଠା ଜଳସେଚନ ପ୍ରକଳ୍ପ ସୂଚନା ଫଳକ।

ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ ସମୟରେ ପାଇପ୍ ଫାଟିବା ସହ ଅନ୍ୟାନ ତ୍ରୁଟି ଯୋଗୁ ଚାଷୀମାନେ ଜଳସେଚନ ସୁବିଧା ପାଇପାରୁନାହାନ୍ତି। ଏପରି ଅବ୍ୟବସ୍ଥା ପାଇଁ ଗତ ରବି ସମୟରେ ଚାଷୀଙ୍କ ୫୦ ଏକର ଧାନ ଚାଷ ପାଣି ଅଭାବରୁ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ ଜଣାଇଥିଲେ ବି ସେମାନେ କର୍ଣ୍ଣପାତ କରି ନ ଥିଲେ। ଶେଷରେ ବାଧହୋଇ ସୋମବାର ଧର୍ମଗଡରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ଚାଷୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବାଶିଷ ପାଢୀଙ୍କୁ ପଚାରିବାରୁ ଗତ କିଛିଦିନ ତଳେ ପାଇପ୍ ଫାଟି ଯାଇଥିଲା। ତାହା ମରାମତି କରାଯାଇଥିଲା। ସ୍ଥାନୀୟ ପାଣି ପଞ୍ଚାୟତର ସଭାପତିଙ୍କୁ ଟଙ୍କା ଦିଆଯାଇଛି, ଯଦି କିଛି ସମସ୍ୟା ହୁଏ ତା'ର ସମାଧାନ କରାଯିବ। ଘଟଣାସ୍ଥଳକୁ ଯାଇ ଏ ଦିଗରେ ପଦକ୍ଷେପ ନେବି ବୋଲି କହିଥିଲେ।

### ଜିଲାପାଳଙ୍କୁ କଲେ ଲିଖିତ ଅଭିଯୋଗ

## ସଂକ୍ଷେପରେ

### ପଦ୍ମପୁର କୃଷି ବିଭାଗ: ନା ମିଳୁଛି ସୂଚନା ନା ପରାମର୍ଶ

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ): କେନ୍ଦ୍ର ଓ ରାଜ୍ୟ ସରକାର କୃଷି ପାଇଁ ଗୁରୁତ୍ୱ ଦେଉଥିବା ବେଳେ ପଦ୍ମପୁର -ଗାଇସିଲେଟ ରାସ୍ତାରେ ଅଛି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର। ମାତ୍ର ଏଠାରେ ଚାଷ ଓ ଚାଷୀ ପାଇଁ ଆବଶ୍ୟକ ସୂଚନା ମିଳୁଛି ନା ପରାମର୍ଶ। ଏଠାରେ ଥିବା ବ୍ଲକ କୃଷି ଅଧିକାରୀଙ୍କ ଦେଖା ମିଳେନି। କୌଣସି ଚାଷ ସମ୍ବନ୍ଧିୟ ସୂଚନା ପଚାରିଲେ ମୁଁ ଫିଲ୍ଡରେ ଅଛି ବୋଲି ଉତ୍ତର ମିଳେ। ଏ ସମ୍ପର୍କରେ ଅନେକ ଚାଷୀ ମଧ୍ୟ ଅଭିଯୋଗ କରୁଛନ୍ତି। ଏହି କାର୍ଯ୍ୟାଳୟକୁ ଗଲେ ଜଣେ ଦୁଇଜଣ ଆଉଟସୋର୍ସିଂ କର୍ମଚାରୀ ଥାନ୍ତି। ଏହି ଅଧିକାରୀଙ୍କ କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲଟିଛି। ଏପରିକି ଚଳିତ ବର୍ଷ ଖରିଫ କାର୍ଯ୍ୟକ୍ରମର ସୂଚନା ମଧ୍ୟ ଅଧିକାରୀଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ଏଥିପ୍ରତି ନବନିର୍ବାଚିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଧ୍ୟାନ ଦେବା ପାଇଁ ଦାବି ହେଉଛି।

### କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟିକା

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ): ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜମଲା ଗୌନ୍ତିଆ ପଡାରେ କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଯାଇଛି। ମଣ୍ଡପ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣମା ରଣା, ସମିତି ସଭ୍ୟା ପୁଷ୍ପାଞ୍ଜଳି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମହାନ୍ତି, ଅନିରୁଦ୍ଧ ରଣା, ମନୋରଞ୍ଜନ ପୁରୋହିତ, ଠାକୁର ପଣ୍ଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ପଦ୍ମପୁର/ଝାରବନ୍ଧ,୧୫।୭
(ପ୍ରଦୀପ୍ତ ଦାଶ/ଦେବେନ୍ଦ୍ର ସାହୁ):

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଜଗଦଲପୁର ଗ୍ରାମରେ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ



କମଳା ପଟେଲ। ରବିବାର ରାତିରେ ଜଗଦଲପୁର ଗ୍ରାମର କମଳା ଘରେ ଶୋଇ ଥିବା ସମୟରେ ଏକ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକ ଏହା ଜାଣିପାରି ତୁରନ୍ତ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧାର ନ ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗତ ୧୪ ତାରିଖ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କମଳା ଜଣେ ପରୋପକାରୀ ଓ ମିଷ୍ଟଭାଷୀ, ଧର୍ମ ପରାୟଣା ମହିଳା ଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ): ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟକେତନ



ତ୍ରିପାଠୀଙ୍କ ସ୍ତ୍ରୀ ତଥା ଧର୍ମପ୍ରାଣା ମହିଳା ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ରାୟପୁରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ହେଉଥିଲା। ୧୪ ତାରିଖ ସକାଳୁ ତାଙ୍କ ମରଶରୀରକୁ ପଦ୍ମପୁରସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ସେଠାରେ ଅନେକ ଶୁଭେଚ୍ଛୁ, ଆତ୍ମୀୟ ସ୍ୱଜନ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ପରେ ତାଙ୍କ ଶ୍ୱଶୁର ଗାଁ ଭେଲୁଆଁପଦକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ଜ୍ୟାଷ୍ଠ ପୁତ୍ର ଶାଶ୍ୱ(ପ୍ରିନ୍ସ) ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ତ୍ରିପାଠୀ ଥିଲେ ଜଣେ ଧର୍ମପ୍ରାଣା, ସମ୍ବେଦନଶୀଳା, ମେଳାପୀ ମହୀୟସୀ ମହିଳା। ତାଙ୍କ ଅକାଳ ବିୟୋଗରେ ପଦ୍ମପୁର ଓ ଗାଇସିଲେଟ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି।

# ସତ ସାମ୍ନାକୁ ଆସୁ, ଦୋଷୀଙ୍କୁ ଦଣ୍ଡ ମିଳୁ

**ରୋଗୀ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟଣା**

- ମୁହଁ ଖୋଲିଲା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଣ୍ଡ୍ ପ୍ରାଇଭେଟ୍ ପ୍ରାକ୍ଟିଶନର ଆସୋସିଏଶନ

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)




ଖବରଦାତା ସମ୍ମିଳନୀରେ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଣ୍ଡ ପ୍ରାଇଭେଟ୍ ପ୍ରାକ୍ଟିଶନର ଆସୋସିଏଶନର କର୍ମକର୍ତ୍ତାବୃନ୍ଦ।

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଗତ ୧୩ ତାରିଖରେ ଜଣେ ରୋଗୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉପୁଜିଥିବା ତୁମୁଳକାଣ୍ଡ ଘଟଣାରେ ବରଗଡ଼ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଣ୍ଡ୍ ପ୍ରାଇଭେଟ୍ ପ୍ରାକ୍ଟିଶନର ଆସୋସିଏଶନ ମୁହଁ ଖୋଲିଛି। ସମ୍ପୃକ୍ତ ରୋଗୀଙ୍କ ମୃତ୍ୟୁରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କୌଣସି ଭୁଲ ନାହିଁ। ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ମାତ୍ର ଅଯଥାରେ କିଛି ଲୋକ ହସ୍ପିଟାଲରେ ତୁମୁଳକାଣ୍ଡ ଘଟାଇବା ସହିତ ରାସ୍ତାରୋକୋ କରିଥିଲେ ବୋଲି ଆସୋସିଏଶନର କର୍ମକର୍ତ୍ତାମାନେ ସୋମବାର ବରଗଡ଼ର ଏକ ହୋଟେଲ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଘରୋଇ ହସପିଟାଲ ତଥା ଡାକ୍ତରଙ୍କ ଉପରେ ସେଭଳି ମିଥ୍ୟା ଅଭିଯୋଗ ଯୋଗୁ ବରଗଡ଼ର ବେସରକାରୀ ହେଲଥ୍ ଇକୋ ସିଷ୍ଟମ ପ୍ରଭାବିତ ହେଉଛି ଏବଂ ସମ୍ମାନହାନୀ ହେଉଛି ବୋଲି ଆସୋସିଏଶନ କର୍ମକର୍ତ୍ତା କହିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ରୋଗୀଙ୍କୁ ଚିକିତ୍ସା କରିଥିବା ଡାକ୍ତର ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଗୁରୁତର ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ରୋଗୀ ଚିକିତ୍ସାଧୀନ ଥିବା ସମୟରେ କିଛି ଯୁବକ ପଇଡ଼ରେ ମଦ ଆଣି ତାଙ୍କୁ ଦେଉଥିଲେ ଏବଂ ଉପସ୍ଥିତ ସ୍ୱାସ୍ଥ୍ୟ ସେବିକାମାନେ ତାକୁ ପ୍ରତିହତ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଫଳରେ ଉକ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରି ସତ ସାମ୍ନାକୁ ଅଣାଯାଉ ଏବଂ ଯିଏ ବି ଦୋଷୀ ବାହାରିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆସୋସିଏଶନ ଦାବି କରିଛି।

ଖବରଦାତା ସମ୍ମିଳନୀରେ ଆସୋସିଏଶନର ଡା. ରାଜେଶ ତ୍ରିପାଠୀ, ଡା. ପ୍ୟାରୀଲାଲ ତ୍ରିପାଠୀ, ଡା. ପ୍ରବୀଣ ଅଗ୍ରୱାଲ, ଡା. ସିଏଚ୍ ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀରେ ସେମାନେ ଆହୁରି କହିଥିଲେ, ବରଗାଁ ନିବାସୀ ଜୟକୁମାର ବିଶ୍ୱାଳ(୪୧) ଗତ ୫ ତାରିଖ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡା. ଦିନେଶ ମେହେରଙ୍କ ଅଧୀନରେ ତାଙ୍କ ଚିକିତ୍ସା ଚାଲିଥିଲା। ତାଙ୍କୁ ସମସ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ମାତ୍ର ଗତ ୧୩ ତାରିଖ ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେପ୍ଟିକ୍ ସକ୍ ଯୋଗୁ ତାଙ୍କୁ ମୃତ୍ୟୁ ହୋଇଥିଲା। ଚିକିତ୍ସା ବାବଦକୁ ସମୁଦାୟ ବିଲ୍ ୨ଲକ୍ଷ ୭ହଜାର ୮୫୯ ଟଙ୍କା ହୋଇଥିଲା ଏବଂ ମୃତ୍ୟୁ ସମୟରେ ବକେୟା ଦେୟ ୫୬ହଜାର ଟଙ୍କା ଥିଲା। ସେଥିରୁ ସେମାନେ ୪୦ହଜାର ଟଙ୍କା ଦେବାକୁ ଚାହୁଁଥିଲେ ଏବଂ ଅସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ସେଥିରେ ରାଜି ହୋଇଥିଲେ। ତେବେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ କିଛି ଲୋକ ହସ୍ପିଟାଲ କର୍ତ୍ତୃପକ୍ଷ ୫ଲକ୍ଷ ଟଙ୍କା ଦାବି କରୁଥିବା ମିଥ୍ୟା ଅଭିଯୋଗ କରି ରାସ୍ତାରୋକୋ କରିଥିଲେ ବୋଲି ଆସୋସିଏଶନର କାର୍ଯ୍ୟକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ କହିଥିଲେ। ତେବେ ଏହାର ତଦନ୍ତ ହେଲା ବାସ୍ତବତା ପଦାକୁ ଆସିବ ବୋଲି ସେମାନେ କହିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋଏଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ପଦ୍ମପୁର ଅତିରିକ୍ତ ଜିଲାପାଳ ଚଭନ କୁନାଲ ମୋତିରାମ, ଉପଜିଲାପାଳ ଆଲୋକ କୁମାର ପଟେଲ, ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟନାୟକ ଏବଂ ପଦ୍ମପୁର ବିଡିଓ ଚନ୍ଦ୍ରମଣି ନାଗ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ଶିକ୍ଷା, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ଭତ୍ତା, ରାସ୍ତା ନିର୍ମାଣ ଆଦି ସମାସ୍ୟା ଅଧାରିତ ସମୁଦାୟ ୨୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ, ୬ଟି ସାମୂହିକ ଏବଂ ଗୋଟିଏ ରେଡକ୍ରସ ଆଧାରିତ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ନବଦିନାତ୍ମକ ଲୀଳାଖେଳା ସାରି ବାହୁଡ଼ିଲେ ମହାପ୍ରଭୁ



ଗାଇସିଲେଟ ଅଞ୍ଚଳରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।

ଗାଇସିଲେଟ,୧୫।୭(ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରେ ସର୍ବପୁରାତନ ଜଗନ୍ନାଥ, ବଳଭଦ୍ର ଓ ଦେବୀ ଶୁଭଦ୍ରା ବାହୁଡାରଥ ଯାତ୍ରା ପାଳନ କରାଯାଇଛି। ମହାପ୍ରଭୁ ଜଗନ୍ନାଥ ଭାଇଭଉଣୀ ସହିତ ବସଷ୍ଟାଣ୍ଡସ୍ଥିତ ମାଉସୀ ମା'ରେ ୯ ଦିନ ରହିବା ପରେ ମନ୍ଦିରକୁ ଫେରିଛନ୍ତି। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଆଗନ୍ତୁକ ଭକ୍ତମାନଙ୍କୁ ମିଷ୍ଟାନ୍ନ ବଣ୍ଟଣ କରାଯାଉଥିଲା। ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରି ତିନି ବିଗ୍ରହଙ୍କୁ ଜଗଦା ନନ୍ଦ ପଣ୍ଡା, ରଞ୍ଜନ କୁମାର ପଣ୍ଡା, ସୁନିଲ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସଦାନନ୍ଦ ପାଢ଼ୀ, ଅରବିନ୍ଦ ପଣ୍ଡା, କହ୍ନେଇ ଯୋଷୀ ପ୍ରମୁଖ ରଥାରୁଢ଼ କରିଥିଲେ। ଗ୍ରାମର ସମ୍ପଦା ବାଦ୍ୟ ତଥା କନ୍ଦାଗାଡ଼, ବଲାଙ୍ଗୀର ଜିଲା ଫାସଡ ଓ ବିନ୍ଧାପାଲି(ମହିଳା)ଗ୍ରାମରୁ ଉଦଣ୍ଡ କିର୍ତ୍ତନ ମଣ୍ଡଳୀ ଯୋଗଦେଇ ରଥ ସଙ୍ଗେସଙ୍ଗେ ବସଷ୍ଟାଣ୍ଡସ୍ଥିତ ମାଉସୀମନ୍ଦିର ଜନ୍ମବେଦୀରୁ କର୍ମବେଦୀକୁ ବିଜେ କରାଇଥିଲେ। ଗାଇସିଲେଟ ପୋଲିସ ଭିଡ ନିୟନ୍ତ୍ରଣ କରିଥିଲା। ବିଗ୍ରହ ମନ୍ଦିର ପ୍ରବେଶ ସମୟରେ ମାତା ମହାଲକ୍ଷ୍ମୀଙ୍କ ପକ୍ଷରୁ ମହିଳାମାନେ କବାଟ ବନ୍ଦ କରିଥିଲେ। ଅନେକ ସମୟ ମନାଯିବା ପରେ ବିଗ୍ରହମାନେ ମନ୍ଦର ପ୍ରବେଶ କରିଥିଲେ। ସେହିପରି ଅଞ୍ଚଳର ବୁରୋମୁଣ୍ଡା, ଭେଲୁଆପଦର, ଶରଧାପାଲି, ନୂଆପାଲି, କଂସଡୋଲ, ଯାମୁଟବାହାଲ, ଜଗଲପାଟ, ଗୌରେନ ମୁଣ୍ଡା. ଫିଙ୍ଗିମାଲ, କନ୍ଦାଗାଡ, ବରିହା ପୁଖାପଣି, ତେଲିପାଲି ଯାମୁଟପାଲି, ତାଲପାଲି, କଟାବାହାଲ, ଗନିଆପାଲି ଆଦି ଗ୍ରାମରେ ବାହୁଡାରଥ ଯାତ୍ରା ପାଳିତ ହୋଇଯାଇଛି।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରପାଲି ଜଗନ୍ନାଥ ମନ୍ଦିରରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ମାଉସୀ ମା' ମନ୍ଦିର ନ ଥିବାରୁ ଜଗନ୍ନାଥ ମନ୍ଦିର ପରିସରରେ ହିଁ ଦଶ ଅବତାର ଅନୁଷ୍ଠିତ ହୁଏ। ସୋମବାର ଅପରାହ୍ନରେ ଜମିଦାର ଲାଲ ବିକ୍ରମ ସିଂଦେଓ, ପ୍ରଶାନ୍ତ ସିଂହ ଉପସ୍ଥିତ ରହି ଛେରା ପହଁରା କରିଥିଲେ। ଏହି ଅବସରରେ ରଥ ନିର୍ମାଣ କରିଥିବା ବିଜେପୁର ତାଲପଦର୍‌ର କାରିଗର ଚିତ୍ର ସେନ ସାହୁଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ବରପାଲି ଗଙ୍ଗାଧର କ୍ଲବକୁ ମାଉସୀ ମା' ମନ୍ଦିର ଭାବେ ବ୍ୟବହାର କରାଯାଉଥିଲା। କିନ୍ତୁ ଗଙ୍ଗାଧର କ୍ଲବ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯାଉଥିବାରୁ ଏହା ସମ୍ଭବ ହୋଇପାରୁନାହିଁ।



ବରପାଲି ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।

# ନୃସିଂହନାଥ ମନ୍ଦିରରେ ପହଞ୍ଚିଲେ ୩ ଠାକୁର

ପାଇକମାଳ,୧୫।୭(ବଡ ଶତପଥୀ)

ପାଇକମାଳ ମାଉସୀମା ମନ୍ଦିରରୁ ଦୀର୍ଘ ୪ କି.ମି. ରଥରେ ୩ ଠାକୁରଙ୍କୁ ସୋମବାର ଅପରାହ୍ନ ୩ଟାରେ ରଥରେ ବସାଇ ଟାଣି ଆଣି ସନ୍ଧ୍ୟା ୬ଟାରେ ନୃସିଂହନାଥ ମନ୍ଦିରକୁ ଅଣାଯାଇଛି। ଅପରାହ୍ନ ୩ଟାରେ ମହାପ୍ରଭୁ ପହଣ୍ଡିରେ ଆଣି ରଥାରୂଢ଼ ହୋଇଥିଲେ। ଏହାପରେ ସଂକୀର୍ତ୍ତନ ମଣ୍ଡଳୀ ସହିତ ଭକ୍ତଙ୍କ ସମାବେଶରେ ରଥଟଣା ଆରମ୍ଭ ହୋଇଥିଲା। ପହଣ୍ଡି ସମୟରେ ବରଗଡ ଏମ୍‌ପି ପ୍ରଦିପ ପୁରୋହିତ ରଥ ଟାଣିଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜ ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ସୁଶାନ୍ତ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ତ୍ରିପାଠୀ, ଶରତ ବଡପଣ୍ଡା, ଆକାଶ ପାଣିଗ୍ରାହୀ, ଦିନେସ ପଣ୍ଡା, ପଣ୍ଡିତ ପ୍ରେମାନନ୍ଦ ଦେବତା, ସୁନିଲ ପୁରୋହିତ ତଥା ନୃସିଂହନାଥ ମନ୍ଦିର ପୂଜକମାନେ ସହଯୋଗ କରିଥିଲେ। ପାଇକମାଳଠାରୁ ନୃସିଂହନାଥ ମଧ୍ୟରେ ରାସ୍ତାର ପାଇକମାଳ, ନରସିଂହପଡା, ଜର୍ଜଗଡ଼, ଦୁର୍ଗାପାଲି, ଦଣ୍ଡପାଟ ଆଦି ଗ୍ରାମର ଭକ୍ତମାନଙ୍କୁ ଦର୍ଶନ ଦେଇ ମହାପ୍ରଭୁ ନୃସିଂହନାଥ ମନ୍ଦିରକୁ ବିଜେ କରିଛନ୍ତି। ମନ୍ଦିର ତଥା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ସହ ନୃସିଂହନାଥ ମନ୍ଦିରରେ ତିନି ଠାକୁର ପହଞ୍ଚି ଥିଲେ। ମନ୍ଦିର ପହଞ୍ଚିବା ପରେ ଗମ୍ଭୀରା ବିଜେ ସମୟରେ ଲକ୍ଷ୍ମୀ ପ୍ରବେଶ ପାଇଁ ମନା କରିଥିଲେ। ବଡଠାକୁର ମାତା ଲକ୍ଷ୍ମୀଙ୍କୁ ବୁଝାଶୁଝା ପରେ ୩ଠାକୁର ମନ୍ଦିର ଗମ୍ଭୀରା ବିଜେ ସମ୍ପୂର୍ଣ୍ଣ ଓ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି।

# ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା



ବରଗଡ଼ ଜିଲା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ)

**ସମ୍ବଲପୁରୀ କୋଶଲି ଭାଷାକୁ ଅଷ୍ଟମ ସୂଚୀରେ ସାମିଲ ଦାବି**

ବରଗଡ ଜିଲା ପଦ୍ମପୁର ଏକ ହୋଟେଲଠାରେ ରବିବାର ସାହିତ୍ୟ ସଭା, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ସାହିତ୍ୟ ସଙ୍ଗଠନ ଓ ପଦ୍ମପୁରର ବିଭିନ୍ନ ସାଂସ୍କୃତିକ ପରିଷଦର ସଦସ୍ୟବୃନ୍ଦ ଏକତ୍ରିତ ହୋଇ ଭାଷା, ସାହିତ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର କବି ଓ ଲେଖକମାନଙ୍କ ପକ୍ଷରୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନାଟ୍ୟକାର କେଶରଞ୍ଜନ ପଧାନଙ୍କ ପୌରୋହିତ୍ୟରେ ପଦ୍ମଶ୍ରୀ ହଳଧର ନାଗ ମଞ୍ଚାସୀନ ଥିଲେ । ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ସମ୍ବଲପୁରୀ କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ସହିତ ରାଜ୍ୟର ଦ୍ୱିତୀୟ ଭାଷାର ମାନ୍ୟତା ଦେବା ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତୁତ ସ୍ମାରକ ପତ୍ରକୁ ସାହିତ୍ୟିକ ସୁଶାନ୍ତ ମିଶ୍ର ପଠନ କରିବା ପରେ ଏମ୍‌ପିଙ୍କୁ ଦିଆଯାଇଥିଲା। ଭାଷା, ସାହିତ୍ୟ ତଥା ସଂସ୍କୃତିର ବିକାଶ ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି ଏମ୍‌ପି ପ୍ରଦୀପ କହିଥିଲେ। ଏହି ଅବସରରେ ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ, ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ, ମନୋହର ସାଂସ୍କୃତିକ ପରିଷଦ ଭେଡେନ, ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର, ଲୁ ନାଟ୍ୟ ସଂସ୍ଥା, ସିର୍ଜିନା, ଅବର୍ଣଗୁଣା, ଆମେ କଳାକାର, ସଙ୍ଗୀତ ସମିତି ସମେତ ଜିଲାର ୩୦ରୁ ଅଧିକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପୃଥକ ଭାବେ ମଧ୍ୟ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟକାର ଅଶୋକ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଛାତ୍ରୀଛାତ୍ର ପାଳିଲେ ବାହୁଡ଼ାଯାତ୍ରା

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ତିନି ଠାକୁରଙ୍କୁ ରଥାରଢ଼ କରି ବିଦ୍ୟାଳୟ ପରିସରରେ ରଥ ଟାଣିଥିଲେ। ମନ୍ତ୍ରପାଠ, ହରିବୋଲ, ଘଣ୍ଟଶଙ୍ଖ ଧ୍ୱନିରେ ସମଗ୍ର ବିଦ୍ୟାଳୟ ପରିସର ଭକ୍ତିରସରରେ ପ୍ରତିଧ୍ୱନିତ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଉକ୍ତ ବାହୁଡ଼ାଯାତ୍ରାରେ ସାମିଲ ହୋଇଥିଲେ। ଉକ୍ତ ସମାରୋହରେ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



ବାହୁଡ଼ାଯାତ୍ରାରେ ବିକାଶ ଛାତ୍ରୀଛାତ୍ର ରଥ ଟାଣୁଛନ୍ତି।

# ଖରିଫ ଧାନ ଚାଷ ପ୍ରଭାବିତ, ଚିନ୍ତାରେ ଚାଷୀ



ବେଉଷଣ ଅପେକ୍ଷାରେ ଧାନତଳି।

ପଦ୍ମପୁର,୧୫।୭(ପ୍ରଦୀପ୍ତ ଦାଶ)

**ପଦ୍ମପୁର ଉପଖଣ୍ଡରେ ବର୍ଷା ଅଭାବ**

- ଜୁନ୍, ଜୁଲାଇ ନିଅଣ୍ଟିଆ ବର୍ଷା, ସଙ୍ଗିନ ସ୍ଥିତି
- ରୁଆ ବେଉଷଣ ବେଳେ ସରିନି ଧାନ ବୁଣା
- ନଦୀ, ନାଳ, ପୋଖରୀ ବି ଶୁଖିଲା

ପଦ୍ମପୁର ଉପଖଣ୍ଡରେ ଚଳିତ ଖରିଫରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଆଗେଇପାରୁ ନ ଥିବା ବେଳେ ରୁଆ ବେଉଷଣ ସମୟରେ ବି ଧାନ ବୁଣା ପଲ୍ଲାପକା ସରିନାହିଁ। ପଦ୍ମପୁର ଉପଖଣ୍ଡରେ ଖରିଫ ଚାଷ ପ୍ରାରମ୍ଭର ଜୁନରେ ମାତ୍ର ୧୫୪.୧୪ ମି.ମି. ବର୍ଷା ହୋଇଛି। ଏହି ମାସରେ ସାଧାରଣ ବୃଷ୍ଟିପାତ ୨୦୩.୬ ମି.ମି. ହେବା କଥା। ଏଣୁ ଏଠାରେ ପ୍ରାରମ୍ଭରୁ ଚାଷ କାର୍ଯ୍ୟବାଧା ହୋଇଛି। ଜୁନ ଶେଷ ସୁଦ୍ଧା ଲଘୁଚାପ ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ କରିଥିବା ଆକଳନ ଫେଲ ମାରିଲା। ଜୁଲାଇରେ ସାଧାରଣ ବୃଷ୍ଟିପାତ ୩୬୧.୩ ମି.ମି. ହେବା କଥା। ମାତ୍ର ଏହି ୧୫ ଦିନରେ ଉପଖଣ୍ଡର ବିଜେପୁର ବ୍ଲକରେ ୧୦୧ ମି.ମି., ଗାଇସିଲେଟରେ ୯୨ ମି.ମି., ଝାରବନ୍ଧରେ ୪୯ ମି.ମି., ପଦ୍ମପୁରରେ ୮୦ ମି.ମି., ପାଇକମାଳରେ ୮୪ ମି.ମି. ଏବଂ ସୋହେଲା ବ୍ଲକରେ ସର୍ବାଧିକ ୧୩୫ ମି.ମି. ବର୍ଷା ରେକର୍ଡ ହୋଇଛି। ତେବେ ସମଗ୍ର ଉପଖଣ୍ଡରେ ମାତ୍ର ୯୦.୧୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ମଝିରେ କାଁ ଭାଁ ବର୍ଷା ହେଉଛି। ମାତ୍ର ତାହା ଚାଷୀଙ୍କ କାମକୁ ଲାଗୁନାହିଁ। ବର୍ଷା ଅଭାବ ସହିତ ପ୍ରବଳ ଖରା ଯୋଗୁ ବିଲରେ ଧାନ ଗଛ ବଦଳରେ ଘାସ ରାଜୁତି କରୁଛି ଏବଂ ବୁଣା ଧାନ ବଢିପାରୁନାହିଁ। ପକା ହୋଇଥିବା ପଲ୍ଲାଘାରୀ ମଧ୍ୟ ଶୁଖିଲା ପଡିଛି। ଉପଖଣ୍ଡରେ ଥିବା ସମସ୍ତ ସେଚ ପ୍ରକଳ୍ପ ବର୍ଷା ଅଭାରୁ ଅକାମୀ ହୋଇ ପଡିଛି। ଆଉ ଦିନେ ଦୁଇ ଦିନ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ ଖରିଫ ଧାନଚାଷ ବିଗିଡିଯିବା ଆଶଙ୍କା ରହିଛି।

**ଚାଷୀ ଯାହା କହନ୍ତି...**



"ବର୍ତ୍ତମାନ ସୁଦ୍ଧା ଆବଶ୍ୟକ ପରିମାଣର ବର୍ଷା ନାହିଁ। ନଈ, ନାଳ ସବୁ ଶୁଖିଲା ପଡିଛି। ଏଥର ଭଲ ବର୍ଷା ହେବ ବୋଲି ମୁଁ ଅଧିକ ଜମି ଚାଷ କରିଛି, ଧାନ ବିହୁଡିବା ବତର ହୋଇଛି ମାତ୍ର ବର୍ଷା ନାହିଁ।

**ବନମାଳି ସାହୁ, ଦହିଗାଁ**



"ଏଥର ଆଗୁଆ ବର୍ଷା ହେବ ବୋଲି ମୋର ୭ ଏକର ଜମିରେ ଖରଡ଼ି ଧାନ ବୁଣିଥିଲି। ବୁଣିବା ମାସେରୁ ଉର୍ଦ୍ଧ୍ୱ ହେଲାଣି। ବର୍ଷା ଅଭାବରୁ ଧାନ ତଳି ଲାଲ ହେଉଛି ଓ ଘାସ ମାଡି ଯାଉଛି।

**ଜୟନ୍ତ କୁମାର ସାହୁ, ଦର୍ଲିଗୁଡା, ପଦ୍ମପୁର**



"ଚଳିତବର୍ଷ ଚାର୍ଷାର ପ୍ରାରମ୍ଭିକସ୍ଥିତି ପଦ୍ମପୁର ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ବର୍ଷା ଅଭାବରୁ ଧାନ ସବୁ ନଷ୍ଟ ହେବା ସାଙ୍ଗକୁ ରୋଗପୋକ ବୃଦ୍ଧି ପାଇବ। ବର୍ଷା ଉପରେ ନିର୍ଭର କରୁଥିବା ଅଞ୍ଚଳର ଚାଷୀଙ୍କ ମନୋବଳ ଭାଙ୍ଗିଯାଉଛି। ଏବେଠାରୁ ପ୍ରଶାସନ ଓ ସରକାର ଯତ୍ନବାନ ହେବା ଉଚିତ।

**ରାଧାରମଣ ପାଣିଗ୍ରାହୀ, ଚାଷୀନେତା, ଡୁଙ୍ଗୁରୀପାଲି, ପଦ୍ମପୁର**

**ସଂକ୍ଷେପରେ**

## ଶିବିରରେ ୩୨ ଅଭିଯୋଗର ତତ୍କାଳୀନ ଶୁଣାଣି

**ବାଲିଶଙ୍କରା,୧୫।୭( ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ସଭାଗୃହଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଅଭିଯୋଗ ଶୁଣିଥିଲେ। ଜିଲା ପୋଲିସ ଅଧିକାରୀ ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଦାଶରଥି ସରାବୁ, ବ୍ଲକ ଅଧ୍ୟକ୍ଷ କୁଞ୍ଜଲତା ଭିଡ୍ରିଆ, ଜିଲା ପରିଷଦ (ଖ) ଜୟନ୍ତୀ ଏକ୍କା, (କ) ବିନୋଦ କୁଜୁର ଏବଂ ସ୍ୱାସ୍ଥ୍ୟ, ଜଙ୍ଗଲ, କୃଷି, ଶିଶୁ ବିକାଶ, ମତ୍ସ୍ୟ, ପ୍ରାଣୀ ଚିକିତ୍ସକ, ଉଦ୍ୟାନ, ଖାଦ୍ୟ, ବିଦ୍ୟୁତ, ଜଳପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଜନ ଶୁଣାଣୀରେ ୧୩୦ଟି ଅଭିଯୋଗ ପତ୍ର ଦିଆଯାଇଥିବାବେଳେ ୩୨ଟିର ତତ୍କାଳୀନ ଶୁଣାଣି କରାଯାଇ ରାୟ ପ୍ରକାଶ ପାଇଥିଲା। ବିଶେଷ କରି ରାସ୍ତାଘାଟ ତିଆରି, ଅଞ୍ଚଳରେ ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ଲିଖିତ ଜଣାଇଥିବାବେଳେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସଚେତନତା

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ):** ଆର୍ଏସପିର ଜନସ୍ୱାସ୍ଥ୍ୟ ବିଭାଗ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବ୍ୟାପକ ଅଭିଯାନ ଆରମ୍ଭ କରିଦେଇଛି। ମଶା ପ୍ରଜନନର ମୁକାବିଲା ପାଇଁ ଇସ୍ପାତ ସହରାଞ୍ଚଳ ବସ୍ତିରେ ପାଣି ଜମି ଥିବା ଜାଗାରେ ଆଣ୍ଟି ଲାର୍ଭା ସ୍ପ୍ରେ କରାଯାଉଛି। ଏଥିସହିତ ଆବାସିକ କ୍ୱାର୍ଟର ଗୁଡିକରେ ମଧ୍ୟ ମଶା ପ୍ରାଦୁର୍ଭାବ ନିୟନ୍ତ୍ରଣ ପାଇଁ ଆଣ୍ଟି ଆଡଲ୍ଟ ସ୍ପ୍ରେ ପ୍ରୟୋଗ କରାଯାଉଛି। ସେକ୍ଟର-୧୪ ର ଏ ଏବଂ ବି ବ୍ଲକଠାରେ ସ୍ପ୍ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ବର୍ତ୍ତମାନ ସେକ୍ଟର-୧୩ ଏ ବ୍ଲକରେ କାମ ଜାରି ରହିଛି। ଡେଙ୍ଗୁ ଏବଂ ଚିକୁନଗୁନିଆ ନିରାକରଣ ଆଧାରିତ ଲିଫଲେଟ ବଣ୍ଟନ କରାଯାଇଛି। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଇସ୍ପାତ ବିଦ୍ୟା ମନ୍ଦିର ଏବଂ ଗୁରୁତେଗ ବାହାଦୁର ବିଦ୍ୟାଳୟରେ ଡେଙ୍ଗୁ ସଚେତନତା ଶିବିରମାନ ଆୟୋଜିତ ହେଉଛି। ଆଗକୁ ଅନ୍ୟ ବିଦ୍ୟାଳୟ ଗୁଡିକରେ ମଧ୍ୟ ସଚେତନତା ଶିବିର ଆୟୋଜିତ ହେବ। ମଶା ପ୍ରଜନନ ସ୍ଥାନ ଚିହ୍ନଟ ଏବଂ ନଷ୍ଟ କରିବା ପାଇଁ ଜୁଲାଇ ୧୨ତାରିଖ ଠାରୁ ପ୍ରତି ଘରକୁ ଘର ଯାଇ ସର୍ଭେ କରିବା ପାଇଁ ଲୋକଙ୍କୁ ନିୟୋଜିତ କରାଯାଇଛି।



ମଶା ନିବାରଣ ପାଇଁ ଶିଳ୍ପାଞ୍ଚଳରେ ସ୍ପ୍ରେ ଚାଲିଛି।



କୋଏଲନଗରରେ ରଥଟଣା ଯାଉଛି।



ଶ୍ରଦ୍ଧାଳୁମାନେ ରଥଟାଣୁଛନ୍ତି।

# ନବଦିନାତ୍ମକ ଯାତ୍ରାପରେ ବାହୁଡିଲେ ମହାପ୍ରଭୁ



ତୁଳସୀ ବେଶରେ ମହାବାହୁ।



ଏନ୍ଆଇଟି ପରିସରରେ ରଥ ଟଣାଯାଉଛି।

**ରାଉରକେଲା,୧୫।୭ (ସଙ୍ଗୀତା ଜେନା)**

ନବଦିନାତ୍ମକ ଯାତ୍ରାପରେ ବାହୁଡିଲେ ଚତୁର୍ଦ୍ଧାମୂର୍ତ୍ତି। ରାଉରକେଲା ସହରର ସର୍ବ ପୁରାତନ ଓ ପ୍ରସିଦ୍ଧି ଲାଭ କରିଥିବା ସେକ୍ଟର-୩ ଅହିରାବନ୍ଧର ଜଗନ୍ନାଥ ମହାପ୍ରଭୁ ଅବସ୍ଥାନ କରିଥିବା ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରୁ ବାହୁଡିଥିଲେ। ଏନେଇ ଗୁଣ୍ଡିଚାମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ସକାଳ ସମୟରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଅବକାଶ, ବାଲ୍ୟଭୋଗ, ଖେଚୁଡ଼ି ଭୋଗ, ବଡ଼ଧୂପ, ଠାକୁରଙ୍କ ସେଣାପଟା, କଠଉ ଲାଗି ପରେ ଅପରାହ୍ନ ପ୍ରାୟ ୩.୨୦ ମିନିଟରେ ଛେରାପହଁରା କରାଯାଇଥିଲା। ଠାକୁର ରାଜା ତଥା ରାଉରକେଲା ଇସ୍ପାତ କାରଖାନା ଡିଆଇସି ଅତନୁ ଭୌମିକ ଛେରାପହଁରା କରିଥିଲେ। ପ୍ରାୟ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା କାର୍ଯ୍ୟରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ। ଗୁଣ୍ଡିଚା ମନ୍ଦିର ଟ୍ରଷ୍ଟ ସଭାପତି ହରିହର ରାଉତରାୟ, ସାଧାରଣ ସମ୍ପାଦକ ଆନନ୍ଦ ମହାନ୍ତି, ଭରତ ମିଶ୍ର, ଭରତଚନ୍ଦ୍ର ପ୍ରଧାନ, ସୁଧିର ଶେଖର ସାହୁ, ପ୍ରବୀଣ ବେଦୀ ସମେତ ସେକ୍ଟର-୩ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ମିତ୍ରଭାନୁ ପଣ୍ଡା, ସୁଧିର ସୁନ୍ଦର ରାୟ, ସୁଶାନ୍ତ ତ୍ରିପାଠୀ,ରଜତ ଚୌଧୁରୀ, ପ୍ରଭୁ ପ୍ରସାଦ ସାହୁ, ବଡପଣ୍ଡା ତ୍ରିନାଥ ପାଢ଼ୀ, ପୂଜକ ପରମେଶ୍ୱର ପତି, ମଣ୍ଟୁ ପଣ୍ଡା, ସେବାୟତ ନିୟୋଗ କମିଟିର ସଭାପତି ପ୍ରକାଶ ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉକ୍ତ ଯାତ୍ରାକୁ ପରିଚାଳନା କରିଥିଲେ। ସନ୍ଧ୍ୟା ସାଢେ ୭ଟାରେ ସେକ୍ଟର-୩ ସ୍ଥିତ ଗୁଣ୍ଡିଚା ମନ୍ଦିର ରଥଖଲାରେ ରଥ ପହଞ୍ଚିଥିଲା। ସେହିପରି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ( ଏନ୍ଆଇଟି) ରାଉରକେଲାର କ୍ୟାମ୍ପସରେ ଥିବାଗୁଣ୍ଡିଚା ମନ୍ଦିରରୁ ଠାକୁର ରାଜା ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ବିଧିବିଧାନ ପୂର୍ବକ ଛେରାପହଁରା କରିଥିଲେ। ପରେ ରଥଟଣା ହୋଇଥିଲା। ରଥ କ୍ୟାମ୍ପସ ପରିକ୍ରମା କରି ସନ୍ଧ୍ୟାରେ ରାମ ମନ୍ଦିରରେ ପହଞ୍ଚି ଥିଲା। ପୂଜକ କିଶୋର ଦାଶ, ଶିବାନନ୍ଦ ଦାଶ, ପ୍ରଦୀପ ପତି ପୂଜା ସମ୍ପାଦନ କରିଥିଲେ। ରଥ ଆୟୋଜନ କମିଟିର ଅଧ୍ୟକ୍ଷ କେବି ମହାନ୍ତି, ସଭାପତି କେ ପି ମାଇତି, ଉପସଭାପତି ଡିପି ମହାପାତ୍ର, ସମ୍ପାଦକ କେକେ ଖଟୁଆ, କୋଷାଧ୍ୟକ୍ଷ ଆର୍ସି ମହାପାତ୍ର ତଥା ପରିଚାଳନା କମିଟିର ସଭାପତି ଶିବ ଶଙ୍କର ମହାପାତ୍ର, ଉପସଭାପତି ରାମଚନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ହଜାର ହଜାର ଛାତ୍ରୀଛାତ୍ର, କର୍ମଚାରୀ ଓ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ। ଅନୁରୂପ ଭାବେ କୋଏଲନଗର ସି ବ୍ଲକ ନୀଳକଣ୍ଠେଶ୍ୱର ଜଗନ୍ନାଥ ମନ୍ଦିରରେ ଗୁଣ୍ଡିଚା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହଁରା ବିଧି ସମ୍ପନ୍ନ କରିଥିଲେ। ସନ୍ଧ୍ୟା ୭ଟାରେ ରଥ ସି- ବ୍ଲକ ସ୍ଥିତ ନୀକଣ୍ଠେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ସେହିପରି କୋଏଲନଗର ଏ ବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିରରେ ବିଧିବିଧାନରେ ନୀତି କରାଯାଇଥିଲା। ପାନପୋଷ ଉପଜିଲାପାଳ ବିଜୟ ନାୟକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ସାଢ଼େ ୬ଟାରେ କୋଏଲନଗର ଏ ବ୍ଲକ ଜଗନ୍ନାଥ ମନ୍ଦିରରେ ୩ଟି ରଥ ପହଞ୍ଚିଥିଲା। କମିଟିର ଆଲୋକ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ରଜେନ୍ଦ୍ର ଦାଶ, ଅମୂଲ୍ୟ ମିଶ୍ର, ମନୋଜ ପଣ୍ଡା, ବିନୟ ମହାନ୍ତି, ଦଇତାପତି ନିଯୋଗର ବିବେକ ପଣ୍ଡା, ମୋହିନୀ ଦଳବେହେରା, ରାକେଶ ମହାନ୍ତି, ବିରଜା ମହାନ୍ତ, ତୁଷାର ସାହୁ, ରମେଶ ମହାନ୍ତି, ବିପ୍ରଚରଣ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିକ୍ରମରେ ସେକ୍ଟର-୨୧ ଜଗନ୍ନାଥ ମନ୍ଦିରରେ ଠାକୁର ରାଜା ସନ୍ତୋଷ ନାୟକ ଛେରାପହଁରା କରିଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା।

**ରାଉରକେଲା (ଦିନେଶ ମିଶ୍ର):** ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିବା ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ପାୱାର ହାଉସ୍‌ରୋଡ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ପୂଜକ ପଣ୍ଡିତ ମଧୁସୂଦନ ପଣ୍ଡାଙ୍କ ତତ୍ତ୍ୱବଧାନରେ ଭୋର ସାଢେ ୪ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଙ୍ଗଳାଆଳତି ଅର୍ପଣ କରିବା ପରେ ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ମନ୍ଦିର ପାର୍ଶ୍ୱଦେବା ଦେବୀ ପୂଜା ସହ ଷୋଡଶ ଉପଚାର ପୂଜା କରାଯାଇଥିଲା। ସକାଳ ୯ଟାରେ ଗୋପାଳ ବଲ୍ଲଭ ଭୋଗ, ଖେଚିଡି ଭୋଗ ଲାଗିଥିଲା। ପରେ ୩ଟା ୧୦ରେ ରାଜା ଚିତ୍ତରଞ୍ଜନ ରାଉତଙ୍କ ତତ୍ତ୍ୱବଧାନରେ ଛେରା ପହଁରା କରାଯାଇଥିଲା। ପରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ରଥ ପ୍ଲାଣ୍ଟସାଇଟ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ସାଢେ ୫ଟାରେ ପହଞ୍ଚିଥିଲା। ଏଥିରେ ପଦ୍ମନାଭ ପଣ୍ଡା, ଦେବନାଥ ପାଣିଗ୍ରାହୀ, ଦିଲୀପ ମିଶ୍ର ସେବକଭାବେ ପୂଜାର୍ଚ୍ଚନା କରିଥିଲେ। ସେହିଭଳି ଉଦିତନଗର ସ୍ଥିତ ଜଗନ୍ନାଥ ଚାରିଟ୍ରେବୁଲ ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଏହି ରଥ ରାଉରକେଲା ରେଳ ଷ୍ଟେଶନ ସ୍ଥିତ ସଙ୍କଟମୋଚନ ମନ୍ଦିରରୁ ବାହାରି ଥିଲା। ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶଙ୍କ ତତ୍ତ୍ୱବଧାନରେ ପ୍ରାତଃ ସମୟରେ ଜଗନ୍ନାଥଙ୍କ ସକାଳ ଧୂପ, ଗୋପୂଜା, ସୂର୍ଯ୍ୟପୂଜା, ଶୋଡଷ ଉପଚାର ପୂଜା କରାଯାଇଥିଲା। ସକାଳ ସାଢେ ୭ଟାରେ ଜଗନ୍ନାଥଙ୍କୁ ଭୋଗ ଅର୍ପଣ କରା ଯାଇଥିଲା। ପୂର୍ବାହ୍ନ ସାଢେ ୨ଟାରେ ମନ୍ଦିରର ରାଜା ବିଜୟ କୁମାର ପ୍ରଧାନ ଛେରାପହଁରା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ୩ରଥ ଉପରେ ସ୍ଥାପନ କରାଯାଇ ସାଢେ ୩ଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ରାଉରକେଲା ରେଳ ଷ୍ଟେଶନ ରୋଡ ମାଉସୀ ମା' ମନ୍ଦିରରୁ ବାହାରି ଡେଲିମାର୍କେଟ, ଉଦିତନଗର ହୋଇ ସନ୍ଧ୍ୟା ୮ଟାରେ ଉଦିତନଗର ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରର ରଥ ମାଲଗୋଦାମ ସ୍ଥିତ ସୋମନାଥ ମନ୍ଦିର ମାଉସୀ ମା' ମନ୍ଦିରରୁ ବାହାରି ଥିଲା। ଏଥିରେ ମୁଖ୍ୟ ପୂଜକ କ୍ଷେତ୍ରବାସୀ କରଙ୍କ ତତ୍ତ୍ୱବଧାନରେ ପ୍ରାତଃ ସମୟରେ ମହାପ୍ରଭୁଙ୍କ ଅବକାଶ ଧୂପ ସାଙ୍ଗକୁ ଦ୍ୱାର ଖୋଲାନୀତି, ସୂର୍ଯ୍ୟପୂଜା, ଗୋପୂଜା,ମନ୍ଦିର ପାର୍ଶ୍ୱଦେବାଦେବୀ ପୂଜା, ମଙ୍ଗଳାଆଳତି ଓ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଆଳତି କରାଯାଇଥିଲା। ଅପରାହ୍ନ ସାଢେ ୩ଟାରେ ରାଜା ଡ. ଗୋପବନ୍ଧୁ ବଳ ଛେରାପହଁରା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥଟଣା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ରଥ ମାଲଗୋଦାମ ସ୍ଥିତ ସୋମନାଥ ମନ୍ଦିର ମାଉସୀ ଠାରୁ ବାହାରି ସନ୍ଧ୍ୟା ସାଢ଼େ ୬ଟାରେ ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ବଡଦାଣ୍ଡରେ ପହଞ୍ଚିଥିଲା। ସେହିଭଳି ହନୁମାନ ବାଟିକା ରଥ ପ୍ଲାଣ୍ଟସାଇଟ୍ ସ୍ଥିତ ମାଉସୀ ମା' ମନ୍ଦିରରୁ ବାହାରି ରାଉରକେଲା ରିଙ୍ଗରୋଡ ହୋଇ



ବାସନ୍ତୀ କଲୋନୀରେ ରଥାରୂଢ଼ ମହାବାହୁ।

ହନୁମାନ ବାଟିକା ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲା। ସାଢେ ୨ଟାରେ ଦଇତାପତି ସୁବ୍ରତ ପଟ୍ଟନାୟକ ଛେରାପହଁରା କରିଥିଲେ। ସେହିଭଳି ଛେଣ୍ଡ ସ୍ଥିତ ଦେବ ବିହାର ମନ୍ଦିର ସେବା ସମିତି ପକ୍ଷରୁ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ରଥ କଳିଙ୍ଗ ବିହାର ସ୍ଥିତ ଗୁଣ୍ଡିଚା ମନ୍ଦିରରୁ ବାହାରି ଥିଲା। ଏଥିରେ ପୂଜକ ମହେଶ୍ୱର ପାଢୀଙ୍କ ତତ୍ତ୍ୱବଧାନରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳା ଆଳତି, ମଇଲମ୍, ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା ସହ ଷୋଡଷ ଉପଚାର ପୂଜା କରାଯାଇଥିଲା। ପରେ ସାଢେ ୨ଟାରେ ଦଇତାପତିଙ୍କ ଦ୍ୱାରା ଛେରାପହଁରା କରଯିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରେ ବିରଜମାନ କରାଯାଇ ରଥଟଣା ହୋଇଥିଲା। ଦେବ ବିହାର ମନ୍ଦିର ସେବା ସମିତିର ସଭାପତି ଅଭୟ କୁମାର ମହାପାତ୍ର, ରମେଶ ଚନ୍ଦ୍ର ଜେନାଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ମୂଲ୍ୟ ନିପୁଣ କ୍ରିଟିକାଲ ପିଂଚ୍ ରୋଲ ହେଲା ବିକଶିତ

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍ଏସପିର ମେକାନିକାଲ ସପ ବିଭାଗର ଉଦ୍ୟମୀ ପ୍ରୟାସ ହଟ୍ ଷ୍ଟ୍ରିପ ମିଲ-୨ ନିମନ୍ତେ ଅତି ଜରୁରୀ ଥିବା ପିଂଚ୍ ରୋଲକୁ ବିକଶିତ କରି ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଯାହା କମ୍ପାନୀ ପାଇଁ ଅଧିକ ସଞ୍ଚୟ ବଜାୟ ରଖିବା ଧାରାକୁ ମଜବୁତ କରିବା ସହ ଉପକରଣ ଉପଲବ୍ଧତା ଓ ସୁଚାରୁ ଉତ୍ପାଦକତା ହାସଲରେ ସହାୟକ ହୋଇଛି। ପିଂଚ ରୋଲ ବିକଶିତ ହେବା ଦ୍ୱାରା ରୋଲ ପ୍ଲେଟ ଗୁଡିକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସରଳ ହୋଇଛି। ଆଗରୁ ଏଥିପାଇଁ ୯ କୋଟିରୁ ଅଧିକ ଖର୍ଚ୍ଚ





ହେଉଥିଲା। ମାତ୍ର ବିକଶିତ ହୋଇଥିବା ପିଂଚ୍ ରୋଲ ସେଟ ପାଇଁ ମାତ୍ର ୧୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଯାହାଦ୍ୱାରା କି କମ୍ପାନୀ ଲାଭବାନ ହେବା ସହ ବିପୁଳ ସଞ୍ଚୟ ଧାରାକୁ ବଜାୟ ସାଧିତ କରିବାରେ ସଫଳ ହୋଇଛି।

## ନ୍ୟୁଟ୍ରିଫେଷ୍ଟ କିଡ୍ସ ଫ୍ୟାଶନ ଶୋ ଉଦ୍‌ଯାପିତ

**ରାଉରକେଲା,୧୬।୭(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡ ସ୍ଥିତ ପ୍ଲୁଟୋନ ମଲଠାରେ ନ୍ୟୁଟ୍ରିଫେଷ୍ଟ କିଡ୍ସ ଫ୍ୟାସନ ଶୋ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶୋ ନ୍ୟୁଟ୍ରିସ୍ଲିପ୍ ଓ ରୋଟାରି କ୍ଲବ ଅଫ ରାଉରକେଲା କୁଇନ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଉତ୍ସବରେ କ୍ଲବର ପିଡି ରୋଟାରିୟାନ ଏଫ.ସି ମହାନ୍ତି, ଆଇପିଡିଜି ରୋଟାରିଆନ ମଞ୍ଜିତ ସିଂ ଆରୋରା ଓ ଡିଜିଏନ୍ ଆଲାମସିଂ ରୋପରା ଅତିଥିଭାବେ ଯୋଗଦେଇଥିଲେ। ରୋଟାରୀ କ୍ଲବ୍ ଅଫ ରାଉରକେଲା କୁଇନ୍ସ ଓ ନ୍ୟୁଟ୍ରିସ୍ଲିପ୍‌ର ଏଭଳି କାର୍ଯ୍ୟକ୍ରମକୁ ଅତିଥି ବେଶ୍ ପ୍ରଶଂସା କରିଥିଲେ। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଶୋ ପାଇଁ ୩ଟି ବର୍ଗର ପ୍ରି-୭ ବର୍ଷରୁ କମ୍, ଜୁନିୟର ୮ରୁ ୧୨ବର୍ଷ, ସିନିଅର ବର୍ଗରେ ୧୩ରୁ ୧୭ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହିଭଳି କାଟାଗୋରୀ-୧ରେ ଚିତ୍ରାଙ୍କନ, କ୍ରିଏଟିଭ ରାଇଟିଙ୍ଗ ଓ ଷ୍ଟୋରୀ ଟେଲିଙ୍ଗ ଭଳି କାର୍ଯ୍ୟକ୍ରମ ଓ କ୍ୟାଟାଗୋରୀ-୨ରେ ନ୍ୟୁଟ୍ରି କୁଇଜ ଓ ସ୍ପେଲ ବି ଭଳି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କ୍ୟାଟାଗୋରୀ-୩ରେ କିଡ୍ସ ଫିଟନେସ୍ ଶୋ ଉପସ୍ଥିତ ଦର୍ଶକଙ୍କୁ ବେଶ ଆକର୍ଷିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ରେଟାରୀ କ୍ଲବ ଅଫ୍ ରାଉରକେଲା କୁଇନ୍ସର ସଦସ୍ୟାମାନେ।

**୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କରିଥିଲେ ଅଂଶ ଗ୍ରହଣ**

କରିଥିଲା। ଏହି ଅବସରରେ ଆୟାଜକ କମିଟି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗୀ ଓ ପ୍ରତିଯୋଗୀଙ୍କ ଅଭିଭାବକମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଯୋଗଦେଇଥିଲେ। ରୋଟାରୀ କ୍ଲବ୍ ଅଫ ରାଉରକେଲା କୁଇନ୍ସ ସଭାପତି ବରଖା ଗୁପ୍ତା, ଡକ୍ଟର ମନ୍‌ମିନ୍ କୌର,ନିଲୁ ବୁଦ୍ଧରାଜା, କଞ୍ଚନ ଅଗ୍ରୱାଲ, କୀର୍ତ୍ତି ଅଗ୍ରୱାଲ, ରୁଚିକା ଅଗ୍ରୱାଲ, ରେଷମା ଅଗ୍ରୱାଲ, ଗ୍ରୀଷ୍ମା ପରମା, ରାନୀ ଛାବ୍ରା, ସମୁନ ଜିନ୍ଦଲଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନବେଦି ଅଭିମୁଖେ ବାହୁଡ଼ିଲେ ମହାବାହୁ


ସୋମବାର ସମ୍ବଲପୁରରେ ରଥାରୂଢ଼ ବ୍ରହ୍ମପୁରା ଠାକୁର ।


ଝାଡୁଆପଡାରେ ବଳଭଦ୍ର ଠାକୁରଙ୍କ ପହଣ୍ଡି ।


ଗୋପାଳଜୀ ଠାକୁରଙ୍କଠାରେ ଶିଶୁଙ୍କ ରଥଛୁଆଁ ନୀତି ।


ଡୋବିନ୍ଦତୋଲା ଛକରେ ଭକ୍ତଙ୍କ ଭିଡ ।

ସମ୍ବଲପୁର,୧୫।୭(ବି.ଶଙ୍କର)

ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି। ଆଷାଢ଼ ଶୁକ୍ଳପକ୍ଷ ନବମୀ ଯୁକ୍ତ ଦଶମୀ ତିଥିରେ ମହାବହୁ ଜନ୍ମ ବେଦିରୁ ରତ୍ନ ବେଦିକୁ ବାହୁଡିଛନ୍ତି। ସୋମବାର ମାଉସୀ ମା' ମନ୍ଦିରଗୁଡିକରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ରୀତିନୀତି ଓ ପରମ୍ପରାନୁସାରେ ଠାକୁରଙ୍କଠାରେ ମଙ୍ଗଳ ଆଳତୀ, ଅବକାଶ ନିତୀ, ଭୋଗଲାଗି ଓ ସେନାପଟା କାର୍ଯ୍ୟକ୍ରମ ହୋଇଥିଲା। ଧାଡିପହଣ୍ଡି, ଠାକୁରଙ୍କ ରଢ଼ାରୂଢ଼, ରଥ ଛୁଆଁ ହେବାପରେ ସନ୍ଧ୍ୟା ୫ଟାରେ ରଥଟଣା ହେବା ପରେ ସନ୍ଧ୍ୟା ଆଳତୀ ହୋଇଥିଲା। ଶଙ୍ଖ, ଘଣ୍ଟ ଓ ଦୁଲଦୁଲି ବଜାରେ ଦୁଲୁକି ପଡୁଥିଲା ଯାତ୍ରାପଥ। ହରିବୋଲି, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମାଉସୀ ମା' ମନ୍ଦିର ପରିସର। ଠାକୁରଙ୍କଠାରେ ଭକ୍ତମାନେ ନିଜକୁ ସମର୍ପଣ କରିଥିଲେ। ଏପରି ଆଧ୍ୟାତ୍ମିକ ପରିବେଶରେ ଶିଶୁମାନଙ୍କୁ ରଥଛୁଆଁ ନୀତି କରାଯାଇଥିଲା।

## ବାହୁଡା ଯାତ୍ରାରେ ପୁରପଲ୍ଲୀ ଉତ୍ସବମୁଖର

ସୋମବାର ସମ୍ବଲପୁର ସହରର ସର୍ବ ପୁରାତନ ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ବାହୁଡା ଯାତ୍ରା ନୀତି ହୋଇଥିଲା। ପ୍ରାତଃ ୩ଟାରେ ଦ୍ୱାରଫିଟା, ୫ଟାରେ ଶିଙ୍ଗାର ଆଳତୀ, ସକାଳ ୭ଟା ୩୦ରେ ଭୋଗ ଆଳତୀ, ସକାଳ ୮ଟାରୁ ୧୦ଟା ୩୦ ମହାପ୍ରଭୁଙ୍କ ବାହୁଡା ଯାତ୍ରା ନିମନ୍ତେ ବେଶ, ପୂର୍ବାହ୍ନ ୧୧ଟାରେ ମଙ୍ଗଳାର୍ପଣ, ୧୧ଟା ୩୦ରେ ପହଣ୍ଡି ବିଜେ, ୧୨ଟା ୩୦ରେ ଛେରା ପହଁରା, ଅପରାହ୍ନ ୧ଟା ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରଥ ଛୁଆଁ ନିତି ଓ ୫ଟା ୩୦ରୁ ରଥ ଟଣା କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମପୁରାଙ୍କ ସମତେ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ଯଜ୍ଞବରାହ, ଗୁରୁପଡ଼ାର ଟିମନି, ମୁଦିପଡ଼ା, ମଠପାଲି, ଭତରା, କମଳିବଜାର ଓ ଧନୁପାଲିର ଗୋପାଳଜୀ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ଶୁଭଶ୍ରୀ ବିହାର, ସାକ୍ଷୀଗୋପୀନାଥପଡ଼ାର ରାଧାମଦନ ଗୋପାଳ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ବୁଧବାର ରୀତିନୀତିରେ ପୂଜାର୍ଚ୍ଚନା ହେବାପରେ ଝାଡୁଆପଡା, ମୁଦିପଡା, ଧନୁପାଲି, ବ୍ରହ୍ମପୁରା ଓ ସାକ୍ଷୀ ଗୋପୀନାଥ ପଡା, କ୍ଷେତରାଜପୁର ମନ୍ଦିର ସମ୍ମୁଖରେ ରଢ଼ାରୂଢ଼ ଠାକୁର ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ସହରରେ ୨୮ଟି ଜଗନ୍ନାଥ ମନ୍ଦିରରେ ଠାକୁର ପୂଜା ପାଆନ୍ତି। କିନ୍ତୁ ୨୫ଟି ମନ୍ଦିରରେ ବାହୁଡ଼ା ଯାତ୍ରା ହୋଇଛି। ଅପରାହ୍ନରେ ପ୍ରାୟ ୪ଟାରୁ ୪ଟା ୩୦ ମିନିଟ ପର୍ଯ୍ୟନ୍ତ ବର୍ଷା ହୋଇଥିଲା। ତେଣୁ ରଥଟଣା ସାମାନ୍ୟ ବିଳମ୍ବ ହୋଇଥିଲା। କିନ୍ତୁ ବର୍ଷା ଛାଡିବା ପରେ ଭକ୍ତମାନେ ରଥ ଟାଣିଥିଲେ। ମଙ୍ଗଳବାର ସଂକ୍ରାନ୍ତି ଥିବାରୁ ଠାକୁରଙ୍କ କୌଣସି ପ୍ରକାର ବେଶ ହେବ ନାହିଁ।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ନାକଟୀଦେଉଳ, ୧୫।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଯାମୁଯୋରୀ ପଞ୍ଚାୟତ ବିନ୍ଧପୁର ଗ୍ରାମରେ ସୋମବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ସୁଲୋଚନା ପୁଲେଇ(୬୭)। ସକାଳେ ଶୌଚ ପାଇଁ ସେ ଘର ନିକଟ ପଡିଆକୁ ଯାଉଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ସେଠାକୁ ଚାଲି ଆସିବାରୁ ଭାଲୁ ସେଠାରୁ ଖସି ପଳାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନାକଟୀଦେଉଳ ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ବୃଦ୍ଧାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାଟଗାଁ ଫରେଷ୍ଟର ଦିଲୀପ କୁମାର ବେହେରା ଆହତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଘଟଣା ସମ୍ପର୍କରେ ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବନ୍ୟଜନ୍ତୁ ଆକ୍ରମଣର ଶିକାର ବ୍ୟକ୍ତିଙ୍କୁ ଯାହା ସରକାରୀ ସହାୟତା ମିଳିବା କଥା ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ନାକଟୀଦେଉଳ ବନାଞ୍ଚଳ ରାଇଲ ଫରେଷ୍ଟ ସେକ୍ସନ ଅଧୀନ କୁଡାନାଳି ଗ୍ରାମର ବୃଦ୍ଧା ଉମା ମାଝୀ ମଧ୍ୟ ଭାଲୁ କାମୁଡ଼ାରେ ଗୁରୁତର ଆହତ ହୋଇଥିଲେ ।

## ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

କୁଚିଣ୍ଡା,୧୫।୭(ବିରଞ୍ଚି ଦର୍ଜୀ)

ସମ୍ବଲପୁର କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତର କିରାଶାସନସ୍ଥିତ ସପ୍ତେଶ୍ୱର ବାବା ମହାଦେବ ମନ୍ଦିର ସମ୍ମୁଖରେ ସୋମବାର ପବିତ୍ର ବାହୁଡା ଯାତ୍ରା ଅବସରରେ ବୀର ହନୁମାନଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରଦ୍ଧାକର ପଟେଲଙ୍କ ଦ୍ୱାରା ପ୍ରଦତ୍ତ ଦାନରୁ ହନୁମାନ ବିଗ୍ରହ ମନ୍ଦିର ସମ୍ମୁଖ ଭାଗରେ ଭକ୍ତଙ୍କ ପାଇଁ ମଧ୍ୟ ଏକ ସୁଦୃଶ ବିଶ୍ରାମାଗାର ନିର୍ମାଣ ହୋଇଛି। ଅଧ୍ୟକ୍ଷ ପଟେଲ ମୂର୍ତ୍ତିର ଅନାବରଣ କରିଥିଲେ। ପରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ଡା. ପ୍ରମୋଦ ପଟେଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୀନବନ୍ଧୁ ପଟେଲ, ନୃପଲାଲ ପଟେଲ, ପ୍ରଶାନ୍ତ ଭୁକ୍ତା, ହିମାଂଶୁ ମହାପାତ୍ର ଉପସ୍ଥିତ ଥିଲେ। ପ୍ରତିଷ୍ଠା ଉତ୍ସବ ପୂଜାରେ ଇଞ୍ଜିନିୟର ସୁକୁମାର ପଟେଲ ଓ ମାନିନୀ ପଟେଲ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ପ୍ରତାପ ପୁରୋହିତ ଓ ଅଶୋକ ମହାପାତ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ଶିକ୍ଷାବିତ୍ ଶ୍ରଦ୍ଧାକର ପଟେଲଙ୍କ ଦ୍ୱାରା ଅନାବରଣ ହେଇଥିବା ହନୁମାନଙ୍କ ମୂର୍ତ୍ତି।

## ଅନୁମୋଦିତ ପିଏଚ୍‌ଡି ସିଟ୍ ପୂରଣ କରିବାକୁ ଦାବି

ସମ୍ବଲପୁର,୧୫।୭
(ଭବାନୀ ଶଙ୍କର ଭୋଇ)

**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**
- ଅନୁମତିପ୍ରାପ୍ତ ୩୧ ସିଟ୍ ପୂରଣ କରାଯାଉ ନ ଥିବା ଅଭିଯୋଗ
- ଅଧ୍ୟାପକ ଅଭାବରୁ ପୂରା ସିଟ୍ ପୂରଣ ହୋଇପାରୁନି: ପିଜି କାଉନସିଲ

ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ(ଜିଏମ୍‌ୟୁ)ରେ ୟୁଜିସି ପକ୍ଷରୁ ଅନୁମୋଦିତ ପିଏଚ୍‌ଡି ସିଟ ପୂରଣ କରାଯାଉନାହିଁ। ଏହିଭଳି ଅଭିଯୋଗ କରିଛି ବିର୍ସା ଆମ୍ବେଦକର ଫୁଲେ ଆସୋସିଏଶନ। ସଙ୍ଗଠନ ପକ୍ଷରୁ ଜିଏମ୍‌ୟୁ ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ଏସ.କେ.ଦାଶଙ୍କୁ ଭେଟି ଖାଲି ସିଟ ପୂରଣ କରିବାକୁ ଦାବି କରାଯାଇଛି। ଏହାକୁ ନେଇ ଆଗକୁ କ'ଣ ପଦକ୍ଷେପ ନିଆଯିବ ସେ ନେଇ ଆସୋସିଏଶନ ପକ୍ଷରୁ ସୋମବାର ବିଶ୍ୱ ବିଦ୍ୟାଳୟ ପରିସରରେ ଆଲୋଚନା କରାଯାଇଛି।

ଚଳିତବର୍ଷ ପିଏଚ୍‌ଡିର ମୋଟ ପୋଷ୍ଟ ୩୧ ସିଟ୍ ପାଇଁ ବିଜ୍ଞାପନ ବାହାରିଥିଲା। ସେଥିରୁ ପ୍ରତ୍ୟେକ ବିଭାଗକୁ ସିଟ୍ ଆବଣ୍ଟନ କରାଯାଇଥିଲା। ତେବେ ସମସ୍ତ ସିଟ୍ ପୂରଣ ହେଲେ ସରକାରୀ ନିୟମ ଅନୁସାରେ ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ ୧୬.୫ ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ୨୨.୫ ମୋଟ ୩୯ ପ୍ରତଶତ ସଂରକ୍ଷଣ ମିଳିପାରିବ। ହେଲେ ଚଳିତ ବର୍ଷ ୩୧ଟିରୁ ୨୨ ଟି ସିଟ୍ ପୂରଣ କରାଯାଇଥିବା ବେଳେ ୯ଟି ସିଟ୍ ଖାଲି ପଡିଛି। ପୂରଣ ହୋଇଥିବା ସିଟ୍ ଗୁଡିକ ମଧ୍ୟରୁ କେବଳ ଗୋଟିଏ ସିଟ୍ ସଂରକ୍ଷିତ ବର୍ଗ ଛାତ୍ରଙ୍କୁ ମିଳିପାରିଥିବା ବିର୍ସା ଫୁଲେ ଆମ୍ବେଦକର ଫୁଲେ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଗୋଟିଏ ଶିକ୍ଷା ବର୍ଷ ପାଇଁ ୩୧ଟି ପିଏଚ୍‌ଡି ସିଟ ଥିବା ବେଳେ ଜିଏମ୍‌ୟୁ ପ୍ରଶାସନ ମନ ଇଚ୍ଛା କମ୍ ପିଏଚଡି ଛାତ୍ରଙ୍କୁ ଚୟନ କରୁଛନ୍ତି ବୋଲି ଆସୋସିଏଶନ ଅଭିଯୋଗ କରିଛି। ଶୀଘ୍ର ଓଡ଼ିଶା ସଂରକ୍ଷଣ ନୀତି ଅନୁସାରେ ବକେୟା ସିଟ୍ ପୂରଣ କରିବାକୁ ଆସୋସିଏଶନ ଦାବି କରିଛି। ଆସୋସିଏଶନର ସଭାପତି ଛତ୍ରପତି ସୁନାନି, ସାଧାରଣ ସମ୍ପାଦକ ହେମନ୍ତ ମହାନନ୍ଦିଆ, ଆସୋସିଏଶନର ପଶ୍ଚିମ ଓଡ଼ିଶା ସଭାପତି ସୁନୀଲ ବାଦି, ଆସୋସିଏଶନର ଜିଏମ୍‌ୟୁ ସଭାପତି ସମୀର ସୁନା ଏବଂ ଅନ୍ୟ ଛାତ୍ରୀଛାତ୍ରମାନେ ସଂରକ୍ଷଣ ସିଟ୍ ପୂରଣ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଏମ୍‌ୟୁ ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ଏସ.କେ.ଦାଶ କହିଛନ୍ତି ଯେ ୟୁଜିସିର ଗାଇଡ୍‌ଲାଇନ ଅନୁସାରେ ବିଶ୍ୱ ବିଦ୍ୟାଳୟ ପିଏଚ୍‌ଡି ପାଇଁ ଛାତ୍ର ଚୟନ କରୁଛି। ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଅଧ୍ୟାପକଙ୍କ ସଂଖ୍ୟା କମ ରହିଛି। ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଅଧିନରେ ନିୟମ ଅନୁସାରେ ୪ ଜଣ ପିଏଚ୍‌ଡି ଛାତ୍ର ଏବଂ ଆସୋସିଏଟ ପ୍ରଫେସରଙ୍କ ଅଧିନରେ ୬ ଜଣ ଏବଂ ପ୍ରଫେସରଙ୍କ ଅଧିନରେ ୮ ଜଣ ଗବେଷଣା କରିପାରିବେ। ବିଭିନ୍ନ ବିଭାଗର ଆସୋସିଏଟ ପ୍ରଫେସରଙ୍କ ଅଧୀନରେ ଆଗରୁ ପିଏଚ୍‌ଡି ଛାତ୍ର ଗବେଷଣାରତ ରହିଥିବା ବେଳେ ସେମାନଙ୍କ ଗବେଷଣା ସରିବା ପରେ ଯାଇ ନୂତନ ଛାତ୍ରଙ୍କୁ ସୁଯୋଗ ମିଳିପାରିବ ବୋଲି ପ୍ରଫେସର ଦାସ କହିଛନ୍ତି। ତେବେ ଅଧ୍ୟାପକଙ୍କ ଅଭାବ ଯୋଗୁ ସମସ୍ତ ସିଟ୍ ପୂରଣ ସମ୍ଭବ ହୋଇପାରୁ ନ ଥିବା ପିଜି କାଉନସିଲ ଚେୟାରମ୍ୟାନ କହିଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚିକିତ୍ସିତ ହେଲେ ଶହେ ରୋଗୀ


ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

କୁଚିଣ୍ଡା,୧୫।୭(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ସ୍ଥିତ ଗୋବିନ୍ଦପୁର କଲ୍ୟାଣ ମଣ୍ଡପରେ ଫ୍ୟୁଜନ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ବାମରା ଶାଖା ପରିଚାଳକ ଭଗବାନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସହ ପରିଚାଳକ ସୁରେଶ ପରିଡ଼ା ସଂଯୋଜନା କରିଥିଲେ। ଏଥିରେ ବିଭାଗୀୟ ପରିଚାଳକ ଓମ ପ୍ରକାଶ ଶତପଥୀ, ବାମରା ବ୍ଲକ ମେଡିକାଲ ଅଫିସର ଡା. ନାରାୟଣ ରାୟ, ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଭୁପାଦ ମିଶ୍ର, ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର କୁମାର ବେହେରା, ସରପଞ୍ଚ ବିମଳ ଲାକ୍ରା, ଡା.ସଞ୍ଜିତ କୁମାର ଦେ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡାକ୍ତରମାନେ ଗୋବିନ୍ଦପୁର ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ଗୋବିନ୍ଦପୁର ଡାକ୍ତରଖାନାର ଫାର୍ମାଶଷ୍ଟ ସୁଶାନ୍ତ କାଲଟା, ଏଲଟି ସପ୍ତେଶ୍ୱର ସାହୁ, ପ୍ରକାଶିନୀ ନାଏକ, ଟେକ୍ନିସିଆନ ପରେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ଯୋଜନାର ସୁଫଳ ପାଇଁ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୭ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୧୮ ୱାର୍ଡର କ୍ଷେତରାଜପୁରଠାରେ ସାମାଜିକ ଅନୁଷ୍ଠାନ ସେବା ପକ୍ଷରୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସେବା ଅନୁଷ୍ଠାନ ସଭାପତି ଦୀପକ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବିନ୍ଦ୍ର ଶତପଥୀ, ସାମାଜିକ କର୍ମୀ ନିହାଲ ସିଂ, ମୋମୀନା ଖାତୁନ, ବାବୁଲୁ ଚାନ୍ଦ, ପ୍ରେମରାଜ ମେହେର,ବୁଧୁ ପାତ୍ର, ସ୍ନିଗ୍ଧା ଦାସ, ଶିବ ମେହେର, ନାରାୟଣ ଦେଓ, ପାୟଲ ଦତ୍ତ, ତ୍ରିବିକ୍ରମ ସାହୁ, ସୁଦୀପ୍ତ ମୁଖାର୍ଜୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଏବଂ ମିଳୁଥିବା ସହାୟତା କିଭଳି ଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ଅତିଥିମାନେ ସଚେତନ କରିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ସରକାରଙ୍କ ପକ୍ଷରୁ ମିଳୁଥିବା ସବୁ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ଯେପରି ଲୋକେ ପାଇପାରିବେ ତା'ର ବ୍ୟବସ୍ଥା କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ସୂଚନା ଦେଇଥିଲେ।

## ଛାତରୁ ପାଣି ଗଳୁଛି, ଓଦା ହେଉଛନ୍ତି ଛାତ୍ରୀଛାତ୍ର

ସମ୍ବଲପୁର,୧୫।୭
(ଭବାନୀ ଶଙ୍କର ଭୋଇ)

**ଯୁଗିପାଲି ସରକାରୀ ବିଦ୍ୟାଳୟ**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବଡୁଆପାଲି ପଞ୍ଚାୟତ ଅର୍ନ୍ତଗତ ଯୁଗିପାଲି ସରକାରୀ ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଭିଭାବକମାନେ ଏ ନେଇ ସୋମବାର ଅଭିଯୋଗ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଯାଏ ଏଠାରେ ପାଠ ପାଠ ପଢୁଛନ୍ତି। ହେଲେ ଶ୍ରେଣୀ କୋଠରିଗୁଡିକର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଚଟାଣଗୁଡିକ ଫାଟି ଯାଇଥିବା ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ଶ୍ରେଣୀ କୋଠରି ଭିତରେ ଛାତ୍ରୀଛାତ୍ର ଭିଜି ଯାଉଥିବା ଅଭିଭାବକମାନେ କହିଛନ୍ତି । ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ସୁରକ୍ଷିତ ନ ଥିବାରୁ ବିକଳ୍ପ ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ପରିଚାନା କମିଟି ଅଧ୍ୟକ୍ଷ ସରୋଜ ବଗର୍ତ୍ତୀ, ଉପାଧ୍ୟକ୍ଷା ପିଙ୍କି ପୋଢ ଏବଂ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ଶାନ୍ତୀ ବେହେରା, ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପୁରୁଣା କୋଠା ଭାଙ୍ଗି ନୂତନ କୋଠା ନିର୍ମାଣ କରିବା ପାଇଁ ଅଭିଭାବକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହା ବାଦ ବିଦ୍ୟାଳୟକୁ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ନାବାଳକଙ୍କ ମୃତ୍ୟୁ

ସମ୍ବଲପୁର,୧୫।୭
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ନିକଟରେ ସୋମବାର ସଡ଼କ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପାଳମାଳର ଆରୁଷ ଚାନ୍ଦ(୧୩)। ସୂଚନା ଅନୁସାରେ ଆରୁଷ ବୁଲିବା ପାଇଁ ମାମୁ ଘର ଗୋଶାଳା ନିକଟସ୍ଥ କଳାମାଟି ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେ ଏକ ବ୍ୟାଟେରି ଚାଳିତ ସ୍କୁଟରରେ ଗୋଶାଳା ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍‌ସାରକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ସମ୍ବଲପୁର,୧୫।୭ (ଭବାନୀ ଶଙ୍କର ଭୋଇ)

ପବିତ୍ର ବାହୁଡା ରଥଯାତ୍ରା ଅବସରରେ ସୋମବାର ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରାର ପ୍ରଚାରକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀ ତାଙ୍କ ନାମରେ ନାମିତ ଉଦ୍ୟାନରେ ସ୍ଥାପନ ନେଇ ପଦକ୍ଷେପ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତୀ ସକାଳେ ସମ୍ବଲପୁର ପହଞ୍ଚିବା ପରେ ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନରେ ପୂର୍ବରୁ ନିର୍ମିତ ବେସରେ ବସାଯାଇଥିଲା । ଗୁରୁଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖରେ ଦେଶ ବିଦେଶରେ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଉଥିବା ବେଳେ ତାଙ୍କର ସ୍ମୃତିରକ୍ଷା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ୨୦୧୩ ମସିହାରୁ ଉଦ୍ୟମ ଆରମ୍ଭ କରିଥିଲା। ୨୦୧୮ ମସିହାରେ ଉଦ୍ୟାନ ପରିସରରେ ଏକ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତୀ ସ୍ଥାପନ କରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ଲୋକଙ୍କ ସହଯୋଗରେ ପ୍ରତିମୂର୍ତ୍ତୀ ନିର୍ମାଣ କରାଯିବା ପରେ ଆସନ୍ତା ସମ୍ବଲପୁରୀ ଦିନ ଅବସରରେ ପ୍ରତିମୂର୍ତ୍ତୀ ଉନ୍ମୋଚନ ନେଇ ଯୋଜନା କରାଯାଉଛି ବୋଲି ମଞ୍ଚର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଡ଼. ପ୍ରମୋଦ ରଥ କହିଛନ୍ତି। ପ୍ରତିମୂର୍ତ୍ତୀ ସ୍ଥାପନ ସମୟରେ ଆଇନଜୀବୀ ରବି ପୂଜାରୀ, କିଶୋର ଧରେଇ, ରାହୁଲ ମୋଦକ, ସୁବୋଧ ଦୋରା, ଲଳିତ ବେବର୍ତ୍ତା, ଦେବାଶିଷ ବେହେରା, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ଅମିତାଭ ମାଝୀ, ନିଶିକାନ୍ତ ବିଶ୍ୱାଳ, ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ ।


ଗୁରୁ ସତ୍ୟନାରାୟଣ ଉଦ୍ୟାନ ପରିସରରେ ସ୍ଥାପିତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି।

## ମନ୍ଦିର ପ୍ରତ୍ୟାବର୍ତ୍ତନ କଲେ ସାକ୍ଷୀଗୋପୀନାଥ ମହାପ୍ରଭୁ

ସମ୍ବଲପୁର,୧୫।୭
(ଭବାନୀ ଶଙ୍କର ଭୋଇ)

ଶୀତଳଷଷ୍ଠୀ ଯାତ୍ରାରେ ସମ୍ବଲପୁର ନନ୍ଦପଡା ବଂବରାଡ ବାଲୁଙ୍କେଶ୍ୱର ବାବା ଓ ଜଗତଜନନୀ ମାତା ପାର୍ବତୀଙ୍କର ଲୌକିକ ବିବାହ ପାଇଁ ଆସିଥିବା ସାକ୍ଷୀପଡାସ୍ଥିତ ସାକ୍ଷୀଗୋପୀନାଥ ମହାପ୍ରଭୁ ସୋମବାର ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୀତଳଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ସାକ୍ଷୀଗୋପୀନାଥ ମହାପ୍ରଭୁ ସାକ୍ଷୀ ରହିବାର ପରମ୍ପରା ରହି ଆସିଛି । ଏଣୁ ବିବାହ ପୂର୍ବରୁ ସାକ୍ଷୀଗୋପୀନାଥ ନିଜ ମନ୍ଦିରରୁ ଆସି ନନ୍ଦପଡାର ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରିଥାନ୍ତି। ଆଜି ସାକ୍ଷୀ ଗୋପୀନାଥ ମହାପ୍ରଭୁ ନିଜ ମନ୍ଦିରକୁ ପତ୍ୟାବର୍ତ୍ତନ କରିବା ପୂର୍ବରୁ ରବିବାର ପବିତ୍ର ବାହୁଡା ରଥ ଯାତ୍ରାର ପୂର୍ବ ସନ୍ଧ୍ୟାରେ ଶ୍ରୀ ସତ୍ୟନାରାୟଣ ପୂଜାର ସମାପନ ହୋଇଥିଲା । ପରମ୍ପରାନୁଯାୟୀ ଶ୍ରୀ ଗୁଣ୍ଡିଚା ଯାତ୍ରାରୁ ବାହୁଡା ଯାତ୍ରା ମଧ୍ୟରେ ହିଁ ଶ୍ରୀ ସାକ୍ଷୀଗୋପୀନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନର ରୀତି ରହିଥିବାରୁ ସୋମବାର ଅପରାହ୍ନରେ ବାହୁଡା ଯାତ୍ରା ଅବସରରେ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ତାଙ୍କର ସାକ୍ଷୀପଡା ସ୍ଥିତ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏଥିପାଇଁ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥଙ୍କୁ ନନ୍ଦପଡାରୁ ତାଙ୍କ ସାକ୍ଷୀ ଗୋପୀନାଥ ମନ୍ଦିରକୁ କମିଟି ସଦସ୍ୟ ଓ ପଡାବାସୀ ଭବ୍ୟ ଶୋଭାଯାତ୍ରାର ନେଇଥିଲେ। ଏହି ରୀତିନୀତିର ସମାପନ ସହିତ ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଆନୁଷ୍ଠାନିକ ରୂପେ ସମ୍ପନ୍ନ ହୋଇଛି । ସୁଚନାଯୋଗ୍ୟ ଯେ, ମହାଦେବ ଓ ମାତା ପାର୍ବତୀଙ୍କ ଦେବ ବିବାହ କାର୍ଯ୍ୟରେ କେବଳ ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ବିବାହ ଉତ୍ସବରେ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସାକ୍ଷୀ ରହିବାର ପରମ୍ପରା ରହିଆସିଛି।


ସାକ୍ଷୀଗୋପୀନାଥ ମହାପ୍ରଭୁ ସୋମବାର ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

# ମନ୍ଦିରକୁ ଫେରିଲେ ତିନି ଠାକୁର

ବଲାଙ୍ଗୀର,୧୫।୭
(ବୀରେନ୍ଦ୍ର କୁମାର ଝାଙ୍କର)

ସୋମବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ତିନି ଠାକୁର ମନ୍ଦିରକୁ ଫେରିବା ପରେ ଚଳିତବର୍ଷର ପବିତ୍ର ରଥଯାତ୍ରା ସାମାପନ ହୋଇଛି। ବଲାଙ୍ଗୀର ସହର ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ମାଉସୀ ମା' ମନ୍ଦିରରୁ ତିନି ବିଗ୍ରହଙ୍କୁ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଓ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ପହଣ୍ଡି କରି ରଥାରୁଢ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ୍ ଜୟରାମ ମିଶ୍ର, ଶ୍ୟାମ ଗୁରୁ, ଗୋପାଳ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ। ପରେ ତିନି ବିଗ୍ରହଙ୍କ ରଥକୁ ଶ୍ରଦ୍ଧାଳୁମାନେ ଗୋପାଳଜୀ ମନ୍ଦିରକୁ ଟାଣି ନେଇଥିଲେ। ବିଧି ଅନୁଯାୟୀ ତିନି ବିଗ୍ରହଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା। ଟିକ୍ରାପଡା ଗାନ୍ଧୀ ପାଠାଗାର ମାଉସୀ ମା' ମନ୍ଦିରରୁ ତିନି ଠାକୁର ବାହୁଡା ଯାତ୍ରାରେ ଜଗନ୍ନାଥପଡା ମନ୍ଦିରକୁ ଫେରିଥିଲେ। ସମାଜସେବୀ ବିକ୍ରମାନନ୍ଦ ବହିଦାର, ପୂର୍ବତନ ନଗରପାଳ ପ୍ରଦୀପ ସାହୁ, କନିଷ୍ଠ ସାଏ, ସଂଗ୍ରାମ ବହିଦାର ଓ ଅନ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ଭେଟ୍ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଥିଲା। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରସ୍ଥିତ ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କଲା ପରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଡେଲିମାର୍କେଟସ୍ଥିତ ରାମଚରିତ ମାନସ ମନ୍ଦିର ପରିସରସ୍ଥ ମାଉସୀ ମା' ମନ୍ଦିରରୁ ଟିକ୍ରାପଡା ଚାନ୍ଦ ମନ୍ଦିରକୁ ତିନି ବିଗ୍ରହଙ୍କ ରଥ ଫେରିଥିଲା। ମାଳପଡା ମାଉସୀ ମା'ମନ୍ଦିରରୁ ଶୈଳଶ୍ରୀ ପେଲେସକୁ ରଥ ବାହୁଡା ହୋଇଥିଲା। ସାହାଣୀ ରଥ ମଧ ଏବିଏସ୍ଏସ୍ ରୋଡସ୍ଥିତ ମନ୍ଦିରକୁ ଫେରିଥିଲା। ଏହା ସହିତ ରାଧାରାଣୀପଡା, ପେଲେସ ଲାଇନ୍, ତୁଳସୀ ନଗର, କଳାମଣ୍ଡଳପଡା, ଏବିଏସଏସ, ତାଳପାଲିପଡା, ବରପାଲିପଡା, ଗୋପବନ୍ଧୁନଗର, ଗାନ୍ଧୀନଗରପଡା, ରାଧାରାଣୀପଡାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ବାହୁଡା ଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଲାଗିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହୋଟେଲ ଆଶିଷ ପ୍ଲାଜାଠାରେ ବାହୁଡା ଯାତ୍ରାର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଏଠାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ପରିଚାଳନା କ୍ରମେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କବି ବିଜୟ କୁମାରୀ ତ୍ରିପାଠୀ, ଅଧ୍ୟାପକ ପ୍ରେମଚାନ୍ଦ ମହାନ୍ତି, କବି ମଧୁସୂଦନ ନାୟକ, ପ୍ରବଚିକା ଏଲୋରା ମିଶ୍ର ବାହୁଡା ଯାତ୍ରା ଧାରାବିବରଣୀ ପ୍ରଦାନ କରିଥିଲେ। ମନ୍ଦିରକୁ ଫେରିବା ପରେ ତିନି ଜୀଉଙ୍କ ମନ୍ଦିର ପ୍ରବେଶ ନୀତି, ଲକ୍ଷ୍ମୀନାରାୟଣ ଭେଟ୍ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା।


ବଲାଙ୍ଗୀର ଜଗନ୍ନାଥପଡା ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।


ବଲାଙ୍ଗୀର ଗୋପାଳଜୀ ମନ୍ଦିର ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।


ବଲାଙ୍ଗୀର ତୁଳସୀନଗରଠାରେ ବାହୁଡ଼ା ଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କୁ ରଥାରୂଢ଼ ପହଣ୍ଡି କରି ନିଆଯାଉଛି।
(ଫଟୋ– ସୁନୀଲ, ବଲାଙ୍ଗୀର)

## ସଂକ୍ଷେପରେ

### ଆଞ୍ଚଳିକ ବନ ସଂରକ୍ଷକଙ୍କ ବନୀକରଣ ପରିଦର୍ଶନ



ଦେଓଗାଁ ,୧୫।୭
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅଧିନ ସୁନାଆଡକି ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ବନୀକରଣକୁ ଆଞ୍ଚଳିକ ବନ ସଂରକ୍ଷକ(ଆରସିସିଏଫ) ସନ୍ତୋଷ ଯୋଶୀ ପରିଦର୍ଶନ କରିଛନ୍ତି । ଏହି ସଂରକ୍ଷିତ ଜଙ୍ଗଲରେ ପଦା ହୋଇଥିବା ସ୍ଥାନମାନଙ୍କରେ ୨୦ ହେକ୍ଟର ଜମିରେ ପ୍ରାୟ ୨୦ ହଜାର ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଉଛି । ତେବେ ଏହି ବନୀକରଣ କାର୍ଯ୍ୟକୁ ତଦାରଖ କରି ଗଛଗୁଡିକର ଉପଯୁକ୍ତ ଯତ୍ନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଅଧିକାରୀ ଓ କର୍ମଚାରୀଙ୍କ ସହ ମିଶି ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଏଫଓ ସୁଦର୍ଶନ ବେହେରା, ଏସସିଏଫ ଜିତେନ୍ଦ୍ର ସାହୁ, ରେଞ୍ଜର ଯୁଧିଷ୍ଠିର ଜାଲ, ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ, ଗୁଡଭେଲା ଫରେଷ୍ଟର ମଧୁସୁଦନ ଚାନ୍ଦ ତଥା ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ ।

**୫ ଦିନ ହେଲା ଜଳଯୋଗାଣ ବ୍ୟାହତ**

### ୩ ପମ୍ପ ହାଉସ୍‌ରୁ କେବୁଲ ତାର ଚୋରି

ଦେଓଗାଁ, ୧୫।୭
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ବହଲି, ସାରସବାହାଲ ଓ କୁତୁର୍ଲା ପମ୍ପ ହାଉସ୍‌ରୁ କେବୁଲ ଚୋରି ହୋଇଯାଇଛି । ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ କୁତୁର୍ଲା ପଞ୍ଚାୟତର ସମସ୍ତ ଗାଁକୁ ଜଳ ଯୋଗାଣ ବ୍ୟାହତ ହୋଇଯାଇଛି। ସପ୍ତାହକ ତଳେ ଦୁର୍ବୃତ୍ତମାନେ ଗୋଟିଏ ରାତିରେ ୩ଟି ପମ୍ପ୍ ହାଉସର କେବୁଲ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଗତ କିଛି ଦିନ ହେଲା ଅଞ୍ଚଳରେ କେବୁଲ ଚୋରି ବଢିବାରେ ଲାଗିଛି। ଫଳରେ ପିଇବା ପାଣି ପାଇବାରୁ ଗ୍ରାମବାସୀ ବଞ୍ଚିତ ରହୁଛନ୍ତି। ସମ୍ପୃକ୍ତ ବିଭାଗର ଜେ.ଇ ବିଶ୍ୱଜିତ ଜେନାଙ୍କୁ ପଚାରିବାରୁ କେବୁଲ ମଗାଇଛୁ, ଦିନେ ଦୁଇଦିନ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ।

## ରାସ୍ତା କାମ ମନ୍ଥର, ଯାତାୟାତ ବ୍ୟାହତ

**ଦେଓଗାଁ,୧୫।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁଠାରୁ ବଡବନ୍ଧକୁ ସଂଯୋଗ କରୁଥିବା ରାସ୍ତା ଏବେ ବର୍ଷାରେ ଶୋଚନୀୟ ହୋଇଯାଇଛି । ବଡବନ୍ଧରୁ ସିକୁଆଁ ପ୍ରଧାନମନ୍ତ୍ରୀ ସଡକ କାମ ମନ୍ତର ଗତିରେ ଚାଲିଛି। ଠିକାଦାର ଉକ୍ତ ରାସ୍ତାରେ ମୋରମ ବିଛାଇ ପକାଇ ରଖିଥିବାରୁ ବର୍ଷାରେ କାଦୁଅପୂର୍ଣ୍ଣ ହୋଇଛି । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି।


ରାସ୍ତା ଶୋଚନୀୟ ହୋଇ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି।

## ଅଙ୍ଗନଦୀ ତଟରେ ଚାରାରୋପଣ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୧୫।୭ (ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେଶନ ପକ୍ଷରୁ ସୋମବାର ଅଙ୍ଗ ନଦୀ ତଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟମାନେ ଅଙ୍ଗନଦୀ ପରିସର ଓ ଏହାର ଆଖପାଖ ସ୍ଥାନରେ ଚାରା ରୋପଣ କରିଥିଲେ। ଉପଦେଷ୍ଟା ପଦ୍ମଲୋଚନ ପଧାନ ଓ ମେଘନାଥ ପଧାନ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସଦସ୍ୟଙ୍କୁ ଚାରାରୋପଣର ଉପକାରିତା ବିଷୟରେ ବୁଝାଇ ଥିଲେ। ସଦସ୍ୟମାନେ ଗଛର ଯତ୍ନ ନେବା ପାଇଁ ପ୍ରତିଜ୍ଞା ନେଇଥିଲେ।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର


ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଲାଠୋର, ୧୫।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀରଜିଲା ଖପ୍ରାଖୋଲ ବ୍ଲକକରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ସରପଞ୍ଚ ଜପସ୍ୱିନି ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଯୋଗଦେଇଥିଲେ। ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଗାଈ, ଛେଳି ଗୁହାଳ, ରାଶନ କାର୍ଡ଼ ଇତ୍ୟାଦି ଯୋଗାଇ ଦେବାକୁ ଆବେଦନପତ୍ର ପ୍ରଦାନ କରିଥିଲେ। ଝଲିଆଲିଟି ଗ୍ରାମର ପାନୀୟ ଜଳ ଯୋଗାଣ ଉପରେ ମଧ ଅଭିଯୋଗ ହୋଇଥିଲା। ସେହିପରି ପଞ୍ଚାୟତ ଅଧୀନ କରୁଆଝର ଏବଂ ସାନଗୁର୍ଜିଭଟା ଗ୍ରାମରେ ଅର୍ଦ୍ଧନିର୍ମିତ ଅଙ୍ଗନୱାଡ଼ି ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଭିଯୋଗପତ୍ର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ଅଧିକାରୀମାନେ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ଆଗାମୀ ଦିନରେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜଳି ଶବରଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ବିଧୁଭୂଷଣ ଗୁରୁଙ୍କ ଜୟନ୍ତୀରେ ପ୍ରକାଶ ପାଇବ ବିଧୁସ୍ମୃତି

ବଲାଙ୍ଗୀର,୧୫।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବିଶିଷ୍ଟ ସାହିତ୍ୟିକ, ଗୀତିକାର ଏବଂ କଣ୍ଠଶିଳ୍ପୀ ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ଜୟନ୍ତୀ ଅବସରରେ ଅକ୍ଟୋବର ୩ରେ ସ୍ମରଣିକା ବିଧୁସ୍ମୃତିର ପଞ୍ଚମ ସଂଖ୍ୟା ପ୍ରକାଶ ପାଇବ। ବଲାଙ୍ଗୀର ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ଉପଦେଷ୍ଟା ତୁଳସୀ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୱେବିନାରରେ ଏନେଇ ମତ ପ୍ରକାଶ ପାଇଛି। ଏହି ୱେବିନାରରେ ସ୍ମୃତି ପରିଷଦ ସମ୍ପାଦକ ଜୟକୁମାର ଆଚାର୍ଯ୍ୟ, ରଘୁନାଥ ବାବୁ, ଡ. ଦଇତାରି ପୂଝାରୀ, ଡ. କୌତୁକ ପନ୍ଦର, ଡ. ଜଗନ୍ନାଥ ସାହୁ ଯୋଗ ଦେଇଥିଲେ।

**୬ ଜଣ ସାହିତ୍ୟିକଙ୍କୁ ସମ୍ମାନିତ କରାଯିବ**

ଏନେଇ ଏକ ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଛି। ଜୟକୁମାର ଆଚାର୍ଯ୍ୟ ବିଧୁସ୍ମୃତିର ମୁଖ୍ୟ ସମ୍ପାଦକ ମନୋନୀତ ହୋଇଛନ୍ତି। ରଘୁନାଥ ବାବୁ, ଡ. ଦଇତାରି ପୂଝାରୀ, ଡ. କୌତୁକ ପନ୍ଦର, ଡ. ଜଗନ୍ନାଥ ସାହୁ ସମ୍ପାଦନା ମଣ୍ଡଳୀ ସଦସ୍ୟ ରହିଛନ୍ତି । ବିଧୁସ୍ମୃତି ପାଇଁ ଏହି ଅବସରରେ ଲେଖା ଆହ୍ୱାନ କରାଯାଇଛି। ଆଗ୍ରହୀ ଗବେଷକ ତଥା ଲେଖକମାନେ ଜୁଲାଇ ଶେଷ ସୁଦ୍ଧା ପଠାଇ ପାରିବେ। ବିଧୁସ୍ମୃତିରେ ବିଧୁଭୂଷଣ ଗୁରୁଙ୍କ ସ୍ମୃତି ସମ୍ବଳିତ ଲେଖା ତଥା ତାଙ୍କ ସାହିତ୍ୟ କୃତିର ଆଲୋଚନାମୂଳକ ପ୍ରବନ୍ଧ ସବୁ ସ୍ଥାନ ପାଇବ। ଆଗାମୀ ବିଧୁଭୂଷଣ ଜୟନ୍ତୀ ପାଳନ ସମାରୋହରେ ସ୍ମରଣିକା ବିଧୁସ୍ମୃତି ଉନ୍ମୋଚିତ ହେବା ସହିତ ୬ ଜଣ ଲେଖକଙ୍କୁ ସମ୍ମାନିତ କରାଯିବ। ବିଧୁଭୂଷଣ ସାହିତ୍ୟର ଧୂରୀଣ ଗବେଷକ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶିଙ୍କୁ ବିଧୁଭୂଷଣ ଗୁରୁ ସ୍ମୃତି ସମ୍ମାନ, ଟିଟିଲାଗଡ଼ ଡିଏଭି କଲେଜର ଓଡ଼ିଆ ଅଧ୍ୟାପକ ଡ. ଜଗଦୀଶ ଚନ୍ଦ୍ର ଭୋଇଙ୍କୁ ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆ ସ୍ମୃତି ସମ୍ମାନ, କଣ୍ଟାବାଞ୍ଜି କଲେଜ ଓଡ଼ିଆ ଅଧ୍ୟାପକ ତଥା କବି ଡ. ସଞ୍ଜୟ କୁମାର ମିଶ୍ରଙ୍କୁ ଡ. ଗଙ୍ଗାଧର ଗୁରୁ ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଧୁଭୂଷଣ ସାହିତ୍ୟ ସଂସଦ ତୁଷରାର ପ୍ରତିଷ୍ଠାତା ସଭାପତି ଗୀତାରତ୍ନ ଯୁଗଳ କିଶୋର ପ୍ରଧାନଙ୍କୁ ଜଷ୍ଟିସ୍ ରାଧେକୃଷ୍ଣ ମିଶ୍ର ସ୍ମୃତି ସମ୍ମାନ, ସିନ୍ଦେକେଲା କଲେଜର ଓଡ଼ିଆ ଅଧ୍ୟାପକ ଡକ୍ଟର ଜୟପ୍ରକାଶ ମିଶ୍ରଙ୍କୁ ଗୌରୀଶଙ୍କର ତ୍ରିପାଠୀ ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ତଥା ବିଧୁଭୂଷଣ ସାହିତ୍ୟର ବିମୁଗ୍ଧ ପାଠକ ପ୍ରସନ୍ନ କୁମାର ହୋତାଙ୍କୁ ପୂର୍ଣ୍ଣଚନ୍ଦ୍ର ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ପରିଷଦ ସମ୍ପାଦକ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା

କଣ୍ଟାବାଞ୍ଜି, ୧୫।୭(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଏବଂ ଆଖପାଖ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। କଣ୍ଟାବାଞ୍ଜି ଆଶ୍ରମପଡା ରଥ ଶାସ୍ତ୍ରୀ ଛକ ଅନିଲ ସୋନିଙ୍କ ବାସଭବନ ମାଉସୀମା' ମନ୍ଦିରରୁ ବାହାରି ଆଶ୍ରମପଡା ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ତିନି ଠାକୁର ସନ୍ଧ୍ୟା ୭ଟାରେ ପହଞ୍ଚି ଥିଲେ। ବିଧାୟକ ଲକ୍ଷ୍ମଣ ବାଗ ସାମିଲ ହୋଇ ଭକ୍ତମାନଙ୍କ ସହ ରଥ ଟାଣିଥିଲେ। ସେହିପରି କଣ୍ଟାବାଞ୍ଜି ସହର ପୁରୁଣା ବାହୁଡ଼ାଯାତ୍ରାରେ ଏନଏସି ନଗରପାଳ ବାରିୟମ ସିଂ ସାଲୁଜା ସାମିଲ ଥିଲେ। କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଡୁମେରଚୁଆଁ କୁକୁଡ଼ାହାଡ ସର୍ଗୁଲ ଜାମୁଟଝୁଲା ଗ୍ରାମରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। କଣ୍ଟାବାଞ୍ଜି ପୋଲିସ ଦ୍ୱାରା ଆଇନଶୃଙ୍ଖଳା ନିୟନ୍ତ୍ରଣ କରାଯାଇଥିଲା।

## ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବାହୁଡ଼ା ଯାତ୍ରା

ଖପ୍ରାଖୋଲ ୧୫।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବିଭିନ୍ନ ଗାଁରେ ବାହୁଡ଼ା ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧଣ୍ଡାମୁଣ୍ଡା ଗାଁରେ ମାଉସୀ ମା'ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହେବା ସହ ତିନି ଠାକୁରଙ୍କ ପହଣ୍ଡି ପରେ ରଥଟଣା ଅନୁଷ୍ଠିତ ହୋଇଥିଲା। ପୂଜକ ବଶିଷ୍ଠ ମିଶ୍ର, ବୈଦ୍ୟନାଥ ମିଶ୍ର, ପୂଜାର୍ଚ୍ଚନା କରିଥିବା ବେଳେ ଗାଁ ଗୌନ୍ତିଆ ଉତ୍ତମ ବରିହା ଛେରା ପହଁରା କରିଥିଲେ। ଏହି ଅବସରରେ ଆୟୋଜକ କମିଟିର ଅମୂଲ୍ୟ ଭୋଇ, ପଞ୍ଚା ସାହୁ, କ୍ଷୀରୋଦ ପଧାନ,ମଧୁ ସାହୁ, ଅଶୋକ ଭୋଇ, ଉତ୍ତମ ବରିହା, କ୍ଷମା ନିଧି ଭୋଇ, କମଳା ପତି ମିଶ୍ର, କିସନ ମିଶ୍ର, ପ୍ରିତମ ମିଶ୍ର, ରୋହନ ମିଶ୍ର, ଶିବମ ମିଶ୍ର, ବ୍ୟାସଦେବ ମିଶ୍ର, ଦେବେନ୍ଦ୍ର ସାହୁ, ଭରତ ଭୋଇ, ଆର୍ତ୍ତ ପଧାନ, ଭଜରାଜ ଭୋଇ, ଓଁକାର ଭୋଇ ସମେତ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଧୁମଧାମରେ ରଥ ଟଣା ଯାଇଥିଲା। ପୂଜକ ରମେଶ ଦାଶ ପୂଜା ଅର୍ଚ୍ଚନା କରିବା ସହ ଥାନା ଛକରୁ ମନ୍ଦିର ଯାଏଁ ରଥଟଣା ଯାଇଥିଲା। ସେହିପରି ସିଆରପିଏଫ ତରଫରୁ ମଧ ଏକ ସୁସଜ୍ଜିତ ରଥରେ ତିନି ଠାକୁରଙ୍କୁ ବସାଇ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯବାନମାନେ ରଥ ଟାଣିଥିଲେ। ସେହିପରି ବ୍ଲକର ମାଲପଡା, ହରିଶଙ୍କର, ମହରା ପଦର, ଭାନପୁର, କପ ସିପାଲି ଠାରେ ବହୁ ଆଡମ୍ବର ର ସହ ବାହୁଡା ଅନୁଷ୍ଠିତ ହୋଇଥିଲା।


ବାହୁଡ଼ାଯାତ୍ରାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

## ରୋଟାରି ଏଲିଟର ୧୩ତମ ଅଧିଷ୍ଠାନ ଦିବସ

ବଲାଙ୍ଗୀର, ୧୫।୭
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ହୋଟେଲ ସରୋଜିନୀ ରେସିଡେନ୍ସିରେ ରବିବାର ସନ୍ଧ୍ୟାରେ ରୋଟାରି ଏଲିଟର ୧୩ତମ ଅଧିଷ୍ଠାନ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ ଯୋଗ ଦେଇଥିଲେ। ଉଡାନ କାର୍ଯ୍ୟକ୍ରମ ମାଧ୍ୟମରେ ଝିଅମାନଙ୍କ ସାମଗ୍ରିକ ବିକାଶ ପାଇଁ ହେଉଥିବା ଉଦ୍ୟମକୁ ସେ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ରୋଟାରିର ପୂର୍ବତନ ଗଭର୍ନର ଡ. ଅଶୋକ ସିଂହ ଏଲିଟର ଉଡାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ମହିଳା ସଦସ୍ୟଙ୍କୁ ସମ୍ମାନ ଜଣାଇ ୨୦୨୪–୨୫ ପାଇଁ ନେତୃତ୍ୱ ଦେଇଥିବାରୁ ସାଧୁବାଦ ଦେଇଥିଲେ। ପୃଥିବୀରୁ ପୋଲିଓ ନିରାକରଣ ପାଇଁ ରୋଟାରିର ପ୍ରଚେଷ୍ଟା ଆନ୍ତର୍ଜାତିକ ସ୍ତରରେ ଅନେକ ପ୍ରଶଂସା ପାଇଛି ବୋଲି କହିଥିଲେ। ବାର୍ଷିକ ବିବରଣୀରେ ୨୦୨୩–୨୪ ସଭାପତି ବିଶ୍ୱଜିତ ଦାଶ ରୋଟାରି ଏଲିଟର ଉଡାନ, ଗ୍ରୀନ ଡ୍ରିମ, ଦୃଷ୍ଟି ତଥା ଜନସଚେତନତା ପାଇଁ ସେମିନାର, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ୨୦୨୩–୨୪ ସମ୍ପାଦିକା ଦିପିକା ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ରୋଟାରିଆନ ଅର୍ଚ୍ଚନା ଶତପଥି ଓ ରୋଟାରିଆନ ବବିତା ପାଢ଼ୀ ୨୦୨୪–୨୫ ପାଇଁ ଯଥାକ୍ରମେ ସଭାପତି ଓ ସମ୍ପାଦିକା ଭାବରେ ଶପଥ ନେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ ଗଭର୍ନର ରାଜକୁମାର ଅଗ୍ରୱାଲ ଯୋଗଦେଇଥିଲେ। ୨୦୨୪–୨୫ ପାଇଁ ରୋଟାରି ଏଲିଟର ବୋର୍ଡ ଅଫ୍ ଡିରେକଟରରେ ଉପସଭାପତି ଭାବରେ ନୂତନ ନାୟକ, ପ୍ରଶାନ୍ତ ବିଶ୍ୱାଳ ସହ ସମ୍ପାଦିକା ଭୂମିକା ଭମର, କୋଷାଧକ୍ଷ ଡ. ପ୍ରକାଶ ଚନ୍ଦ୍ର ଦାସ, ସହ କୋଷାଧକ୍ଷ ଶ୍ରୀକାନ୍ତ ଶର୍ମା, ସରଜେଣ୍ଟ ଏଟଆର୍ମସ ସନ୍ଦୀପ ପାଣିଗ୍ରାହୀ ଶପଥ ନେଇଥିଲେ। କ୍ଲବ ନିର୍ଦ୍ଦେଶକ ଭାବରେ ଅସିତ ଷଡ଼ଙ୍ଗୀ, ଦିବେଶ ଚଣ୍ଡୀ ଭମର, ସୁରେଶ ଯାଦବ, ମମତା ପରମାର, ବିକାଶ ଅଗ୍ରୱାଲ, ସିନୁ ସୁନ୍ଦର ପାଢ଼ୀ, ରିଙ୍କୁ ପାତ୍ର, ସୁଜାତା ମହାପାତ୍ର, ଅଜିତ ଶତପଥି, କ୍ଲବ ସଂଯୋଜକ ସଞ୍ଜିବ ନାଏକ ଓ ଉପଦେଷ୍ଟା ଭାବରେ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଅଶୋକ ପାଢ଼ୀ, ନରେନ୍ଦ୍ର ସାହୁ ଓ ସୌମେନ୍ଦ୍ର ପରିଛା ଶପଥ ନେଇଥିଲେ। ଏହି ସଭାରେ ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ଯୋଗଦେଇ ଏଲିଟ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସଭାକୁ ଧର୍ମେନ୍ଦ୍ର ନନ୍ଦ ସଂଯୋଜନା କରିଥିଲେ ଓ ଶେଷରେ ସମ୍ପାଦିକା ବବିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।


ବଲାଙ୍ଗୀର ରୋଟାରି ଏଲିଟର ୧୩ତମ ଅଧିଷ୍ଠାନ ଦିବସରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ୫ ଦିନ ହେଲା ଜଳଯୋଗାଣ ବ୍ୟାହତ

# ୩ ପମ୍ପ ହାଉସ୍‌ରୁ କେବୁଲ ତାର ଚୋରି

ଦେଓଗାଁ, ୧୫।୭
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ବହଲି, ସାରସବାହାଲ ଓ କୁତୁର୍ଲା ପମ୍ପ ହାଉସ୍‌ରୁ କେବୁଲ ଚୋରି ହୋଇଯାଇଛି । ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ କୁତୁର୍ଲା ପଞ୍ଚାୟତର ସମସ୍ତ ଗାଁକୁ ଜଳ ଯୋଗାଣ ବ୍ୟାହତ ହୋଇଯାଇଛି। ସପ୍ତାହକ ତଳେ ଦୁର୍ବୃତ୍ତମାନେ ଗୋଟିଏ ରାତିରେ ୩ଟି ପମ୍ପ୍ ହାଉସର କେବୁଲ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଗତ କିଛି ଦିନ ହେଲା ଅଞ୍ଚଳରେ କେବୁଲ ଚୋରି ବଢ଼ିବାରେ ଲାଗିଛି । ଫଳରେ ପିଇବା ପାଣି ପାଇବାରୁ ଗ୍ରାମବାସୀ ବଞ୍ଚିତ ରହୁଛନ୍ତି। ସମ୍ପୃକ୍ତ ବିଭାଗର ଜେ.ଇ ବିଶ୍ୱଜିତ ଜେନାଙ୍କୁ ପଚାରିବାରୁ କେବୁଲ ମଗାଇଛୁ, ଦିନେ ଦୁଇଦିନ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ।

# ବାଉଁଶୁଣୀ ଛକରେ ଦୁଇ ଦିନିଆ ବାହୁଡା ଯାତ୍ରା

ବାଉଁଶୁଣୀ, ୧୫।୭
(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଛକ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ବାହୁଡା ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ପୂଜାର୍ଚ୍ଚନା ପରେ ସନ୍ଧ୍ୟା ୬ଟାରେ ବ୍ରାହ୍ମଣ ସମାଜର ସଦସ୍ୟମାନେ ଠାକୁର ମାନଙ୍କୁ ମାଉସୀ ମା' ମନ୍ଦିରରୁ ଆଣି ପହଣ୍ଡି ଆରମ୍ଭ କରିଥିଲେ। ପହଣ୍ଡିରେ ତିନି ଠାକୁର ରଥାରୁଢ ହେବା ପରେ ଭକ୍ତଙ୍କ ଦ୍ୱାରା ରଥ



ଟଣା ଆରମ୍ଭ ହେବ ବୋଲି ପୂଜକ ଲିଟୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସୋମବାର କିଛି ବାଟ ରଥ ଟଣା ପରେ ଠାକୁରମାନେ ରଥରେ ରହିବେ ଓ ମଙ୍ଗଳବାର ସନ୍ଧ୍ୟାରେ ପୁଣି ରଥ ଟଣା ହେବାର ପରମ୍ପରା ରହିଛି। ପହଣ୍ଡି ଓ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି



ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଉଛି।

## ସୁବର୍ଣ୍ଣପୁରରେ ଆଜି ରଥଟଣା

ସୋନପୁର, ୧୫।୭
(ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିର ମାଳିନୀ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ସହରରେ ପବିତ୍ର ବାହୁଡା ଯାତ୍ରା ସୋମବାର ମହାସମାରୋହରେ ପାଳିତ ହୋଇଛି। ଗଡଭିତର ଜଗନ୍ନାଥ ମନ୍ଦିର, ଘୋଡାଘାଟପଡା ସ୍ଥିତ ଦଧିବାବନ ମନ୍ଦିର ଓ ରାୟଗୁରୁପଡା ସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିରରେ ଜୀଉଙ୍କ ପହଣ୍ଡି ରୀତିନୀତି ଅନୁଯାୟୀ ପୂଜକ ଏବଂ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଆଡପମଣ୍ଡପରୁ ପହଣ୍ଡି ହୋଇ ଚତୁର୍ଦ୍ଧାମୂର୍ତ୍ତି ରାତିରେ ରଥାରୂଢ ହୋଇଛନ୍ତି। ପରମ୍ପରା ଅନୁଯାୟୀ ପୁରୀ ରଥର ତହିଁ ପରଦିନ ଏଠାରେ ୨ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ମଙ୍ଗଳବାର ଓ ବୁଧବାର ରଥଟଣା ହେବା ନେଇ ରୀତିନୀତି ଚାଲୁରହିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ସକାଳେ ମଙ୍ଗଳ ଆଳତୀ ଓ ଖେଚୁଡି ଭୋଗ ପରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଛେରାପହଁରା ନୀତି ପରେ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରାଯାଇଥିଲା। ସନ୍ଧ୍ୟାରେ ପ୍ରଥମେ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରିଥିଲେ। ପହଣ୍ଡି ଦେଖିବା ପାଇଁ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ମଙ୍ଗଳବାର ଅପରାହ୍ନରେ ରଥ ଟଣା ଯିବାର କାର୍ଯ୍ୟକ୍ରମ ରହିଛି। ରାଜାରାଜୁଡା ଅମଳରୁ ରଥଯାତ୍ରା ଏଠାରେ ଭକ୍ତି ଓ ଉଲ୍ଲାସର ସହିତ ପାଳନ ହୋଇଆସୁଛି। ଦେବୋତ୍ତର ବିଭାଗ ପକ୍ଷରୁ ରଥଯାତ୍ରା ପାଇଁ ସମସ୍ତ ଆୟୋଜନ କରାଯାଇଥିଲା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା।

# ବୌଦ୍ଧରେ ପାଳିତ ହେଲା ବାହୁଡ଼ା ଯାତ୍ରା

## ହଜାର ହଜାର ଭକ୍ତ ଟାଣିଲେ ପ୍ରଭୁଙ୍କ ରଥ

ବୌଦ୍ଧ, ୧୫।୭(ଅଜିତ କୁମାର ବାରିକ)

ଗଡଜାତ ବୌଦ୍ଧରେ ସୋମବାର ଆନନ୍ଦ ଉଲ୍ଲାସରେ ବାହୁଡା ଯାତ୍ରା ପାଳିତ ହୋଇଛି। ଅପରାହ୍ନରେ ବର୍ଷା ହୋଇଥିବା ସତ୍ତ୍ୱେ ବାହୁଡା ଯାତ୍ରା ଆରମ୍ଭ ହେଲେ ପାଗ ବେଶ ଭଲ ରହିଥିଲା। ପାଗ ଅନୁକୁଳ ଥିବାରୁ ପ୍ରଭୁଙ୍କ ବାହୁଡା ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ନଅ ଦିନର ଲିଳାଖେଳା ପରେ ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ନିଜ ମନ୍ଦିରକୁ ବାହୁଡିଛନ୍ତି। ମାଉସୀ ମା' ମନ୍ଦିରରେ ସକାଳ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯିବାପରେ ଅପରାହ୍ନରେ ବ୍ରାହ୍ମଣସେବକମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ଗୋଟିପହଣ୍ଡିରେ ନିଆଯାଇଥିଲା । ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ସବୁ ଲାଗି କରାଯାଇଥିଲା। ବ୍ରାହ୍ମଣସେବକଙ୍କ କାନ୍ଧରେ ତିନିଠାକୁର ଝୁଲି ଝୁଲି ପହଣ୍ଡିଯାତ୍ରାରେ ଯିବାବେଳେ ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ ନାଦରେ ପୁରା ବଡଦାଣ୍ଡ କମ୍ପି ଉଠିଥିଲା । ଠାକୁରମାନଙ୍କୁ



ପ୍ରଭୁଙ୍କୁ ପହଣ୍ଡି କରାଯାଉଛି।

ରଥାରୁଢ କରାଯିବାପରେ ପରମ୍ପରା ଅନୁଯାୟୀ ଛେରା ପହଁରା ନିତି ସମ୍ପର୍ଣ୍ଣ ପରେ ଶିଶୁମାନଙ୍କ ରଥ ଛୁଆଁ ହୋଇଥିଲା । ସନ୍ଧ୍ୟାରେ ହଜାର ହଜାର ଭକ୍ତ ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବା ସହ ଆଗ୍ରହ ସହକାରେ ରଥ ଟାଣିଥିଲେ। ସେହିପରି ସହରର ପୋଡା ହରିଗୁଡି ରଥରେ ତିନି ଠାକୁର ରଥାରୁଢ ହେବାପରେ ପରମ୍ପରା ଅନୁଯାୟୀ ମହିଳାମାନେ ରଥ ଟାଣିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଉପସ୍ଥିତ ବାହୁଡା ଯାତ୍ରାର ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହିତ ରଥ ଟାଣିଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ଭାବରେ ମୁତୟନ ହୋଇଥିଲେ । ବାହୁଡାଯାତ୍ରା ମଧ୍ୟ ରଥଯାତ୍ରା ଭଳି ସକାଳୁ ପହଣ୍ଡି ଆରମ୍ଭ କରାଯାଇ ଠିକ୍ ସମୟରେ ରଥଟଣା ହେଲେ ବହୁ ଭକ୍ତ ରଥାରୁଢ ଠାକୁରଙ୍କ ଦର୍ଶନ କରିପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଫାଟକ ନିକଟରେ ପ୍ରତିବାଦ କଲେ ହିତାଧିକାରୀ

**ବାଉଁଶୁଣୀ ପଞ୍ଚାୟତରେ ନିର୍ଦ୍ଧାରିତ ଦିନରେ ଭତ୍ତା ମିଳୁ ନ ଥିବା ଅଭିଯୋଗ**

ବାଉଁଶୁଣୀ, ୧୫।୭
(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତରେ ନିର୍ଦ୍ଧାରିତ ଦିବସରେ ସାମାଜିକ ସୁରକ୍ଷା ଭତ୍ତା ମିଳୁ ନ ଥିବା ଅଭିଯୋଗ କରି ସୋମବାର ଫାଟକ ନିକଟରେ ପ୍ରତିବାଦ କରିଛନ୍ତି ପଞ୍ଚାୟତର ହିତାଧିକାରୀ। ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ମାସର ୧୫ ତାରିଖ ବୃଦ୍ଧ ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାର ଭତ୍ତା ବଣ୍ଟନ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତରେ ତା'ର



ହିତାଧିକାରୀ ପ୍ରତିବାଦ କରୁଛନ୍ତି।

ବ୍ୟତିକ୍ରମ ଘଟୁଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତକୁ ଆସୁ ନ ଥିବା ଓ ତାଙ୍କ ଅବହେଳାରୁ ହିତାଧିକାରୀମାନେ ନିର୍ଦ୍ଧାରିତ ଦିବସରେ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ପଞ୍ଚାୟତ ଫାଟକ ନିକଟରେ ପ୍ରତିବାଦ କରିଛନ୍ତି। କିଛି ସମୟ ପରେ ସମସ୍ୟା ସମାଧାନ ହେବା ପରେ ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ପାଇଥିବା ଜଣାପଡି ଥିଲା।

# ଆଇଟିଆଇ କଲେଜରେ ବିଶ୍ୱ ଯୁବ କୌଶଳ ଦିବସ




ସଭାରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି, ୧୫।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବାଗବରଠାରେ ଥିବା ବୀରମହାରାଜପୁର ଆଇଟିଆଇ କଲେଜରେ ସୋମବାର ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି । ଆଇଟିଆଇ କଲେଜ ଅଧ୍ୟକ୍ଷା ସଞ୍ଜୁ ବରୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱେଚ୍ଛାସେବୀ କିଶୋର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ମନଯୋଗ ସହକାରେ ଶିକ୍ଷା ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଟେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ତ୍ରିପୁରାରି ରଥ, ବାଗବର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଞ୍ଜଳି ମିଶ୍ର, ପିତାମହୁଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଶୋକ କୁମାର ବେଜି ଉଦ୍ଦେଶ୍ୟ ଜ୍ଞାପନଓ ମକରଧ୍ୱଜ ପାଢ଼ୀ ସଭା ସଞ୍ଚାଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକାଶ ଚନ୍ଦ୍ର ପାତ୍ର, ମୋନାଲିସା ବିଶ୍ୱାଳ, ପଙ୍କଜିନୀ ବେହେରା ସହଯୋଗ କରିଥିଲେ। ଆଇଟିଆଇରୁ କୃତକାର୍ଯ୍ୟ ହୋଇ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଥିବା ୨ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ବିଶ୍ୱ ଯୁବ କୌଶଳ ଦିବସରେ ଆଇଟିଆଇ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ବିନିକା, ୧୫।୭ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୮୩ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ୭୩ ଓ ୧୦ଟି ସାମୂହିକ ଅଭିଯୋଗ ଥିଲା। ୩୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଉପେନ୍ଦ୍ର କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସିଡିଏମଓ ଡ଼ ଦୁର୍ଗାଦତ୍ତ ଦାସ, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲ୍ୟୁଡି ଇଂ.ଦାମୋଦର କୈବର୍ତ୍ତ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବିନିକା ତହସିଲଦାର ସୀତାରାମ ଭୋଇ, ଏନଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଠିକାଯୋର ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା

ବୌଦ୍ଧ, ୧୫।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଠିକାଯୋର ଜଗନ୍ନାଥଙ୍କ ବାହୁଡା ଯାତ୍ରା ସୋମବାର ଧୁମଧାମରେ ପାଳିତ ହୋଇଛି । ମାଉସୀ ମା' ମନ୍ଦିରରେ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯିବା ପରେ ବ୍ରାହ୍ମଣସେବକମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ପହଣ୍ଡିରେ ନିଆଯାଇଥିଲା । ତିନିଠାକୁର ଝୁଲି ଝୁଲି ପହଣ୍ଡିଯାତ୍ରାରେ ଯିବାବେଳେ ସଂକୀର୍ତନ, ଘଣ୍ଟ, ଶଙ୍ଖ ନାଦରେ ପୁରା ପରିବେଶ କମ୍ପି ଉଠିଥିଲା । ତିନି ଠାକୁର ରଥାରୁଢ ହେବା ପରେ ଛେରାପହଁରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରଭଙ୍ଗା ତହସିଲଦାର ଛେରା ପହଁରା କରିବା ପରେ ରଥ ଟଣା ହୋଇଥିଲା। ରଥକୁ ଚାରିଛକ ବଜାର ଠାରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଶହ ଶହ ସଂଖ୍ୟାରେ ଭକ୍ତମାନେ ଆନନ୍ଦ ସହକାରେ ଟାଣି ଟାଣି ମନ୍ଦିର ସମ୍ମୁଖକୁ ନେଇଥିଲେ । ରଥଟଣା ସମୟରେ ବାଟ ସାରା ଭକ୍ତଙ୍କ ଦ୍ୱାରା ଭୋଗ ଅର୍ପଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ପୁରୁଣାକଟକ ପୋଲିସ ପକ୍ଷରୁ ବ୍ୟାପକ ଭାବେ ମୁତୟନ ରହିଥିଲେ । ସେହିପରି ହରଭଙ୍ଗା ବ୍ଲକର ପୁରୁଣାକଟକ, ହରଭଙ୍ଗା, କୁଶଙ୍ଗଳ ତିଲେଶ୍ୱର ଆଦି ସ୍ଥାନରେ ମଧ୍ୟ ବାହୁଡା ଯାତ୍ରା ଧୁମଧମାରେ ପାଳିତ ହୋଇଛି।




ଠିକାଯୋରର ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପାଇଁ ରଥ ଟଣା ଚାଲିଛି।

# ତରଭାରେ ବାହୁଡ଼ା ଯାତ୍ରା

ତରଭା, ୧୫।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାରେ ବାହୁଡ଼ା ଯାତ୍ରା ସୋମବାର ପାଳିତ ହୋଇଯାଇଛି। ରୀତିନୀତିଅନୁସାରେ ପୂଜାର୍ଚ୍ଚନା ପରେ ପହଣ୍ଡି ବିଜେ କରାଯାଇଥିଲା। ପରେଶ ପୂଜାହାରି, ସତ୍ୟ ପୂଜାହରୀ, ପ୍ରଦୀପ ପାଣଗ୍ରାହୀ, ସୁଧୀର ପୂଜାହାରୀ, ପ୍ରଭାତ ମିଶ୍ର ସେବାୟତ ସାମିଲ ହୋଇ ଜଗନ୍ନାଥ ମହାପ୍ରଭୁଙ୍କୁ ରଥାରୂଢ଼ କରିଥଲେ। ଆସନ୍ତା ୧୮ ତାରିଖ ଶ୍ରୀଜୀଉ ମନ୍ଦିର ପ୍ରବେଶ କରିବେ।

# ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ



ବୈଠକରେ ମଞ୍ଚାସୀନ ବିଧାୟକ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

ଡୁଙ୍ଗୁରିପାଲି, ୧୫।୭(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧକ୍ଷ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ସମ୍ପାଦକ ତଥା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା, ରବୀନ୍ଦ୍ରନାଥ ପଣ୍ଡା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଥମେ ବିପିଏମ ନାରାୟଣ ମେହେର ପୂର୍ବ ବୈଠକରେ ପ୍ରସ୍ତାବିତ ଓ ସମ୍ପୂର୍ଣ୍ଣ ହୋଇଥିବା ବିଭିନ୍ନ କାର୍ଯ୍ୟ ବିଷୟ ଉପସ୍ଥାପନା କରିଥିଲେ। ବୈଠକରେ ରୋଗୀମାନଙ୍କ ସୁବିଧା ଓ ସୁରକ୍ଷା ଆବଶ୍ୟକତା ଦୃଷ୍ଟିରେ ବିଭିନ୍ନ ପ୍ରସ୍ତାବ ରୋଗୀ କଲ୍ୟାଣ ସମିତି ଦ୍ୱାରା ଅନୁମୋଦନ ହୋଇଥିଲା। ରୋଗୀଙ୍କ ପାଇଁ ଜରୁରୀକାଳୀନ ସମୟରେ ପରୀକ୍ଷା ଓ ଔଷଧ ସୁଗମ କରିବା ପାଇଁ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୈତ୍ୟନାରାୟଣ ପାଢ଼ୀ କୌଣସି ରୋଗୀ ଯେପରି ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା ଯେପରି ବାହାରେ ପରୀକ୍ଷା କରି ଖର୍ଚ୍ଚାନ୍ତ ନ ହେବେ ସେଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ହେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇପ ଲାଇନ ମରାମତି, ଲିଫ୍ଟ ମରାମତି, ଅସ୍ତ୍ରୋପଚାର କକ୍ଷ ପ୍ରସ୍ତୁତି, ଡାକ୍ତରଖାନାରେ କର୍ମଚାରୀଙ୍କ ପାଇଁ ପାର୍କିଂ ବ୍ୟବସ୍ଥା, ଚାରାରୋପଣ, ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ସରୋଜ କୁମାର ସେଠ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା ସଞ୍ଜୟ କୁମାର ପଧାନ, ବ୍ଲକ ଉପାଧ୍ୟକ୍ଷା ମକରଧ୍ୱଜ ସାହୁ, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ରଧ୍, ସିଡିପିଓ ଜୟନ୍ତୀ ଗଡତିଆ, ଏବିଓ ବାଟକୃଷ୍ଣ ପାଢ଼ୀ, ସମିତି ସଦସ୍ୟ ହିମାଂଶୁ ଶେଖର ବିଶ୍ୱାଳ, ପୂର୍ଣ୍ଣିମା ପାଣ୍ଡିଆ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି, ଅର୍ଥ ପରିଚାଳକ ପ୍ରଦୀପ କୁମାର ସାହୁ, ଏଇ ସୁବନାଦ ମାଝୀ, ଯନ୍ତ୍ରୀ ହିମାଦ୍ରୀ ପଧାନ, ରବୀନ୍ଦ୍ର ମହାନ୍ତି, ବିଜୟ କୁମାର ଭୋଇ, ସୁଶାନ୍ତ ପଧାନ, ଭକ୍ତବନ୍ଧୁ ପଟନାୟକ,ଜୟ ପ୍ରକଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଡା ଆଲୋକ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନଦୀ ତଟରେ ଚାରାରୋପଣ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୧୫।୭ (ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେଶନ ପକ୍ଷରୁ ସୋମବାର ଅଙ୍ଗ ନଦୀ ତଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟମାନେ ଅଙ୍ଗନଦୀ ପରିସର ଓ ଏହାର ଆଖପାଖ ସ୍ଥାନରେ ଚାରା ରୋପଣ କରିଥିଲେ। ଉପଦେଷ୍ଟା ପଦ୍ମଲୋଚନ ପଧାନ ଓ ମେଘନାଥ ପଧାନ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସଦସ୍ୟଙ୍କୁ ଚାରାରୋପଣର ଉପକାରିତା ବିଷୟରେ ବୁଝାଇ ଥିଲେ। ସଦସ୍ୟମାନେ ଗଛର ଯତ୍ନ ନେବା ପାଇଁ ପ୍ରତିଜ୍ଞା ନେଇଥିଲେ। ସେବା ଫାଉଣ୍ଡେଶନର ନିତା ପଟେଲ, ମାମି ତ୍ରିପାଠୀ, ଚିମନ ସାହୁ, ରିଙ୍କୁ ନାଏକ, କଲିମ ଖାନ, ସାହିଲ ପଟେଲ, ଶକ୍ତି ବିଶ୍ୱାଳ, ମନିଶ ମେହେର, ସୁଶାନ୍ତ ବାରିକ, କାହ୍ନା ବାରିକ, ସୁଶାନ୍ତ ମେହେର ପ୍ରମୁଖ ସାମିଲ ହୋଇଥିଲେ।



ସେବା ଫାଉଣ୍ଡେଶନ ସଦସ୍ୟମାନେ ଅଙ୍ଗନଦୀ କୂଳରେ ଚାରା ରୋପଣ କରୁଛନ୍ତି।


ସୁନ୍ଦରଗଡ଼ ସହରରେ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।


ରଙ୍ଗଡ଼ିପାରେ ରଥାରୂଢ଼ ତିନିଠାକୁର।

## ଘର ନିର୍ମାଣକୁ ନେଇ ଗଣ୍ଡଗୋଳ, ଥାନାରେ ମାମଲା

ରାଉରକେଲା, ୧୫।୭(ସଙ୍ଗୀତା ଜେନା) : ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ସ୍ଥିତ ଏଫ୍ଏଲ୍ -୧୯୩ରେ ପୈତୃକ ଘର ନିର୍ମାଣ ନେଇ ୨ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏଥିରେ ୨ଟି ପୃଥକ ମାମଲା (ନଂ.୨୭୬/୨୭୮) ରୁଜୁ କରିଛି। ଅଜିତ ସାହୁ ଓ ସୁଜିତ ପୈତୃକ ଘରେ ରହୁଥିଲେ। ଅଜିତ ଘର ନିର୍ମାଣ କରୁଥିଲେ। ଏହାକୁ କେନ୍ଦ୍ରକରି ସୁଜିତ ଝଗଡ଼ା ଓ ଗଣ୍ଡଗୋଳ ଆରମ୍ଭ କରିଥିଲେ। ପରେ ନ୍ୟାୟ ପାଇଁ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ୫ ଦିନ ହେଲା ଜଳଯୋଗାଣ ବ୍ୟାହତ

**ଦେଓଗାଁ, ୧୫।୭,(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ବହଲି, ସାରସବାହାଲ ଓ କୁତୁର୍ଲା ପମ୍ପ ହାଉସ୍‌ରୁ କେବୁଲ ଚୋରି ହୋଇଯାଇଛି । ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ କୁତୁର୍ଲା ପଞ୍ଚାୟତର ସମସ୍ତ ଗାଁକୁ ଜଳ ଯୋଗାଣ ବ୍ୟାହତ ହୋଇଯାଇଛି। ସପ୍ତାହକ ତଳେ ଦୁର୍ବୃତ୍ତମାନେ ଗୋଟିଏ ରାତିରେ ୩ଟି ପମ୍ପ୍ ହାଉସର କେବୁଲ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।

# ବାହୁଡ଼ିଲେ ମହାବାହୁ

**ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ସୋମବାର ଅପରାହ୍ନରେ ରାଜବାଟୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ମାଉସୀ ମା ଆଡପ ମଣ୍ଡପରୁ ପହଣ୍ଡିରେ ବିଜେ କରି ରଥାରୂଢ କରାଯିବା ପରେ ସୁନ୍ଦରଗଡର ରାଜା ସମରେନ୍ଦ୍ର ଶେଖର ଦେଓ ରଥ ଉପରେ ଛେରାପହଁରା ନୀତି କାର୍ଯ୍ୟ ସମାପନ କରିଥିଲେ। ପରେ ଟଥଟଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବଳଭଦ୍ର ଓ ଜଗନ୍ନାଥଙ୍କୁ ଗୋଟିଏ ରଥରେ ଓ ଅନ୍ୟ ଗୋଟିଏ ରଥରେ ଦେବୀଙ୍କ ସୁଭଦ୍ରାଙ୍କୁ ରଥାରୂଢ କରାଯାଇ ରଥ ଟଣା ହୋଇଥିଲା। ରଥ ୨ଟିକୁ ରିଜେଣ୍ଟ ମାର୍କେଟ ଛକ ପର୍ଯ୍ୟନ୍ତ ଟଣା ଯାଇଥିଲା। ପୁଣି ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ଟଣା ହୋଇ ଅଣାଯିବା ପରେ ଶ୍ରୀଜୀଉଙ୍କୁ ବନ୍ଦାପନା କରି ମନ୍ଦିର ଭିତରକୁ ନିଆଯାଇଥିଲା। ଏହାପରେ ମନ୍ଦିର ଭିତରେ ଲକ୍ଷ୍ମୀ -ନାରାୟଣ କଳି ନୀତି ହୋଇଥିଲା। ସେହିପରି ରଙ୍ଗାଡିପା ମାଉସୀ ମା ଆଡପ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ରଥାରୂଢ କରାଯିବା ପରେ


ବନ୍ଧମୁଣ୍ଡାରେ ରଥାରୂଢ଼ ତିନି ଠାକୁର।

ରଥଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ସୁନାରୀପଡା ଭାଗବତକୁ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ଏହା ପରେ ଶ୍ରୀଜୀଉମାନଙ୍କୁ ବନ୍ଦାପନା କରି ମନ୍ଦିର ଭିତରେ ପ୍ରବେଶ କରାଯାଇଥିଲା।

**ବନ୍ଧମୁଣ୍ଡା(ସୁବ୍ରତ ଦେ) :** ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିରର ମୁଖ୍ୟ ସେବକ ପିତବାସ ଶତପଥୀଙ୍କ ତତ୍ତ୍ୱାବଧନରେ ବାହୁଡ଼ା ଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି। ବନ୍ଧମୁଣ୍ଡା ଡି-ସେକ୍ଟର ସ୍ଥିତ ଗୁଣ୍ଡିଚାପଲି ମାଉସି ବାଡ଼ିରେ ମହାପ୍ରଭୁ ନବଦିନ ଯାତ୍ରା ସାରି ଭାଇ ଭଉଣୀଙ୍କ ସହ ଆଡ଼ପ ମଣ୍ଡପରୁ ରତ୍ନବେଦୀକୁ ବାହୁଡ଼ିଛନ୍ତି। ଆୟୋଜକ କମିଟିଦାରା ଠାକୁରଙ୍କ ରୀତିନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଏବଂ ଅନ୍ୟାନ୍ୟ ପୂଜାର୍ଚ୍ଚନା ସମ୍ପନ କରିବା ପରେ ଗୋଟି ପହଣ୍ଡିରେ ଚକ୍ରରାଜ ସୁଦର୍ଶନ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ନୀତି ସମ୍ପନ୍ନ ହୋଇଥିଲା। ବାହୁଡ଼ା ଯାତ୍ରାରେ ବହୁ ସଂଖ୍ୟାରେ ମହିଳାମାନେ ସାମିଲ ହେଇ ରଥ ଟାଣି ଥିଲେ। ରଥ ଟଣା ପରେ ଡିଜେଲ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ସୁନାବେଶ ହୋଇଥିଲା।

**ହେମଗିର (ଚୈତନ୍ୟ ପଟେଲ ):** ହେମଗିରଠାରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଶେଷ ହୋଇଛି। ମାଉସୀମା ମନ୍ଦିରଠାରେ ରିତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ମହାପ୍ରଭୁ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥାରୂଢ କରି ଭଜନ କୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା। ହେମଗିର ରାଜାଙ୍କ ଗାଜମହଲରେ ଠାରେ ଥିବା ମନ୍ଦିରକୁ ତିନି ଠାକୁରଙ୍କୁ ପ୍ରବେଶ କରାଯାଇଥିଲା।

## ବିକଶିତ ରାଷ୍ଟ୍ର ନିର୍ମାଣ ଦକ୍ଷ କୁଶଳୀ ଯୁବ ସମାଜ ବିନା ଅସମ୍ଭବ

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଛେଣ୍ଡ ସ୍ଥିତ ସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନରେ ସୋମବାର ବିଶ୍ୱଯୁବ କୌଶଳ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ରାଉରକେଲା ସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ ଡି ଖୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଯୁବ କୌଶଳ ଦକ୍ଷତା ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାନପୋଷ ଡେପୁଟି କଲେକ୍ଟର ଅର୍ପିତା ମହାନ୍ତି ଯୋଗଦେଇ ଥିଲେ। ଏକ ବିକାଶଶୀଳ ରାଷ୍ଟ୍ର ନିର୍ମାଣ କୁଶଳୀ ଓ ଦକ୍ଷଯୁବ ସମାଜ ବିନା ଅସମ୍ଭବ ବୋଲି ଡେପୁଟି କଲେକ୍ଟର ମହାନ୍ତି କହିଥିଲେ। ପରେ କଲେଜର କୋଷାଧ୍ୟକ୍ଷ ଉତ୍ତମ ପଟ୍ଟନାୟକଙ୍କ ଦ୍ୱାରା ଦିବସ ବ୍ୟାପୀ ବିଭିନ୍ନ କାର୍ଯକ୍ରମ ପରିଚାଳିତ ହୋଇଥିଲା। ଏହାପରେ କଲେଜର ପ୍ରାକ୍ତନ ଛାତ୍ର ତଥା ଏନଆଇଟି ରାଉରକେଲାର ଟେକ୍ନିସିଆନ ଭୋଲାନାଥ ପଟେଲ ଏବଂ କଲେଜର ପ୍ରାକ୍ତନ ଛାତ୍ରୀ ତଥା ଆରଏସପିର ଅପରେଟର କମ ଟେକ୍ନିସିଆନ ଥିବା ସିରୋମଣୀ ହାଜରା ହରୋଙ୍କୁ ଦକ୍ଷ ଯୁବଶକ୍ତି-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ସ୍ଥାନୀୟ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ପ୍ରସ୍ତୁତି, ଜଣାଅଜଣା ଓ ବିତର୍କ ପ୍ରତିଯୋଗୀତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ଓ ହିନ୍ଦୀ ଗୀତନୃତ୍ୟ ପରିବେଷଣ ହୋଇଥିଲା। ପ୍ରଦୀପ କୁମାର ବିଶ୍ୱାଳ ଓ ରଜନୀ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଶକ୍ତିଭୂଷଣ ମହାନ୍ତି ଓ ତାଜ ମହମ୍ମଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।



## ଡାଲମିଆ ଭାରତ ଫାଉଣ୍ଡେଶନ ପକ୍ଷରୁ ଇଲେକ୍ଟ୍ରିକାଲ ଟୁଲ୍ କିଟ୍ ବଣ୍ଟନ

**ରାଜଗାଙ୍ଗପୁର,୧୫।୭(ଅଶୋକ ପାଣି)**

ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ଭାରତର ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପା ନୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ) ତାହାର ରାଜଗାଙ୍ଗପୁରସ୍ଥିତ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାର୍ନେସିଂ) ସେଣ୍ଟରରେ ଶିକ୍ଷାନବୀଶଙ୍କୁ ୨୫ଟି ବୈଦ୍ୟୁତିକ ଟୁଲ କିଟ ବଣ୍ଟନ କରିଛି। ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିଥିମାନଙ୍କ ଉପସ୍ଥିତିରେ ୟୁନିଟ ଅଧିକାରୀମାନେ ଏହି ଟୁଲ କିଟ ପ୍ରଦାନ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା କହିଥିଲେ, ଡାଲମିଆ ଭାରତରେ କୁଶଳତାର ବିକାଶ ଜରିଆରେ ଯୁବବର୍ଗଙ୍କ ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛୁ। ସେମାନଙ୍କୁ ସ୍ୱାବଲମ୍ବୀ ହେବା ଯାତ୍ରାରେ ସମର୍ଥ କରାଉଛୁ। ଏହି ଟୁଲ କିଟ ଗୁଡିକ ଶିକ୍ଷାନବୀଶଙ୍କୁ ଆତ୍ମନିଯୁକ୍ତି ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସେମାନଙ୍କୁ ପ୍ରବର୍ତ୍ତାଇବ। ଏହି ପ୍ରୟାସ ଏକ ସୁସଂହତ ଗୋଷ୍ଠୀ ନିର୍ମାଣ ଏବଂ ସମଗ୍ର ଭାରତରେ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବା ଦିଗରେ ଆମର ପ୍ରଚଳିତ ଉଦ୍ୟମରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି ବୋଲି ସେ କହିଥିଲେ। ଦୀକ୍ଷା ଭାରତର ଗ୍ରାମାଞ୍ଚଳ ଯୁବବର୍ଗଙ୍କ ପାଇଁ କୁଶଳତା ବିକାଶ ଓ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନକୁ ସମର୍ଥ କରାଇବାକୁ ପ୍ରତିବଦ୍ଧ ରହିଛି। ଭାରତରେ ୨୦ଟି କେନ୍ଦ୍ର ପରିଚାଳନା କରୁଛି ଏବଂ ସ୍ୱାସ୍ଥ୍ୟଯତ୍ନ, ଇଣ୍ଡଷ୍ଟ୍ରିଆଲ ସିଓିଂ ମେଶିନ ଅପରେଟର, ଆସିଷ୍ଟାଣ୍ଟ ଇଲେକ୍ଟ୍ରିଶିଆନ, କଷ୍ଟମର ରିଲେସନ୍ସିପ ମ୍ୟାନେଜମେଣ୍ଟ, ଡାଟା ଏଣ୍ଟ୍ରି ଅପରେଟର, ଆଦି କ୍ଷେତ୍ରରେ ତାଲିମ ପ୍ରଦାନ କରୁଛି। ଏହି କେନ୍ଦ୍ରଗୁଡିକରୁ ୧୬,୦୦୦ରୁ ଅଧିକ ତାଲିମ ନେଉଥିବା ଯୁବବର୍ଗ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ବେତନଭୋଗୀ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ପାଇସାରିଛନ୍ତି । ଶିକ୍ଷାର୍ଥୀଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ର ୧୧୪୫ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏପର୍ଯ୍ୟନ୍ତ ସଫଳତାର ସହିତ ତାଲିମ ପ୍ରଦାନ କରିସାରିଛି। ଯେଉଁମାନେ ପ୍ରତ୍ୟେକ ମାସିକ ହାରାହାରି ୧୦ ହଜାର ଟଙ୍କାରୁ ନେଇ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଉପାର୍ଜନ କରୁଛନ୍ତି।



ଯୁବକମାନଙ୍କୁ ଟୁଲ୍ କିଟ୍ ପ୍ରଦାନ କରାଯାଉଛି।

# ଦକ୍ଷଶୀଳ ଶିକ୍ଷିତ ଯୁବବର୍ଗଙ୍କୁ ମିଳୁନି ନିଯୁକ୍ତି

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ଦକ୍ଷଶୀଳ ଯୁବ ସମାଜର ଉନ୍ନତି ମାର୍ଗ ବର୍ଷ ବର୍ଷ ଧରି ପ୍ରଶସ୍ତ ହୋଇପାରୁ ନାହିଁ। ଫଳରେ ଦକ୍ଷତା ଓ ଯୋଗ୍ୟତା ମୁତାବକ ସେମାନେ ଥଇଥାନ ହୋଇପାରୁ ନାହାନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ସହରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷଶୀଳ ୧୯ ହଜାର ୫୦୧ ଶିକ୍ଷିତ ଯୁବତୀ ଓ ୩୧ ହଜାର ୧୨୬ ଜଣ ଯୁବକ ଦକ୍ଷତା ମୁତାବକ ଥଇଥାନ ହେବା ପାଇଁ ରାଉରକେଲା ନିଯୁକ୍ତି ନିୟୋଜନ କାର୍ଯ୍ୟାଳୟରେ ନାଁ ପଞ୍ଜୀକୃତ କରାଇଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୪୦ ଭାଗ ଯୁବତୀଯୁବକ ନିଯୁକ୍ତି ପାଇଲେ। ସେମାନଙ୍କ ମଧ୍ୟରୁ କେତେଜଣ ବେସରକାରୀ ଓ ସରକାରୀ ଅନୁଷ୍ଠାନରେ ଥଇଥାନ ହେଲେ। ଗୋଟିଏ ପଟେ ରାଉରକେଲା ମହାନଗର ନିଗମରୁ ଆରମ୍ଭକରି ସହରର ପ୍ରାୟ ସମସ୍ତ ସରକାରୀ ଦପ୍ତର ଯଥା

**ବଢୁଛି ବେକାରି ସମସ୍ୟା**

ଉଦ୍ୟାନ ବିଭାଗ, କୃଷି,ଯୋଗାଣ ଓ ଶିକ୍ଷା ବିଭାଗ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବହୁ ପଦପଦବୀ ମାନ ବର୍ଷ ବର୍ଷ ଧରି ଖାଲିପଡୁଛି। ପ୍ରକାଶ ଥାଉକି, ସରକାର ୨୦୦୬ରୁ ଆତ୍ମନିଯୁକ୍ତି ପରାମର୍ଶ ମେଳା ମାଧ୍ୟମରେ ଶିକ୍ଷିତ ବର୍ଗର କୁଶଳୀ ଓ ଦକ୍ଷଶୀଳ ଯୁବତୀଯୁବକଙ୍କୁ ସରକାରୀ ଓ ବେସରକାରୀ ନିଯୁକ୍ତି ପ୍ରଦାନ କରିବା ବ୍ୟବସ୍ଥା କଲେ। ୨୦୧୨ରେ ତାଲିମ ସହ ସିଧାସଳଖ ନିଯୁକ୍ତି ପାଇଁ କାଉନସେଲିଂ କ୍ୟାମ୍ପ ଓ ଡ୍ରାଇଭ ଜବ୍ ବ୍ୟବସ୍ଥା ହେଲା। ଏସବୁ ସତ୍ତ୍ୱେ ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏନେଇ ରାଉରକେଲା ନିଯୁକ୍ତି ନିୟୋଜନ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର କିଷାନ କହିଛନ୍ତି, ସହରର ଦକ୍ଷଶୀଳ କୁଶଳୀ ଯୁବତୀଯୁବକଙ୍କ ଥଇଥାନ ହେଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଅଧିକ ପିଲା ନିୟୋଜିତ କରାଯିବା ଲକ୍ଷ୍ୟ ରହିଛି। ଏପରିକି ଡିଏମ୍ଏଫ୍, ଏମ୍ଏସ୍ଏମ୍ଇ ଜରିଆରେ ବହୁ ଦକ୍ଷ ଓ କୁଶଳୀ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଥଇଥାନ ହେବ। ଆଗାମୀ କିଛି ମାସ ମଧ୍ୟରେ ୧୨ଶହ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଶିକ୍ଷିତ ଯୁବତୀ ଯୁବକଙ୍କ ବେକାରି ସମସ୍ୟା ଦୂରୀକରଣ ହେଉଛି ଏବଂ ଆଗକୁ ବେକାରି ସମସ୍ୟା ସମ୍ପୂର୍ଣ୍ଣ ଦୂରୀକରଣ ହେବ ବୋଲି ସେ କହିଛନ୍ତି।

# ନିଅଣ୍ଟିଆ ବର୍ଷା, ବିଳମ୍ବ ହେଉଛି ଚାଷ କାମ

**ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଆଗେଇପାରୁନି। ଜିଲାରେ ମୋଟ ୩ ଲକ୍ଷ ୧୩ ହଜାର ହେକ୍ଟର ଚାଷ ଜମି ରହିଛି। ସେଥି ମଧ୍ୟରୁ ଚଳିତ ବର୍ଷ ୩ଲକ୍ଷ ୧୨ ହଜାର୯୩୦ହେକ୍ଟର ଜମିରେ ଚାଷକାର୍ଯ୍ୟ ପାଇଁ ଲକ୍ଷ ଧାର୍ଯ୍ୟ ରହିଥିବା ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ୧ଲକ୍ଷ ୯୪ହଜାର ୭୦୦ହେକ୍ଟର ଜମିରେ ଧାନ ଓ ୧ ଲକ୍ଷ ୧୮ହଜାର୨୩୦ହେକ୍ଟର ଜମିରେ ଅଣଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୫୨.୨ ମିଲିମିଟର ସ୍ୱାଭାବିକ ବୃଷ୍ଟିପାତ ହେବାକଥା, ମାତ୍ର ୮୩. ୫୨ମିଲିମିଟର ବର୍ଷା ହୋଇଛି। ଶତକଡା୩୮.୭୪ମିଲିମିଟର ନିଅଣ୍ଟିଆ ବର୍ଷା ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୮ହଜାର ୯୬୮ହେକ୍ଟର ଅର୍ଥାତ ଶତକଡା ୩୫.୨୪ ଜମିରେ ଧାନ ବୁଣାବୁଣି କାର୍ଯ୍ୟ ସରିଛି। ୮ହଜାର୭୮ହେକ୍ଟର



ଜମିରେ ଧାନ ତଳି ପକାଯାଇଛି। ସେହିପରି ୧୯ହଜାର୨୧୫ଜମିରେ ଅଣଧାନ ଚାଷ କାର୍ଯ୍ୟ ସରିଛି। ହେଲେ ବର୍ଷା ଅଭାବରୁ ଜିଲାରେ ଚାଷ କାର୍ଯ୍ୟ ପଛେଇ ଯାଇଛି। ବାହୁଡା ଯାତ୍ରା ବେଳକୁ ବିହୁଡା କାର୍ଯ୍ୟ ସରିବା କଥା ହେଲେ ରୁଆ କିମ୍ବା ବିହୁଡା କାର୍ଯ୍ୟ ଆଗେଇ ପାରୁ ନାହିଁ। କେତେକ ସ୍ଥାନରେ ଚାଷୀ ପାଖରେ ଥିବା ପୋଖରୀ, ବନ୍ଧ, କଟାରୁ ପାଣି ନେଇ ଧାନ ତଳି ବଞ୍ଚାଇ ରଖିଥିବା ବେଳେ ରୁଆ କାର୍ଯ୍ୟ ହୋଇଥିବା ଚାଷୀ ମାନେ କହିଛନ୍ତି। ଜିଲାରେ ଖରିଫ ଚାଷ ପାଇଁ ୧ଲକ୍ଷ୪୫ହଜାର ୧୮୪ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ରହିଛି। ହେଲେ ବର୍ଷା ଅଭାବରୁ ଜିଲାରେ ଥିବା ବିଭିନ୍ନ ନଦୀ ନାଳ, ପୋଖରୀ ଓ ଜଳ ଉତ୍ସ ଗୁଡିକ ଶୁଖିଲା ପଡିଛି। ଜିଲାରେ ସରଫଗଡ, ତଳସରା, ପିତାମହଲ, କାନଶବାହାଲ ଓ ରୁକୁଡା ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଥିବା ବେଳେ ଅନ୍ୟାନ୍ୟ କ୍ଷୁଦ୍ର ଓ ଉଠାଜଳସେଚନ ପ୍ରକଳ୍ପ ରହିଛି। ବର୍ଷା ଅଭାବରୁ ଏଗୁଡିକରୁ ଜଳସେଚନ ପର୍ଯ୍ୟନ୍ତ ହୋଇପାରିନାହିଁ। ଆଗାମୀ ସପ୍ତାହ ମଧ୍ୟରେ ଆବଶ୍ୟକ ପରିମାଣର ବର୍ଷା ନ ହେଲେ ଚଳିତ ବର୍ଷ ଖରିଫ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ଏମାନେ ଯାହା କୁହନ୍ତି...

“ ଜିଲାରେ ଜୁଲାଇ ୧୦ସୁଦ୍ଧା ୩୮.୭୪ମିଲିମିଟର ନିଅଣ୍ଟିଆ ବର୍ଷା ହୋଇଛି। ଜିଲାର ୧୭ଟି ବ୍ଲକ ମଧ୍ୟରୁ ୧୦ରୁ ୧୨ବ୍ଲକରେ ପରିସ୍ଥିତି ସେତଟା ଖରାପ ନୁହଁ। ଅନ୍ୟ ବ୍ଲକ ଗୁଡିକରେ ବର୍ଷା ପରିମାଣ କମ ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ରବିବାର କେତେକ ବ୍ଲକରେ ଭଲ ବର୍ଷା ହୋଇଥିବାରୁ ବିହୁଡା ଓ ରୁଆ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ୨୦ତାରିଖ ମଧ୍ୟରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ରହିଛି। ଏହା ହେଲେ ଜିଲାରେ ଚାଷ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ଆଶା ରହିଛି।ନହେଲେ ପରିସ୍ଥିତିକୁ ଦେଖି କମ ସମୟରେ ଅମଳକ୍ଷମ ଧାନ କିମ୍ବା ରବିଚାଷ ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯିବ।

**-ହରିହର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ, ସୁନ୍ଦରଗଡା**

“ ବର୍ଷା ଯୋଗୁ ଚାଷ ଜମି ଶୁଖିଲା ପଡିଛି। ଧାନତଳି ଏବେ ହଳଦିଆ ହୋଇ ଶୁଖିବାକୁ ବସିଛି। ବର୍ଷା ନ ହେବାରୁ ଧାନ ରୁଆ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। କୁଡାବଗା ଗାଁରେ ଥିବା ୪୦୦ଏକର ଜମିରେ ରୁଆ ଚାଷ ହୋଇଥାଏ। ହେଲେ ଏ ପର୍ଯ୍ୟନ୍ତ ମାତ୍ର ୧୦ଏକର ଜମିରେ ଧାନ ରୂଆ କୂଅ, ପୋଖରୀ ପାଣିରେ ହୋଇଛି।

**-ଦେବେନ୍ଦ୍ର କୁମାର ପଟେଲ, ଅଗ୍ରଣୀ ଚାଷୀ, କୁଡାବଗା, ସଦର ବ୍ଲକ, ସୁନ୍ଦରଗଡ**

“ ଜୁଲାଇରୁ ଅଗଷ୍ଟ ୧୫ ମଧ୍ୟରେ ଚାଷ କାମ ସରିବା କଥା। ବର୍ଷା ଅଭାବରୁ ତଳି ରୁଆ ପାଇଁ ଅନୁପଯୋଗୀ ହେବାକୁ ଗଲାଣି। ସାମାନ୍ୟ ବର୍ଷା ଯୋଗୁଁ ବିଲ ରେ ଘାସ ବଢ଼ି ଯାଇଛି। ଆଉ ୧୫ ଦିନ ମଧ୍ୟରେ ବର୍ଷା ଭଲ ନ ହେଲେ ଏ ବର୍ଷ ର ଧାନ ଚାଷ ଆଉ ହେବନାହିଁ।

**-ବଡ଼ଗାଁ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଚାଷୀ।**

“ ଚଳିତ ବର୍ଷ ବର୍ଷା ଚାଷୀଙ୍କ ପାଇଁ ବାଧକ ସୃଷ୍ଟି ହୋଇଛି। ଆଗାମୀ ଦିନରେ ସ୍ୱାଭାବିକ ଭାବେ ବର୍ଷା ନ ହେଲେ ଧାନ ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି।

**-ରଜତ କୁମାର ଟପୋ,ଲେଫ୍ରିପଡା**

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ସମ୍ବଲପୁର, ୧୫।୭(ପ୍ରମୋଦ ବହିଦାର)**

ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ବରୋଇପାଲି ଛକରେ ଟ୍ରକ୍ ଚାପାରେ ଶାସନ ଥାନା ଅନ୍ତର୍ଗତ ଶାସନର ରବି କିଶାନଙ୍କ ମୃତ୍ୟୁ ଘଟିଛି। ସୋମବାର ଅପରାହ୍ନରେ ଜାତୀୟ ରାଜପଥ-୫୩ରେ ରବି ଏକ ସ୍କୁଟିରେ ରେମେଡ ପଟେ ଯାଉଥିଲେ। ଏହି ସମୟରେ ତାଙ୍କ ସ୍କୁଟିକୁ ଏକ ଟ୍ରକ୍(ସିଜି-୦୬-ଜିଆର୍-୯୪୮୮) ଧକ୍କା ଦେଇଥିଲେ। ଏଥିରେ ରବି ଗୁରୁତର ଆହତ ହୋଇଥିଲେ। ବରେଇପାଲି ଥାନା ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ରବିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମ୍ସାରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### କୁଚିଣ୍ଡା, ବାମରାରେ ବାହୁଡ଼ା ଯାତ୍ରା

**କୁଚିଣ୍ଡା, ୧୫।୭(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ଓ ବାମରା ସହ ବିଭିନ୍ନ ସ୍ଥାନରେ ସୋମବାର ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। କୁଚିଣ୍ଡାରେ ଉପଜିଲାପାଳ ହେମସାଗର ଭୋଇ ରଥାରୂଢ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ମାଉସୀ ମା'ମନ୍ଦିରରୁ ରଥ ଟଣାହୋଇ ପ୍ରଭୁଙ୍କୁ ରତ୍ନ ବେଦୀକୁ ନିଆଯାଇଥିଲା। ପ୍ରଦୀପ୍ତ ଶର୍ମା, ଚିନ୍ତାମଣି ଶର୍ମା, ପ୍ରଭାତ ଶର୍ମା, ପୂର୍ଣ୍ଣଚନ୍ଦ୍ର ଶର୍ମା ପ୍ରମୁଖ ସେବାୟତମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ବାହୁଡା ଯାତ୍ରା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସେହିପରି ବାମରାଠାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ ଗୋବିନ୍ଦପୁର ଗୌନ୍ତିଆ ସଞ୍ଜୀବ ପାଲ ଛେରାପହଁରା କରିଥିଲେ। ଏହାଛଡା ଗୋଛରା, ବକ୍ସମା, କୁସୁମୀ, କେଶାଇବାହାଲ, ଗଡପୋଷ, କୁଟାରିମାଲ, ଜରାବଗା, ମହୁଲପାଲି ଆଦି ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୧୫।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୫୩ଟି ଅଭିଯୋଗର ଶୁଣାଣି କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫୩ଟି ଅଭିଯୋଗ ମଧ୍ୟରୁ ୩୬ଟି ବ୍ୟକ୍ତିଗତ ସମସ୍ୟା ଓ ୧୭ଟି ସାମୂହିକ ସମସ୍ୟା ଉପରେ ଆଧାରିତ ରହିଥିଲା। ବିଶେଷ ଭାବେ ରାସ୍ତା ମରାମତି, ନଳକୂପ ଖନନ, ବିଦ୍ୟୁତ୍ ସମସ୍ୟା, ଶିକ୍ଷକ ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ୪ ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ ନିମନ୍ତେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରୀକ୍ଷିତ ସାହୁ, ବାରକୋଟ ବିଡିଓ ସ୍ମୃତିରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ବବ୍ରୁବାହନ ଦତ ଓ ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ପ୍ରାୟ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାପୁନ ପୁରୁଷ, ଗୀତାଶ୍ରୀ ମହିଳା ସିଙ୍ଗଲ୍ସ ଚାମ୍ପିୟନ

**ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ**

**ସମ୍ବଲପୁର, ୧୫।୭(ବି.ଶଙ୍କର)**



୧୭ ବର୍ଷରୁ କମ୍ ସବ୍ ଜୁନିୟର ରାଜ୍ୟ ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ଦୁଇଦିନିଆ ୧୭ ବର୍ଷରୁ କମ ସବ୍‌ଜୁନିୟର ରାଜ୍ୟ ରାଙ୍କିଂ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭୁବନେଶ୍ୱରର ବାପୁନ ରାଉତ ୨୨-୨୦ ଓ ୨୪-୨୨ ପଏଣ୍ଟରେ ଭୁବନେଶ୍ୱରର ସୌମ୍ୟଜିତ ସାହୁଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲରେ ସୁନ୍ଦରଗଡ଼ର ଗୀତାଶ୍ରୀ ଦେ ୨୧-୧୪ ଓ ୨୧-୧୨ ପଏଣ୍ଟରେ କଟକର ସ୍ୱାତୀ ନାଏକଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସ ଫାଇନାଲ୍ସରେ ମୟୁରଭଞ୍ଜର ଶ୍ରୀୟାଂଶ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକ ୨୧-୧୬ ଏବଂ ୨୧-୧୮ପଏଣ୍ଟରେ ଢେଙ୍କାନାଳର ବିଭୁଦତ୍ତ ବିଶ୍ୱାଳ ଓ ଭୁବନେଶ୍ୱରର ସୌମ୍ୟଜିତ ସାହୁଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମହିଳା ଡବଲ୍ସ ଫାଇନାଲରେ ଭୁବନେଶ୍ୱରର ଅନଭିତା ପ୍ରହରାଜ ଓ ଭଦ୍ରକର ଜେସିକା ସାହୁ ୨୧-୧୬ ,୧୩-୨୧ ୨୧-୧୮ ପଏଣ୍ଟରେ ଭୁବନେଶ୍ୱରର ନିମିଷା ଓଝା ଓ କଟକର ସ୍ୱାତୀ ନାଏକଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଏଥିସହ ମିକ୍ସଡ୍ ଡବଲ୍ସ ଫାଇନାଲରେ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଓ ଭଦ୍ରକର ଜେସିକା ସାହୁ ୨୨-୨୦ ୧୫-୨୧, ୨୧-୧୩ ପଏଣ୍ଟରେ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକ ଏବଂ ରାୟଗଡାର ସ୍ୱୀଟି ପ୍ରିୟା ପ୍ରଧାନଙ୍କୁ ପରାସ୍ତ କରି ବାଜିମାତ କରିଥିଲେ। ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ.ପ୍ରଦୀପ୍ତ କୁମାର ନାଥ, ଇଣ୍ଡିଆନ ବ୍ୟାଙ୍କର ସାକ୍ଷୀପଡା ଶାଖା ପରିଚାଳକ ନିର୍ମଳ ପଂସାରୀ, ପୁରୁଖା ବ୍ୟାଡ଼ମିଣ୍ଟନ ଖେଳାଳି ସୁରଜିତ ମିଶ୍ର, ସମ୍ବଲପୁର ବ୍ୟାଡ଼ମିଣ୍ଟନ ଆସୋସିଏଶନ ସଭାପତି ଡାକ୍ତର ହୃଦାନନ୍ଦ ନାଏକ, ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନର ସମ୍ପାଦକ ନିଲିନ୍ କୁମାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଟୁର୍ନାମେଣ୍ଟର ପରିଚାଳନା ସମ୍ପାଦକ ପ୍ରବୀଣ ବେହେରା, ପ୍ରଣବ ବେହେରା, ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ, ଟୁର୍ନାମେଣ୍ଟରସଂଯୋଜକ ଅଭିଷେକ ବିଶ୍ୱାସ ଓ ଜୟନ୍ତ ମିଶ୍ର ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା

**ଝାରସୁଗୁଡ଼ା, ୧୫।୭(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ସମେତ ସରବାହାଲ, ପୁରୁଣାବସ୍ତି, ବିଟିଏମ ଏବଂ କୁକୁରଜଙ୍ଗାରେ ସୋମବାର ପବିତ୍ର ବାହୁଡ଼ାଯାତ୍ରା ପାରମ୍ପରିକ ନୀତିରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସରବାହାଲ ମାଉସୀ ମା' ମନ୍ଦିରରୁ ୩ ଠାକୁରଙ୍କୁ ରଥରେ ବସାଇ ରଥଟଣା ଅନୁଷ୍ଠିତ ହୋଇଥିଲା। ପରେ ସରବାହାଲ ଦୁର୍ଗା ମଣ୍ଡପରେ ରଥକୁ ରଖି ଶତାଧିକ ଭକ୍ତ ୩ଠାକୁରଙ୍କ ଦର୍ଶନ କରିବା ସୁଯୋଗ ପାଇଥିଲେ। ବାହୁଡ଼ାଯାତ୍ରାରେ ଜଗନ୍ନାଥ ମନ୍ଦିର ପୂଜକ ଅଜୟ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସେହିପରି ଝଣ୍ଡାଛକ, ପୁରୁଣା ବସ୍ତି, ବିଟିଏମ ସମେତ କୁକୁରଜଙ୍ଗାରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ ସହରର ଝଣ୍ଡାଛକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଝଣ୍ଡାଛକରେ ଭୋଗ ବଣ୍ଟନ ହୋଇଥିଲା। ବିଟିଏମ ଓ ପୁରୁଣା ବସ୍ତିରେ ମଧ୍ୟ ବାହୁଡ଼ାଯାତ୍ରାରେ ଭକ୍ତଙ୍କ ଜନାସମାଗମ ଦେଖିବାକୁ ମିଳିଥିଲା। ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ସହର ଉପକଣ୍ଠ କୁକୁର ଝାଙ୍ଗାରେ ଆଠ ଶହ ବର୍ଷର ବାହୁଡ଼ାଯାତ୍ରା ପାଳିତ ହୋଇଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କୁକୁରଝଙ୍ଗା ରଥଯାତ୍ରା ଆସନ୍ତା ପୂର୍ଣ୍ଣିମା ଦିନ ଉଦଯାପିତ ହେବ। ଗତ ରଥଯାତ୍ରାରେ ସରବାହାଲ, ଝଣ୍ଡାଛକ ଓ ବିଟିଏମ ରଥଯାତ୍ରାରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ସାମିଲ ହୋଇଥିବା ବେଳେ ସରବାହାଲ ବାହୁଡ଼ାଯାତ୍ରାରେ କାଉନସିଲର ଗୀତାଞ୍ଜଳି ପଣ୍ଡା ସାମିଲ ହୋଇଥିଲେ। ରଥଯାତ୍ରାରେ ହିନ୍ଦୁ ଏକତା ମଞ୍ଚ ଝାରସୁଗୁଡ଼ା ଶାଖା ପକ୍ଷରୁ ଝଣ୍ଡାଛକଠାରେ ବିବେକାନନ୍ଦ ମିଶ୍ର ହରିଶଙ୍କର, ପୁରୋହିତ ନିମାଇଁ ଚରଣ ବେହେରା, ଡାକ୍ତର ପ୍ରକାଶ ଚନ୍ଦ୍ର ରଣା, ରାଜନ ଚୈଧୁରୀ, ସୁଶାନ୍ତ ଗୁପ୍ତା, ବିଶ୍ୱ ରଞ୍ଜନ ସାହୁ, ମନୋଜ ଜେନା, ପଣ୍ଡିତ ନିକୁଞ୍ଜ ବିହାରୀ ମିଶ୍ର, ବାଳ ଗୋବିନ୍ଦ ମିଶ୍ର, ସମେତ ସକ୍ରିୟ ସଦସ୍ୟଙ୍କ ସହାୟତାରେ କ୍ଷୀରି ବଣ୍ଟନ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଝାରସୁଗୁଡ଼ା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୂତୟନ ହୋଇଥିଲେ।



# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ପୂଜାରୀ

**ଝାରସୁଗୁଡ଼ା, ୧୫।୭(ସଞ୍ଜୟ ମାଲି)**


ମନ୍ତ୍ରୀ ସୁରେଶ ପୂଜାରୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ରଜରାଜନଗର ମହା ବିଦ୍ୟାଳୟରେ ବନ ମହୋତ୍ସବ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ପରିବେଶ ସଂରକ୍ଷଣ ଦିଗରେ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିବା ସହ ବୃକ୍ଷରୋପଣ ପାଇଁ ଆହ୍ୱାନ ଦେଇଥିଲେ ଏବଂ ବିକଶିତ ଭାରତ ଗଠନ ପାଇଁ ଶିକ୍ଷକ ଛାତ୍ରସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ସହ ଅଞ୍ଚଳର ବିକାଶ ସହିତ ତଥା ମହାବିଦ୍ୟାଳୟରେ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ମହାବିଦ୍ୟାଳୟ ପରିସରରେ ଚାରା ବୃକ୍ଷ ରୋପଣ କରିବା ସହିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମନ୍ତ୍ରୀ ଚାରା ବୃକ୍ଷ ରୋପଣ କରିଥିଲେ। ଏମସିଏଲ ଗେଷ୍ଟ ହାଉସଠାରେ ମନ୍ତ୍ରୀ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସହିତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବ୍ରଜରାଜନଗର ଓ ବେଲପାହାଡ଼ ପୌର ପରିଷଦର ପାରିଷଦ ବର୍ଗଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଓପିଟିସିଏଲର ଅଧିକାରୀମାନଙ୍କ ସହିତ କନକତୋରା ଅଞ୍ଚଳରେ ଲୋ ଭୋଲ୍ଟେଜ ସମସ୍ୟା ସମ୍ପର୍କରେ ଆଲୋଚନା ପୂର୍ବକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### ଦେବଗଡରେ ଭିନ୍ନ ପରମ୍ପରା: ବିଭୀଷଣ ଦର୍ଶନ

**ଦେବଗଡ଼, ୧୫।୭(ଶଶାଙ୍କ ଶେଖର ଝାଙ୍କର)**

ବାହୁଡାରେ ଚତୁର୍ଦ୍ଧା ବିଗ୍ରହ ସର୍ବତ୍ର ରାଥରଢ ହୋଇ ରତ୍ନ ସିଂହାସନ ଅଭିମୁଖେ ଯାତ୍ରା କରିଥାନ୍ତି। ମାତ୍ର ଦେବଗଡରେ ଚତୁର୍ଦ୍ଧା ବିଗ୍ରହ ଜନ୍ମ ବେଦୀରେ ଅନ୍ନ ଭୋଗ ପରେ ଗରୁଡ ସ୍ତମ୍ଭ ନିକଟରେ ତ୍ରିଭୁଜ ଆକାରରେ ବସି ଶ୍ରଦ୍ଧାଳୁମାନଙ୍କୁ ସନ୍ଧ୍ୟା ଦର୍ଶନ ଦେଇଥାନ୍ତି । ଏହାକୁ ବିଭୀଷଣ ଦର୍ଶନ ବା ଚେକାଛାଡ କୁହାଯାଇଥାଏ। ତନି ଠାକୁର ଚକେ ଲେଖାଏଁ ଛାଡି ବସୁଥିବାରୁ ଏହାକୁ ଚେକାଛାଡ କୁହାଯାଉଥିବା ପୂଜକ ତଥା ବଡପଣ୍ଡା ମତବ୍ୟକ୍ତ କରନ୍ତି। ମଙ୍ଗଳବାର ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ରଥାରଢ ହେବାପରେ ବୁଧବାର ଓ ଗୁରୁବାର ରଥ ଟଣାଯିବା କାର୍ଯ୍ୟକ୍ରମ ରହିଛି।



# ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା, ୧୫।୭(ସଞ୍ଜୟ ମାଲି)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ ଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ମହାନନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ଜିଲା ପରିଷଦ ସଭ୍ୟା ରିତା ବାଗଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୯ଟି ଅଭିଯୋଗ ମଧ୍ୟରୁ ୧୨ଟି ସାମୂହିକ ଓ ୧୭ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ହୋଇଥିଲା। ଗୌଡ଼ ପାନପାଲି ୟୁଜିଏମଇ ସ୍କୁଲରେ ଶିକ୍ଷକ ନିଯୁକ୍ତି, ବିଡ଼ମାଲରେ କଲ୍ୟାଣ ମଣ୍ଡପ ନିର୍ମାଣ, ବିଡ଼ମାଲ ଗାଧୁଆପଟାରୁ ଜୁନାମୁଣ୍ଡା ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ସଂଯୋଗ, ନକ୍ସାପାଲି ଖଜୁରିକଣ୍ଟାରେ ମାଛ ଚାଷ ନଷ୍ଟ ଜନିତ ସମସ୍ୟା ପ୍ରତିକାର, ବିଡ଼ମାଲ ରାସ୍ତା ପାର୍ଶ୍ୱରେ କାଜୁ ଚାରା ରୋପଣ, ଭାଲୁପାତ୍ରା ଓ ନକ୍ସାପାଲିରେ ପାକ୍ସ ଦ୍ୱାରା ଧାନ କ୍ରୟ କରିବା ଓ ଲଇକେରାସ୍ଥିତ ଡାଇଗ୍ନଷ୍ଟିକ ସେଣ୍ଟର କାର୍ଯ୍ୟକ୍ଷମ କରିବା ଆଦି ସମ୍ବନ୍ଧୀୟ ସାମୂହିକ ଅଭିଯୋଗ ସହିତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଆଦିବାସୀ ସମାଜର ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୧୫।୭(ସଞ୍ଜୟ ମାଲି)**


ବୈଠକରେ ଯୋଗଦେଇଥି କର୍ମକର୍ତ୍ତା ଏବଂ ଅନ୍ୟମାନେ।

ସମ୍ମିଳିତ ଆଦିବାସୀ ସମାଜର ଏକ ସମିକ୍ଷା ବୈଠକ ରବିବାର କାପୁମାଲ ଗୋଁଣ୍ଡ ଭବନଠାରେ ସଙ୍ଗଠନ ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୧୧ଟି ଆଦିବାସୀ ସମାଜ ଗୋଁଣ୍ଡ, କିଷାନ, ଓରାମ, ମୁଣ୍ଡା, ଖଡିଆ, ଭୂୟାଁ, ସବର, ସହରା, କୋହ୍ଲ, କନ୍ଧ, ବନଜାରା ଆଦିକୁ ନେଇ ଆସନ୍ତା ଅଗଷ୍ଟରେ କିର୍ମିରାଠାରେ ଆଦିବାସୀ ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ଶକ୍ତିମେଳାରେ ସମସ୍ତ ଆଦିବାସୀ ମାନଙ୍କ ଦେବଦେବୀ ପୃଥକ ପୃଥକ ଭାବରେ ପୂଜନ ହେବା ସହିତ ସମସ୍ତଙ୍କ ପାରମ୍ପରିକ ନାଚଗୀତ ପ୍ରଦର୍ଶିତ ହେବ। ଏହି ମେଳାରେ ଜିଲା, ରାଜ୍ୟ ତଥା ଦେଶର ବହୁ ଆଦିବାସୀ ନେତୃମଣ୍ଡଳୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆଦିବାସୀମାନଙ୍କ ମଧ୍ୟରେ ଚିହ୍ନା ପରିଚିତ ହେବା ସହିତ ସାମାଜିକ ରୀତିନୀତି ଲୋକ ଲୋଚନକୁ ଅଣାଯିବ। ସମ୍ମିଳିତ ଆଦିବାସୀ ସମାଜ ଝାରସୁଗୁଡା କିଛି ଦିନ ଆଗରୁ ଜିଲାରେ ଏକ ଅଜଣା ଆଦିବାସୀ ସଂଗଠନ ଦ୍ୱାରା ଘୋଷିତ ଆଦିବାସୀ ପ୍ରାର୍ଥୀକୁ ସମ୍ମିଳିତ ଆଦିବାସୀ ସମାଜ ଅଗ୍ରାହ୍ୟ କରିଛି। ଏହି ସମିକ୍ଷା ସଭାରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ପ୍ରମୁଖ ସଚିବ ଅଶୋକ ମାଝି, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ପ୍ରେମସାଗର ଧୁରୁଆ, ଡମ୍ବରୁଧର ନାଏକ, ବାସୁଦେବ ଧୁରୁଆ, ରାଜେଶ ନେଟି, ତ୍ରିଲୋଚନ ଡନସନା, ଧର୍ମେନ୍ଦ୍ର କିସାନ, ବିରେନ ମରେଇ, ପ୍ରେମାନନ୍ଦ ବିଶ୍ୱାଲ, ରାଜେଶ ମୁଣ୍ଡା, ମୋହନ ସବର, ପୁରୁଷୋତ୍ତମ ନେଟୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଯୁବ କୌଶଳ ଦିବସ ପାଳିତ

**ଦେବଗଡ଼, ୧୫।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡସ୍ଥିତ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ତିଳେଇବଣି ବ୍ଲକ ଅନ୍ତର୍ଗତ ଜାମୁନାଳି ଗ୍ରାମରେ ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି।



କର୍ମଶାଳାରେ ତାମିଲ ଦିଆଯାଉଛି ।

ଏହି ଉପଲକ୍ଷେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁଶୀଳ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦୁଧିଆନାଳି ଗ୍ରାମ ପଞ୍ଚାୟତ ସରପଞ୍ଚ ଉଦୀତ କୁମାର ନାୟକ ଯୋଗଦେଇ ଯୁବବର୍ଗ କିଭଳି କୁଶଳୀ ହୋଇ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂସ୍ଥାନ ପକ୍ଷରୁ ଏକ ସଚେତନତା ମୂଳକ ରଙ୍ଗୋଲୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବତୀ ସାହୁ, ମମତା ପାତ୍ର ଓ ସନ୍ତୋଷିନୀ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଅନ୍ୟ ଅଂଶଗ୍ରହଣକାରୀମାନେ ଯୋଗାଭ୍ୟାସ କରିଥିଲେ। ସେହିପରି କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଜନଶିକ୍ଷଣ ସଂସ୍ଥାନ କାର୍ଯ୍ୟକ୍ରମ ଅଧିକାରୀ ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂସ୍ଥାନର କର୍ମୀ ସୋନିକା ପ୍ରଧାନ, ରାଜେନ୍ଦ୍ର ସାହୁ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅବଧି ସରିଲା, କାର୍ଯ୍ୟ ଆରମ୍ଭ ହୋଇନି

**ଭତରା ମହାନଦୀ ବିହାର ରାସ୍ତା ନିର୍ମାଣ**

**ସମ୍ବଲପୁର, ୧୫।୭(ପ୍ରମୋଦ ବହିଦାର)**


ନିର୍ମାଣ ହୋଇ ନଥିବା ରାସ୍ତା।



ରାସ୍ତା ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଲାଗିଥିବା ଫଳକ।

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୩୬ ଅନ୍ତର୍ଗତ ଧମାରୋଡ଼ସ୍ଥିତ ଭତରା ମହାନଦୀ ବିହାର ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଯାଇଛି। ହେଲେ ଏଯାଏ ନିର୍ମାଣ କାମ ଆରମ୍ଭ ହୋଇ ନାହିଁ। ପ୍ରାୟ ୧୪ଲକ୍ଷ ୪୩ ହଜାର ୪୩୦ ଟଙ୍କା ବ୍ୟୟ ଅଟକଳରେ ଏଠାରେ ଫେବର ବ୍ଲକ ଓ ସ୍ଲାବ ସହିତ ଡ୍ରେନ୍ ନିର୍ମାଣ କାମ ଆରମ୍ଭ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏଥିପାଇଁ ଏଠାରେ ଏକ ଫଳକ ମଧ୍ୟ ଲାଗିଛି। ହେଲେ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଏଠାରେ ଲାଗିଥିବା ଫଳକରେ କାର୍ଯ୍ୟାରମ୍ଭ ଦିବସ ୨୦୨୪ ମାର୍ଚ୍ଚ ୪ ତାରିଖ ଓ କାର୍ଯ୍ୟ ଶେଷ ମେ ୩ ତାରିଖ ଧାର୍ଯ୍ୟ ହୋଇଥିଲା। ଅବଧି ସମୟରେ ନିର୍ମାଣ ହୋଇ ନ ପାରିବା ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନ୍ୟପକ୍ଷରେ ବର୍ଷା ପରେ ଏବେ ଭତରା ମହାନଦୀ ବିହାର ରାସ୍ତା ଓ ଡ୍ରେନ ବିପର୍ଯ୍ୟସ୍ତ ହୋଇ ପଡିଛି। ଏହି ରାସ୍ତାରେ ଯାତାୟତ କରୁଥିବା ଲୋକେ ନାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଖାଲରେ ଭର୍ତ୍ତି ହୋଇ ପଥାଚାରୀଙ୍କ ଯାତାୟତରେ ବିପଦ ସୃଷ୍ଟି କରୁଛି। ସାମାଜିକ ଅନୁଷ୍ଠାନ ସକ୍ଷମର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ରାସ୍ତା ନିର୍ମାଣରେ ଏଭଳି ଅବହେଳା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି କହିଛନ୍ତି। ଯଥାଶୀଘ୍ର ଭତରା ମହାନଦୀ ବିହାର ରାସ୍ତା ଓ ଡ୍ରେନ ନିର୍ମାଣ କାମ ଶେଷ କରିବାକୁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ସରଣ୍ଡା,୧୫।୭(ଯୁଧିଷ୍ଠିର ମହାପାତ୍ର)**



ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍।



ତମରେଶ ସାହୁ।

**ନିଖୋଜ ତମରେଶ ସାହୁଙ୍କ ମୃତଦେହ ଜବତ ଘଟଣା**

- ନିଖୋଜ ହେବାର ୩ଦିନ ପରେ ମିଳିଥିଲା ମୃତଦେହ
- ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ଛାନଭିନ୍
- ଭୋଟର ତାଲିକା ପୁସ୍ତିକା, ପାସବୁକ୍‌କୁ ନେଇ ଚର୍ଚ୍ଚା

ବରଗଡ଼ ଜିଲା ଅତାବିରା ଥାନା ଲରାସରା ପଞ୍ଚାୟତ ଅନ୍ତର୍ଗତ ଖଇରପାଲି ଗ୍ରାମର ତମରେଶ ସାହୁ(୪୨)ଙ୍କ ମୃତଦେହ ଜବତ ଘଟଣା ଭିନ୍ନମୋଡ଼ ନେଇଛି। ତାଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦିଆଯାଇଥିବା ପରିବାର ଲୋକେ ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ମୃତକଙ୍କ ଭାଇ ନମରେଶଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୫୮୧/୨୪) ରୁଜୁ କରି ତଦନ୍ତ କରୁଛି। ସୋମବାର ବୁର୍ଲାରେ ବ୍ୟବଚ୍ଛେଦ ହୋଇଛି। ବ୍ୟବଚ୍ଛେଦ ଏବଂ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବୁର୍ଲା ଥାନା ଆଇଆଇସି ଅନୀଲ କୁମାର ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ରଣଜିତ ସାହୁଙ୍କ ପୁଅ ତମରେଶ ଗତ ୧୧ ତାରିଖରେ ଶିଶୁପୁତ୍ର ଶିବାଂଶୁକୁ ଏକ ଘରୋଇ ସ୍କୁଲରେ ଛାଡ଼ିବା ପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସନ୍ଧାନ ନ ମିଳିବାରୁ ଅତାବିରା ଥାନାରେ ସୂଚନା ଦିଆଯାଇଥିଲା। ଅନ୍ୟପଟେ ନିଖୋଜ ତମରେଶଙ୍କ ମୃତଦେହ ବୁର୍ଲା ଥାନା ହୀରାକୁଦ ଡ୍ୟାମ ଜିରୋ ପଏଣ୍ଟ ପାଖ ଚନ୍ଦଲିଡୁଙ୍ଗୁରି ପାଖ ଏକ ଛୋଟିଆ ଗଛରେ ଝୁଲୁଥିବା ଜଣାପଡ଼ିଥିଲା। ପାଖରେ ତାଙ୍କ ମୋଟରସାଇକେଲ (ନଂ. ଓଡ଼ି୧୭ ୮୭୯୦) ରହିଥିଲା। ତେବେ ରାତି ହୋଇଥିବା ଯୋଗୁ ରବିବାର ଘଟଣାସ୍ଥଳରୁ ମୃତଦେହ ଜବତ ହୋଇ ନ ଥିଲା। ସୋମବାର ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ତେବେ ତାଙ୍କ ପକେଟ୍‌ରୁ ମୋବାଇଲ, ମୋଟରସାଇକେଲ ଚାବି, ମୋଟରସାଇକେଲ ଡିକିରୁ ବ୍ୟାଙ୍କ ପାସବୁକ୍, ଭୋଟର ତାଲିକା ପୁସ୍ତିକା ଏବଂ ଅନ୍ୟ କାଗଜାତ୍ ଜବତ ହୋଇଛି। ତଦନ୍ତକାରୀ ଅଧିକାରୀ ଦେବାଶିଷ ଖିଲାଶବର, ସାଇଣ୍ଟିଫିକ୍ ଟିମ୍ ଅଧିକାରୀ ବିଜୟଲକ୍ଷ୍ମୀ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଘରେ ପହଞ୍ଚିବା ପରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ, ଜୋନ ନଂ. ୧ର ଜିଲା ପରିଷଦ ସଭ୍ୟ ସୁଦାମ ଜାଲ, କୋଶଲ ସ୍କୁଲ ଅଧକ୍ଷ ରବିନ୍ଦ୍ରନାଥ ବେହେରା, ଲହଣ୍ଡା ସରପଞ୍ଚ ଅର୍ଜୁନ ନାଏକ, ଅତାବିରା ଟାଉନ ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ଜିତେନ୍ଦ୍ର ଦାଶଙ୍କ ସମେତ ଗ୍ରାମବାସୀ ଅନ୍ତିମ ଦର୍ଶନ କରିଥିଲେ। ତମରେଶ ଜଣେ ସକ୍ରିୟ ବିଜେଡି କାର୍ଯ୍ୟକର୍ତ୍ତା ଥିଲେ ଏବଂ ଅଞ୍ଚଳର ବିଭିନ୍ନ ପ୍ରକଳ୍ପଗୁଡ଼ିକର ଠିକାକାମ କରୁଥିଲେ। ନିର୍ବାଚନକୁ ଦୀର୍ଘଦିନ ବିତିଯିବା ସତ୍ତ୍ୱେ ତାଙ୍କ ବାଇକ୍ ଡିକିରୁ ଏବେ ଭୋଟର ତାଲିକା ପୁସ୍ତିକା ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ବାଇକ୍ ଡିକିରୁ ବ୍ୟାଙ୍କ ପାସବୁକ୍ ମିଳିଥିବା ଯୋଗୁ ସେ ତାହା କେଉଁ ଉଦ୍ଦେଶ୍ୟରେ ଘରୁ ନେଇ ଯାଇଥିଲେ ଏବଂ ଘରୁ ଯିବାପରଠାରୁ କୌଣସି ବ୍ୟାଙ୍କରୁ ସେ ଟଙ୍କା ଉଠାଇଛନ୍ତି କି ନାହିଁ, ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହା ସହିତ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ପୂର୍ବ ଯୋଜନା ମୁତାବକ ତମରେଶଙ୍କୁ ହତ୍ୟା କରି ସେହି ଗଛରେ ଝୁଲାଇ ଅଭିଯୁକ୍ତମାନେ ଖସି ଯିବାକୁ ଉଦ୍ୟମ କରି ଥାଇପାରନ୍ତି ବୋଲି ସାଧାରଣରେ ଆଲୋଚିତ ହେଉଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଚତୁର୍ଭୁଜ



@ ଜଗା



@ ପ୍ରସୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାତାଳି ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା



ଜଗନ୍ନାଥଙ୍କୁ ପହଣ୍ଡି କରାଯାଉଛି ।

**ସୋନପୁର,୧୫।୭(ମୃତ୍ୟୁଞ୍ଜୟ ଶତପଥୀ)**

**ପହଣ୍ଡି ପରେ ରଥ ଟାଣିଲେ ଶ୍ରଦ୍ଧାଳୁ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମରେ ପାତାଳି ଶ୍ରୀକ୍ଷେତ୍ରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସକାଳ ୫ଟାରେ ମଙ୍ଗଳ ଆଳତି, ୭ଟାରେ ଖେଚୁଡି ଭୋଗ ପରେ ମଙ୍ଗଳାର୍ପଣ ଓ ବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଧାଡି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡପମଣ୍ଡପରୁ ଆଣି ରଥାରୂଢ଼ କରାଯାଇଥିଲା। ପହଣ୍ଡିରେ ନରସିଂହ ପଧାନ, ମିତ୍ରଭାନୁ ମହାକୁର ଓ ଶରଦ ଚାନ୍ଦ ଛେରାପହଁରା ନୀତି କରିଥିଲେ। ଅପରାହ୍ନରେ କୋଟସମଲାଇ ଗାଁର ଗଡତ୍ୟା ଚମରା ଅମାତ ଛେରାପହଁରା କରିଥିଲେ। ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପାତାଳି ଶ୍ରୀକ୍ଷେତ୍ର। ଚନ୍ଦ୍ରିକା ସେବା ଟ୍ରଷ୍ଟ ତରଫରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱେଚ୍ଛାସେବୀ ମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ପୋଲିସକୁ ସହାୟତା କରିଥିଲେ। ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ, ବୀରମହାରାଜପୁର ଉପଖଣ୍ଡ ପ୍ରଶାସନ ଓ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ରାଜସ୍ୱ ଅଧିକାରୀ ଅଜିତ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିରକୁ ବିଜେ କରିବେ ବୋଲି ଜଣାପଡିଛି।

# ଲାଠିଯାତ୍ରା ସହ ମନ୍ଦିରକୁ ବାହୁଡ଼ିଲେ ତିନିଠାକୁର

**ଗୋଟୋମୁଣ୍ଡାରେ ନିଆରା ବାହୁଡା ଯାତ୍ରା**

**କୋକସରା,୧୫।୭**
**(ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଲାଠି, କୁର୍ସି, ଦେବଦେବୀଙ୍କ ସହ ରଥରେ ମହାପ୍ରଭୁ ବାହୁଡୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ଗ୍ରାମରେ ଏକ ନିଆରା ବାହୁଡା ଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ଜନଶ୍ରୁତି ଅନୁସାରେ ଅନେକ ବର୍ଷ ଆଗରୁ ଜଣେ ବୈଷ୍ଣବ ସମ୍ପ୍ରଦାୟର ବ୍ୟକ୍ତି ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହକୁ ଧରି ଗୋଟୋମୁଣ୍ଡା ଆସି ପ୍ରଭୁଙ୍କୁ ରଖି ପୂଜା କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ଗୋଟୋମୁଣ୍ଡା ବାସୀ ଗାଁ ଗୌନ୍ତିଆ ନ ଥିବାସ୍ଥଳେ ଏସବୁ କାର୍ଯ୍ୟ କରିବା ପାଇଁ ମନା କରିଦେଇଥିଲେ। ଫଳରେ ବ୍ୟକ୍ତି ଜଣକ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଅନ୍ୟତ୍ର ଚାଲିଯାଇଥିଲେ। ଗାଁର ଗୌନ୍ତିଆ ଗୋଟୋମୁଣ୍ଡା ଫେରିବା ପରେ ଗ୍ରାମବାସୀ ଘଟଣା ସମ୍ପର୍କରେ କହିଥିଲେ। ପରଦିନ ଗୌନ୍ତିଆ ବ୍ୟକ୍ତିଙ୍କୁ ଖୋଜି ଆଣିବା ପାଇଁ କହିଥିଲେ। ଗ୍ରାମର କିଛି ବ୍ୟକ୍ତି ଖୋଜାଖୋଜି କରି ଛତିଶଗଡ ରାଜ୍ୟ ବରିଗାଁରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭେଟି ଗୋଟୋମୁଣ୍ଡା ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ବ୍ୟକ୍ତି ଜଣକ ଗୋଟୋମୁଣ୍ଡା ପହଞ୍ଚି ଗୌନ୍ତିଆଙ୍କୁ ଭେଟି ବିଗ୍ରହ ସ୍ଥାପନ କରି ପୂଜା କରିବା ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ଜଗନ୍ନାଥଙ୍କ ଘୋଷଯାତ୍ରା ସରିଯାଇଥିବା ବେଳେ ବାହୁଡା ଯାତ୍ର ହୋଇ ନ ଥିଲା। ଗୌନ୍ତିଆ ବାହୁଡା ଦିନ ମହାପ୍ରଭୁଙ୍କ ବିଗ୍ରହ ଆଣିବା ପାଇଁ ଅନୁମତି ଦେଇଥିଲେ। ବାହୁଡା ଯାତ୍ରା ଦିନ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଧରି ଗୋଟୋମୁଣ୍ଡାରେ ପହଞ୍ଚିଥିଲେ। ବାହୁଡା ଯାତ୍ରା ଦିନ ସଂଯୋଗ ବଶତଃ ଗୋଟୋମୁଣ୍ଡା ଗ୍ରାମରେ ଦେବଦେବୀଙ୍କ ମଣ୍ଡେଇ ଯାତ୍ରା ରହିଥିଲା। ଗୌନ୍ତିଆ ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ଦେବଦେବୀଙ୍କ ଲାଠି, କୁର୍ସି, କାଳିଶି ସହ ବାଜା ବଜାଇ ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ୱାଗତ କରି ଗ୍ରାମକୁ ପାଛୋଟି ନେଇଥିଲେ। ସେହି ଦିନରୁ ବାହୁଡା ଯାତ୍ରା ହୋଇଆସୁଛି ବୋଲି ଗୋଟୋମୁଣ୍ଡା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂର୍ବରୁ ବାହୁଡା ଯାତ୍ରା ଦିନ ଗୋଟୋମୁଣ୍ଡା ଗ୍ରାମରେ ଦେବଦେବୀଙ୍କ ମଣ୍ଡେଇ ଯାତ୍ରା ପାଳନ ହେଉଥିଲା। ସେହି ପରମ୍ପରା ଅନୁଯାୟୀ ବାହୁଡା ଯାତ୍ରା ଦିନ ଗୋଟୋମୁଣ୍ଡା ଅଞ୍ଚଳର ଦେବଦେବୀଙ୍କ ଲାଠି, କୁର୍ସି ଓ କାଳିଶି ଏକତ୍ରିତ ହୋଇଥିଲେ। ମାଉସୀ ମା' ମନ୍ଦିରରେ ପହଞ୍ଚିବା ପରେ ଦେବଦେବୀମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ପାଛୋଟି ନେବା ପାଇଁ ଅନୁରୋଧ କରିଥିଲେ। ତଦନୁଯାୟୀ ତିନି ଠାକୁର ରଥ ଚାରିପଟେ ପରିକ୍ରମା କରି ରଥରେ ବିଜେ କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ମାଉସୀ ମା' ମନ୍ଦିରରୁ ମୁଖ୍ୟ ମନ୍ଦିର ପର୍ଯ୍ୟନ୍ତ ଭକ୍ତମାନେ ଲାଠି, କୁର୍ସି କାଳିସିଙ୍କ ଗହଣରେ ରଥ ଟାଣି ନେଇଥିଲେ।

# ଖରିଫ ପାଇଁ ନିମ୍ନ ଇନ୍ଦ୍ର ପ୍ରକଳ୍ପରୁ ଜଳ ଛଡ଼ାଗଲା



ଅଧିକାରୀମାନେ ଗେଟ୍ ଖୋଲି ଜଳ ଛାଡୁଛନ୍ତି।

**ଖଡ଼ିଆଳ,୧୫।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ତିଖଳି ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ସୋମବାର ଖରିଫ ଚାଷ ପାଇଁ କେନାଲ ଦ୍ୱାରା ଜଳ ଛଡ଼ାଯାଇଛି। ନୂଆପଡ଼ା ଓ ବଲାଙ୍ଗୀର ଜିଲାର ୩୫ ହଜାର ୫ଶହ ୫୭ ଜଣ ଚାଷୀଙ୍କ ୨୯ ହଜାର ୯୦୦ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ ନେଇ ଜଳ ନିଷ୍କାସନ କରାଯାଇଛି। ପ୍ରକଳ୍ପର ବାମ ଓ ଦକ୍ଷିଣ କେନାଲ ମାଧ୍ୟମରେ ଜଳ ଛଡ଼ାଯାଇଛି। ଏହାଦ୍ୱାରା ବର୍ଷାଭାବରୁ ଦେଖାଯାଇଥିବା ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି। ପାଣି ପଞ୍ଚାୟତ ଓ ବିଭାଗୀୟ ଅଧିକାରୀ ଯୋଗଦେଇ ପୂଜାର୍ଚ୍ଚନା ପରେ ଚାରିଗୋଟି ଗେଟ୍ ମଧ୍ୟରୁ ୨ ଓ ୩ ନମ୍ବର ଗେଟ୍ ଖୋଲାଯାଇଛି। ୨ ଗେଟ୍‌ରେ ୪୦କ୍ୟୁବିକ ଜଳ ନିଷ୍କାସନ ହେଉଥିବା ପ୍ରକାଶ। ଅଧୀକ୍ଷଣ ଯନ୍ତ୍ରୀ ବଙ୍ଗୋମୁଣ୍ଡା ସୂର୍ଯ୍ୟ କୁମାର ପାଣିଗ୍ରାହୀ, ଖଡ଼ିଆଳ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, ସହକାରୀ ଯନ୍ତ୍ରୀ ସୌରଭ କୁମାର ଦାସ, ଡ୍ୟାମ୍ ସହକାରୀ ଯନ୍ତ୍ରୀ ହେମ କୁମାର ନାଏକ, ପାଣିପଞ୍ଚାୟତ ସଭାପତି ମଞ୍ଜେସ ମେହେର, ସମ୍ପାଦକ ମିଳନ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଚଣା ତରକାରି ବିକିଲେ ପଦ୍ମଶ୍ରୀ ହଳଧର ନାଗ



ପଦ୍ମଶ୍ରୀ ହଳଧର ନାଗ ଚଣା ତରକାରି ପ୍ରସ୍ତୁତ କରୁଛନ୍ତି।

**ସୋହେଲା,୧୫।୭(ଅଶ୍ୱିନୀ ପାତ୍ର)**

ସୋମବାର ଥିଲା ବାହୁଡ଼ାଯାତ୍ରା। ତେବେ ଅନ୍ୟବର୍ଷ ଭଳି ଏଥର ମଧ୍ୟ ପଦ୍ମଶ୍ରୀ ହଳଧର ନାଗ ତାଙ୍କ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ ଗ୍ରାମରେ ଅନୁଷ୍ଠିତ ବାହୁଡ଼ାଯାତ୍ରାରେ ଚଣା ବିକିଥିଲେ। ଏଥର ସେ ନିଜେ ୨୦କି.ଗ୍ରାର ମଟର ଚଣା ତରକାରି ତିଆରି କରିଥିଲେ। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ତାହା ବିକ୍ରି କରିଥିଲେ। ସେଥିରୁ ସେ ପ୍ରାୟ ୧୦ହଜାର ଟଙ୍କା ଆୟ କରିଥିବା ସେ କହିଛନ୍ତି। ଏହି ଟଙ୍କାକୁ ସେ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଗଢ଼ିଥିବା ବନ ବିଦ୍ୟାଳୟକୁ ଦାନ କରିବେ ବୋଲି ହଳଧର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ହଳଧର ଯୁବାବସ୍ଥାରେ ଦୀର୍ଘ ୧୬ବର୍ଷ ଧରି ସ୍ଥାନୀୟ ହାଇସ୍କୁଲର ରୋଷେୟା ଭାବେ କାମ କରିଥିଲେ। ପରେ ଏକ କ୍ୟାବିନରେ ଭଜା, ମୁଢ଼ି, ଚଣା ଆଦି ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ତେବେ ପଦ୍ମଶ୍ରୀ ସମ୍ମାନ ପାଇବା ପରେ ସେ ଦୋକାନ ପାଇଁ ଆଉ ସମୟ ଦେଇ ପାରି ନ ଥିଲେ।

# ବନ୍ଦଘରୁ ସୁନାଗହଣା, ଟଙ୍କା ଚୋରି

**ରାଉରକେଲା,୧୫।୭(ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀକଲୋନୀ ଅଞ୍ଚଳର ଏକ ବନ୍ଦଘରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର ସୁନାଗହଣା, ନଗଦ ଟଙ୍କା ଓ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଏନେଇ ସୋମବାର ଉଦିତନଗର ଥାନାରେ ଏତଲା ହୋଇଛି। ପୋଲିସ ମାମଲା ନଂ. ୨୭୪/୨୪ ରଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବାସନ୍ତୀକଲୋନୀ ଏଏଲ-୩୧ରେ ପ୍ରସନ୍ନ ନାକ ଗତ ୯ତାରିଖରେ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ବ୍ରହ୍ମପୁର ଯାଇଥିଲେ। ସୋମବାର ସକାଳେ ଫେରିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଆଲମୀରାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା, ୨୫ ହଜାର ନଗଦ ଟଙ୍କା ଏବଂ ବହୁମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।



# ଘରେ ପହଞ୍ଚିଲେ ବନ୍ଧକ ଯୁବକ: ଜେଲଗଲେ ସର୍ଦ୍ଦାର

**ବେଲପଡା, ୧୫।୭**
**(ମନୋଜ କୁମାର ମିଶ୍ର)**

**ତେଲଙ୍ଗାନାରେ ଆଦିବାସୀ ଯୁବକ ବନ୍ଧକ ଘଟଣା**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗାଁର ଆଦିବାସୀ ଯୁବକ ଚୈତନ୍ୟ ଛତ୍ରିଆ ତେଲଙ୍ଗାନାରେ ୭ ଲକ୍ଷ ଟଙ୍କାରେ ବନ୍ଧକ ପରେ ସେ ସେଠାରୁ ବେଲପଡ଼ା ପୋଲିସ ସହାୟତାରେ ଉଦ୍ଧାର ହୋଇ ସୋମବାର ନିଜ ଗାଁକୁ ପହଞ୍ଚିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇବା ପରେ ବଲାଙ୍ଗୀର ଏସ୍‌ପି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ଖବର ଜାଣିବା ପରେ ଏମ୍‌ପି ସଙ୍ଗୀତା ସିଂଦେଓ ହସ୍ତକ୍ଷେପ କରି ଜିଲା ପ୍ରଶାସନକୁ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେବା ସହ ଘଟଣା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ କହିଥିଲେ। ଏହା ପରେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ନେତୃତ୍ୱରେ ବେଲପଡା ପୋଲିସ ଏକ ଟିମ୍ ଗଠନ କରି ଗତ ୧୨ ତାରିଖ ତେଲେଙ୍ଗାନା ରାଜ୍ୟକୁ ଉଦ୍ଧାର ପାଇଁ ଯାଇଥିଲା। ସେଠାରୁ ଶ୍ରମିକଙ୍କୁ ଉଦ୍ଧାର କରି ବେଲପଡା ଥାନାକୁ ସୋମବାର ସନ୍ଧ୍ୟାରେ ସୁରକ୍ଷିତ ଭାବରେ ଆଣିଥିଲା। ପରେ ଦାଦନ ଶ୍ରମିକ ଚୈତନ୍ୟ ବେଲପଡା ଥାନାରୁ ନିଜ ମା'ଙ୍କ ସହ ଘରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ଗତବର୍ଷ ଥୁଡିବାହାଲ ଗାଁର ସର୍ଦ୍ଦାର ଚୈତନ୍ୟଙ୍କୁ ଟଙ୍କାର ଲାଳସା ଦେଖାଇ ତାଙ୍କ ମା'ଙ୍କୁ ନ ଜଣାଇ ତେଲେଙ୍ଗାନା ରାଜ୍ୟକୁ ଦାଦନ ଭାବେ ନେଇଥିଲେ। ଶ୍ରମିକଙ୍କୁ ସେଠାରେ ଛାଡି ଦେଇ ସର୍ଦ୍ଦାର ଘରକୁ ଚାଲି ଆସିଥିଲେ। କିନ୍ତୁ ବର୍ଷେ ବିତିଗଲା ପରେ ବି ପୁଅ ଫେରିଲାନି। ବ୍ୟଥିତ ହୋଇ ପରିବାର ଲୋକେ ଯୋଗାଯୋଗ କରିବାରୁ ସେ ସେଠାରେ ବନ୍ଧକ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ୭ ଲକ୍ଷ ଟଙ୍କାରେ ସର୍ଦ୍ଦାର ବନ୍ଧକ ରଖିଥିବା ମା'ଙ୍କୁ ଜଣାଇଥିଲେ। ୭ ଲକ୍ଷ ଟଙ୍କା ଦେଲେ ଏଠାରୁ ଛାଡିଦେବି। ଏଠାରୁ ଲୁଚିକି ଯିବାକୁ ଚେଷ୍ଟାକଲେ ମାଡ଼ ମାରିବି ବୋଲି ଭାଟି ମାଲିକ ଧମକଚମକ ଦେଇଥିବା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ତାଙ୍କ ମା' ପାର୍ବତୀ ଛତ୍ରିଆ ଗତ ୧୧ ତାରିଖରେ ବେଲପଡା ଥାନାରେ ଅଭିଯୋଗ ଦେବା ମାତ୍ରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସର୍ଦ୍ଦାର କାଳିଆ ମହାନନ୍ଦଙ୍କ ନାମରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦିଆଯାଇଛି।



ବନ୍ଧକ ଥିବା ଯୁବକ।

# ସାଇ ହସ୍ପିଟାଲରେ ନିଆଁ

ବାରିପଦା,୧୫।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କଟକ କାଠଯୋଡ଼ିସ୍ଥିତି ତ୍ରିଶା ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ପରଦିନ ରବିବାର ରାତିରେ ବାରିପଦା ସାଇ ହସ୍ପିଟାଲରେ ନିଆଁ ଲାଗିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅଗ୍ନିଶମ ବିଭାଗ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିବାରୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ତେବେ ଘରୋଇ ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ସନ୍ଦେହ ଉପୁଜିଥିବା ବେଳେ ରୋଗୀ ଓ ସମ୍ପର୍କୀୟମାନେ ଭୟଭୀତ ହୋଇପଡ଼ିଛନ୍ତି।

ବିଳମ୍ବିତ ରାତିରେ ସାଇ ହସ୍ପିଟାଲର ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା। ଅପରେଶନ ଥିଏଟର ସଂଲଗ୍ନ ରୁମ୍‌ରେ ନିଆଁ ଲାଗିବାରୁ ଚାରିଆଡେ ଧୂଆଁମୟ ହୋଇଯାଇଥିଲା। ଭୋର ୪ଟାରେ ଅଗ୍ନିଶମ ବାହିନୀ ଖବରପାଇ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସଟସର୍କିଟ ଯୋଗୁ ଏସିରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ବିଶ୍ୱନାଥ ମୁଣ୍ଡା କୁହନ୍ତି, ଅଗ୍ନିକାଣ୍ଡରେ ବିଶେଷ କିଛି କ୍ଷତି ହୋଇନାହିଁ। ସଟସର୍କିଟ ଯୋଗୁ ଏଭଳି ଘଟଣା ଘଟିଛି। ରୋଗୀ ଓ ସମ୍ପର୍କୀୟମାନେ ସୁରକ୍ଷିତ ଅଛନ୍ତି। ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହା ତଦନ୍ତରୁ ଜଣାପଡ଼ିବ ବୋଲି କହିଛନ୍ତି। ଏତେ ବଡ଼ ଅଘଟଣରୁ ବର୍ତ୍ତିଯାଇଥିବା ହସ୍ପିଟାଲର ଅଗ୍ନିନିର୍ବାପକ ବ୍ୟବସ୍ଥାକୁ ସୁଧାର ନ ଆଣିଲେ ପରବର୍ତ୍ତୀ ସମୟରେ ତାହା ଧନଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଇଛି।

# ଦୁଇ ନାଇଜେରୀୟ ଠକ ଜେଲଗଲେ

## କେଶର ବିକ୍ରି ଆଳରେ ୨.୬୫ କୋଟି ଠକେଇ ମାମଲା

ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ କେଶର ଯୋଗାଣ ଆଳରେ ୨ କୋଟି ୬୫ ଲକ୍ଷ ଟଙ୍କା ଠକିବା ମାମଲାରେ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଗିରଫ ହୋଇଥିବା ୩ଜଣଙ୍କ ମଧ୍ୟରୁ ଦୁଇ ନାଇଜେରୀୟ ଚିଜୋବାମ୍ କ୍ରିଷ୍ଟ ଓରଫ କ୍ରିଷ୍ଟୋଫର୍ ଚିଜୋବାମ୍ ଓ ଜର୍ମାନ ଓରଫ ନାମ୍‌ଦି ଷ୍ଟାନ୍‌ଲେ ବାମାଲଙ୍କୁ ସୋମବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ଅନ୍ୟତମ ଅଭିଯୁକ୍ତ ଦିଲ୍ଲୀର ମହିଳା ଆରତି ଗୌତମ ଗର୍ଭବତୀ ଥିବାରୁ ସେ ଦିଲ୍ଲୀର ଏକ କୋର୍ଟରୁ ଜାମିନ ପାଇ ମାମଲାରେ ସହାୟତା କରିବାକୁ



ଗିରଫ ୨ ନାଇଜେରୀୟ।

ସମୟ ନେଇଛନ୍ତି। ଅନ୍ୟପକ୍ଷରେ ଦୁଇ ନାଇଜେରୀୟ ଏଭଳି ବହୁ ଠକେଇରେ ସମ୍ପୃକ୍ତ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ବହୁ ଟଙ୍କା କାରବାର ହୋଇଥିବା ମଧ୍ୟ ଜଣାପଡିଛି। ଏପରିକି ଅଭିଯୁକ୍ତଦ୍ୱୟଙ୍କ ସହ ଆଉ କେତେଜଣ ନାଇଜେରୀୟ ଓ ଭାରତୀୟ ସମ୍ପୃକ୍ତ ଥିବା ମଧ୍ୟ ସ୍ୱୀକାର କରିଛନ୍ତି। ଏହାଏକ ବଡ଼ ର୍ୟାକେଟ୍ ହୋଇଥିବାରୁ ଅନ୍ୟମାନଙ୍କୁ ଗିରଫ କରିବା କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେଣୁ ଉଭୟଙ୍କୁ ୬ରୁ ୭ ଦିନ ପାଇଁ ରିମାଣ୍ଡରେ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରୁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରିମାଣ୍ଡ ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ ବୋଲି ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବରରେ ଠକଙ୍କ ଜାଲରେ ଫସିଥିଲେ ଅଭିଯୋଗକାରୀ ବ୍ୟବସାୟୀ। ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ ଚଳିତବର୍ଷ ଫେବୃଆରୀ ୨୬ରେ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା(ନଂ.୧୦/୨୦୨୪) ରୁଜୁ କରି ତଦନ୍ତ ଚଳାଇଛି।

# ୪୮ ଘଣ୍ଟା ପରେ ଅପହୃତ ରାଇସ୍ ମିଲ୍ ମାଲିକ ଉଦ୍ଧାର

## ଶୁକ୍ରବାର ରାତିରେ ଦୁର୍ବୃତ୍ତଙ୍କ ଦ୍ୱାରା ଅପହରଣ ହୋଇଥିଲେ

ଜୟପୁର,୧୫।୭(ପବନ ପାଣିଗ୍ରାହୀ)

ଦୀର୍ଘ ୪୮ ଘଣ୍ଟା ପରେ ଅପହୃତ ରାଇସ୍ ମିଲ୍ ମାଲିକଙ୍କୁ କୋରାପୁଟ ପୋଲିସ ଉଦ୍ଧାର କରିଛି। ୩ ଅପହରଣକାରୀଙ୍କୁ ଧରି ଅଟକ ରଖାଯାଇଛି। ଅପହରଣରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି।

କୋରାପୁଟ ଜିଲା ଜୟପୁର ବ୍ଲକ ତଥା ବୋରିଗୁମ୍ମା ଥାନା ଜୟନ୍ତୀଗିରି ପଞ୍ଚାୟତ ଅନ୍ତର୍ଗତ ପେରାହାଣ୍ଡି-ଜୟନ୍ତୀଗିରି କେନାଲ ରାସ୍ତାରୁ ଗତ ଶୁକ୍ରବାର ରାତିରେ ଏସ୍‌ଏଲ୍‌ଭିଏନ୍ ମଡର୍ନ ରାଇସ୍ ମିଲ୍ ମାଲିକ ଏ . ରମେଶ ପାତ୍ରଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରିନେଇଥିଲେ। ମିଲ୍ ମାଲିକ ପାତ୍ର ମିଲ୍‌ରେ କାମ ସାରି କୁମୁଲିପୁଟସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ କାର୍‌କୁ ଅଟକାଇବାକୁ ପ୍ରୟାସ କରିଥିଲେ। ସେ ଗାଡି ନ ରଖିବାରୁ ସେମାନେ ଗାଡି ଉପରକୁ ପଥର ମାଡ କରିଥିଲେ। ଫଳରେ ପାତ୍ର ଭୟଭୀତ ହୋଇ ଗାଡ଼ି ରଖିଥିଲେ। ଦୁର୍ବୃତ୍ତମାନେ ଗାଡ଼ିର କାଚ ଭାଙ୍ଗି ଗାଡ଼ି ଭିତରେ ପଶିଥିଲେ। ସେହି କାର୍‌ରେ ହିଁ ସେମାନେ ତାଙ୍କୁ ଅପହରଣ କରି ନେଇଯାଇଥିଲେ। କିଛି ସମୟ ପରେ ପାତ୍ରଙ୍କ ଫୋନ୍‌ରୁ ଅପହର୍ତ୍ତାମାନେ ତାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ୭୦ ଲକ୍ଷ ଟଙ୍କା ଦାବି କରିଥିଲେ। ଫୋନ୍ ପରେ ଶୁକ୍ରବାର ରାତିରେ ହିଁ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଏତଲା



ଉଦ୍ଧାର ହୋଇଥିବା ରାଇସ ମିଲ୍ ମାଲିକ ଏ. ରମେଶ ପାତ୍ର (ମଝି)।

ଦେଇଥିଲେ। ବୋରିଗୁମ୍ମା ଏସ୍‌ଡିପିଓ ଓ ଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ଜିଲାର ସମସ୍ତ ଥାନା ପାଇଁ ଏସ୍‌ପି ହାଇ ଆଲର୍ଟ ଜାରି କରିଥିଲେ। ସଙ୍ଗେସଙ୍ଗେ ୩ଟି ଟିମ୍ ଗଠନ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଲାଗଥିବା ସିସି ଟିଭି କ୍ୟାମେରା ଫୁଟେଜ୍ ସଂଗ୍ରହ କରି ରବିବାର ସକାଳେ ଏସ୍‌ପି ଅଭିନବ ସୋନକର ଓ ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁର ଘଟଣା ସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଶୀଘ୍ର ଯେପରି ଦୁର୍ବୃତ୍ତମାନେ ଧରାପଡିବେ ସେନେଇ ପୋଲିସ ତନାଘନା ଚଳାଇଥିଲା। ଦୀର୍ଘ ୪୮ ଘଣ୍ଟା ପରେ ଅପହୃତ ରାଇସ୍ ମିଲ୍ ମାଲିକ ପାତ୍ରଙ୍କୁ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ଉଦ୍ଧାର ପରେ ତାଙ୍କୁ ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ନକଲି ମୋବିଲ କାରଖାନାରେ ଚଢ଼ାଉ

## ବିଭିନ୍ନ ଗାଡ଼ିର ନକଲି ସ୍ପେୟାର ପାର୍ଟ୍ସ, ଅନ୍ୟାନ୍ୟ ସାମଗ୍ରୀ ଜବତ: ବାପା, ପୁଅ ଫେରାର

ରାହାମା/କୁଜଙ୍ଗ,୧୫/୭
(ଶ୍ରୀକାନ୍ତ ଦାସ/ମନୋଜ ଦାସ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତୋ ପଞ୍ଚାୟତର ଡଗରପଡା ଗ୍ରାମରେ ଚାଲିଥିବା ଏକ ନକଲି ମୋବିଲ କାରଖାନା ଉପରେ ସୋମବାର ପୋଲିସ ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ନକଲି ମୋବିଲ, ଡବା ଓ ବିଭିନ୍ନ ଗାଡ଼ିର ନକଲି ସ୍ପେୟାର ପାର୍ଟ୍ସ ଜବତ କରିଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ସମୟରେ ଅଭିଯୁକ୍ତ କମ୍ପାନୀ ମାଲିକ ଅକ୍ଷୟ ମିଶ୍ର ଓ ତାଙ୍କ ପୁଅ ସୁବ୍ରତ ମିଶ୍ର ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ବାପା ଓ ପୁଅ ନକଲି ମୋବିଲ ଓ ବିଭିନ୍ନ ଗାଡ଼ିର ସ୍ପେୟାର ପାର୍ଟ୍ସ ପ୍ରସ୍ତୁତ କରି ବଜାରକୁ ଛାଡୁଥିଲେ। କୋଲକାତାର ଏକ କମ୍ପାନୀ ଇଆଇପିଆର୍ ପ୍ରାଇଭେଟ୍ ଲିମିଟେଡ୍‌ର



ପୋଲିସ ଚଢ଼ାଉ କରି ଜବତ କରିଥିବା ନକଲି ସାମଗ୍ରୀ

ପରିଚାଳକ ଶନି ଘୋଷ ଓ ତାଙ୍କ ସାଥିରେ ଆଉ କେତେଜଣ କର୍ମଚାରୀ ଏସମ୍ପର୍କରେ ଖବରପାଇ ୪ ଦିନ ପୂର୍ବରୁ ବଣିତୋ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ତଲାସି କରିଥିଲେ। ଡଗରପଡ଼ାଠାରେ ନକଲି କାରଖାନା ଚାଲିଥିବା ଜାଣିବା ପରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୩୭/୨୪) ରୁଜୁ କରିଥିଲା। ସୋମବାର ଥାନା ସବ୍‌ଇନ୍ସପେକ୍ଟର ଅନିରୁଦ୍ଧ ରାଉତ, ତିର୍ତ୍ତୋଲର ଅତିରିକ୍ତ ତହସିଲଦାର କଳ୍ପନା ପ୍ରିୟଦର୍ଶନୀ ନାୟକଙ୍କ ଉପସ୍ଥିତିରେ ଅକ୍ଷୟଙ୍କ ଘରେ ଚାଲିଥିବା ନକଲି କମ୍ପାନୀ ଉପରେ ଚଢ଼ାଉ କରାଯାଇଥିଲା।

# ତାର ଚୋରାଚାଲାଣ ଘଟଣା: ସ୍କ୍ରାପ୍ ବ୍ୟବସାୟୀ ଗିରଫ

କେନ୍ଦୁଝର,୧୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରୁ କୋଲକାତା ଯାଉଥିବା ଶ୍ରୀ ବୃନ୍ଦାବନ ବିହାରୀ ବସ୍‌ରୁ ୮ କୁଇଣ୍ଟାଲ ୧୧ କେଭି ତାର ଜବତ ଘଟଣାରେ ପୋଲିସ ସ୍କ୍ରାପ୍ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆନନ୍ଦପୁର ବ୍ଲକ୍ ପଦ୍ମପୁର ଗ୍ରାମର ପ୍ରମୋଦ ସାହୁ। ସେ କେନ୍ଦୁଝର ସହର କାଶିପୁରରେ ରହି ସ୍କ୍ରାପ ବ୍ୟବସାୟ କରନ୍ତି। ଟାଉନ ପୋଲିସ ଏକ ମାମଲା(ନଂ. ୩୮୦/୨୦୨୪) ରୁଜୁ କରି କୋର୍ଟଚାଲାଣ କରିଛି। ପୋଲିସ ତୁରନ୍ତ ସହରରେ ଥିବା ସମସ୍ତ ସ୍କ୍ରାପ୍ ଗୋଦାମଗୁଡ଼ିକରେ ଚଢ଼ାଉ କରିବାକୁ ଦାବି ହେଉଛି। କେନ୍ଦୁଝର ସହର ନୂଆ ବସ୍‌ଷ୍ଟାଣ୍ଡରେ ବସ୍‌ରେ ୧୫ ବଣ୍ଡଲ ଚୋରା ୧୧ କେଭି ତାର ଲୋଡ୍ ହେଉଥିବାବେଳେ ପୋଲିସ ସୂଚନା ପାଇଁ ଚଢ଼ାଉ କରି ଶନିବାର ବସ୍ ସହ ଚୋରା ତାର ଜବତ୍ କରିଥିଲା। ଘଟଣାରେ ପୋଲିସ ପ୍ରମୋଦଙ୍କୁ ଗିରଫ କରିଥିବା ବେଳେ ତାଙ୍କୁ ତାର ଯୋଗାଇଥିବା ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା କହିଛି। ସ୍କ୍ରାପ୍ ବ୍ୟବସାୟୀଙ୍କ ଜରିଆରେ ଚୋରାକାରବାର ଚାଲିଥିବାରୁ ସମସ୍ତ ସ୍କ୍ରାପ୍ ଦୋକାନ ଉପରେ ନଜର ରଖାଯାଇଛି ଏବଂ ଧରପଗଡ଼ କରାଯିବ ବୋଲି ପୋଲିସ କହିଛି। ଚୋରା କାରବାରରେ ସ୍କ୍ରାପ୍ ମାଲିକଙ୍କ ସମ୍ପୃକ୍ତି ରହୁଥିବା ବେଳେ ସେମାନଙ୍କୁ ଚୋରି ସାମଗ୍ରୀ ଗ୍ରହଣକାରୀ ବୋଲି ନ ଦର୍ଶାଇ ମୁଖ୍ୟ ଅଭିଯୁକ୍ତ ଭାବରେ ଗିରଫ କରାଗଲେ ଏହି କାରବାର ଉପରେ ରୋକ ଲାଗିପାରିବ ବୋଲି ମତପ୍ରକାଶ ପାଉଛି। ସହରରେ ଚାଲିଥିବା ସମସ୍ତ ସ୍କ୍ରାପ୍ ବେପାରୀଗୁଡ଼ିକ ଉପରେ ନିୟମିତ ଷ୍ଟକ୍ ଯାଞ୍ଚ କରିବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଦାବି ହୋଇଛି।

# ୧.୭୦ ଲକ୍ଷ ଋଣ ଟଙ୍କା ଠକେଇ, ଜଣେ ଗିରଫ

## ମୋବାଇଲ, ୬୦ହଜାର ଟଙ୍କା ଜବତ

କୋରୁକୋଣ୍ଡା,୧୫।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଭାରତ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ଖୋଲାଯାଇଥିଲା। ଉକ୍ତ ସଂସ୍ଥାର ଜଣେ କର୍ମଚାରୀ କିଶୋର ସର୍ଦ୍ଦାର ହିତାଧିକାରୀଙ୍କଠାରୁ ଋଣ କିସ୍ତି ଟଙ୍କା ଆଦାୟକରି ସେମାନଙ୍କ ଆକାଉଣ୍ଟରେ ଜମା ନ କରି ୧ଲକ୍ଷ ୭୦ହଜାର ଟଙ୍କା ଠକିନେଇ ଦୀର୍ଘବର୍ଷ ଧରି ଫେରାର ହୋଇଯାଇଥିଲେ। ଏ ନେଇ ସଂସ୍ଥା ପକ୍ଷରୁ ଓର୍କେଲ ଥାନାରେ ଅଭିଯୋଗ କରାଯାଇଥିଲା। ସୋମବାର ପୋଲିସ କିଶୋରଙ୍କୁ ଏମ୍‌ଭି-୧୨୦ଗ୍ରାମରେ ଥିବା ତାଙ୍କ ଭଉଣୀଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଓ ୬୦ହଜାର ଟଙ୍କା ଜବତ କରିଛି।

ପ୍ରକାଶ ଯେ, ୨୦୨୧ରେ ଭାରତ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟାଳୟ ବାଲିମେଳା ସହରର ଦୈନିକ ବଜାରରେ ଖୋଲାଯାଇଥିଲା। ଏହି ସଂସ୍ଥା ପକ୍ଷରୁ ବାଲିମେଳା ସହର ସମେତ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର



ଗିରଫ ଅଭିଯୁକ୍ତ

ମହିଳାମାନଙ୍କୁ ନେଇ ସେମାନଙ୍କ ମଧ୍ୟରେ ଏକ ଗ୍ରୁପ୍‌କରି ଋଣ ଦିଆଯାଇଥିଲା। ପ୍ରତି ମାସର ଧାର୍ଯ୍ୟ ଦିନରେ ସେମାନଙ୍କଠାରୁ କିସ୍ତି ଟଙ୍କା କିଶୋର ସର୍ଦ୍ଦାର ଆଦାୟ କରୁଥିଲେ। କିନ୍ତୁ ହିତାଧିକାରୀଙ୍କଠାରୁ ଆଦାୟ କରୁଥିବା ଟଙ୍କାକୁ ଅଫିସ ଖାତାରେ ଜମା ନ କରି ୧ ଲକ୍ଷ ୭୦ ହଜାର ଟଙ୍କା ନେଇ ୨୮।୪।୨୨ରୁ କେଉଁଆଡ଼େ ଫେରାର ହୋଇଯାଇଥିଲେ। ଏନେଇ ଉକ୍ତ ସଂସ୍ଥାର ବ୍ରାଞ୍ଚ ମ୍ୟାନେଜର ମୋହନ ସାଗରିଆ ୪।୫।୨୨ରେ ଓର୍କେଲ ଥାନାରେ କିଶୋରଙ୍କ ବିରୋଧରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ନଂ.୮୪/୨୨ରେ ମାମଲା ରୁଜୁ କରାଯାଇଥିଲା।

ସୂଚନାଯୋଗ୍ୟ, କିଶୋରଙ୍କ ଘର କୋରୁକୋଣ୍ଡା ବ୍ଲକ୍ ନିଳାକାମ୍ବେରୁ ପଞ୍ଚାୟତ ଏମ୍‌ଭି -୫୨ ଗାଁରେ।

# ବେଙ୍ଗାଲୁରୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ସିନାପାଲି,୧୫।୭(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ମଖାପଦର ପଞ୍ଚାୟତ କୋପିଆ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ସୋମବାର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବାର୍ଚ୍ଚନ ସୁନାନୀ (୩୫)। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ପ୍ରାପ୍ତ ଖବର ଅନୁସାରେ ଦୁଇମାସ ତଳେ ସମ୍ପର୍କୀୟ ପରିବାର ସହିତ ଦେବାର୍ଚ୍ଚନ ଓ ତାଙ୍କ ସ୍ତ୍ରୀ ସୁନିତା ରୋଜଗାର ପାଇଁ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ଚିକେଲେରୁ ଚେକଗେଟ୍‌ଠାରେ ସେ ଏକ ବିଲ୍ଡିଂ କମ୍ପାନୀରେ କାମ କରୁଥିଲେ। ଏପରିସ୍ଥଳେ ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଖବର ପାଇ ଚକିତ ହୋଇପଡିଛନ୍ତି। ଦେବାର୍ଚ୍ଚନ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବରକୁ ପରିବାର ଲୋକେ ସହଜେ ଗ୍ରହଣ କରିପାରୁ ନାହାନ୍ତି। ଦେବାର୍ଚ୍ଚନଙ୍କ ନିକଟରେ ତାଙ୍କ ସ୍ତ୍ରୀ ଓ ଶଳାମାନେ ରହୁଥିଲେ। ଗାଁକୁ ମୃତଦେହ ଆଣିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ବର୍ତ୍ତମାନ ଦେବାର୍ଚ୍ଚନଙ୍କ ପୁଅ ଓ ଝିଅ ସହ ସ୍ତ୍ରୀ ବେସାହାରା ହୋଇପଡିଛନ୍ତି।

# ଯାତ୍ରା କମିଟି ସଭାପତିଙ୍କ ସମେତ ୫ ଜେଲ ଗଲେ

## ବିଦ୍ୟୁତ୍ ଆଘାତରେ ୧୫ ଶିଶୁ ଗୁରୁତର ଘଟଣା

ଦିଗପହଣ୍ଡି,୧୫।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଦଳିତ ସାହିରେ ରବିବାର ରାମାୟଣ ନାଟକ ମଞ୍ଚରେ ଶର୍ଟ ସର୍କିଟ ହେବାରୁ ବିଦ୍ୟୁତ ଆଘାତରେ ୧୫ ଶିଶୁଙ୍କ ସମେତ ୨୦ ଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର ଅପରାହ୍ନରେ ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ଫାସିଗୁଡ଼ା ଗ୍ରାମର ଯାତ୍ରା କମିଟି ସଭାପତି ଶିବରାମ ବିଷୋୟୀ, ଯାତ୍ରା ପାଇଁ ଗ୍ରାମକୁ ନାଟକ ଆଣିବାରେ ମଧ୍ୟସ୍ଥି ଥିବା ପାଟପୁର ଥାନା ସିଙ୍ଗପୁର ଗ୍ରାମର ରାଜେନ୍ଦ୍ର ଦୋରା, ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା କୌତୁକୀ ନଗରରେ ରହୁଥିବା ପାଟପୁର ଗ୍ରାମର ଶିବରାମ ବେହେରା, ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ଅପରେଟର ବ୍ରହ୍ମପୁର ସଦର ଥାନା ବେଦାଳିଆ ଗ୍ରାମର ରବୀନ୍ଦ୍ର କୁମାର ସାହୁ, ଅନ୍ୟତମ ସିଷ୍ଟମ ଅପରେଟର ଗୋପାଳପୁର ଥାନା ତୁରା ଗ୍ରାମର ବିଜୟ କୁମାର ରାଉଳ ଓରଫ ପପୁ। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଆହତ ଶିଶୁମାନେ ଚିକିତ୍ସା ପରେ ସୁସ୍ଥ ଅଛନ୍ତି।

ରବିବାର ଫାସିଗୁଡ଼ା ଗ୍ରାମରେ ଗ୍ରାମଦେବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ରାମାୟଣ ନାଟକ ମଞ୍ଚସ୍ଥ ହେଉଥିଲା। ପ୍ରବଳ ବର୍ଷା ହେବାରୁ ନାଟକ ପରିବେଷଣ ବନ୍ଦ କରାଯାଇଥିଲା। ବହୁ ସଂଖ୍ୟକ ଶିଶୁ ନାଟକ ପରିବେଷଣ ହେଉଥିବା ମଞ୍ଚ ତଳେ ଓ ଉପରେ ଖେଳୁଥିବା ବେଳେ ଶଟ୍ ସର୍କିଟ ହୋଇଯିବାରୁ ମଞ୍ଚରେ ଲାଗିଥିବା ଷ୍ଟିଲ ଓ ଲୁହା ପାଇପ୍‌ରେ ବିଦ୍ୟୁତ ପ୍ରବାହିତ ହୋଇଥିଲା। ଶିଶୁମାନେ ଏହା ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ ୮ ଜଣଙ୍କୁ ସେଠାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ପାଚେରି ଭୁଶୁଡ଼ି ମହିଳା ମୃତ

ନବରଙ୍ଗପୁର,୧୫।୭
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରାଞ୍ଚଳ ୱାର୍ଡ ନମ୍ବର ୧ ଚାମୁରିଆଗୁଡ଼ାରେ ପାଚେରି ଭୁଶୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚନ୍ଦ୍ର ଧାକଡ଼ଙ୍କ ସ୍ତ୍ରୀ କୁସୁମା।

ସୂଚନାନୁଯାୟୀ, ସୋମବାର ସକାଳ ପ୍ରାୟ ୭ଟା୩୦ରେ କୁସୁମା ଘର ଅଗଣା ସଫା କରୁଥିଲେ। ଏହି ସମୟରେ ନିକଟସ୍ଥ ଏକ ପାଚେରି ଭୁଶୁଡ଼ି ପଡ଼ିଥିଲା। ଫଳରେ କୁସୁମା ଚାପି ହୋଇଯାଇଥିଲେ। ପରିବାର ଲୋକେ ଉଦ୍ଧାର କରିବାବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, କାଉନସିଲର ଏ. ସତୀଶ, ଅମିତ୍ ପ୍ରଧାନ, ଶର୍ମିଷ୍ଠା ଦେଓ ଘଟଣାସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାର ୪୦୦୦ ଟଙ୍କା ସହାୟତା ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ରାଜସ୍ୱ ନିରୀକ୍ଷକ ସାଗର ଖୁଣ୍ଟିଆ, ନବରଙ୍ଗପୁର ପୋଲିସ ଘଟଣାର ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କେସ୍ ନଂ ୯/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସ୍‌ଆଇ ପି.କଟିମ୍ ଘଟଣାର ତଦନ୍ତ କରୁଛନ୍ତି।

# ଡାକ୍ତରଖାନାରେ ମୂଷାଙ୍କ ଦୌରାତ୍ମ୍ୟ

**କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ମାତୃ, ଶିଶୁ ସ୍ୱାସ୍ଥ୍ୟ ବିଭାଗ**

- ରୋଗୀଙ୍କ ଖାଦ୍ୟ ଖାଇବା ସହ ସେମାନଙ୍କୁ କାମୁଡି ଦେଉଛନ୍ତି
- ରୋଗ ଅପେକ୍ଷା ମୂଷାଙ୍କୁ ଅଧିକ ଭୟ କରୁଛନ୍ତି ରୋଗୀ
- ଯନ୍ତା ବସାଇ ଧରିବାକୁ ଉଦ୍ୟମ କରୁଛନ୍ତି କର୍ତ୍ତୃପକ୍ଷ



ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀ।

କୋରାପୁଟ,୧୫।୭
(ଅମିତାଭ ବେହେରା)

ରୋଗୀମାନେ ହସ୍ପିଟାଲକୁ ସୁସ୍ଥ ହେବା ପାଇଁ ଆସନ୍ତି। ମାତ୍ର ହସ୍ପିଟାଲରେ ଜଣେ ସୁସ୍ଥ ହେବା ବଦଳରେ ଯଦି ଅଧିକ ଅସୁସ୍ଥ ହୋଇପଡ଼ିବ ତେବେ ସମ୍ପୃକ୍ତ ହସ୍ପିଟାଲର ସ୍ୱାସ୍ଥ୍ୟସେବା ନେଇ ପ୍ରଶ୍ନ ଉଠିବ। ମୂଷାଙ୍କ ପାଇଁ ଏପରି ସ୍ଥିତି ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟସେବା ପାଇଁ ଅବିଭକ୍ତ କୋରାପୁଟ ଜିଲାର ଲାଇଫ ଲାଇନ କୁହାଯାଉଥିବା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ।

ଏହି ମେଡିକାଲ କଲେଜରେ ଚାରିଆଡେ ବହୁସଂଖ୍ୟାରେ ମୂଷା ବୁଲୁଛନ୍ତି। କେତେବେଳେ ରୋଗୀଙ୍କ ଆସବାପତ୍ରକୁ କାଟି ପକାଉଛନ୍ତି ତ କେତେବେଳେ ରୋଗୀଙ୍କୁ କାମୁଡ଼ି ପକାଉଛନ୍ତି। ଯାହାକୁ ନେଇ ରୋଗୀଙ୍କ ସହ ସେମାନଙ୍କ ଅଭିଭାବକମାନେ ଏଠାକୁ ଚିକିତ୍ସିତ ହେବାକୁ ଆସିଲେ ଚିନ୍ତାରେ ପଡୁଛନ୍ତି। ମେଡିକାଲ ପରିସରର ଅନେକ ସ୍ଥାନରେ ଅଳିଆ ଆବର୍ଜନା ପଡିରହୁଥିବାରୁ ଏହି ସ୍ଥାନଗୁଡିକରେ ମୂଷା ଗାତ କରି ରହୁଛନ୍ତି। ଗାତରୁ ବାହାରି ଖାଦ୍ୟ ଖାଇବା ପାଇଁ ହସ୍ପିଟାଲର ୱାର୍ଡ ଭିତରେ ପଶି ବୁଲୁଛନ୍ତି। ରୋଗୀ ରଖିଥିବା ଖାଦ୍ୟ ଖାଇ ଦେଉଛନ୍ତି। ବେଡ୍‌ରେ ଶୋଇଥିବା ରୋଗୀଙ୍କୁ ମଧ୍ୟ କାମୁଡି କ୍ଷତାକ୍ତ କରୁଛନ୍ତି। ମୂଷା କାମୁଡାରେ କେତେ ଜଣ ଶିଶୁ ଓ ମାଆ ମଧ୍ୟ ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ମେଡିକାଲ କଲେଜରେ ଚିକିତ୍ସା ପାଇଁ ଦୈନିକ ଶହ ଶହ ରୋଗୀ ଆସୁଛନ୍ତି। ହସ୍ପିଟାଲ ଚାରିପଟେ ଜମି ଓ ଜଙ୍ଗଲ ରହିଛି। ଜମିରୁ ମଧ୍ୟ ମୂଷା ହସ୍ପିଟାଲ ଭିତରକୁ ଚାଲି ଆସୁଥିବା ଜଣାପଡ଼ିଛି। ଏବେ ରୋଗୀମାନେ ସେମାନଙ୍କ ରୋଗ ଅପେକ୍ଷା ମୂଷାଙ୍କୁ ଅଧିକ ଭୟ କରୁଛନ୍ତି। ମୂଷା ଉପଦ୍ରବକୁ ନେଇ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡିଥିବା ବେଳେ ମୂଷା ଗାତ ନିକଟରେ ଛୋଟଛୋଟ ଯନ୍ତା ପକାଇ ମୂଷା ଧରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଚେଷ୍ଟା ଜାରି ରଖିଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ସାହୁ କହିଛନ୍ତି। ହସ୍ପିଟାଲ ପରିସରରେ ମୂଷା କରିଥିବା ଗାତଗୁଡିକୁ ଠାବ କରାଯାଇଛି। ଏ ଦିଗରେ ଜିଲା ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷ ସ୍ଥାୟୀ ପ୍ରତିକାର କରିବା ପାଇଁ ବ୍ୟବସ୍ଥା କରୁଥିବା ସୁପରିଟେଣ୍ଡେଣ୍ଟ ସାହୁ କହିଛନ୍ତି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସୁବେଦାର ମେଜର ନୀଳମଣି ନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ



ନୀଳମଣି ନାୟକଙ୍କ ମରଶରୀରରେ ବିଧାୟକ ପ୍ରଶାନ୍ତ ବେହେରା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୫।୭
(ମାନସ ସାମଲ/ଆଶୁତୋଷ ଦାସ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ହରିଅନ୍ତା ପଞ୍ଚାୟତ ଦେଉଳଚୁଆ ଗ୍ରାମର ସୁବେଦାର ମେଜର ନୀଳମଣି ନାୟକ(୫୨)ଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ଥାନୀୟ ଶ୍ମଶାନରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ହିମାଂଶୁ ନାୟକ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେଡିର ହରିଅନ୍ତା ପଞ୍ଚାୟତ ସଭାପତି ନରେନ୍ଦ୍ର ରାଉତରାୟ, ବ୍ଲକ୍ ଚେୟାରମ୍ୟାନ୍‌ଙ୍କ ପ୍ରତିନିଧି ଜନ୍ମଜୟ ଖିଲାର, ସ୍ଥାନୀୟ ୱାର୍ଡମେମ୍ବର କବିତା ନାୟକ, ସାମାଜିକ କର୍ମୀ ଚନ୍ଦ୍ରଶେଖର ନାୟକଙ୍କ ସମେତ ଶତାଧିକ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସୂଚନା ଅନୁଯାୟୀ, ନୀଳମଣି ସ୍ୱର୍ଗତ ନରୋତ୍ତମ ନାୟକ ଓ ଶଶୀ ଦେଈଙ୍କ କନିଷ୍ଠ ପୁତ୍ର ଥିଲେ। ସେ ୧୯୯୨ରେ ସ୍ଥଳସେନାରେ ଯୋଗଦେଇଥିଲେ। ପଠାଣକୋଟରେ କାର୍ଯ୍ୟରତ ଥିଲାବେଳେ ଏକ ମାସ ହେବ ତାଙ୍କୁ ଜ୍ୱର ହେବାରୁ ସ୍ଥାନୀୟ ଆର୍ମୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚଣ୍ଡୀଗଡ଼ସ୍ଥିତ ଆର୍ମୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ସୋମବାର ପୂର୍ବାହ୍ନରେ ମଙ୍ଗୁଳିରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏହାପରେ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ନୀଳମଣିଙ୍କ ମରଶରୀର ନିକଟରେ ଧର୍ମପତ୍ନୀ ହରପ୍ରିୟା ନାୟକ, ଝିଅ ହିମାନି ନାୟକ ଉପସ୍ଥିତ ଥିଲେ।

## କୋଇଲା ଖଣି ପାଇଁ ଚୁକ୍ତିନାମା

**ଭୁବନେଶ୍ୱର୧୫।୭(ଅନୁରାଧା ମହାରଣା)**

ସପ୍ତମ ରାଉଣ୍ଡର ଦ୍ୱିତୀୟ ପର୍ଯ୍ୟାୟରେ ନିଲାମ ହୋଇଥିବା ତିନୋଟି କୋଇଲା ଖଣି ପାଇଁ କୋଇଲା ମନ୍ତ୍ରଣାଳୟ କୋଇଲା ଖଣି ବିକାଶ ଏବଂ ଉତ୍ପାଦନ ଚୁକ୍ତିନାମା ସ୍ୱାକ୍ଷରିତ କରିଛି। ଚୁକ୍ତିନାମା ହୋଇଥିବା ଖଣିଗୁଡ଼ିକ ମଧ୍ୟରେ ମାଖାକାଟା କୋଇଲା ଖଣି, କୁଡନାଲି ଲୁବ୍ରି କୋଇଲା ଖଣି ଏବଂ ସାହିଗୋପାଳ-ବି କାକୁଡି କୋଇଲା ଖଣି ରହିଛି। ବିଡରମାନେ ହେଉଛନ୍ତି ଯଥାକ୍ରମେ ଏନଏଲସି ଇଣ୍ଡିଆ ଲିମିଟେଡ, ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ ଲିମିଟେଡ ଏବଂ ତାମିଲନାଡୁ ଜେନେରେସନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ନିଗମ ଲିମିଟେଡ୍। ଏହି ତିନୋଟି ଖଣିରୁ ବାଣିଜ୍ୟିକ ନିଲାମ ଅଧୀନରେ ଆନୁମାନିକ ବାର୍ଷିକ ରାଜସ୍ୱ ଉତ୍ପାଦନ ହେଉଛି ପ୍ରାୟ ୨,୯୯୧.୨୦ କୋଟି ଟଙ୍କା, ପ୍ରାୟ ୩୦.୦୦ ଏମଟିପିଏ। ସର୍ବୋଚ୍ଚ ହାର କ୍ଷମତା ଉତ୍ପାଦନ ଉପରେ ଆଧାର କରି ଏହି ଖଣିଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୪୦,୫୬୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏଥିସହ ଏହି କୋଇଲା ଖଣିଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାୟ ୪,୫୦୦ କୋଟି ଟଙ୍କା ବିନିଯୋଗ ବିନିଯୋଗ କରାଯିବ।

# ବୈଦେଶିକ ରପ୍ତାନିରେ ଅଭିବୃଦ୍ଧି

**ଭୁବନେଶ୍ୱର୧୫।୭(ଅନୁରାଧା ମହାରଣା)**



ଜୁନ ୨୦୨୪ ରେ ଭାରତର ବୈଦେଶିକ ରପ୍ତାନିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଜାରି କରାଯାଇଥିବା ବିବୃତ୍ତି ଅନୁଯାୟୀ, ୨୦୨୪ ଜୁନ ମାସରେ ମୋଟ ରପ୍ତାନି ୫.୪୦% ବୃଦ୍ଧି ପାଇବ ଏବଂ ଏପ୍ରିଲ-ଜୁନ ତ୍ରୈମାସରେ ଏହା ୮.୬୦% ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି। ସେହିପରି ଜୁନରେ ବାଣିଜ୍ୟ ରପ୍ତାନିର ମୂଲ୍ୟ ୩୫.୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇ ପୂର୍ବ ବର୍ଷ ତୁଳନାରେ ୨.୫୫% ବୃଦ୍ଧି ପାଇଛି। ୨୦୨ରେ ଏହା ୧୦୩.୮୯ ବିଲିୟନ ଥିବାବେଳେ ୨୦୨୪ ଏପ୍ରିଲ-ଜୁନର ପ୍ରଥମ ତ୍ରୈମାସରେ ୫.୮୪% ବୃଦ୍ଧି ସହିତ ମୋଟ ରପ୍ତାନି ୧୦୯.୯୬ ବିଲିୟନ ଡଲାରରେ ପହଞ୍ଚିଛି। ସୂଚନା ଥାଉ କି, ଜୁନରେ ପେଟ୍ରୋଲିୟମ, ରତ୍ନ ଏବଂ ଅଳଙ୍କାର ବ୍ୟତୀତ ବିଭିନ୍ନ ଉତ୍ପାଦ ରପ୍ତାନିରେ ବୃଦ୍ଧି ଘଟିଛି। ଏହି ରପ୍ତାନୀର ମୋଟ ମୂଲ୍ୟ ୮.୪୮% ବୃଦ୍ଧି ହୋଇ ୨୫.୨୯ ବିଲିୟନ ଡଲାରରୁ ୨୭.୪୩ ବିଲିୟନ ଡଲାରରେ ପହଞ୍ଚିଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ, ଫାର୍ମାସ୍ୟୁଟିକାଲ୍ସ, କଫି ଏବଂ ରାସାୟନିକ ପଦାର୍ଥ ପରି କ୍ଷେତ୍ରଗୁଡିକର ପ୍ରଭାବଶାଳୀ ପ୍ରଦର୍ଶନ ଯୋଗୁଁ ହୋଇଥିବା ସୂଚନା ରହିଛି। ୨୦୨୩ ଜୁନ ଠାରୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିରେ ୧୦.୨୭% ବୃଦ୍ଧି ଘଟିଛି । ଫଳରେ ଗତବର୍ଷ ତୁଳନାରେ ଏହା ୮.୫୨ ବିଲିୟନ ଡଲାରରୁ ୯.୩୯ ବିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ଇଲେକ୍ଟ୍ରୋନିକ ସାମଗ୍ରୀରେ ୧୬.୯୧% ଅଭିବୃଦ୍ଧି ଘଟିଛି। ଏହି ଅବଧି ମଧ୍ୟରେ ୨.୪୨ ବିଲିୟନ ଡଲାରରୁ ୨.୮୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଔଷଧ ଏବଂ ଔଷଧ ରପ୍ତାନିରେ କ୍ଷେତ୍ରରେ ଅଭିବୃଦ୍ଧି ୨.୨୫ ବିଲିୟନ ଡଲାରରୁ ୨.୪୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। କଫି ରପ୍ତାନିରେ ୭୦.୦୨% ଅଭିବୃଦ୍ଧି ଦେଖାଯାଇଥିବାବେଳେ ଏକ ବର୍ଷ ମଧ୍ୟରେ ୦.୧୨ ବିଲିୟନ ଡଲାରରୁ ୦.୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

## ଭୁବନେଶ୍ୱରରେ ବିର୍ଲା ଓପସର ଇଣ୍ଟରାକ୍ଟିଭ ଏକ୍ସପୋ

**ଭୁବନେଶ୍ୱର, ୧୫।୭ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବିର୍ଲା ଗ୍ରୁପର ସହଭାଗୀ କମ୍ପାନୀ 'ବିର୍ଲା ଓପସ'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଇଣ୍ଟରାକ୍ଟିଭ ଏକ୍ସପୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଦେଶର ପ୍ରମୁଖ ବଜାରଗୁଡ଼ିକରେ ଏହି ଏକ୍ସପୋର ସଫଳତା ପରେ କମ୍ପାନୀ ଚଳିତ ମାସ ଓଡ଼ିଶା ବଜାର(ଭୁବନେଶ୍ୱର)ରେ ମଧ୍ୟ ଏହି ଏକ୍ସପୋର ଆୟୋଜନ କରିବାକୁ ଯାଉଛି। ଏପରିକି ୨୦୨୪ ଜୁଲାଇ ୧୬ରେ ଏହି ଏକ୍ସପୋ ଭୁବନେଶ୍ୱରର ପୁରୀ ବାଇପାସରୋଡସ୍ଥିତ ସାଇମନ୍ଦିର ଛକଠାରେ ଆୟୋଜିତ ହେବାକୁ ଯାଉଛି।

ଏ ସମ୍ପର୍କରେ ବିର୍ଲା ଓପସ୍‌ର ସିଇଓ ରକ୍ଷିତ ହାର୍‌ଗଭେ କହିଛନ୍ତି, ଭୁବନେଶ୍ୱରରେ ଏହି ଏକ୍ସପୋର ଆୟୋଜନ ସମ୍ପର୍କରେ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ପୂର୍ବରୁ ଆମେ ୧୭୫ ରୁ ଅଧିକ ସ୍ଥାନରେ ଏହିଭଳି ଏକ୍ସପୋ ଆୟୋଜନ କରିସାରିଛୁ। ଏହା ଜରିଆରେ ଆମେ ଭାରତର ପ୍ରତ୍ୟେକ କୋଣରେ ପହଞ୍ଚିବା ସହିତ ସମ୍ପୃକ୍ତ ସ୍ଥାନ ଓ ଏକ୍ସପୋରେ ଯୋଗ ଦେବା ଏବଂ ବିର୍ଲା ଓପସ୍ ପେଣ୍ଟସ ଉତ୍ପାଦଗୁଡିକର ସମସ୍ତ ଶୃଙ୍ଖଳ ଅନୁଭୂତି ପାଇବା ପାଇଁ ଡିଲର, ପେଣ୍ଟର, କଣ୍ଟ୍ରାକ୍ଟର, ଆର୍କିଟେକ୍ଟ ଓ ଇଣ୍ଟେରିୟର ଡିଜାଇନରଙ୍କ ସମେତ ଟ୍ରେଡ୍ ପାର୍ଟନରମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଏହି ଏକ୍ସପୋଗୁଡିକ ଆମକୁ ଆମର ଟ୍ରେଡ୍ ପାର୍ଟନରଙ୍କ ସହିତ ଦୀର୍ଘସ୍ଥାୟୀ ସମ୍ପର୍କ ସ୍ଥାପନ କରିବାରେ ବେଶ୍ ସହାୟକ ହେଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀରେ 'ବିର୍ଲା ଓପସ୍'ର ଆନୁଷ୍ଠାନିକ ଶୁଭାରମ୍ଭ ସହ ପେଣ୍ଟ ଶିଳ୍ପରେ ମଧ୍ୟ ପ୍ରବେଶ କରିଥିଲା। ଏପରିକି ବିର୍ଲା ଓପସ୍ ଭାରତର ଅନ୍ୟତମ ପ୍ରମୁଖ ପେଣ୍ଟ ବ୍ରାଣ୍ଡରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି।


**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

**(1) ଟେଣ୍ଡର ସଂ. 92245640**
ବିବରଣୀ : MDTS-219 REV-03, DRG. NO. LWSCZAC-6-1-001 ALT.-C, କଲମ୍-I ଅନୁଯାୟୀ, LHB କୋଚ୍‌ଗୁଡ଼ିକ ନିମନ୍ତେ ଦ୍ୱିତୀୟ AC ଚେୟାର କାର (78 ସିଟ୍‌ର) ପାଇଁ ସିଟ୍‌ର ଯୋଗାଣ, MMDTS-19020 REV-05 ଅନୁଯାୟୀ କୁଶନିଙ୍ଗ ସାମଗ୍ରୀ PU ଫୋମ୍, MDTS-44386 ଅନୁଯାୟୀ ଅପ୍‌ହୋଲଷ୍ଟ୍ରେରୀ (Upholstery) ସାମଗ୍ରୀ, ଫ୍ୟାବ୍ରିକ୍‌ର ରଙ୍ଗ-ସବୁଜ (Green), ପରିମାଣ : 2 ସେଟ୍।

**(2) ଟେଣ୍ଡର ସଂ. 92245641**
ବିବରଣୀ : DRG. NO. LWSCZ2-6-1-001, COL-1, ALT-C. ଅନୁଯାୟୀ ଏକ କୋଚ୍ ସେଟ୍ ଚେୟାର କାର୍‌ର ଯୋଗାଣ, DRG. NO. LWSCZ2-6-1-002 ALT-NILରେ ପ୍ରଦତ୍ତ ବିସ୍ତୃତ ନୋଟ୍ ସହିତ ଆଇଟମ୍ ସୁନିଶ୍ଚିତ ହେବା ଆବଶ୍ୟକ, RDSO/2007/CG-04 REV-01 ଅନୁଯାୟୀ କୁଶନିଙ୍ଗ ସାମଗ୍ରୀ, ପରିମାଣ : 3 ସେଟ୍।

**(3) ଟେଣ୍ଡର ସଂ. 92245671**
ବିବରଣୀ : ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ LHB ହ୍ୱିଲ୍ ଡିସ୍କର ପରୀକ୍ଷଣ ନିମନ୍ତେ EDDY CURRENT ARRAY ଉପକରଣର ଯୋଗାଣ, ସସ୍ଥାପନ, ପ୍ରଶିକ୍ଷଣ ଏବଂ ପ୍ରଚଳନ, ପରିମାଣ : 01 ସଂଖ୍ୟକ।

**(4) ଟେଣ୍ଡର ସଂ. 92245672**
ବିବରଣୀ : ଡ୍ରଇଂ/ବିନିର୍ଦ୍ଦେଶ MPLGCONFIN LHB, VERSION-3 ଅନୁଯାୟୀ LHB ବଗିଗୁଡ଼ିକ ନିମନ୍ତେ କଣ୍ଟ୍ରୋଲ୍ ଆର୍ମସ୍ ସେଟ୍ (ଫିନିସ୍‌ଡ) (ପ୍ୟାକିଙ୍ଗ୍ ନିର୍ଦ୍ଦେଶାବଳୀ ସଂଲଗ୍ନ ଅନୁଲଗ୍ନକ ଅନୁଯାୟୀ), ପରିମାଣ : 42 ସେଟ୍।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.08.2024, 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ମଞ୍ଚେଶ୍ୱର
PR-310/P/24-25



**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A No. 542 of 2023**

**BANK OF INDIA, SAILASHREE VIHAR BRANCH** ...Applicant
**VERSUS**
**M/S SHOPPERS RIGHTS & ANOTHER** ...Defendants

To
1. **M/S SHOPPERS RIGHTS,** a proprietorship Firm having its unit at Plot No.: 1215/1507, infront of Government Art College, Khandagiri Bari, PO/P.S.: Khandagiri, Bhubaneswar, Dist.: Khurda, PIN-751030, represented by its **sole proprietress Smt. Reetanjali Mohapatra,** W/o.: Simanchal Pattnaik.
2. **SMT. REETANJALI MOHAPATRA,** W/o.: Simanchal Pattnaik, resident of Plot No.: 304, Kalinga Nagar, Eakadanta Panorama Apartment, Ghatikia, Bhubaneswar, Dist.: Khurda, PIN-751030.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 542 of 2023** in the Court of the Debts Recovery Tribunal, Cuttack for recovery of **Rs.57,81,345/- (Rupees Fifty Seven Lac Eighty One Thousand Three Hundred Forty Five)** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent in support of their defense to show cause within **30 days** from the date of publication or on **14/08/2024** at **10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **20th day of June, 2024.**

**Sd/- NIKHILA RANJAN PATI**
**REGISTRAR**


## କୁଶଳୀ କାରିଗରଙ୍କୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ

**ଭୁବନେଶ୍ୱର, ୧୫।୭ (ଅଭୟ ଦାଶ)**



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ବହୁ ପ୍ରତୀକ୍ଷିତ 'ସାଲ୍ୟୁଟିଂ ଦି ଏକ୍ସପର୍ଟ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କୁଶଳୀ ରଥ ଶିଳ୍ପକାରମାନଙ୍କୁ 'ଡିଏସପି ଏକ୍ସପର୍ଟ ରଥ ଶିଳ୍ପକାର' ସମ୍ମାନ ପ୍ରଦାନ ସହ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମହୋତ୍ସବ ପାଳନ କରିଛି। ଏପରିକି ଡିଏସପି ଏକ୍ସପର୍ଟ ରଥ ଶିଳ୍ପାକର ସମ୍ମାନ ନାମରେ ନାମିତ ଏହି ସମ୍ମାନରେ ବିଶିଷ୍ଟ ଶିଳ୍ପକାରଙ୍କ ଅସାଧାରଣ କାରିଗରିତ୍ୱକୁ ସମ୍ମାନ ଜଣାଇ ସେମାନଙ୍କୁ ରଥ ନିର୍ମାଣ ଏବଂ କାରିଗରି କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ସ୍ୱୀକୃତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଡିଏସପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ଲକ୍ଷ୍ମଣ ମହାପାତ୍ର ମହାରଣା, ଶ୍ୟାମ ସୁନ୍ଦର ମହାରଣା, ସୁରେନ୍ଦ୍ର ମହାରଣା ଏବଂ ରବି ଭୋଇଙ୍କୁ ପ୍ରଦାନ କରାଯାଇଥିଲାବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଯତ୍ନର ସହିତ ପ୍ରସ୍ତୁତ କରାଯାଇଥିବା ଭବ୍ୟ ରଥ ସମ୍ମୁଖରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏପରିକି ସମ୍ବର୍ଦ୍ଧନା ସ୍ୱରୂପ ସେମାନଙ୍କୁ ଗୋଟିଏ ଲେଖାଏଁ ଫଳକ, ଗୋଟିଏ ଶାଲ ଓ ନଗଦ ୧୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ଡାଲମିଆ ଭାରତ ପକ୍ଷରୁ ୨୦୨୨ରେ ଆରମ୍ଭ ହୋଇଥିବା 'ସାଲ୍ୟୁଟିଂ ଦି ଏକ୍ସପର୍ଟ' ଏହି କାର୍ଯ୍ୟକ୍ରମ ମହାରଣା ସମ୍ପ୍ରଦାୟକୁ ସମର୍ପିତ ହୋଇଛି। ଯେଉଁମାନଙ୍କର ଦକ୍ଷ ଡିଜାଇନ୍ ଓ ରଥ ନିର୍ମାଣ ଓଡ଼ିଶାର ଅନନ୍ୟ କଳା ପରମ୍ପରାକୁ ସୁରକ୍ଷିତ ରଖିଛି। ସେମାନଙ୍କର ଭକ୍ତି ଓ କାରିଗରି ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାକୁ ବଜାୟ ରଖି ଏହାର ନିରନ୍ତର ମର୍ଯ୍ୟାଦାକୁ ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ କମ୍ପାନୀର ମୁଖପାତ୍ର କହିଛନ୍ତି,ଡାଲମିଆ ଭାରତ ଓଡ଼ିଶାର ମହାନ ରଥ ଶିଳ୍ପୀମାନଙ୍କୁ ସମ୍ମାନିତ କରି ଗର୍ବ ଅନୁଭବ କରୁଛି। ଯେଉଁମାନଙ୍କ ନିଷ୍ଠା ଓ ଦକ୍ଷତା ପ୍ରତିବର୍ଷ ରଥଯାତ୍ରାର ମହାନ ପରମ୍ପରାକୁ ଜୀବନ୍ତ କରିଥାଏ। ଏହି କାରିଗରମାନଙ୍କୁ ଉତ୍ସାହିତ କରି ଆମେ ଆମର ଅଂଶୀଦାର ଐତିହ୍ୟକୁ ବଜାୟ ରଖିବା ଏବଂ ଓଡ଼ିଶାବାସୀଙ୍କ ସହ ଆମର ଗଭୀର ସମ୍ପର୍କକୁ ସୁଦୃଢ଼ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ। ସେହିଭଳି ଏକ ସମାନ୍ତରାଳ ଉତ୍ସବରେ ଓଡ଼ିଶାର ପ୍ରମୁଖ ସହର ଭୁବନେଶ୍ୱର, କଟକ, ବାଲେଶ୍ୱର, ଯାଜପୁର ଓ ବ୍ରହ୍ମପୁରଠାରେ ଡାଲମିଆ ଭାରତ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୫।୭ (ଅଭୟ ଦାଶ)**

କ୍ରମାଗତ ଭାବେ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୪୫ (୧୪୫.୫୨) ପଏଣ୍ଟ ବଢି ୮୦,୬୬୫ (୮୦,୬୬୪.୮୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୫ (୮୪.୫୫) ପଏଣ୍ଟ ବୃଦ୍ଧି ଘଟି ୨୪,୫୮୭ (୨୪,୫୮୬.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


**TP SOUTHERN ODISHA DISTRIBUTION LIMITED** **TPSODL**
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 16.07.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Safety Training Center Facilitation Work at PAN TPSODL | TPSODL/OT/2024-25/025 | 50,000 | 5,000 | 30.07.2024 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**


**ଅନ୍ୟାନ୍ୟ ଖବର**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗରେ କାଳିଆ ନାହିଁ କରୁଥିଲୁ**
**ନାକର ସିଂଘାଣି ଦେଖି**
**ଏବର କାଳିଆ ଝୁରି ମରୁଅଛୁ**
**ଧନ ଯଉବନ ଦେଖି।**

ଝିଅଟିର ବୟସ ଯେବେ ବଢେ ସେତେବେଳେ ତା'ର ରୂପ ଓ ଚେହେରା ବଦଳିଯାଏ। ଯୌବନ ବେଳେ ସେ ଦେଖିବା ଯୋଗ୍ୟ ହୋଇଯାଏ। ଏପରିସ୍ଥଳେ ପିଲାଦିନେ ଅସୁନ୍ଦରୀ, ଅପରଛନି କହି ପାଖରେ ପୂରାଇଦେଉ ନ ଥିବା ବ୍ୟକ୍ତି ଏବେ ତା'ପ୍ରତି ଆକୃଷ୍ଟ ହୋଇ ପଛରେ ଗୋଡାଉଥିବା ଦେଖି ତାକୁ ପଛ କଥା ମନେପକାଇ ଝିଙ୍ଗାସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଖୁ ଆଉ ରାଇ**
**ପେଷିଲେ ରସ ପାଇ।**

ଆଖୁକୁ ପେଡିଲେ ଆଖୁ ରସ ବାହାରିଥାଏ। ରାଇ ଏକପ୍ରକାର ସୋରିଷକୁ ବୁଝେଇଥାଏ। ଘଣାରେ ପେଷି ଏଥିରୁ ତେଲ ବାହାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନ୍ଧବିଶ୍ୱାସରୁ ବଢୁଛି ସାପକାମୁଡ଼ା ମୃତ୍ୟୁ

**ଭୁବନେଶ୍ୱର, ୧୫।୭ (ଅସମାପିକା ସାହୁ)**

**ଆଜି ବିଶ୍ୱ ସର୍ପ ଦିବସ**

ମଙ୍ଗଳବାର ବିଶ୍ୱ ସର୍ପ ଦିବସ। ପରିବେଶ ସନ୍ତୁଳନ ତଥା ମଣିଷ ସମାଜ ପାଇଁ ସାପର ଉପକାରିତା ଏବଂ ସାପ-ମଣିଷଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଏହି ଦିବସକୁ ପାଳନ କରାଯାଇଥାଏ। କାହିଁ କେଉଁ କାଳରୁ ମଣିଷ ସାପକୁ ନିଜ ପ୍ରତି ବିପଦ ବୋଲି ଭାବି ନେଇଛି। ସାପ ବିଷରୁ ପ୍ରସ୍ତୁତ ଔଷଧ ମଣିଷକୁ ବଞ୍ଚାଉଥିବାବେଳେ ଖାଦ୍ୟ ଶସ୍ୟ ନଷ୍ଟ କରୁଥିବା ପ୍ରାଣୀ ଦମନ ଦିଗରେ ସାପର ଯଥେଷ୍ଟ ଅବଦାନ ରହିଛି। ହେଲେ ସାପକୁ ମଣିଷ ସବୁବେଳେ ଶତ୍ରୁ ଭାବରେ ଦେଖି ଆସିଛି। କାରଣ ସାପ କାମୁଡ଼ାରେ ପ୍ରତିଦିନ କେଉଁଠି ନା କେଉଁଠି ମଣିଷର ମୃତ୍ୟୁ ଘଟୁଛି। ଚିକିତ୍ସା ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ସାପ କାମୁଡିଲେ ହସ୍ପିଟାଲ ନ ଯାଇ ଝଡ଼ାଫୁଙ୍କା, ଠାକୁରଙ୍କ ଶରଣାପନ୍ନ ହେବା ଭଳି ଅନ୍ଧବିଶ୍ୱାସର ସାହାରା ନେଉଥିବାରୁ ଏଥିଜନିତ ମୃତ୍ୟୁ ବଢ଼ି ଚାଲିଛି। ସାପ କାମୁଡ଼ାରେ ପ୍ରତିବର୍ଷ ଭାରତରେ ୬୦ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ଓଡ଼ିଶାରୁ ପ୍ରାୟ ୧ ହଜାର ରହୁଛି। ସରକାର ମାଗଣାରେ ଚିକିତ୍ସା ଯୋଗାଇ ଦେଉଥିଲେ ମଧ୍ୟ ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁ ଉପରେ ରୋକ ନ ଲାଗିବାର ମୁଖ୍ୟ କାରଣ ହେଉଛି ସମାଜରେ ଅନେକ ଦିନରୁ ପ୍ରଚଳିତ ବିଭ୍ରାନ୍ତି ଓ ନୂଆ/ପୁରୁଣା ଅନ୍ଧ ବିଶ୍ୱାସ।

ମୋବାଇଲ ଫୋନ୍‌ରେ ବି ଝଡ଼ାଫୁଙ୍କା କରାଯାଉଛି। ମାତ୍ର ମନ୍ତ୍ର ଶୁଣିଲେ ସାପ ବିଷ କଟିବାର ସେପରି ବିଜ୍ଞାନସମ୍ମତ ପ୍ରମାଣ ମିଳିପାରି ନାହିଁ। ସାପ ବିଷ କାଟିବା ପାଇଁ କେବଳ ଆଣ୍ଟି ସ୍ନେକ ଭେନମ ହିଁ ସକ୍ଷମ ବୋଲି ଚିକିତ୍ସା ବିଜ୍ଞାନ କହୁଛି। ଗୋଲ୍‌ଡେନ୍ ଆୱାର ଭିତରେ ରୋଗୀଙ୍କୁ ଚିକିତ୍ସା ମିଳିପାରିଲେ ରୋଗୀ ତୁରନ୍ତ ସୁସ୍ଥ ହୋଇଥାଏ। କିନ୍ତୁ ଲୋକେ ଝଡ଼ା ଫୁଙ୍କା କରିବା ଦ୍ୱାରା ସମୟ ନଷ୍ଟ ହୋଇଥାଏ। ଶେଷ ମୁହୂର୍ତ୍ତରେ ରୋଗୀଙ୍କୁ ଡାକ୍ତରଖାନା ନିଆଯାଉଥିବାରୁ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଥାଏ। ଗତ ସପ୍ତାହରେ ଏକ ଡାକ୍ତରଖାନା ବେଡ୍ ଉପରେ ଗୁଣିଆ ଝଡ଼ା ଫୁଙ୍କା କରୁଥିବା ଦେଖାଯାଇଥିଲା। ବିଜ୍ଞାନଯୁଗରେ ବି ରାଜ୍ୟର ବିଭିନ୍ନ ଜିଲାରେ ଗୁଣିଆମାନେ ସକ୍ରିୟ ଥିବା ଏଥିରୁ ପ୍ରମାଣିତ ହେଉଛି। ଏ ନେଇ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସାପ କାମୁଡ଼ା ରୋଗୀଙ୍କ କ୍ଷେତ୍ରରେ ଡାକ୍ତରଖାନାରେ ଶୀଘ୍ର ପହଞ୍ଚିବା ଦିଗରେ ଗୁଣିଆମାନେ ବାଧକ ସାଜୁଛନ୍ତି। ତାଙ୍କୁ ଆଇନ ଅନୁଯାୟୀ ସମିଚୀନ ଦଫା ଲଗାଇ ଗିରଫ ନ କରିବା ଯାଏ ସେମାନେ ଡରିବେ ନାହିଁ। ଆଉ ଯେ ପର୍ଯ୍ୟନ୍ତ ଗୁଣିଆମାନେ ଜେଲ ନ ଯାଇଛନ୍ତି, ସେ ପର୍ଯ୍ୟନ୍ତ ଓଡ଼ିଶାରେ ସାପ କାମୁଡ଼ା ମୃତ୍ୟୁହାର କମିବ ନାହିଁ ବୋଲି ଶୁଭେନ୍ଦୁ କହିଛନ୍ତି।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**ରସୁଲପୁର,୧୫।୭ (ରଞ୍ଜିତ ରାଉତ)**

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ମଧୁ ମଲିକଙ୍କ ଝିଅ ସନ୍ଧ୍ୟାରାଣୀ(୧୬)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୦୨୪)ରୁଜୁକରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରାଣୀ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ସେ ସମ୍ପର୍କରେ ପରିବାର ଲୋକେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନାହାନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହୋଇପାରି ବୋଲି ପୋଲିସ କହିଛି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गोड्डा**

ई–निविदा आमंत्रण सूचना
ई– निविदा सूचना संख्या – RWD/SD/GODDA/05/2024-25

कार्य की विस्तृत विवरणी:–

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गोड्डा जिला के सुन्दरपहाड़ी प्रखंड अन्तर्गत चंदना पंचायत में चंदना ताला टोला से पूरन टोला पथ में नदी पर पुल निर्माण। | 1,96,61,300.00 | 3,93,500.00 | 10,000.00 | 15 माह |
| 2 | गोड्डा जिला के सुन्दरपहाड़ी प्रखंड अन्तर्गत जियाजोरी पंचायत के जियाजोरी अदेल टोला मातकुम घाट के गुमानी नदी पर पुल निर्माण। | 3,35,99,800.00 | 6,72,000.00 | 10,000.00 | 18 माह |
| 3 | गोड्डा तिला के सुन्दरपहाड़ी प्रखंड अन्तर्गत कैरासोल पंचायत के कैरासोल एवं मुरजोरा के बीच गुरूजीबेडा में गुमानी नदी पर पुल निर्माण। | 5,62,17,100.00 | 11,24,500.00 | 10,000.00 | 24 माह |

2. वेबसाइट में निविदा प्रकाशन की तिथि – 20.07.2024
3. ई–निविदा प्राप्ति की तिथि एवं समय – दिनांक 20.07.2024 से दिनांक 03.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गोड्डा।
5. ई–निविदा खोलने की तिथि एवं समय – 06.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गोड्डा।
7. ई–निविदा प्रकोष्ठ का दूरभाष सं० – 8340110173
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह0/– कार्यपालक अभियंता
ग्रामीण विकास विशेष प्रमंडल, गोड्डा।

PR.NO.329649 Rural Development(24-25):D



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ଅଧିକାରୀଙ୍କ ଆବାସ, ନୟାପଲ୍ଲୀ, ଭୁବନେଶ୍ୱରରେ **କଣ୍ଟ୍ରୋଲ ପ୍ୟାନେଲ ଏବଂ ଆକୋଷ୍ଟିକ୍ ଏନକ୍ଲୋଜର ସହ ୧୨୫ କେଭିଏ ଡିଜେଲ ଜେନେରେଟର ସେଟ୍‌ର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୨୭, ୨୦୨୪ ପୂର୍ବାହ୍ନ ୧୧ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆନ୍ତଃ ରାଜ୍ୟ ଜଳସେଚନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଲୋକସେବା ଭବନରେ ଓଡ଼ିଶା ସହିତ ଜଡ଼ିତ ବିଭିନ୍ନ ଆନ୍ତଃ ରାଜ୍ୟ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଆନ୍ତଃ ରାଜ୍ୟ ପ୍ରକଳ୍ପଗୁଡିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ୍ତି। ମହାନଦୀ, ବଂଶଧାରା, ପୋଲାଭରମ ଆଦି ଆନ୍ତଃ ରାଜ୍ୟ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାରଙ୍କ ପାଇଁ ରାଜ୍ୟବାସୀଙ୍କ ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସ୍ୱାର୍ଥ ବିରୋଧୀ, ରାଜ୍ୟବାସୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଥିବା ଏବଂ ରାଜ୍ୟର ପରିବେଶକୁ ବିପଦ ସୃଷ୍ଟି କରୁଥିବା ସବୁ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବିରୋଧ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।


ଲୋକସେବା ଭବନରେ ସୋମବାର ଅନୁଷ୍ଠିତ ଆନ୍ତଃ ରାଜ୍ୟ ଜଳସେଚନ ପ୍ରକଳ୍ପଗୁଡିକର ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ।

# ଏନ୍‌ଇଇଟିରେ ପ୍ରଭାବିତ ୨୪ ଲକ୍ଷ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ଦେବୁ: ରାହୁଲ

ଚେନ୍ନାଇ,୧୫।୭

ଏନ୍‌ଇଇଟି-ୟୁଜି ପରୀକ୍ଷା ଅନିୟମିତତା ବିରୋଧରେ ଲଢ଼େଇ ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଇଥିବା ପ୍ରତିଶ୍ରୁତିକୁ ସୋମବାର ପୁଣିଥରେ ଦୋହରାଇଛନ୍ତି। ଏନ୍‌ଇଇଟି-ୟୁଜି ପରୀକ୍ଷା ରଦ୍ଦ ଏବଂ ତାମିଲନାଡୁ ସରକାର ଗୃହୀତ କରାଇଥିବା ସଂକଳ୍ପ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗତ ମାସରେ ରାହୁଲଙ୍କୁ ନିବେଦନ କରିଥିଲେ। ଏହାର ଜବାବରେ ରାହୁଲ ଷ୍ଟାଲିନ୍‌ଙ୍କୁ ପତ୍ର ଲେଖି ଏନ୍‌ଇଇଟି ଅନିୟମିତତା ପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପରୀକ୍ଷାରେ ଅନିୟମିତତା ପାଇଁ ପରୀକ୍ଷାର୍ଥୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଉଚ୍ଚଶିକ୍ଷା



ବ୍ୟବସ୍ଥାରେ ରହିଥିବା ଦୋଷତ୍ରୁଟିକୁ ଏନ୍‌ଇଇଟି ପଦାକୁ ଆଣିଛି। ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ରାହୁଲ କହିଛନ୍ତି। ଟିକସଦାତାମାନଙ୍କ ଟଙ୍କାରେ ସରକାରୀ ମେଡିକାଲ କଲେଜଗୁଡ଼ିକ ଚାଲୁଥିବାବେଳେ ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ପାଇଁ ଧନୀମାନେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉଥିବା ରାହୁଲ କହିଛନ୍ତି।

# ସମ୍ବଲପୁର ‘ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ’ ପ୍ରସ୍ତାବ ଉପରେ ବିଚାର କରନ୍ତୁ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୫।୭(ସୁନିତ୍ ମିଶ୍ର)



ସାବରମତୀ, କାଶୀ ଓ ବାରାଣସୀ ଭଳି ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ ‘ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ’ ଅଧୀନରେ ବିକଶିତ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାର ‘ବିକାଶ ବି ବିରାସତ୍ ବି’ ଅଧୀନରେ ପରମ୍ପରା ଓ ଆଧୁନିକତା ମଧ୍ୟରେ ଥିବା ସମାନତାଗୁଡ଼ିକ ଉପରେ ଗୁରୁତ୍ୱ ଦେଉଥିବା ବିଷୟ ଉଲ୍ଲେଖ କରିଛନ୍ତି। ସରକାର ବହୁ ପୁରୁଣା ଐତିହ୍ୟ ଏବଂ ସଂସ୍କୃତିର ସଂରକ୍ଷଣ କରିବା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ଭବିଷ୍ୟତର ଜ୍ଞାନକୌଶଳ ଓ ଭିତ୍ତିଭୂମି ସହିତ ଆଧୁନିକୀକରଣ କରୁଛନ୍ତି। ଓଡ଼ିଶା ମଧ୍ୟ ଅନେକ ପୀଠ, ମନ୍ଦିର, ଐତିହ୍ୟସ୍ଥଳୀ ଓ ପ୍ରାକୃତିକ ଆକର୍ଷଣସ୍ଥଳୀରେ ପରିପୂର୍ଣ୍ଣ ରହିଛି। ଅନେକ ନଦୀ ଓ ଐତିହାସିକ ସ୍ଥଳୀରେ ପୂର୍ଣ୍ଣ ଓଡ଼ିଶା ‘ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ’ ବିକଶିତ କରିବାର ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ମହାନଦୀ କୂଳରେ ଅବସ୍ଥିତ ସମ୍ବଲପୁରର ଐତିହାସିକ ମହତ୍ତ୍ୱ ଓ ପ୍ରାକୃତିକ ଆକର୍ଷଣ ରହିଛି। ମହାନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଶ୍ୱସ୍ତରୀୟ ରିଭରଫ୍ରଣ୍ଟ ପ୍ରକଳ୍ପରେ ପରିଣତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ସମ୍ବଲପୁରର ଆଧ୍ୟାତ୍ମିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ତଥା ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଯୋଗ କରିବା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ମହାନଦୀ ପାର୍ଶ୍ୱରେ ଥିବା ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ପୁନରୁଦ୍ଧାର କରାଯାଇ ରିଭରଫ୍ରଣ୍ଟ ଥିବା ୭ କିଲୋମିଟର ଲମ୍ବ ଜଳାଶୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏହି ପୁରୁଣା ବନ୍ଧର ନବୀକରଣ ଦ୍ୱାରା ଜଳଭଣ୍ଡାର କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ। ଏହି ଜଳଭଣ୍ଡାର ହୀରାକୁଦ ଜଳଭଣ୍ଡାରର ବିଦ୍ୟୁତ୍ ଚ୍ୟାନେଲରୁ ବାହାରୁଥିବା ଜଳକୁ ପ୍ରଭାବଶାଳୀ ଭାବେ ଉପଯୋଗ କରିପାରିବ ଏବଂ ପ୍ରସ୍ତାବିତ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ପାଇଁ ମହାନଦୀରେ ଆବଶ୍ୟକ ପୋଖରୀ ସୃଷ୍ଟି କରିପାରିବ। ସେହିପରି ବିଦ୍ୟମାନ ଅଚଳ ସ୍ଲୁଇସ୍‌ଗୁଡ଼ିକୁ ପୁନରୁଦ୍ଧାର କରାଯାଇପାରିବ କିମ୍ବା ବନ୍ଧକୁ ସୁରୁଖୁରୁରେ ଚଳାଇବା ପାଇଁ ନୂତନ ଢାଞ୍ଚା ସହିତ ବଦଳାଯାଇପାରିବ। ଅଯୋଧ୍ୟା ସାଗର ବନ୍ଧର ଆଧୁନିକୀକରଣ ବ୍ୟତୀତ ଉଭୟ ନଦୀକୁ ମଜଭୁତ କରାଯିବ। ବୋଟିଂ ସୁବିଧା ସହ ସ୍ନାନ ଘାଟ (ଜେଟି ନଦୀ) ଏବଂ ଆରତି ଘାଟ ନିକଟରେ ଥିବା ଦଳଗୁଡ଼ିକୁ ସଫା କରାଯାଇ ନଦୀକୂଳରେ ଠିକ୍ ଭାବେ ଜଳ ଯୋଗାଣ କରାଯାଇପାରିବ। ଏହାବ୍ୟତୀତ ସମ୍ବଲପୁର ସହରରେ ଡ୍ରେନେଜ୍ ସମସ୍ୟାକୁ ହ୍ରାସ କରିବା ପାଇଁ ପ୍ରସ୍ତାବିତ ପୋଖରୀକୁ ସଂଯୋଗ କରୁଥିବା ସମସ୍ତ ନାଳରେ ସ୍ଲୁଇସର ଆବଶ୍ୟକ ବ୍ୟବସ୍ଥା କରାଯାଇପାରେ। ସମ୍ବଲପୁର ମହାନଦୀ କୂଳରେ ଉପରୋକ୍ତ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ ଏକ ରୋମାଞ୍ଚକର ଦୃଶ୍ୟ ସୃଷ୍ଟି କରିଛି। ଏଠାରେ ପାର୍କ, ୱାକ୍‌ୱେ, ଜିମ୍, ଆମ୍ଫିଥିଏଟର, ଆରତୀ ଘାଟ ଏବଂ ନଦୀ କୂଳରେ ଗାଧୋଇବା ଭଳି ସୁବିଧା ସୁଯୋଗ ସୃଷ୍ଟି କରିପାରିବା ଦରକାର। ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବକୁ ବ୍ୟକ୍ତିଗତ ଭାବେ ବିଚାର କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି।

# ପ୍ରତି ସୋମବାର ୨ ମନ୍ତ୍ରୀ ଲୋକଙ୍କ ସମସ୍ୟାର ସମାଧାନ କରିବେ: ମନମୋହନ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅଭିଯୋଗ ଶୁଣୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

## ଭାଜପା କାର୍ଯ୍ୟାଳୟରେ ୨ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫।୭(ସୁନିତ୍ ମିଶ୍ର)

ଭାଜପା ପ୍ରଥମ ଥର ପାଇଁ ଓଡ଼ିଶାରେ ଏକାକୀ ସରକାର ଗଠନ କରିଛି। ଲୋକଙ୍କ ସୁଖ ଦୁଃଖରେ ଭାଗୀ ହେବା ପାଇଁ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଭାଜପା ସରକାର ସଂକଳ୍ପବଦ୍ଧ। ଏନେଇ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ମୋହନ ଚରଣ ମାଝୀ ଜନଶୁଣାଣି ଆରମ୍ଭ କରିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ବର୍ତ୍ତମାନଠାରୁ ପ୍ରତି ସୋମବାର ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଏଥିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଲୋକଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏସବୁ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସଭାପତି ମନମୋହନ ସାମଲ ସ୍ୱାଗତ କରି କହିଛନ୍ତି, ପ୍ରତି ସୋମବାର ୨ ଜଣ ମନ୍ତ୍ରୀ ଯୋଗଦେଇ ଲୋକଙ୍କ ସମସ୍ୟା ସମାଧାନ କରିବେ। ଏଥିରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଠାରୁ ଆରମ୍ଭକରି ସାଧାରଣ ଜନତା ଓ ଶୁଭେଚ୍ଛୁମାନେ ସାମିଲ ହୋଇପାରିବେ। ଏହାଦ୍ୱାରା ଭାଜପା ଲୋକଙ୍କ ଅଧିକ ନିକଟତର ହୋଇପାରିବ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରଥମେ ଭାଜପା ଆରମ୍ଭ କରିଥିଲା। ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ସମସ୍ୟା ସହ ନିଜକୁ ଜଡ଼ିତ କରି ସମାଧାନ ପନ୍ଥା ବାହାର କରିବା ହେଉଛି ଜନସଂଘରୁ ଭାଜପା ପର୍ଯ୍ୟନ୍ତ ଯାତ୍ରାର ଏକ ପ୍ରମୁଖ କାର୍ଯ୍ୟକ୍ରମ। ପରବର୍ତ୍ତୀ ସମୟରେ ଅନ୍ୟମାନେ ଏହି ପ୍ରକ୍ରିୟାକୁ ଅନୁସରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଗଠନ କରିବା ପରେ ଦଳରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଲୋକଙ୍କ ସମସ୍ୟା ହେଉଛି ସରକାରଙ୍କ ସମସ୍ୟା। ଏହାର ସମାଧାନ କରିବା ହେଉଛି ଭାଜପା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଅଭିଯୋଗ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡ଼ିକର କିପରି ତ୍ୱରିତ ସମାଧାନ ହେବ ସେଥିପାଇଁ ବିଶେଷ ଦୃଷ୍ଟି ଦିଆଯିବ। ଅଭିଯୋଗଗୁଡ଼ିକୁ ସେହି ବିଭାଗକୁ ପଠାଯାଇ ତୁରନ୍ତ ସମାଧାନ କରିବାକୁ ଜୋର୍ ଦିଆଯିବ। ଏହି ଅଭିଯୋଗ ଶୁଣାଣିରେ ଯାଜପୁର ଏମ୍‌ପି ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ଅଭିଯୋଗଗୁଡ଼ିକୁ ଶୁଣିଛନ୍ତି। ଏଥିରେ ପରିବହନ ମନ୍ତ୍ରୀ ଜେନା ଯୋଗଦେଇ କହିଛନ୍ତି, ଅଭିଯୋଗ ଶୁଣିବା ହେଉଛି ସରକାରଙ୍କ ନୀତିଗତ ନିଷ୍ପତ୍ତି, ଯେଉଁଠି ଭାଜପା ସରକାର ରହିଛି ସେଠାରେ ରୀତିମତ ଲୋକଙ୍କ ସମସ୍ୟା ଶୁଣାଯାଏ। ପୂର୍ବ ସରକାର ଅମଳରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉ ନ ଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ହୋଇଯାଇଥିଲା। ମାତ୍ର ରାଜ୍ୟରେ ଭାଜପା ସରକାର ଲୋକଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଉଛି ବୋଲି ମନମୋହନ କହିଛନ୍ତି।

# ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନାଁରେ ମିଥ୍ୟା ସତ୍ୟପାଠ ପ୍ରଦାନ ମାମଲା

କଟକ,୧୫।୭ (କାର୍ତ୍ତିକ ସାହୁ)

ରାଜ୍ୟ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନାଁରେ ମିଥ୍ୟା ସତ୍ୟପାଠ ପ୍ରଦାନ ଅଭିଯୋଗ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ବିଧାନସଭା ନିର୍ବାଚନ ପାଇଁ ମନ୍ତ୍ରୀ ବଳସାମନ୍ତ ପ୍ରାର୍ଥୀପତ୍ର ଦାଖଲବେଳେ ଅନେକ ତଥ୍ୟ ଲୁଚାଇଥିବା ପରାଜିତ ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମାମଲାରେ ଦର୍ଶାଇଛନ୍ତି।

ସୂଚନା ଅନୁସାରେ, ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟରେ ପ୍ରଦୀପ ବିଧାୟକ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେ ନାମାଙ୍କନ ଦାଖଲବେଳେ ପ୍ରଦାନ କରିଥିବା ସତ୍ୟପାଠରେ ନିଜର ମାଟ୍ରିକ ପାସ୍ ହେବାର ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି। ସେହିପରି ଗଞ୍ଜେଇ ଚାଲାଣ ଓ କାଠ ଚୋରି ମାମଲାରେ ସମ୍ପୃକ୍ତ ଥିବା ପ୍ରଦୀପ ତାହାକୁ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ଶ୍ରମିକଙ୍କୁ ମଜୁରୀ ପ୍ରଦାନ ନ କରିବାରୁ ଶ୍ରମିକମାନେ ପ୍ରଦୀପଙ୍କ ନାଁରେ କରିଥିବା ମାମଲା ସଂକ୍ରାନ୍ତରେ ମଧ୍ୟ ପ୍ରଦୀପ ନିଜ ସତ୍ୟପାଠରେ ଦର୍ଶାଇନାହାନ୍ତି। ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରୀତିରଞ୍ଜନ ଘଡ଼ାଇ ଏହି ନିର୍ବାଚନମଣ୍ଡଳୀରୁ ବଳସାମନ୍ତଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢୁଥିଲେ। ପ୍ରଦୀପଙ୍କ ପକ୍ଷରୁ ଆଇନଜୀବୀ ଉପେନ୍ଦ୍ର ସାମଲ ମାମଲା ପରିଚାଳନା କରୁଛନ୍ତି।

# ସବୁ ଜିଲାରେ ଖୋଲିବ ପରିବା ମଣ୍ଡି: କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର, ୧୫।୭(ସୁନିତ୍ ମିଶ୍ର)

ପରିବା ଓ ଗ୍ରୋସରୀ ଦର ଜୁଲାଇରେ ଯେତିକି ରହିବା କଥା ତା’ଠାରୁ ଅଧିକ ରହିଛି। ଦରଦାମ କେମିତି ନିୟନ୍ତ୍ରଣକୁ ଆସିବ ସେନେଇ ବିଭିନ୍ନ ହାଟ ବୁଲି ସ୍ଥିତି ପରଖିବା ପରେ ସୋମବାର ରିଟେଲର ଏବଂ ହୋଲସେଲରଙ୍କ ସହ ବୈଠକ କରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କାରଣ ଖୋଜିଛନ୍ତି। ଚାରିଥାକିଆ ବିକ୍ରି ବ୍ୟବସ୍ଥା ଓ ମିଡିଲ ମ୍ୟାନ୍ ପ୍ରଭାବ ଯୋଗୁ ପରିବାର ଦର ବଢୁଥିବା ମନ୍ତ୍ରୀ କହିଛନ୍ତି। ତେଣୁ ପ୍ରତି ଜିଲାରେ ପରିବା ମଣ୍ଡି ଖୋଲିବା ସହ ଦୋକାନ ଆଗରେ ରେଟ୍ ଚାର୍ଟ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। କଟକ ଏବଂ ଭୁବନେଶ୍ୱରରେ ପ୍ରଥମେ ପରିବା ମଣ୍ଡି ଖୋଲାଯିବ। ଏହାପରେ ସବୁ ଜିଲାରେ ଖୋଲାଯିବାକୁ ଯୋଜନା ରହିଛି। ଏହାଛଡ଼ା ପରିବାର ଦର କେତେ ରହିବ ତା’ର ଏକ ରେଟ୍ ଚାର୍ଟ ମଧ୍ୟ ଲାଗିବ। ଏହାସହ କୃଷି ଉତ୍ପାଦ ୧୩୭ ଲକ୍ଷ ଟନ୍‌ରୁ ୨୦୦ ଲକ୍ଷ ଟନ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଆଳୁ, ପିଆଜ ଉତ୍ପାଦନ ବଢ଼ାଇବାକୁ ମଧ୍ୟ ସରକାର ଚିନ୍ତା କରୁଛନ୍ତି। ଦରବୃଦ୍ଧି ନିୟନ୍ତ୍ରଣ କରିବାକୁ ଏଣିକି ପ୍ରତି ୩ ମାସରେ ରିଟେଲର ଏବଂ ହୋଲସେଲରଙ୍କ ସହ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ଶେଷ ହେବାକୁ ଯାଉଥିବା ବେଳେ ପରିବା ଦର ଏପର୍ଯ୍ୟନ୍ତ କମି ନ ଥିବାରୁ ଖାଉଟି ହନ୍ତସନ୍ତ ହେଉଛନ୍ତି।


## Classified Everyday 0674-2580101, 2549949




**SALE**

**Plot for sale at Puri Konark Marine Drive (850/-per sqft.). Contact: 6371703010.** D-750

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-751

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special Offer @ 999 Bapujinagar. 8018429809. D-76134

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Newly open Jyoti SPA positively health benefits (Expert therapist). 8458067955. D-76130

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Fully relaxed body massage trained therapist. Central SPA. 9556483961. D-75759

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ହେମଲତା ରଥ
ବୀରରାମଚନ୍ଦ୍ରପୁର, ପୁରୀ
ବୋଉ, ତମର ଅମର ଆତ୍ମାର ଅନନ୍ତ ଯାତ୍ରାକୁ ପ୍ରଭୁ ସହଜ ଓ ସୁଗମ କରନ୍ତୁ ଏତିକି ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୭୪୯

ଫ୍ୟାଶନ

# ଅଫିସ୍ ପରିଧାନ

**ଅଧିକାଂଶ କର୍ମଜୀବୀ ଅଫିସ୍‌କୁ ବାହାରିବା ସମୟରେ କ'ଣ ପିନ୍ଧି ବାହାରିବେ ଏ ନେଇ ଚିନ୍ତାରେ ପଡ଼ିଥାଆନ୍ତି। ତେବେ କେଉଁଭଳି ଆଉଟ୍‌ଫିଟ୍ ପିନ୍ଧିଲେ ଆପଣ ଅଫିସରେ ଫିଟ୍ ଦେଖାଯିବେ ଜାଣନ୍ତୁ ସେ ସମ୍ପର୍କରେ...**



ଯିବା ସମୟରେ କପଡ଼ାକୁ ନେଇକି ବହୁ ଟେନ୍‌ସନରେ ରୁହନ୍ତି। ଯଦି ଆପଣ ବି ଅଫିସ୍ ପିନ୍ଧି ଯିବା ଲାଗି ଟେନ୍‌ସନରେ ରହୁଛନ୍ତି ତେବେ ତା' ସହ ଆଉଟ୍‌ଫିଟ୍ ମ୍ୟାଚ୍ କରି ପିନ୍ଧିଲେ ଏହା ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଦ୍ୱିଗୁଣିତ କରିଥାଏ।

■ଯଦି ଆପଣ କଟନ୍ ବ୍ଲୁ ପ୍ରିଣ୍ଟେଡ୍ କୁର୍ତ୍ତି ସହିତ ପ୍ୟାଣ୍ଟ ପିନ୍ଧି ଯାଇପାରିବେ। ଏହାକୁ ପିନ୍ଧିବା ଦ୍ୱାରା ଆପଣ ପ୍ରଫେସନାଲ ଲୁକ୍ ଦେଖାଯିବେ।

■ଯଦି ଅଫିସ୍‌ରେ କୌଣସି ପୂଜା କିମ୍ବା ଫଙ୍କସନ୍ ଅଛି ତେବେ ଆପଣ ହ୍ୱାଇଟ୍ ଫ୍ଲୋରାଲ କୁର୍ତ୍ତା ଓ ପ୍ୟାଣ୍ଟ ପିନ୍ଧିପାରିବେ।

■ଯଦି ଆପଣ ସିମ୍ପଲ୍ ଦେଖାଯିବାକୁ ଚାହୁଁଛନ୍ତି ତେବେ ପ୍ଲେନ୍ ବ୍ଲୁ କୁର୍ତ୍ତି ପ୍ୟାଣ୍ଟ ସେଟ୍ କରି ପିନ୍ଧିପାରିବେ କିମ୍ବା ହ୍ୱାଇଟ୍ କୁର୍ତ୍ତି ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ। ଏହା ସହ ପିଙ୍କ୍ ଦୁପଟା ମଧ୍ୟ ପକାଇଲେ ଆପଣ ବହୁତ ସୁନ୍ଦର ଦେଖାଯିବେ।

■ଅଫିସ୍‌କୁ ପିନ୍ଧି ଯିବାର ହେଲେ କୁର୍ତ୍ତା ପ୍ୟାଣ୍ଟ ସେଟ୍ ଟ୍ରାଏ କରିପାରିବେ। ଏଥିରେ ଆପଣ ବହୁ ସୁନ୍ଦର ଦେଖାଯିବେ।

■ଅଧିକାଂଶ ମହିଳା ପ୍ରତିଦିନ ଅଫିସ୍

# ବାସ୍ତୁ ଟିପ୍ସ



⏭ଘରେ ସବୁବେଳେ ସୁଖଶାନ୍ତି ବଜାୟ ରଖିବାକୁ ହେଲେ ସକାଳ ସନ୍ଧ୍ୟାରେ ଘରେ ଠାକୁରଙ୍କ ନିକଟରେ ଘିଅଦୀପ ଜାଳନ୍ତୁ।

⏭କେବେ ବି ବେଡ୍ ତଳେ ଜୋତା ଆଦି ରଖନ୍ତୁ ନାହିଁ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼େ ନାହିଁ। ଫଳରେ ଘରେ ଆର୍ଥିକ ସମସ୍ୟା ଦେଖାଯାଇଥାଏ।

⏭ଆପଣଙ୍କ ଆଲମାରିକୁ ସବୁବେଳେ ଘରର ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ରଖିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ଘରେ ସବୁବେଳେ ସକାରାତ୍ମକ ଭାବନା ରହିବା ସହ ଆଲମାରିକୁ ସଫାସୁତୁରା ରଖିବାକୁ ଚେଷ୍ଟା କରନ୍ତୁ।

⏭ପ୍ରତିଦିନ ଠାକୁର ପୂଜା କରିବା ସମୟରେ ସକାଳେ ଏବଂ ସନ୍ଧ୍ୟାରେ ଘରେ ଶଙ୍ଖ ବଜାନ୍ତୁ। ଏହାଦ୍ୱାରା ଘରେ ଥିବା କୌଣସି ନେଗେଟିଭ୍ ଏନର୍ଜି ଦୂରହୋଇଥାଏ।

⏭ଘର ସାମ୍ନାରେ କେବେ ବି କଣ୍ଟା ବୃକ୍ଷ କିମ୍ବା କୌଣସି ଏପରି ବୃକ୍ଷ ଲଗାନ୍ତୁନାହିଁ ଯେଉଁଥିରୁ କ୍ଷୀର ନିର୍ଗତ ହେଉଥିବ। ଏହାଦ୍ୱାରା ଆପଣଙ୍କ ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ।

⏭ଘରେ କେବେ ବି ଭଙ୍ଗା କାଚ କିମ୍ବା ଭଙ୍ଗା ମିରର ରଖନ୍ତୁନାହିଁ। ଭାଙ୍ଗି ଯାଇଥିବା ମିରରରେ ମୁହଁ କେବେ ଦେଖନ୍ତୁ ନାହିଁ।

⏭କେତେଜଣଙ୍କର ଅଭ୍ୟାସ ଥାଏ, ଘରର କବାଟ ପଛପଟେ କପଡ଼ା ଟାଙ୍ଗିବା। ଏହାଦ୍ୱାରା ଆପଣଙ୍କ ଘରେ ସବୁବେଳେ ଆର୍ଥିକ ଅନଟନ ଦେଖାଦେବ।

# ମନ୍‌ସୁନ୍ କେୟାର

**ବର୍ଷାଦିନେ ମହିଳାମାନେ ନିଜକୁ କିପରି ସୁସ୍ଥ ରଖିବେ ଏବଂ ତା' ସହ ଅନ୍ୟାନ୍ୟ ବିଷୟ ପ୍ରତି ସତର୍କ ରହିବେ ସେ ବିଷୟରେ ଉପସ୍ଥାପନା...**



ସ୍ୱାସ୍ଥ୍ୟ ହିଁ ସମ୍ପଦ। ବର୍ଷକ ୧୨ମାସ ଆମକୁ ନିଜ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ହୋଇଥାଏ। ତାହା ଯେଉଁ ଋତୁ ହେଉ ନା କାହିଁକି ଜଣେ ନିଜକୁ ବିଭିନ୍ନ ରୋଗଠାରୁ ଦୂରେଇ ରଖିବା ହେଉଛି ବଡ଼ କଥା। ଏବେ ତ ବର୍ଷାଦିନ। ଏହି ସମୟରେ ବିଶେଷଭାବରେ ମହିଳାମାନେ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ନିହାତି ଦରକାର।

**ପରିଷ୍କାର ପରିଚ୍ଛନ୍ନତା :** ବର୍ଷାଋତୁରେ ମହିଳାମାନେ ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦରକାର। କେତେକ ସମୟରେ ଆମେ ହାତ ନ ଧୋଇ ସେହି ହାତରେ କିଛି ହାଲ୍‌କା ଖାଦ୍ୟ ଖାଇଦେଉ। ଏହାଦ୍ୱାରା ହାତରେ ଲାଗିଥିବା ଜୀବାଣୁ ଖାଦ୍ୟ ମାଧ୍ୟମରେ ପେଟ ଭିତରକୁ ଯାଇଥାଆନ୍ତି। ଫଳରେ ପରବର୍ତ୍ତୀ ସମୟରେ ଆମେ ଅଯଥାରେ କେତେକ ପେଟଜନିତ ରୋଗର ସମ୍ମୁଖୀନ ହୋଇଥାଉ। ତେଣୁ ବର୍ଷାଦିନେ ହାତକୁ ପରିଷ୍କାର ଭାବରେ ସାବୁନ୍ କିମ୍ବା ହ୍ୟାଣ୍ଡୱାଶ୍‌ରେ ଧୁଅନ୍ତୁ। ହାତ ଅପରିଷ୍କାର ରହିଲେ ଏବଂ ସେହି ହାତରେ ମୁହଁକୁ ଛୁଇଁଲେ ଚର୍ମଜନିତ ରୋଗ ହେବା ଆଶଙ୍କା ରହିଛି।

> "ବର୍ଷାଦିନେ ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସମୟରେ ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପେଟଜନିତ ସମସ୍ୟା ସୃଷ୍ଟି କରିବ। ହୁଏତ ଏଥିପାଇଁ ଆପଣଙ୍କୁ ହସ୍ପିଟାଲରେ ଆଡମିଶନ ହୋଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ତେଣୁ ବର୍ଷାଦିନେ ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ପନିପରିବା କାଟିବା ପୂର୍ବରୁ ଏବଂ ପରେ ତାହାକୁ ଭଲ ଭାବରେ ଧୁଅନ୍ତୁ। ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡ଼ିକୁ ମଧ୍ୟ ପରିଷ୍କାର ଭାବରେ ଧୋଇବା ଦରକାର। ଏହି ଋତୁରେ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।"

ଯଦି ଆପଣଙ୍କର ହାତ ଅପରିଷ୍କାର ଅଛି ତେବେ କଦାପି ସେହି ହାତକୁ ମୁହଁରେ ଲଗାନ୍ତୁ ନାହିଁ। କେବଳ ମୁହଁ ନୁହେଁ, ଏହି ହାତ ସଂସ୍ପର୍ଶରେ ଯଦି ନାକ, ଆଖି ଆଦି ଆସନ୍ତି ତେବେ ଏଥିରେ ଥିବା ଜୀବାଣୁ ରୋଗ ସୃଷ୍ଟି କରିପାରନ୍ତି। ତେଣୁ ହାତକୁ ସବୁବେଳେ ପରିଷ୍କାର ରଖନ୍ତୁ।

**ଘର ପରିବେଶ :** ବର୍ଷାଦିନେ ମ୍ୟାଲେରିଆ,ଡେଙ୍ଗୁ ଏବଂ ଝାଡାବାନ୍ତି ଆଦି ବ୍ୟାପିବାର ଯଥେଷ୍ଟ ଆଶଙ୍କା ଥାଏ। ତେଣୁ ଘରର ଭିତର ଏବଂ ବାହାର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘର ଚାରିପଟରେ ଯଦି ଅଦରକାରୀ ଜିନିଷ ଜମା ହୋଇ ରହିଛି ତେବେ ସେଗୁଡ଼ିକୁ ପରିଷ୍କାର କରିଦିଅନ୍ତୁ। ନ ହେଲେ ସେଥିରେ ପାଣି ଜମି ରହିଲେ ମଶା ସେଠାରେ ନିଜର ବଂଶ ବିସ୍ତାର କରିଥାଆନ୍ତି। ତେଣୁ ଏହି ଋତୁରେ ନିଜକୁ ସୁସ୍ଥ ରଖିବା ଲାଗି ଘରର ପରିବେଶ ଯେମିତି ସବୁବେଳେ ପରିଷ୍କାର ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ଖାଦ୍ୟପେୟ :** ବର୍ଷାଦିନେ ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସମୟରେ ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପେଟଜନିତ ସମସ୍ୟା ସୃଷ୍ଟି କରିବ। ହୁଏତ ଏଥିପାଇଁ ଆପଣଙ୍କୁ ହସ୍ପିଟାଲରେ ଆଡମିଶନ ହୋଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ।



ତେଣୁ ବର୍ଷାଦିନେ ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ପନିପରିବା କାଟିବା ପୂର୍ବରୁ ଏବଂ ପରେ ତାହାକୁ ଭଲ ଭାବରେ ଧୁଅନ୍ତୁ। ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡ଼ିକୁ ମଧ୍ୟ ପରିଷ୍କାର ଭାବରେ ଧୋଇବା ଦରକାର। ଏହି ଋତୁରେ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଭୋଜିଭାତକୁ ଯେତେ ଆଭୋଏଡ୍ କରିବେ ଭଲ। ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ଦରକାର। ଏହି ଋତୁରେ ପାଣିକୁ ଫୁଟାଇ ତାହାକୁ ଥଣ୍ଡାକରି ପିଅନ୍ତୁ। ପାନୀୟ ଜଳକୁ ସବୁବେଳେ ଘୋଡ଼ାଇ ରଖନ୍ତୁ। ଟ୍ୟାପ୍ ପାଣି ପିଅନ୍ତୁ ନାହିଁ। କାରଣ ବର୍ଷାଦିନେ ପାଣି ଯୋଗୁ କେତେକ ରୋଗ ସୃଷ୍ଟି ହୋଇଥାଏ। ପ୍ରସ୍ତୁତ ଖାଦ୍ୟଗୁଡ଼ିକୁ ଘୋଡ଼ାଇ ରଖନ୍ତୁ। ବାସିଖାଦ୍ୟ ଖାଆନ୍ତୁ ନାହିଁ। ଖାଦ୍ୟକୁ ଉଷୁମ ଥିବା ସମୟରେ ଖାଆନ୍ତୁ। ଏହି ଋତୁରେ ହର୍ବାଲ ଟି', ସୁପ୍ ଆଦି ପିଇପାରନ୍ତି।

**ସ୍ୱାସ୍ଥ୍ୟର ଯତ୍ନ :** ଯେଉଁ ଋତୁ ହେଉ ନା କାହିଁକି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ଦରକାର। ବିଶେଷଭାବରେ ବର୍ଷାଦିନେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ସ୍ୱାସ୍ଥ୍ୟ ସମସ୍ୟା ବହୁଳ ଭାବରେ ଦେଖାଦେଇଥାଏ। ତେଣୁ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରନ୍ତୁ। ଯଦି କୌଣସି ରୋଗର ପ୍ରାକ୍ ଲକ୍ଷଣ ଜାଣିପାରିଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ବିଶେଷଭାବରେ ଥଣ୍ଡା, କାଶ, ଜ୍ୱର ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ଏହି ଦିନେ ପିଲାମାନେ ଏଭଳି ସମସ୍ୟାରେ ପୀଡ଼ିତ ହୋଇଥାଆନ୍ତି। ତେଣୁ ସେମାନେ କିପରି ସୁସ୍ଥ ରହିବେ ସେ ନେଇ ନିଜେ ସତର୍କ ରୁହନ୍ତୁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ କିଛି ଔଷଧ ମହଜୁଦ ରଖନ୍ତୁ।



**ସୁନିଦ୍ରା :** ନିଜକୁ ସୁସ୍ଥ ରଖିବା ପଛରେ ସୁନିଦ୍ରାର ଭୂମିକା ମଧ୍ୟ ରହିଛି। ଜଣେ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ବର୍ଷାଦିନେ ବେଡ୍ ରୁମ୍ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଶୋଇବାକୁ ଯିବା ପୂର୍ବରୁ ହାତ ଏବଂ ପାଦ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ସ୍କିନ୍ ମୁଲାୟମ ରହିଥାଏ ଏବଂ ଭଲ ନିଦ ହୁଏ। ଶୋଇବା ସମୟରେ ନିଜକୁ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଯଦି ଠିକ୍ ଭାବରେ ନିଦ ହେଉନାହିଁ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ବର୍ଷାଦିନେ ସଂକ୍ରମଣଜନିତ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ।

**ସ୍କିନ୍ କେୟାର :** ବର୍ଷାଦିନେ ମହିଳାମାନେ ନିଜ ସ୍କିନ୍‌ର ଅଧିକ ଯତ୍ନନେବା ଆବଶ୍ୟକ। କାରଣ ଏହି ଋତୁରେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହିବା ଯୋଗୁ ସ୍କିନ୍ ନମନୀୟ ହୋଇଯାଏ। ଗୋଡ଼ହାତ ଅଧିକ ସମୟ ଓଦା ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଚର୍ମଜନିତ ରୋଗ ହେବାର ଆଶଙ୍କା ରହିଛି। ଏଦିନେ କେଉଁ ମେକ୍‌ଅପ୍ ନେଲେ ସୁନ୍ଦର ଦେଖାଯିବେ ସେ ନେଇ ବିୟୁଟି ସ୍ପେଶାଲିଷ୍ଟ ସହ ଆଲୋଚନା କରନ୍ତୁ।





ଆମେ କେତେ ସୁସ୍ଥ ତଥା ନୀରୋଗ ରହିବା ତାହା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଅନ୍ୟ ଋତୁ ପରି ବର୍ଷାଦିନେ ମହିଳାମାନେ ନିଜ ସ୍ୱାସ୍ଥ୍ୟ ସଚେତନତା ପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ନ ହେଲେ ଅସାବଧାନତା ଏବଂ ଅଜାଣତରେ ସେମାନେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କାକୁ ଏଡ଼ାଇଦିଆଯାଇ ନ ପାରେ।

ସୌନ୍ଦର୍ଯ୍ୟ

# ବର୍ଷାଦିନେ ପାର୍ଟି ମେକ୍‌ଅପ୍

**ବର୍ଷାଦିନରେ ମହିଳାଙ୍କୁ କୌଣସି ପାର୍ଟିରେ ଯିବାର ଥିଲେ ସେଥିପାଇଁ କିପରି ସଜେଇହେବେ ସେ ନେଇ ସ୍ପେଶାଲ ଯୋଜନା କରନ୍ତି। ବିୟୁଟି ପାର୍ଲରକୁ ଯାଇ ମେକ୍‌ଅପ୍ ନେବା ବ୍ୟତୀତ କ'ଣ ପିନ୍ଧିଲେ ସେଠାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ ସେଥିପାଇଁ ଧ୍ୟାନ ଦିଅନ୍ତି। ଜାଣନ୍ତୁ ସେ ବିଷୟରେ...**

⏭ଏହିଦିନରେ ମେକ୍‌ଅପ୍ ନେବା ପୂର୍ବରୁ ନିଜ ଫେସ୍‌ରେ ବରଫ ଲଗାଇବା ଭଲ। ଏମିତି କରିବା ଦ୍ୱାରା ଏତେଟା ଝାଳ ବାହାରି ନ ଥାଏ ଏବଂ ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ମୁହଁରେ ରହିଥାଏ।

⏭ମନ୍‌ସୁନ୍‌ରେ ମସ୍କରା, ଆଇସ୍ୟାଡୋ, ଆଇଲାଇନର ଏବଂ କାଜଲ ସବୁ ୱାଟରପ୍ରୁଫ୍ ଲଗାଇବା ଆବଶ୍ୟକ। ଯଦି ପ୍ରଡକ୍ଟ ୱାଟରପ୍ରୁଫ୍ ହୋଇ ନ ଥାଏ ତେବେ ମେକ୍‌ଅପ୍ ଖରାପ ହେବା ଆଶଙ୍କା ରହିଛି।

⏭ଏହି ଦିନରେ ଜେଲ୍ ବେସ୍‌ଡ ଆଇ ମେକ୍‌ଅପ୍‌ର ବ୍ୟବହାର କରନ୍ତୁ।

ଏହିଦିନରେ ପାଉଡର ବ୍ଲଶ୍‌ରୁ ଦୂରେଇ ରୁହନ୍ତୁ। ଚାହିଁଲେ କ୍ରିମ୍ ବ୍ଲଶର ବ୍ୟବହାର କରନ୍ତୁ।

⏭ହେଭି ମେକ୍‌ଅପ୍ ନିଅନ୍ତୁ ନାହିଁ। ଧ୍ୟାନ ରଖନ୍ତୁ ଯେ ଫାଉଣ୍ଡେଶନରୁ ଆରମ୍ଭକରି କନସିଲର ପର୍ଯ୍ୟନ୍ତୁ ସବୁ ୱାଟର ବେସ୍‌ଡ ହେବା ଆବଶ୍ୟକ।

⏭ମେକ୍‌ଅପ୍‌କୁ ସବୁବେଳେ ଲୁଜ୍ ପାଉଡରରେ ସେଟ୍ କରନ୍ତୁ। ଏହା ବ୍ୟତୀତ ସବା ଶେଷରେ ମେକ୍‌ଅପ୍‌କୁ ସେଟିଂ ସ୍ପ୍ରେର ସହାୟତାରେ ସେଟ୍ କରନ୍ତୁ। କେତେକେ ବର୍ଷାଦିନରେ ଏହିସବୁ ଷ୍ଟେପ୍‌କୁ ମିସ୍ କରନ୍ତି, ସେଥିପାଇଁ ବର୍ଷାଦିନରେ ଏପରି କରନ୍ତୁ ନାହିଁ।



## ଗୃହିଣୀଙ୍କ ପାଇଁ

⏭ଡାଲି ରଖୁଥିଲେ ପ୍ରଥମେ ଡାଲିକୁ ଟିକେ ଭାଜି ରଖନ୍ତୁ ଏତେଟା ପୋକ ଲାଗିବ ନାହିଁ। ଏହାପରେ ଏହି ଡାଲିକୁ ଏୟାରଟାଇଟ୍ କଣ୍ଟେନରରେ ପ୍ୟାକ୍ କରି ରଖନ୍ତୁ।

⏭ଲିମ୍ବପତ୍ରକୁ ଯଦି ହାଲି ଚାଉଳରେ ପକାଇ ରଖିବେ ଦେଖିବେ ଏଥିରେ ଜମା ବି ପୋକ ଲାଗିବ ନାହିଁ।

⏭ଚାଉଳରେ ପୋକ ନ ଲାଗିବାକୁ ହେଲେ ଖଣ୍ଡ ଲୁଣକୁ ଏଥିରେ ପକାନ୍ତୁ ଦେଖିବେ ଜମା ବି ପୋକ ଲାଗିବେ ନାହିଁ।

⏭ଯଦି କିଚେନ୍‌ର ମସଲାକୁ ଭଲ ରଖିବାକୁ ଚାହୁଁଛନ୍ତି ତେବେ ଏହାକୁ ଟିକେ ଭାଜି ରଖନ୍ତୁ। ଦେଖିବେ ଏପରି କଲେ ମସଲାରେ କେବେ ବି ପୋକ ଲାଗିବେ ନାହି।

⏭ମସଲାକୁ ଫ୍ରେଶ୍ ରଖିବାକୁ ହେଲେ ସେଥିରେ ପିଆଜ, ରସୁଣର ଶୁଖିଲା ଚୋପା ପକାଇ ରଖି ଦିଅନ୍ତୁ।

ଖାଦ୍ୟରୁଚି

## ସୁଜି ସ୍ନାକ୍ସ

**ଆବଶ୍ୟକ ସାମଗ୍ରୀ**

୧ କପ୍ ସୁଜି, ୧ ଚାମଚ ଚିନି, ୨ଚାମଚ ତେଲ, ୩ ଚାମଚ ଦହି, ଅଧା କପ୍ ପାଣି, ଖାଇବାସୋଡ଼ା।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଏକ ପାତ୍ରରେ ସୁଜି, ଚିନି, ତେଲ, ଦହି ଏବଂ ପାଣିକୁ ଭଲଭାବେ ମିଶାଇ ଦିଅନ୍ତୁ ଏବେ ସେଥିରେ ଖାଇବା ସୋଡ଼ା ଚିମୁଟାଏ ପକାନ୍ତୁ। ଏବେ ଗୋଟେ ପ୍ଲେଟ୍ ନିଅନ୍ତୁ। ସେହି ପ୍ଲେଟ୍‌ରେ ଭଲଭାବେ ତେଲ ଲଗାଇ ଦିଅନ୍ତୁ। ତେଲ ଲଗାହୋଇଥିବା ପ୍ଲେଟ୍‌ରେ ବେଟରଟିକୁ ପକାନ୍ତୁ। ଏବେ ଗୋଟିଏ ପ୍ୟାନ୍ ନେଇ ସେଥିରେ ପାଣି ଗରମ କରନ୍ତୁ। ଏବେ ସେହି ପ୍ୟାନ୍ ଉପରେ ଏକ ଛୋଟ ପ୍ଲେଟ୍ ଥୋଇ ତା' ଉପରେ ତେଲ ଲଗା ହୋଇଥିବା ପ୍ଲେଟ୍‌ରେ ବେଟର ପକାନ୍ତୁ। ଏବେ ଏହି ବେଟର ଉପରେ ଟିକେ ଲଙ୍କା ପାଉଡର, ଜିରାଗୁଣ୍ଡ ପକାଇ ତାକୁ ଘୋଡ଼ାଇ ଛାଡ଼ି ଦିଅନ୍ତୁ। ଏବେ ପ୍ୟାନ୍‌ର ଢାଙ୍କୁଣି କାଢ଼ି ତାକୁ ଦେଖନ୍ତୁ ତାହା ହୋଇଛି କି ନାହିଁ। ଯଦି ଏହା ହୋଇଯାଇଥିବ ତାକୁ ଛୋଟ ଆକାରରେ କାଟି ଏକ ପ୍ୟାନ୍ ନେଇ ତାକୁ ଟିକେ ତେଲରେ ସେକି ଦିଅନ୍ତୁ। ଏହାକୁ ଏବେ ଗ୍ରୀନ୍ ଚଟଣିରେ ଖାଆନ୍ତୁ।



ଧରିତ୍ରୀ
DHARITRI
50 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୬/୨୦୨୪ Bhubaneswar, Tuesday, July 16/ 2024

# ବିସିସିଆଇକୁ ଲିଖିତ ପ୍ରମାଣ ମାଗିଲା ପିସିବି

**କରାଚୀ, ୧୫।୭ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆସନ୍ତା ୨୦୨୫ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଦଳ ନ ପଠାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ଲିଖିତ ପ୍ରମାଣ ମାଗିଛି ପିସିବି। ଫେବୃଆରୀ-ମାର୍ଚ୍ଚ ମାସରେ ଏହି ଟୁର୍ନାମେଣ୍ଟ ପାକିସ୍ତାନରେ ଖେଳାଯିବାକୁ ଥିବା ବେଳେ ସୁରକ୍ଷା କାରଣ ଦର୍ଶାଇ ଭାରତ ହାଇବ୍ରିଡ ମଡେଲରେ ଖେଳିବାକୁ ପ୍ରସ୍ତାବ ରଖିଛି। ଶ୍ରୀଲଙ୍କା କିମ୍ବା ୟୁଏଇରେ ଖେଳିବା ପାଇଁ ବିସିସିଆଇ ପ୍ରସ୍ତାବ ରଖିଛି। ଭାରତ ସରକାରଙ୍କ ପକ୍ଷରୁ ସୁରକ୍ଷା ଜନିତ କ୍ଲିଅରାନ୍ସ ମିଳୁ ନ ଥିବା କାରଣ ଦର୍ଶ ଯାଇଥିବା ବେଳେ ପିସିବି ପକ୍ଷରୁ ଲିଖିତ ପ୍ରମାଣ ମଗାଯାଇଛି। ଯଦି ଭାରତ ସରକାର ପାକିସ୍ତାନକୁ ଯାତ୍ରା ପାଇଁ ଅନୁମତି ଦେଉ ନାହାନ୍ତି ତେବେ ବିସିସିଆଇ ଏହାର ଲିଖିତ ପ୍ରମାଣ ଦାଖଲ କରୁ ବୋଲି ପିସିବି ଦାବି କରିଛି। ତୁରନ୍ତ ବିସିସିଆଇ ଏ ସମ୍ପର୍କରେ ଆଇସିସିକୁ ଜଣାଇବା ଉଚିତ ବୋଲି ମଧ୍ୟ ପିସିବି ପକ୍ଷରୁ କୁହାଯାଇଛି। ପୂର୍ବରୁ ୨୦୨୩ ଏସିଆ କପ୍ ସମୟରେ ମଧ୍ୟ ଭାରତ ସରକାରଙ୍କ ନିଷ୍ପତ୍ତି କାରଣରୁ ପାକିସ୍ତାନରେ ଖେଳି ନ ଥିଲା ଭାରତୀୟ କ୍ରିକେଟ ଦଳ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ପାକିସ୍ତାନ ପକ୍ଷରୁ ଆଇସିସି ନିକଟରେ ଏହାର କାର୍ଯ୍ୟସୂଚୀ ଡ୍ରାଫ୍ଟ ଦାଖଲ କରାଯାଇଥିଲା। ଏହା ଅନୁସାରେ ଫେବୃଆରୀ ୧୯ ତାରିଖରେ କରାଚୀରେ ଟୁର୍ନାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖ ଯାଏ ଚାଲିବ। ମାର୍ଚ୍ଚ ୯ ତାରିଖରେ ଲାହୋରରେ ଫାଇନାଲ ଥିବା ବେଳେ ରିଜର୍ଭ ଡେ ମଧ୍ୟ ରଖାଯାଇଛି।

# ଆନ୍ତଃଜିଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍ସ

**ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ):** ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଆସନ୍ତା ଅଗଷ୍ଟ ୧୫ରେ ତୃତୀୟ ଆନ୍ତଃଜିଲା ଆମନ୍ତ୍ରଣୀୟ ବିଦ୍ୟାଳୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ୬, ୮, ୧୦ ଓ ୧୨ ବର୍ଷରୁ କମ୍ ୪ଟି ବର୍ଗ (ବାଳିକା ଓ ବାଳକ)ରେ ପିଲା ଅଂଶଗ୍ରହଣ କରିପାରିବେ। ଏଥିରେ ଓଡ଼ିଶାର ସବୁ ଜିଲା ବିଦ୍ୟାଳୟର ପିଲାମାନଙ୍କୁ ଅଂଶଗ୍ରହଣ ପାଇଁ ଜେଏମ ସ୍ପୋର୍ଟ୍ସ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଆହ୍ୱାନ କରିଛନ୍ତି।

# ମାଉଣ୍ଟ ଏଲବ୍ରୁସ ଆରୋହଣ କରିବେ ଅନିତା

**ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ):** ଓଡ଼ିଶାର ଅନ୍ୟତମ ଜଣାଶୁଣା ପର୍ବତାରୋହି ତଥା ଆସୋସିଏଶନ ଅଫ୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍ (ଆସା)ର ସଦସ୍ୟା ଅନିତା ସ୍ୱାଇଁ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ଆରୋହଣ କରିବେ। ଏଥିପାଇଁ ସେ ସୋମବାର ଦିଲ୍ଲୀ ଯାତ୍ରା କରିଛନ୍ତି ଓ ସେଠାରୁ ମସ୍କୋ ଯିବେ। ଅନିତା ଏହା ପୂର୍ବରୁ ସଫଳତାର ସହିତ ମାଉଣ୍ଟ କିଲିମାଞ୍ଜାରୋ, କାଙ୍ଗ ୟାଜି, ଡୋଜୋ ଟୋଙ୍ଗୋ, ଫ୍ରେଣ୍ଡଶିପ୍, ରୁଦଗାରିଆ, ରୋନକ ଓ ଦୟରା ଆରୋହଣ କରିଛନ୍ତି। ଅନିତାଙ୍କୁ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ବିଦାୟୀ ଶୁଭେଚ୍ଛା ଜଣାଇବା ଅବସରରେ ଏଭରେଷ୍ଟ ଆରୋହୀ ତଥା ଆସାର କର୍ମକର୍ତ୍ତା ଗଣେଶ ଜେନା, ଶକ୍ତିରଞ୍ଜନ ମହାନ୍ତି, ଦେବଦତ୍ତ ସାମନ୍ତରାୟ, ଶିବ ଶଙ୍କର ପଣ୍ଡା, ବିକ୍ରମ ଦାସ ଓ ଚିନ୍ମୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅନାହତ, ବାୱା କ୍ୱାର୍ଟରରେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ଭାରତର ଅନାହତ ସିଂ ଓ ସୌର୍ଯ୍ୟା ବାୱା ହ୍ୟୁଷ୍ଟନଠାରେ ଚାଲିଥିବା ବିଶ୍ୱ ଜୁନିୟର ସ୍କ୍ୱାଶ ଚାମ୍ପିୟନଶିପରେ ଯଥାକ୍ରମେ ବାଳିକା ଓ ବାଳକ ବିଭାଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜାତୀୟ ମହିଳା ଚାମ୍ପିୟନ ୧୬ ବର୍ଷୀୟା ଅନାହତ ପ୍ରି-କ୍ୱାର୍ଟରରେ ଜାପାନର ଆକାରି ମିଦୋରିକାୱାଙ୍କୁ ୧୧-୬, ୧୩-୧୧, ୧୧-୨ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ଇଜିପ୍ଟର ନାଦିନ ଏଲହମାମିଙ୍କୁ ଭେଟିବେ। ଅନ୍ୟପକ୍ଷରେ ଆର୍ଜେଣ୍ଟିନାର ସେଗୁଣ୍ଡୋ ପୋର୍ଟାବେଲ୍ସଙ୍କ ବିପକ୍ଷରେ ୧୧-୯, ୫-୧୧, ୧୧-୫ ଓ ୧୩-୧୧ରେ ବିଜୟ ହାସଲ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



କୋପା ଆମେରିକା ଫୁଟବଲ ଚାମ୍ପିୟନ ଆର୍ଜେଣ୍ଟିନା ଦଳ।

# ଟାଇଟଲ ବିଜୟରେ ଆର୍ଜେଣ୍ଟିନାର ରେକର୍ଡ

## କୋପା ଆମେରିକା ଫୁଟବଲ

### ଗଣ୍ଡଗୋଳ ପାଇଁ ଦେଢ଼ ଘଣ୍ଟା ବିଳମ୍ବ

**ମିୟାମି ଗାର୍ଡେନ୍ସ, ୧୫।୭ (ପି.ଟି.)**

ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା ସୋମବାର କଲମ୍ବିଆକୁ ୧-୦ ଗୋଲରେ ପରାସ୍ତ କରି କୋପା ଆମେରିକା ଫୁଟବଲ ୨୦୨୪ ବିଜୟୀ ହୋଇଛି। ଏହା ସହିତ ରେକର୍ଡ ୧୬ ଥର ପାଇଁ ଆର୍ଜେଣ୍ଟିନା ଏହି ସମ୍ମାନଜନକ ଟାଇଟଲ ଜିତିଛି। ପୂର୍ବରୁ ଉରୁଗୁଏ ଓ ଆର୍ଜେଣ୍ଟିନା ସମାନ ୧୫ ଥର ଲେଖାଏ ଏହି ଟାଇଟଲ ଜିତିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଲଉଟାରୋ ମାର୍ଟିନେଜ୍ (୧୧୨) ମିନିଟ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍‌ଟି ଗୋଲ ଶୂନ୍ୟ ରହିଥିଲା। ୯୦+୭ ମିନିଟ୍‌ରେ ମାର୍ଟିନେଜ୍ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଭାବରେ ପଡ଼ିଆରେ ପ୍ରବେଶ କରିଥିଲେ। ୧୧୨ ମିନିଟ୍‌ରେ ମାର୍ଟିନେଜ୍ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ୨୯ ତମ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଜିଓଭାନ ଲୋ ସେଲସୋ ଓ ଲିଓନାର୍ଡୋ ପାରେଦେଶଙ୍କ ପାସ୍‌କୁ ଏକ ଚମତ୍କାର ଶଟ୍ ମାରିବା ସହ କଲମ୍ବିଆ ଗୋଲକିପର କାମିଲୋ ଭାର୍ଗାସଙ୍କୁ ପରାସ୍ତ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହା ମାର୍ଟିନେଜଙ୍କ ପଞ୍ଚମ ଗୋଲ। ଚଳିତ ବର୍ଷ ସର୍ବାଧିକ ଗୋଲ ସ୍କୋର କରିବାର ରେକର୍ଡ ସେ ନିଜ ନାମରେ କରିଛନ୍ତି। ଏହା ସହ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା କଲମ୍ବିଆକୁ ନିରାଶ ହେବାକୁ ପଡିଛି। ସେହପରି ୨୦୨୨ରୁ କ୍ରମାଗତ ୨୮ ମ୍ୟାଚ୍ ଧରି ଅପରାଜେୟ ରହିଥିବା କଲମ୍ବିଆର ବିଜୟ ଧାରାରେ ମଧ୍ୟ ବିରାମ ଲାଗିଛି। ମ୍ୟାଚ୍‌ରେ ଅଧିକାଂଶ ସମୟ କଲମ୍ବିଆ ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୫୬ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ପାସ୍ ଓ ପାସ୍ ଆକ୍ୟୁରେଶିରେ ମଧ୍ୟ ଆଗୁଆ ରହିଥିଲା। ଆର୍ଜେଣ୍ଟିନା ଖେଳାଳି ୪୭୪ ପାସ୍ କରିଥିବା ବେଳେ ଆକ୍ୟୁରେଶି ୮୨ ପ୍ରତିଶତ ରହିଥିଲା। ଅନ୍ୟ ପକ୍ଷରେ କଲମ୍ବିଆ ଖେଳାଳି ୬୦୬ ପାସ୍ କରିଥିବା ବେଳେ ଆକ୍ୟୁରେଶି ୮୫ ପ୍ରତିଶତ ଥିଲା। ୧୬ ତମ ଟାଇଟଲ ବିଜୟ ସହ ଆଉ ଏକ ରେକର୍ଡ ନିଜ ନାମରେ କରିଛି ଆର୍ଜେଣ୍ଟିନା। ଲଗାତର ତୃତୀୟ ମେଜର ଟାଇଟଲ ଜିତି ଏହା ସ୍ପେନ୍‌ର ସମକକ୍ଷ ହୋଇଛି। ୨୦୨୧ରେ କୋପା ଆମେରିକା, ୨୦୨୨ରେ ବିଶ୍ୱକପ ଓ ଚଳିତ ବର୍ଷ କୋପା ଆମେରିକା ବିଜୟୀ ହୋଇଛି ଆର୍ଜେଣ୍ଟିନା। ଅନ୍ୟ ପକ୍ଷରେ ସ୍ପେନ୍ ୨୦୦୮ ଓ ୧୨ରେ ୟୁରୋ କପ୍ ଜିତିଥିବା ବେଳେ ୨୦୧୦ରେ ବିଶ୍ୱକପ ଜିତିଥିଲା। ଫାଇନାଲ ମ୍ୟାଚ୍‌ରେ ଦର୍ଶକଙ୍କ ଗଣ୍ଡଗୋଳ କାରଣରୁ ମ୍ୟାଚ୍‌ଟି ପ୍ରାୟ ୧ ଘଣ୍ଟା ୨୨ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ମ୍ୟାଚ୍ ସ୍ଥାନୀୟ ସମୟ ୮.୦୦ରେ ଆରମ୍ଭ ହେବାର ଥିଲା। ତେବେ କଲମ୍ବିଆ ସମର୍ଥକ ପ୍ରବଳ ଭିଡ଼ କରିବା ଫଳରେ ଗେଟ୍ ମଧ୍ୟରେ ଯିବା ସମ୍ଭବ ହୋଇ ନ ଥିଲା। ଏପରିକି ଅନେକ ଫ୍ୟାନ୍ ଗେଟ୍ ଡେଇଁ ପଳାଇ ଯାଇଥିଲେ। ଫଳରେ କିଏ ଟିକେଟ କରିଛନ୍ତି ଓ କିଏ କରିନାହାନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲା। ପୂର୍ବରୁ ଉରୁଗୁଏ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟ କଲମ୍ବିଆ ସମର୍ଥକ ସମାନ ଆଚରଣ କରିଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷ ହେବା ପରେ କଲମ୍ବିଆ ପପ୍ ଷ୍ଟାର ଶାକିରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ମ୍ୟାଚ୍ ମଝିରେ ମେସି ଆହତ

ରକ୍ ଗାର୍ଡେନ୍ ଷ୍ଟାଡିୟମରେ ଖେଳାଯାଇଥିବା କୋପା ଆମେରିକା ଫାଇନାଲ ମ୍ୟାଚ୍‌ରେ ଆହତ ହୋଇଛନ୍ତି ଆର୍ଜେଣ୍ଟିନାର ଲିଓନେଲ ମେସି। ଫାଇନାଲ ମ୍ୟାଚ୍ ପୂର୍ବରୁ ଘାସରେ ଅଧିକ ପାଣି ଦିଆଯାଇଥିଲା। ଫଳରେ ମ୍ୟାଚ୍ ସମୟରେ ଦୌଡିବାକୁ ଖେଳାଳିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ମ୍ୟାଚ୍‌ର ୬୪ ମିନିଟରେ ଆର୍ଜେଣ୍ଟିନା ଅଧିନାୟକ ମେସି କୌଣସି ଖେଳାଳିଙ୍କ କଣ୍ଟାକ୍ଟରେ ନ ଆସି ମଧ୍ୟ ପଡି ଯାଇଥିଲେ। ଜୋତା ମାଟିରେ ଲାଖିଯାଇଥିବା ବେଳେ ସେ ମୁହଁ ମାଡି ତଳେ ପଡିଥିଲେ। ପରେ ସେ ପଡିଆ ଛାଡି ଡଗ୍‌ଆଉଟରେ ବସିଥିଲେ। ତେବେ ଅତିରିକ୍ତ ସମୟରେ ଲଉଟାରୋ ମାର୍ଟିନେଜ୍ ସ୍କୋର କରିବା ପରେ ଡଗ୍‌ଆଉଟରେ ବସିଥିବା ମେସିଙ୍କୁ ଆଲିଙ୍ଗନ କରିଥିଲେ। ଆର୍ଜେଣ୍ଟିନା ପାଇଁ ଶେଷ ମ୍ୟାଚ୍ ଖେଳୁଥିବା ଆଞ୍ଜେଲ ଡି ମାରିଆ, ନିକୋଲାସ ଓଟାମେଣ୍ଡି ଭାବିହ୍ୱଳ ହୋଇ ପଡିଥିଲେ।



ଆହତ ହେବାପରେ ଲିଓନେଲ ମେସି।



ଗୋଲ୍ଡେନ ବୁଟ୍ ସହ ଲଉଟାରୋ ମାର୍ଟିନେଜ।



ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ କଲମ୍ବିଆର ଜେମ୍ସ ରୋଡ୍ରିଗ୍ୱେଜ।

# ଭାରତୀୟ ଟିଟି ଦଳରେ ଖେଳାଳିଙ୍କ ଅପେକ୍ଷା ସପୋର୍ଟ ଷ୍ଟାଫ୍ ଅଧିକ

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଭାରତୀୟ ଟେବୁଲ ଟେନିସ ଦଳ ସମ୍ପ୍ରତି ଜର୍ମାନୀର ସାର୍ବ୍ରୁକେନଠାରେ ଟ୍ରେନିଂ ନେଉଛି। ତେବେ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ଅପେକ୍ଷା ସପୋର୍ଟ ଷ୍ଟାଫ୍‌ଙ୍କ ସଂଖ୍ୟା ଅଧିକ ରହିଛି। ଏହା ଏବେ ଚର୍ଚ୍ଚାରେ ରହିଛି। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଇଟାଲୀର ମାସିମୋ କୋଷ୍ଟାଣ୍ଟିନି ତୃତୀୟ ଥରପାଇଁ ଭାରତୀୟ ଦଳର ମୁଖ୍ୟ କୋଚ୍‌ପଦକୁ ଫେରିଛନ୍ତି। ପୂର୍ବତନ ଖେଳାଳି ସୌରଭ ଚକ୍ରବର୍ତ୍ତୀ ଓ ଦେଶର ଅନ୍ୟ ଜାତୀୟ କୋଚ୍‌ମାନେ ତାଙ୍କୁ ସହାୟତା କରୁଛନ୍ତି। ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା ୩ ଖେଳାଳିଙ୍କ ବ୍ୟକ୍ତିଗତ କୋଚ୍‌ଙ୍କୁ ଭାରତ ସରକାର ଖେଳାଳିଙ୍କ ସହ ପ୍ୟାରିସ ଯିବାକୁ ଅନୁମତି ଦେଇଛନ୍ତି। ଜୁଲାଇ ୨୬ରୁ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଏହି କୋଚ୍‌ମାନେ ଖେଳାଳିଙ୍କ ସହ ରହିବେ। ୨ ଜଣ ମାଲିସବାଲା ଏବଂ ଜଣେ ଫିଜିଓଙ୍କୁ ମିଶାଇଲେ ସପୋର୍ଟ ଷ୍ଟାଫ୍‌ଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଯେତେବେଳେକି ଭାରତ ୬ (୩ ମହିଳା ଓ ୩ ପୁରୁଷ) ଖେଳାଳି ଆଗାମୀ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ତାରକା ମହିଳା ଖେଳାଳି ମନିକା ବାତ୍ରା, ଶ୍ରୀଜା ଆକୁଲା ଓ ଅର୍ଚ୍ଚନା କାମାଥ ସେମାନଙ୍କ ସହିତ ବ୍ୟକ୍ତିଗତ କୋଚ୍‌ଙ୍କୁ ନେବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ତ୍ରିରଙ୍ଗାଧାରୀ ହେବାକୁ ଯାଉଥିବା ଅଚନ୍ତ ଶରତ କମଲଙ୍କ ସହିତ କୋଚ୍ କ୍ରିସ ପିଫିଫର ରହିଛନ୍ତି। ପୁରୁଷ ଦଳର ଅନ୍ୟ ୨ ସଦସ୍ୟ ହେଲେ ହରମିତ ଦେସାଇ ଓ ମାନବ ଠାକ୍କର।

ଅଧିକ କୋଚ୍‌ଙ୍କ ଉପସ୍ଥିତି କ୍ୟାମ୍ପରେ ଖେଳାଳିଙ୍କ ଉପରେ ନିଷ୍ପତ୍ତିର ବୋଝ ଲଦିପାରେ। ମାତ୍ର କଷ୍ଟାଣ୍ଟିନି ଏଥିରୁ କିଛି ସମସ୍ୟା ହେବ ବୋଲି ଭାବିପାରୁ ନାହାନ୍ତି। "ବ୍ୟକ୍ତିଗତ କୋଚ୍‌ମାନେ ଟିମ୍ ମେକାନିଜମ୍‌ର ଏକ ଅଂଶବିଶେଷ। ସେମାନେ ସେମାନଙ୍କର ଆଇଡିଆ ଦେବେ। ମୁଁ ମୋ ଯୋଜନା ଅନୁସାରେ କାର୍ଯ୍ୟ କରିବି। ସେମାନଙ୍କଠାରୁ ମୁଁ ଶୁଣିବି ଏବଂ ସେମାନେ ମୋଠାରୁ ଶୁଣିବେ। ଶେଷ ନିଷ୍ପତ୍ତି ମୁଁ ନେବି। ଏଥିରେ କିଛି ଭୁଲ ଥିବା ଅନୁଭବ କରୁନି" ବୋଲି କଷ୍ଟାଣ୍ଟିନି କହିଛନ୍ତି। ନିୟମ ଅନୁସାରେ କେବଳ ଅନୁମତି ପାଇଥିବା ଟିମ୍ କୋଚ୍‌ମାନେ ପଡ଼ିଆକୁ ଯାଇପାରିବେ। ବ୍ୟକ୍ତିଗତ କୋଚ୍‌ମାନେ ଷ୍ଟାଣ୍ଡରୁ ଖେଳ ଦେଖିପାରିବେ ଏବଂ ଗେମ୍ସ ଭିଲେଜର ବାହାରେ ରହିବେ। ପ୍ରକାଶ ଯୋଗ୍ୟ ଯେ, ୨୦୨୧ ଟୋକିଓ ଅଲିମ୍ପିକ୍ସ ଅବସରରେ ଭାରତୀୟ ଟେବୁଲ ଟେନିସ ୟୁନିଟ ବଡ଼ ବିବାଦରେ ଫସିଥିଲା। ମନିକା କୋର୍ଟ-ସାଇଡ୍‌ରେ ଥିବା ତତ୍‌କାଳୀନ ଜାତୀୟ କୋଚ୍ ସୌମ୍ୟଦୀପ ରୟଙ୍କଠାରୁ ସହାୟତା ନେବାକୁ ମନା କରିଦେଇଥିଲେ। କୋଚ୍ ମ୍ୟାଚ୍-ଫିକ୍ସିଂରେ ସମ୍ପୃକ୍ତଥିବା ଅଭିଯୋଗ ଆଣିଥିଲେ। ଏହି ଘଟଣାକ୍ରମରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆକୁ ସସପେଣ୍ଡ କରାଯାଇଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୧୦ ଦିନ**

# ଥୋମାସ ମୁଲରଙ୍କ ଅବସର

**ମ୍ୟୁନିଚ୍ (ଜର୍ମାନୀ), ୧୫।୭ (ଏପି)**



ଅନ୍ତର୍ଜାତୀୟ ଫୁଟବଲରୁ ଜର୍ମାନୀର ତାରକା ଫରୱାର୍ଡ ଥୋମାସ ମୁଲର ସୋମବାର ଅବସର ଘୋଷଣା କରିଛନ୍ତି। ଫଳରେ ୨୦୧୪ ବିଶ୍ୱକପ ଟାଇଟଲ ସହ ତାଙ୍କ ୧୪ ବର୍ଷ କ୍ୟାରିୟରର ପରିସମାପ୍ତି ଘଟିଛି। ୩୪ ବର୍ଷୀୟ ବେୟର୍ନ ମ୍ୟୁନିଚ୍ ଷ୍ଟ୍ରାଇକର ଦେଶପାଇଁ ୧୩୧ଟି ମ୍ୟାଚ ଖେଳି ୪୫ଟି ଗୋଲ ଦେଇଛନ୍ତି। ରବିବାର ଶେଷ ହୋଇଥିବା ୟୁରୋ-୨୦୨୪ରେ ମୁଲର ଜର୍ମାନୀ ଦଳର ସଦସ୍ୟ ଥିଲେ। ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲରେ ସେ ବଦଳ ଖେଳାଳିଭାବେ ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ମ୍ୟାଚ ହୋଇ ଯାଇଥିଲା। କାରଣ ଏହି ମ୍ୟାଚରେ ସ୍ପେନ୍‌ଠାରୁ ପରାସ୍ତ ହୋଇ ଜର୍ମାନୀ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ଫାଇନାଲରେ ଇଂଲଣ୍ଡକୁ ହରାଇ ସ୍ପେନ୍ ଚାମ୍ପିୟନ ହୋଇଥିଲା। ୨୦୧୦ରେ ମୁଲରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। ଏହି ମ୍ୟାଚରେ ଜର୍ମାନୀ ୦-୧ ଗୋଲରେ ଆର୍ଜେଣ୍ଟିନାଠାରୁ ହାରିଥିଲା। ସେ କ୍ୟାରିୟରରେ ୪ ବିଶ୍ୱକପ ଏବଂ ୪ ୟୁରୋ ଚାମ୍ପିୟନଶିପ୍ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ମୁଲରଙ୍କ ସାଥୀ ଭେଟେରାନ ଟୋନି କ୍ରୁସ୍ ମଧ୍ୟ ୟୁରୋ-୨୦୨୪ ପରେ ଫୁଟବଲରୁ ଅବସର ନେଇଛନ୍ତି।

# ଓସିଏଲ୍: ଫାଇନାଲରେ ଓଡ଼ିଶା ଲାୟନ୍ସ

**ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ପ୍ରଥମ ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ଓଡ଼ିଶା ଚିତାସକୁ ହରାଇ ଓଡ଼ିଶା ଲାୟନ୍ସ ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଲାୟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୨ ରନ କରିଥିଲା। ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ମାତ୍ର ୧୬ ବଲ୍‌ରୁ ୫୨ ରନକରି ଅପରାଜିତ ରହିଥିଲେ। ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୧୯ ବଲ୍‌ରୁ ୩୦ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଚିତାସ ୧୮ ଓଭରରେ ୫ ଉଇକେଟ ହରାଇ ୧୧୫ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବନ୍ଦ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଡିଏଲ୍‌ଏସ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଚିତାସ ପକ୍ଷରୁ ବିପ୍ଳବ ୫୧ ଓ ଆଶୀର୍ବାଦ ସ୍ୱାଇଁ ୨୪ ରନକରି ଅପରାଜିତ ରହିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ବିଜୟ କୁମାର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ସୂର୍ଯ୍ୟକାନ୍ତ ପ୍ରଧାନ।

# ଅଲିମ୍ପିକ୍ସ ସହଜ ଡ୍ର'ରେ ସାତ୍ୱିକ-ଚିରାଗ

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ୱିକସାଇରାଜ ରାଙ୍କାରେଡ୍ଡୀ ଓ ଚିରାଗ ଶେଟ୍ଟୀ ଜୁଲାଇ ୨୬ରୁ ଆରମ୍ଭ ହେଉଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ ସହଜ ଡ୍ର'ରେ ସ୍ଥାନ ପାଇଛନ୍ତି। ୨୦୨୨ରେ ଥୋମାସ କପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିବା ୨୩ ବର୍ଷୀୟ ସାତ୍ୱିକ ଓ ୨୭ ବର୍ଷୀୟ ଚିରାଗଙ୍କୁ ତୃତୀୟ ସିଡ୍ ମାନ୍ୟତା ମିଳିଛି। ବିଶ୍ୱର ପୂର୍ବତନ ନମ୍ବର ୱାନ ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ ଫେଭରାଇଟ୍ ବିବେଚନା କରାଯାଉଛି। ସେମାନଙ୍କୁ ଗ୍ରୁପ୍ 'ସି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ସେମାନଙ୍କ କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ବିଶ୍ୱର ୬ ନମ୍ବର ଯୋଡ଼ି ଇଣ୍ଡୋନେସିଆର ଫଜାର ଅଲଫିଆନ ଓ ମହମ୍ମଦ ରିଆନ ଆଡ୍ରିଆଣ୍ଟୋ। ସାତ୍ୱିକ ଓ ଚିରାଗ ଫ୍ରେଞ୍ଚ ଓପନ ସୁପର ୭୫୦ ଓ ଥାଇଲାଣ୍ଡ ଓପନ ସୁପର ୫୦୦ ଟାଇଟଲ ଜିତିବା ପୂର୍ବରୁ ୨୦୨୩ ଏସିଆ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିସାରିଥିଲେ। କେତେ ସଂଖ୍ୟକ ଯୋଡ଼ିକୁ ନେଇ ଡ୍ର' ହେବା କଥା ସେ ନେଇ ଏକ ମାମଲା କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ବିଚାରାଧୀନ ଥିବାରୁ ଶୁକ୍ରବାର ପୁରୁଷ ଡବଲ୍ସ ଡ୍ର'କୁ ସ୍ଥଗିତ ରଖାଯାଇଥିଲା।

# ପ୍ରଥମଥର ୬ ଜଣଙ୍କୁ ଗୋଲ୍ଡେନ୍ ବଲ୍

## ୟୁରୋ କପ୍

### ରୋଡ୍ରି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ

**ବର୍ଲିନ୍, ୧୫।୭(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ୨୦୨୪ ଶେଷ ହୋଇଛି। ଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇ ସ୍ପେନ୍ ଚାମ୍ପିୟନ ହୋଇଛି। ତେବେ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ୬ ଜଣ ଖେଳାଳି ମିଳିତ ଭାବରେ ଗୋଲ୍ଡେନ୍ ବଲ ହାସଲ କରିଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍, ସ୍ପେନ୍ ମିଡଫିଲ୍ଡର ଡାନି ଓଲମୋ, ଜର୍ମାନ ମିଡଫିଲ୍ଡର ଜମାଲ ମୁସାଇଲା, ନେଦରଲାଣ୍ଡ୍ସର କୋଡି ଗାକ୍‌ପୋ, ସ୍ଲୋଭାକିଆର ଇଭାନ ଶ୍ରାଞ୍ଜ ଓ ଜର୍ଜିଆର ଜର୍ଜେସ୍ ମିକାଉଟାଡେଜ୍ ସମାନ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ରବିବାର ଖେଳାଯାଇଥିବା ଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇଥିଲା ସ୍ପେନ୍। ଏହା ସହିତ ରେକର୍ଡ ଚତୁର୍ଥ ଥର ପାଇଁ ୟୁରୋ କପ୍ ହାସଲ କରଥିଲା ସ୍ପେନ୍। ସ୍ପେନ୍ ପକ୍ଷରୁ ନିକୋ ୱିଲିୟମ୍ସ(୪୭) ଓ ମିକେଲ ଓୟାର୍ଜବଲ(୮୬) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡ ପକ୍ଷରୁ କୋଲ୍ ପାଲମର ୭୩ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ପୂର୍ବରୁ ଏକାଧିକ ଖେଳାଳି ସମାନ ସଂଖ୍ୟକ ଗୋଲ ସ୍କୋର କରୁଥିଲେ ଆସିଷ୍ଟକୁ ହିସାବକୁ ନିଆଯାଇ ବିଜେତା ଘୋଷଣା କରାଯାଉଥିଲା। ତେବେ ପ୍ରଥମ ଥର ଏହି ନିୟମକୁ ବଦଳା ଯାଇଛି। ସ୍ପେନ୍ ମିଡ୍‌ଫିଲ୍ଡର ରୋଡ୍ରିଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ସେହିପରି ୟୁରୋ କପ୍‌ର ସର୍ବକନିଷ୍ଠ ଗୋଲ ସ୍କୋରର ଲାମିନ୍ ୟାମାଲଙ୍କୁ ଶ୍ରେଷ୍ଠ ଯୁବ ଖେଳାଳି ଘୋଷଣା କରାଯାଇଥିଲା।





ଶ୍ରେଷ୍ଠ ଯୁବ ଖେଳାଳି ଲାମିନ ୟାମାଲ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ରୋଡ୍ରି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ